



◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-223 ◆SUNDAY ◆8 FEBRUARY 2026 ◆PAGE-12 ◆₹ 7.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୨୨୩ ◆ରବିବାର ◆୮ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


ଘୁଞ୍ଚିଘୁଞ୍ଚି ଯାଉଛି ମହାନଦୀ 'ପଦ୍ମ'

## ୫୦ ଶୁଣାଣି; ଫଳ ଶୂନ୍, ପୁଣି ତାରିଖ

**ଫେବୃଆରୀ ଶେଷ ସପ୍ତାହରେ କ୍ଷେତ୍ର ପରିଦର୍ଶନ କରିବେ ଟ୍ରିବ୍ୟୁନାଲ**

**ମାର୍ଚ୍ଚ ୧୪ ରେ ପରବର୍ତ୍ତୀ ଶୁଣାଣି**

■ ଭୁବନେଶ୍ୱର, ୭।୨ (ସମିସ): ଓଡ଼ିଶାବାସୀଙ୍କ ପାଇଁ 'ମହାନଦୀ' ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ମହାନଦୀ ଜଳ ବିବାଦର ଅର୍ଦ୍ଧଶତକୀୟ ଶୁଣାଣି ପରେ ବି କୌଣସି ନିର୍ଯ୍ୟାସ ବାହାରି ପାରିଲା ନାହିଁ। ଏପରିକି ଟ୍ରିବ୍ୟୁନାଲଙ୍କ ପକ୍ଷରୁ କୌଣସି ଅନ୍ତରୀଣ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇ ନାହିଁ। ଯାହାଫଳରେ ମହାନଦୀର ଭାଗ୍ୟ ଧୀରେ ଧୀରେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇ ଯାଉଛି। ପୁଣି ଥରେ ଓଡ଼ିଶାକୁ ନ୍ୟାୟ ବଦଳରେ ମିଳିଛି ଆଉ ଏକ 'ତାରିଖ'।

ଆଜି(ଶନିବାର) ହୋଇଥିବା ୫୦ତମ ଶୁଣାଣିରେ ଆସନ୍ତା ଫେବୃଆରୀ ଶେଷ ସପ୍ତାହରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ କ୍ଷେତ୍ର ▶ପୃଷ୍ଠା-୭

### ସରକାର କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି

■ ଭୁବନେଶ୍ୱର, ୭।୨ (ସମିସ): ଛତିଶଗଡ଼ କବଳରୁ ମହାନଦୀକୁ ବଞ୍ଚାଇବା ପାଇଁ ବିଜେପି ସରକାରଙ୍କ



**ମହାନଦୀକୁ ବଞ୍ଚାଇବା ପାଇଁ ଆନ୍ଦୋଳନକୁ ଜୋରଦାର କରିବ ବିଜେଡି**

ଆନ୍ତରିକତାକୁ ନେଇ ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ବିଶେଷକରି ଟ୍ରିବ୍ୟୁନାଲରେ ଶୁଣାଣି ବେଳେ ଓଡ଼ିଶା ▶ପୃଷ୍ଠା-୭

ଆମେରିକା-ଭାରତ ମଧ୍ୟରେ ବାଣିଜ୍ୟ ଚୁକ୍ତିର ରୂପରେଖ ଜାରି

## ୪୫ ଲକ୍ଷ କୋଟିର କାରବାର ଲକ୍ଷ୍ୟ



- ସର୍ତ୍ତ ରଖି ୨୫% ପେନାଲ୍ଟି ଟାରିଫ୍ ଉଠାଇଲା ଆମେରିକା
- ଭାରତୀୟ କୃଷି ଉତ୍ପାଦ ଉପରେ କୌଣସି ଶୁଳ୍କ ଲାଗିବନି
- ଜେନେଟିକାଲ୍ ମୋଡିଫାଏଡ (ଜିଏମ୍) ଫୁଡ୍‌କୁ ଦିଆଗଲାନି ଅନୁମତି
- ଭାରତୀୟ ରପ୍ତାନୀକାରୀଙ୍କ ପାଇଁ ଖୋଲିବ ୨୭.୧୮ ଲକ୍ଷ କୋଟିର ବଜାର

■ ନୂଆଦିଲ୍ଲୀ, ୭।୨ (ଏଜେନ୍ସି): ଭାରତ-ଆମେରିକା ମଧ୍ୟରେ ବହୁ ପ୍ରତୀକ୍ଷିତ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ହୋଇଛି। ଦୀର୍ଘଦିନର ମୂଲଚାଲ ଏବଂ ବାଦବିବାଦ ପରେ ଦୁଇ ଦେଶ ଏହି ଅନ୍ତରୀଣ ଚୁକ୍ତିର ରୂପରେଖ (ଆଇଟିଏ)କୁ ଉପସ୍ଥାପନ କରିଛନ୍ତି। ଏହି ଚୁକ୍ତିରେ କୃଷି ଏବଂ ଡାଏରୀ କ୍ଷେତ୍ରକୁ ସଂରକ୍ଷଣ ଦିଆଯାଇଛି। ଏହାସହିତ ଆଜିଠାରୁ ଭାରତ ଉପରେ ଆମେରିକା ଲଗାଇଥିବା ୨୫ ପ୍ରତିଶତ ପେନାଲ୍ଟି ଶୁଳ୍କ ହଟିଯାଇଛି। ଆମେରିକା କମ୍ପାନୀ ପାଇଁ ଭାରତ ନିୟମ ସରଳ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛି। ତେବେ ସର୍ତ୍ତ ରଖି ଆମେରିକା ଏହି ପେନାଲ୍ଟି ଶୁଳ୍କ ହଟାଇଛି। ପ୍ରତକ୍ଷ କିମ୍ବା ପରୋକ୍ଷରେ ଭାରତ ଯଦି ରୁଷରୁ ତୈଳ କିଣିବା ନେଇ ବାଣିଜ୍ୟ ବିଭାଗକୁ ସୂଚନା ମିଳେ, ତେବେ ପୁଣି ଶୁଳ୍କ ଲଗାଇବ ବୋଲି ଆମେରିକା କହିଛି। ଆମେରିକାରୁ ଆସୁଥିବା ଶୁଖିଲା ଫଳ, ସୋୟାବିନ ତେଲ, ନାଲି ବାଜରା ଆଦିରୁ ଭାରତ ମୂଲ୍ୟ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି।

ଦୁଇ ଦେଶ ପକ୍ଷରୁ ପ୍ରକାଶିତ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ରୂପରେଖକୁ ନେଇ ବିରୋଧୀ ଦଳ ପକ୍ଷରୁ ସମାଲୋଚନା କରାଯାଇଛି। ଚୁକ୍ତି ସମ୍ପର୍କରେ ଆମେରିକା ଓ ଭାରତ ପକ୍ଷରୁ ରଖାଯାଇଥିବା ବକ୍ତବ୍ୟରେ ତାଳମେଳ ନାହିଁ ବୋଲି ବିରୋଧୀ ଦର୍ଶାଇଛନ୍ତି।

ତେବେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଆଜି ସାମ୍ବାଦିକ ସମ୍ମିଳନୀରେ ବାଣିଜ୍ୟ ଚୁକ୍ତି ବିଷୟରେ ▶ପୃଷ୍ଠା-୭



ଟି-୨୦ ବିଶ୍ୱକପ୍ ଆରମ୍ଭ

## ଭାରତର ଉଦ୍‌ଘାଟନୀ ବିଜୟ

**୨୯ ରନ୍‌ରେ ହାରିଲା ଆମେରିକା**

■ ମୁମ୍ବଇ/କଲମ୍ବୋ, ୭।୨(ଏଜେନ୍ସି): ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ଆଜି(ଶନିବାର)ଠାରୁ ଭାରତ ଓ କଲମ୍ବୋରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନ ୩ ୱିକେଟରେ ନେଦରଲାଣ୍ଡସକୁ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୩୫ ରନ୍‌ରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ତୃତୀୟ ମ୍ୟାଚ୍‌ରେ ଆମେରିକାକୁ ୨୯ ରନ୍‌ରେ ପରାସ୍ତ କରି ଭାରତ ଉଦ୍‌ଘାଟନୀ ବିଜୟ ହାସଲ କରିଛି।

ମୁମ୍ବଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଟୁର୍ଣ୍ଣାମେଣ୍ଟକୁ ରଙ୍ଗାରଙ୍ଗ ପରିବେଶରେ ଆଇସିସି ଅଧ୍ୟକ୍ଷ ଜୟ ଶାହ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟର ଆମ୍ବାସାଡର ରୋହିତ ଶର୍ମା ଟ୍ରଫି ଉନ୍ମୋଚନ କରିଥିଲେ। ରାପ୍ପର୍ ବାଦ୍‌ଶାହଙ୍କ ଆଧୁନିକ ସଙ୍ଗୀତ, ନୋରା ଫତେହୀଙ୍କ ନୃତ୍ୟ, ଋଷଭ ରିଖିରାମ ଶର୍ମାଙ୍କ ସିତାର ବାଦନ ଓ ଆନନ୍ଦନ ଶିବମଣିଙ୍କ ବାଦ୍ୟଯନ୍ତ୍ର ପରିବେଷଣ ଉତ୍ସବକୁ ମୁଖରିତ କରିଥିଲା। ମାର୍ଚ୍ଚ ୬ ତାରିଖ ଯାଏଁ ଏହି ଟୁର୍ଣ୍ଣାମେଣ୍ଟରେ ୨୦ଟି ଦଳ ୫ଟି ଭେନ୍ୟୁରେ ୫୫ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଭାରତ ସହ ଉତ୍ତେଜନାମୂଳକ ସମ୍ପର୍କ ହେତୁ ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରେ ଖେଳୁଛି।

ପାଣିପାଗର ଭିନ୍ନ ରୂପ

## ଯାଇନି ଶୀତ; ବଢ଼ିଲାଣି ତାପ

■ ନୂଆଦିଲ୍ଲୀ, ୭।୨ (ଏଜେନ୍ସି): ସାରା ଦେଶରେ ପାଣିପାଗ ଏବେ ବଦଳିବାରେ ଲାଗିଛି। କିନ୍ତୁ ବିଭିନ୍ନ ସ୍ଥାନରେ ଏହାର ଭିନ୍ନ ରୂପ ଦେଖିବାକୁ ମିଳୁଛି। କେତେକ ସ୍ଥାନରେ ଶୀତ ଲାଗି ରହିଥିବା ବେଳେ ଅନ୍ୟ କେତେକ ସ୍ଥାନରେ ତାପମାତ୍ରା ଏବେ ଠାରୁ ୩୦ ଡିଗ୍ରୀ ଟପିଗଲାଣି। ଏହାକୁ ନେଇ ଦେଶର ପାଣିପାଗ ଚିତ୍ରରେ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି।



ମଧ୍ୟପ୍ରଦେଶରେ କିଛି ଦିନ ଧରି ତାପମାତ୍ରା ବଢ଼ିବା ପରେ ପୁଣି ଶୀତ ବୃଦ୍ଧି ପାଇବାରେ ଲଗିଛି। ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀକୁ ଖସି ଆସିଲାଣି। ରାଜ୍ୟରେ ସର୍ବାଧିକ ତାମାତ୍ରା ୨୫ ରହିଥିବା ବେଳେ ଭୋପାଳ, ଇନ୍ଦୋର ଓ ଗ୍ୱାଲିଅର ସମେତ ଅନେକ ସହରରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀରେ ରହିଛି। ଏପରିକି ଖଜୁରାହୋରେ ତାପମାତ୍ରା ▶ପୃଷ୍ଠା-୭

**ତାତିବ ଓଡ଼ିଶା**

## ୧୫ ସୁଦ୍ଧା ୩୭ ଡିଗ୍ରୀ ଛୁଇଁବ ପାରଦ

■ ଭୁବନେଶ୍ୱର, ୭।୨ (ସମିସ): ଫେବୃଆରୀ ପ୍ରଥମ ସପ୍ତାହରୁ ଆରମ୍ଭ ହେଲାଣି ସୂର୍ଯ୍ୟଙ୍କ ପ୍ରଖର କିରଣ। ରାତିରେ ଶୀତ ଯାଇନାହିଁ, କିନ୍ତୁ ଦିନରେ ତାତି ତାଉ ଦେଖାଇଲାଣି। ଫଳରେ, ଏବେଠାରୁ ତାପମାତ୍ରା ୩୪ଡିଗ୍ରୀ ଛୁଇଁଲାଣି। ବିଭିନ୍ନ ପାଣିପାଗ ମଡେଲର ଆକଳନ ଅନୁଯାୟୀ, ଆସନ୍ତା ୧୫ତାରିଖ ସୁଦ୍ଧା ରାଜ୍ୟର କିଛି ସ୍ଥାନରେ ବିଶେଷକରି, ଝାରସୁଗୁଡ଼ାରେ ତାପମାତ୍ରା ୩୭ଡିଗ୍ରୀ ଛୁଇଁବା ସହ ଭୁବନେଶ୍ୱରରେ ତାପମାତ୍ରା ୩୫ଡିଗ୍ରୀ ଛୁଇଁବାର ଆଶଙ୍କା ରହିଛି।

ରାଜ୍ୟରୁ ବର୍ତ୍ତମାନ ଶୀତ ଛାଡୁଛି, ଖରା ବଢୁଛି। ବାୟୁମଣ୍ଡଳରେ ଆର୍ଦ୍ରତା ରହୁନାହିଁ। କେବଳ ଶୁଷ୍କବାୟୁ ପ୍ରବାହ ଯୋଗୁଁ ତାପମାତ୍ରା ବଢୁଛି। ▶ପୃଷ୍ଠା-୭






# ଦେଶ ବିଦେଶ



## ମୁମ୍ବାଇର ମେୟର ହେବେ ବିଜେପିର ରତୁ ତାୱେଡ଼େ



ମୁମ୍ବାଇ, ୭ ।୨(ଏଜେନ୍ସି): ମୁମ୍ବାଇର ମେୟର ଓ ଡେପୁଟି ମେୟର ନିର୍ବାଚନ ପାଇଁ ବିଜେପି ଓ ଶିବସେନା ନିଜର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ବିଜେପିର ରତୁ ତାୱେଡ଼େ ଶନିବାର ମେୟର ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ଶିବସେନା (ଶିନ୍ଦେ ଗୋଷ୍ଠୀ) ସଞ୍ଜୟ ଘାଡ଼ିଙ୍କୁ ଡେପୁଟି ମେୟର ପଦ ପାଇଁ ପ୍ରାର୍ଥୀ କରିଛି। ରତୁ ଓ ଘାଡ଼ି ନଗର ନିଗମ ସଚିବାଳୟରେ ନାମାଙ୍କନ ଦାଖଲ କରିଛନ୍ତି। ଏହି ସମୟରେ ମନ୍ତ୍ରୀ ମଙ୍ଗଳ ପ୍ରଭାତ ଲୋଢାଙ୍କ ସମେତ ଅନେକ ବଡ଼ ନେତା ଉପସ୍ଥିତ ଥିଲେ। ମେୟର ନିର୍ବାଚନ ଫେବୃଆରୀ ୧୧ ମଧ୍ୟାହ୍ନ ୧୨ରେ ଆୟୋଜନ ହେବ। ଅନ୍ୟପଟେ ଶିବସେନା ଠାକ୍‌ରେ ଗୋଷ୍ଠୀ ମଧ୍ୟ ମେୟର ପଦ ପାଇଁ ପ୍ରାର୍ଥୀ ଛିଡ଼ା କରିବାର ସମ୍ଭାବନା ରହିଛି। ରତୁ ମେୟର ହେବା ଏକ ପ୍ରକାର ନିଶ୍ଚିତ ମନେ ହେଉଛି। ସେ ମୁମ୍ବାଇର ୮ମ ମହିଳା ମେୟର ହୋଇପାରନ୍ତି। ସେ ୧୩୨ ନଂ ୱାର୍ଡର କର୍ପୋରେଟର ଭାବେ ନିର୍ବାଚିତ ହୋଇଛନ୍ତି। ରତୁ ପୂର୍ବରୁ ୨୦୧୨ରେ ୧୨୭ ନଂ ୱାର୍ଡରୁ ପ୍ରଥମଥର ପାଇଁ କର୍ପୋରେଟର ଭାବେ ନିର୍ବାଚିତ ହୋଇଥିଲେ। ଏହାପରେ ସେ ୨୦୧୭ ଘାଟକୋପର ୱାର୍ଡର କର୍ପୋରେଟର ହୋଇଥିଲେ। ସେ ପୂର୍ବରୁ ମୁମ୍ବାଇ ନଗର ନିଗମର ଶିକ୍ଷା ସମିତିର ଅଧ୍ୟକ୍ଷା ଭାବେ ଦାୟିତ୍ୱ ତୁଲାଇଛନ୍ତି। ଉଲ୍ଲେଖଥାଉ କି, ୨୨୭ ଆସନ ବିଶିଷ୍ଟ ବିଏମ୍‌ସି ନିର୍ବାଚନରେ ବିଜେପି ୮୯ଟି ଆସନ ଜିତି ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଥିଲା। ସେହିପରି ବିଜେପିର ସହଯୋଗୀ ଶିବସେନା (ସିନ୍ଦେ)କୁ ୨୯ଟି ଆସନ ମିଳିଥିଲା।

## ଡ୍ରାଇଭରଙ୍କ ଯୋଗୁଁ ବର୍ତ୍ତିଗଲେ ୩୯ ଯାତ୍ରୀ

ହାଇଦରାବାଦ, ୭ ।୨(ଏଜେନ୍ସି): ଆନ୍ଧ୍ରପ୍ରଦେଶର କୃଷ୍ଣା ଜିଲ୍ଲାରେ କେସର ଟୋଲ ଗେଟ୍ ନିକଟରେ ଶୁକ୍ରବାର ସକାଳେ ଏକ ଘରୋଇ ବସ୍‌ରେ ହଠାତ ନିଆଁ ଲାଗିଥିଲା। ଏହି ବସଟି ହାଇଦରାବାଦରୁ ବିଜୟୱାଡ଼ା ଅଭିମୁଖେ ଯାତ୍ରା କରୁଥିଲା। ସୂଚନା ଅନୁଯାୟୀ, ବସର ପଛ ଭାଗରେ ଥିବା ଇଞ୍ଜିନରୁ ହଠାତ ଧୂଆଁ ବାହାରିବାକୁ ଲାଗିଥିଲା ଓ ଧୂଆଁ ଦେଖିବା ମାତ୍ରେ ଡ୍ରାଇଭର ନିଜର ଚତୁରତାର ଦେଖାଇ ବସକୁ ସଙ୍ଗେ ସଙ୍ଗେ ରାସ୍ତା କଡ଼ରେ ରୋକିଥିଲେ। ଏହାପରେ ସମସ୍ତ ୩୯ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାର କରିଥିଲେ। ନିଆଁ ଏତେ ଭୟଙ୍କର ଥିଲା ଯେ, ଦେଖୁ ଦେଖୁ କିଛି ସମୟ ମଧ୍ୟରେ ସମ୍ପୂର୍ଣ୍ଣ ବସ୍‌ଟି ଜଳି ପାଉଁଶ ହୋଇଯାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ଅଗ୍ନିଶମ ବାହିନୀ ଓ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀମାନେ କଠିନ ପରିଶ୍ରମ କରି ନିଆଁକୁ ଆୟତ କରିଥିଲେ। ପୁଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଛି।

## କର୍ଣ୍ଣେଲ ସୋଫିଆଙ୍କୁ ପୁଣି କ୍ଷମା ମାଗିଲେ ମନ୍ତ୍ରୀ ବିଜୟ




ନୂଆଦିଲ୍ଲୀ, ୭ ।୨ (ଏଜେନ୍ସି): କର୍ଣ୍ଣେଲ ସୋଫିଆଙ୍କୁ ନେଇ ଦେଇଥିବା ବିବାଦୀୟ ମନ୍ତବ୍ୟ ମାମଲାରେ ସୁପ୍ରିମକୋର୍ଟରେ ଶୁଣାଣିର ଦୁଇଦିନ ପୂର୍ବରୁ ମଧ୍ୟପ୍ରଦେଶର ଜନଜାତି କାର୍ଯ୍ୟମନ୍ତ୍ରୀ ବିଜୟ ଶାହା ପୁଣି ଥରେ କ୍ଷମା ପ୍ରାର୍ଥନା କରିଛନ୍ତି। ଏହାକୁ ମିଶାଇ ସେ ଚତୁର୍ଥଥର ପାଇଁ କ୍ଷମା ମାଗିଛନ୍ତି। ସେ ଶନିବାର ସାମାଜିକ ଗଣମାଧ୍ୟମରେ ଭିଡ଼ିଓ ପୋଷ୍ଟ କରି ନିଜର ପକ୍ଷ ରଖିଛନ୍ତି। ଭିଡ଼ିଓ ବାର୍ତ୍ତାରେ ସେ କହିଛନ୍ତି ଯେ, 'ମୁଁ ପୂର୍ବରୁ ଅନେକଥର କହିଛି ଯେ, କୌଣସି ମହିଳା ଅଧିକାରୀ, ଭାରତୀୟ ସେନା କିମ୍ବା ସମାଜର କୌଣସି ବର୍ଗକୁ ଅପମାନିତ କରିବା ମୋର ଉଦ୍ଦେଶ୍ୟ ନଥିଲା। ସେହି ଶବ୍ଦଗୁଡିକ ନିଶ୍ଚିତ ଭାବେ ମୋର ଭାବନାର ଅନୁରୂପ ନଥିଲା। ଦେଶପ୍ରେମର ଉତ୍ସାହ ଓ ଉତ୍ତେଜନା ମଧ୍ୟରେ ପାଟିରୁ ସେହି ଶବ୍ଦଗୁଡ଼ିକ ବାହାରିଯାଇଥିଲା। ମୁଁ ଅନ୍ତରରୁ କ୍ଷମା ମାଗୁଛି ବୋଲି ସେ କହିଛନ୍ତି। ଗତବର୍ଷ ମେ' ୧୧ରେ ଇନ୍ଦୋରରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶାହା 'ଅପରେସନ ସିନ୍ଦୂର' ସମ୍ପର୍କରେ କହିବାକୁ ଯାଇ କର୍ଣ୍ଣେଲ ସୋଫିଆଙ୍କୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ବିବାଦୀୟ ବୟାନ ପାଇଁ ଶାହାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି ହୋଇଥିଲା ଓ ଏହା ସୁପ୍ରିମକୋର୍ଟରେ ବିଚାରାଧୀନ ଅଛି। ଶୁଣାଣିର ଠିକ୍ ପୂର୍ବରୁ ନିଜ ପକ୍ଷକୁ ଦୁର୍ବଳ ନ କରିବା ପାଇଁ ଏହା ଶାହାଙ୍କର ଏକ ପ୍ରୟାସ ବୋଲି କୁହାଯାଉଛି।

## ଦେଶରେ ସ୍ତନ କର୍କଟ ମାମଲା ୧୩ ପ୍ରତିଶତ ବୃଦ୍ଧି

ନୂଆଦିଲ୍ଲୀ, ୭ ।୨(ଏଜେନ୍ସି): ଦେଶରେ ମହିଳାମାନଙ୍କ ସ୍ୱାସ୍ଥ୍ୟ ଉପରେ କର୍କଟ ରୋଗର ବିପଦ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବ ଶନିବାର ରାଜ୍ୟସଭାରେ ଏକ ଚିନ୍ତାଜନକ ତଥ୍ୟ ଉପସ୍ଥାପନ କରିଛନ୍ତି। ଦେଶରେ ୫ ବର୍ଷ ମଧ୍ୟରେ ସ୍ତନ କର୍କଟ ମାମଲା ଓ ଏଥିଯୋଗୁଁ ହେଉଥିବା ମୃତ୍ୟୁ ସଂଖ୍ୟାରେ ପ୍ରାୟ ୧୩ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଛି। ୨୦୨୫ ସୁଦ୍ଧା ଏହି ମାମଲା ୨.୪୦ ଲକ୍ଷ ଅତିକ୍ରମ କରିବ ବୋଲି ଅନୁମାନ କରାଯାଉଛି। ତେବେ ମୃତ୍ୟୁହାର ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଓଭାରିଆନ କ୍ୟାନସର ସବୁଠାରୁ ବିପଜ୍ଜନକ ସାବ୍ୟସ୍ତ ହୋଇଛି ଓ ଏହାର ମୃତ୍ୟୁହାର ୬୧ ପ୍ରତିଶତ ହୋଇଥିବା ବେଳେ ସର୍ଭିକାଲ କ୍ୟାନସର ଓ ସ୍ତନ କର୍କଟର ମୃତ୍ୟୁହାର ଯଥାକ୍ରମେ ୫୪ ଓ ୪୩ ପ୍ରତିଶତ ରହିଛି। ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଓ ରାଜସ୍ଥାନରେ ସବୁଠାରୁ ଅଧିକ କର୍କଟ ରୋଗୀ ଚିହ୍ନଟ ହୋଇଛନ୍ତି। ବିହାର ଓ ଛତିଶଗଡ଼ରେ କ୍ୟାନସର ଗ୍ରାଫ୍ ସବୁଠାରୁ ଦ୍ରୁତଗତିରେ ବୃଦ୍ଧି ପାଇଛି। ଏହି ଦୁଇ ରାଜ୍ୟରେ ନୂଆ ମାମଲା ପ୍ରାୟ ୨୧-୨୨ ପ୍ରତିଶତ ଓ ମତ୍ୟୁସଂଖ୍ୟାରେ ୨୦ ପ୍ରତିଶତ ବୃଦ୍ଧି ହୋଇଛି।

# ଆମେରିକା ମାନିଲା: ପିଓକେ, ଅକ୍ସାଇ ଚୀନ୍ ବି ଭାରତର



■ ବାଣିଜ୍ୟ ଚୁକ୍ତି ପରେ ଭାରତୀୟ ମାନଚିତ୍ର ଜାରି କଲେ ଟ୍ରମ୍ପ
■ ସାମାଜିକ ଗଣମାଧ୍ୟମରେ ଭାଇରାଲ

ୱାଶିଂଟନ, ୭ ।୨(ଏଜେନ୍ସି): ଭାରତ ଓ ଆମେରିକା ଶୁକ୍ରବାର ଏକ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ଢାଞ୍ଚା ଘୋଷଣା କରିଛନ୍ତି। ଆମେରିକା ବାଣିଜ୍ୟ କାର୍ଯ୍ୟାଳୟ ଏହି ଘୋଷଣା ସହିତ ଏକ ଭାରତୀୟ ମାନଚିତ୍ର ସେୟାର କରିଛି। ଏହି ମାନଚିତ୍ରରେ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ଓ ଆକ୍ସାଇ ଚୀନ୍ (ଚୀନ ଅଧିକୃତ ଅଞ୍ଚଳ) ସମେତ ସମଗ୍ର ଜମ୍ମୁ ଓ କାଶ୍ମୀର ଅଞ୍ଚଳକୁ ଭାରତର ଅଂଶ ଭାବେ ଦର୍ଶାଇଛି। ଏହି ମାନଚିତ୍ର ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଆମେରିକା ପୂର୍ବରୁ ନିଜ ମାନଚିତ୍ରରେ ପିଓକେକୁ ଅଲଗା ଭାବେ ଦର୍ଶାଉଥିଲା। ସୂଚନାଯୋଗ୍ୟ ଯେ, ଅନ୍ତର୍ଜାତୀୟ ମଞ୍ଚ ଓ ପାଶ୍ଚାତ୍ୟ ଦେଶଗୁଡ଼ିକର ସରକାରୀ ନକ୍ସାରେ ମଧ ବିବାଦୀୟ ଅଂଶଗୁଡ଼ିକ ଅଲଗା ରଙ୍ଗ କିମ୍ବା 'ଡଟେଡ ଲାଇନ୍' ମାଧ୍ୟମରେ ଦେଖାଯାଇଥାଏ। ଏଥର ଟ୍ରମ୍ପ ପ୍ରଶାସନ ଜାଣିଶୁଣି ହେଉ କିମ୍ବା ଅଜାଣତରେ, ଏଭଳି ମାନଚିତ୍ର ସେୟାର କରିଛି ଓ ଏହା ଭାରତୀୟ ମାନଚିତ୍ରକୁ ସମ୍ପୂର୍ଣ୍ଣ ମାନ୍ୟତା ଦେଇଛି। ଭାରତ ସର୍ବଦା ଜମ୍ମୁ-କଶ୍ମୀରକୁ ନିଜର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ମାନିଆସିଛି। ଉଲ୍ଲେଖଥାଉ କି, ଭାରତ ଓ ପାକିସ୍ତାନ ମଧ୍ୟରେ ପିଓକେ ବିବାଦ ଜମ୍ମୁ-କଶ୍ମୀର ସହିତ ଜଡ଼ିତ ସବୁଠାରୁ ପୁରୁଣା ବିବାଦ। ଏହା ୧୯୪୭ରୁ ଚାଲିଆସୁଛି ଏବଂ ଦୁଇ ଦେଶ ମଧ୍ୟରେ ଯୁଦ୍ଧ, ଉତ୍ତେଜନା ଓ କୂଟନୈତିକ ଲଢ଼େଇର କାରଣ ରହିଛି। ୧୯୪୭ରେ ଭାରତ ବିଭାଜନ ସମୟରେ ପାକିସ୍ତାନ ଜମ୍ମୁ-କଶ୍ମୀର ଉତ୍ତର ପଶ୍ଚିମ ଅଂଶକୁ କବ୍‌ଜାରେ ରଖିଥିଲା। ଏହାକୁ ପିଓକେ କୁହାଯାଏ। ସେହିପରି ୧୯୬୨ ଯୁଦ୍ଧରେ ଆକ୍ସାଇ ଚୀନ୍‌କୁ ଚୀନ୍ ଅଧିକାର କରି ନେଇଥିଲା। ଭାରତ ଏହାକୁ ଲଦାଖର ଅଂଶ ବୋଲି ମାନୁଥିବା ବେଳେ ଚୀନ ଏହାକୁ ନିଜ କବ୍‌ଜାରେ ରଖିଛି।

### ଇସ୍‌ଲାମାବାଦ୍ ସିଆ ମସ୍‌ଜିଦ୍ ବିସ୍ଫୋରଣ ଘଟଣା

# ନିଜ ଗାତରେ ପଡୁଛି ପାକିସ୍ତାନ




● ବିସ୍ଫୋରଣ ପାଇଁ ଆମେ ଦାୟୀ: ଆଇଏସ୍
● ମହିଳାଙ୍କ ସମେତ ୩ ଜଣ ଗିରଫ
● ଭାରତ ଦାୟୀ: ପାକିସ୍ତାନ
● ପାକିସ୍ତାନ ନିଜକୁ ଧୋକା ଦେଉଛି: ଭାରତ

ଇସଲାମାବାଦ, ୭ ।୨(ଏଜେନ୍ସି): ରାଜଧାନୀ ଇସଲାମାବାଦ୍‌ର ସିଆ ମସଜିଦ୍ ବିସ୍ଫୋରଣ ମାମଲାରେ ପାକିସ୍ତାନ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଦୁଇ ଭାଇ ଓ ଜଣେ ମହିଳା ସାମିଲ ରହିଛନ୍ତି। ଏହି ତିନିଜଣ ଶୁକ୍ରବାର ଦିନ ମସଜିଦ୍‌ରେ ହୋଇଥିବା ଆତ୍ମଘାତୀ ମାମଲା ସହ ଜଡ଼ିତ ଥିବା କୁହାଯାଉଛି। ଏହି ଆକ୍ରମଣରେ ୩୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୭୦ ଜଣ ଆହତ ହୋଇଛନ୍ତି। ଆତ୍ମଘାତୀ ବୋମା ବିସ୍ଫୋରଣକାରୀ ଜଣକ ଖଦିଜା ଅଲ-କୁବ୍ରା ମସଜିଦ୍ (ଇମାମବାଡ଼ା) ମଧ୍ୟରେ ନିଜକୁ ଉଡ଼ାଇ ଦେଇଥିଲା। ପୁଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଗିରଫ ହୋଇଥିବା ବ୍ୟକ୍ତିମାନଙ୍କୁ ପଚରାଉଚରା କରାଯାଉଛି ଓ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଏହି ଆକ୍ରମଣ ପଛରେ ଥିବା ସମ୍ପୂର୍ଣ୍ଣ ଷଡ଼ଯନ୍ତ୍ରକୁ ପର୍ଦ୍ଦାଫାଶ କରିବାକୁ ଚେଷ୍ଟା କରୁଛନ୍ତି।

ଅପରପକ୍ଷରେ ଭାରତ ଏହି ଆକ୍ରମଣକୁ ନିନ୍ଦା କରିବା ସହ ପାକିସ୍ତାନ ଅଭିଯୋଗ ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି। ଭାରତର ବୈଦେଶିକ ମନ୍ତ୍ରଣାଳୟ ବିଳମ୍ବିତ ରାତିରେ ଏକ ବିବୃତ୍ତି ଜାରି କରି କହିଛି ଯେ, ଏହି ଆକ୍ରମଣରେ ଭାରତର ହାତଥିବା ଦାବି ସମ୍ପୂର୍ଣ୍ଣ ଭିତ୍ତିହୀନ। ମନ୍ତ୍ରଣାଳୟ କହିଛି ଯେ, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ, ପାକିସ୍ତାନ ନିଜ ସମସ୍ୟାର ସମାଧାନ ଖୋଜିବା ପରିବର୍ତ୍ତେ, ଅନ୍ୟମାନଙ୍କୁ ନିଜର ଅସୁବିଧା ପାଇଁ ଦୋଷାରୋପ କରୁଛି। ପାକିସ୍ତାନ ବାସ୍ତବରେ ନିଜକୁ ହିଁ ଧୋକା ଦେଉଛି। ପୂର୍ବରୁ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏହି ବିସ୍ଫୋରଣ ତଥା ଆକ୍ରମଣ ପଛରେ ଭାରତ ଓ ଆଫଗାନିସ୍ତାନ ସାମିଲ ଅଛନ୍ତି ବୋଲି କହିଥିଲେ ଓ ଏହାର ଜବାବ ବିଦେଶ ମନ୍ତ୍ରଣାଳୟ ଦେଇଛି।

ଇସ୍‌ଲାମାବାଦ୍ ସିଆ ମସଜିଦ୍ ଘଟିଥିବା ବିସ୍ଫୋରଣ ପାଇଁ ଜଣାଶୁଣା ଆତଙ୍କବାଦୀ ସଂଗଠନ ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍‌ଆଇଏସ୍) ନିଜକୁ ଦାୟୀ କରିଛି। ପାକିସ୍ତାନ ଅଧିକାରୀ ଓ ଗଣମାଧ୍ୟମଗୁଡ଼ିକର ସୂଚନା ଅନୁଯାୟୀ ଏହି ଆକ୍ରମଣରେ ୩୧ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୬୦ରୁ ଅଧିକ ଆହତ ହୋଇଛନ୍ତି। ଆଇଏସ୍‌ଆଇଏସ୍ ତରଫରୁ କୁହାଯାଇଛି ଯେ, ଆକ୍ରମଣକାରୀ ପ୍ରଥମେ ମସଜିଦ୍‌ର ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳି ଚଳାଇଥିଲା ଏବଂ ପରେ ନିଜ ଆତ୍ମଘାତୀ ଜ୍ୟାକେଟ୍‌ରେ ବିସ୍ଫୋରଣ ଘଟାଇଥିଲା। ଜିହାଦୀ ଗୋଷ୍ଠୀଗୁଡ଼ିକ ଉପରେ ନଜର ରଖିଥିବା 'ଏସ୍‌ଆଇଟିଇ ଇଣ୍ଟେଲିଜେନ୍ସ ଗ୍ରୁପ୍' ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆଇଏସ୍‌ଆଇଏସ୍ ପକ୍ଷରୁ ଦିଆଯାଇଥିବା ବୟାନରେ କୁହାଯାଇଛି ଯେ, ଆକ୍ରମଣକାରୀ ସିଆ ସମୁଦାୟର ପ୍ରାର୍ଥନା ସଭା ମଧ୍ୟରେ ଏହି କାଣ୍ଡ ଘଟାଇଥିଲା। ଫଳରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିଲା। ଶୁକ୍ରବାର ପ୍ରାର୍ଥନା ଅର୍ଥାତ ଜୁମା ନମାଜ ପାଠ ବେଳେ ହିଁ ବିସ୍ଫୋରଣ ଘଟିଥିଲା। ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି।

## ୮ ବର୍ଷ ପରେ ମାଲେସିଆ ଗସ୍ତରେ ପ୍ରଧାନମନ୍ତ୍ରୀ



■ ଜାକିର ନାଏକ ପ୍ରସଙ୍ଗ ଉଠାଇବେ
■ ସିଇଓ ଫୋରମ୍‌ରେ ସାମିଲ ହେବେ

କ୍ୱାଲାଲମ୍ପୁର, ୭ ।୨(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ସକାଳେ ଦୁଇ ଦିନିଆ ମାଲେସିଆ ଗସ୍ତ ପାଇଁ ପ୍ରସ୍ଥାନ କରିଛନ୍ତି। ମାଲେସିଆ ପ୍ରଧାନମନ୍ତ୍ରୀ ଦାତୋ ସେରି ଅନୱାର ଇବ୍ରାହିମଙ୍କ ନିମନ୍ତ୍ରଣ କ୍ରମେ ଏହି ଗସ୍ତ ଅନୁଷ୍ଠିତ ହେଉଛି। ମୋଦୀ ପ୍ରାୟ ୮ ବର୍ଷ ପରେ ମାଲେସିଆ ଯାଇଛନ୍ତି। ଏହାପୂର୍ବରୁ ସେ ୨୦୧୮ରେ ମାଲେସିଆ ଯାଇଥିଲେ। ଏହି ଗସ୍ତ ସମୟରେ, ମୋଦୀ ଆଜି ମାଲେସିଆରେ ରହୁଥିବା ଭାରତୀୟ ପ୍ରବାସୀ ଓ ବ୍ୟାପାରିକ ପ୍ରତିନିଧିଙ୍କ ସହ ଆଲୋଚନା କରିବେ। ବୈଦେଶିକ ମନ୍ତ୍ରଣାଳୟର ସଚିବ ପି କୁମାରନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଏସିଆନ ଦେଶଗୁଡ଼ିକ ସହିତ ଭାରତର ସମ୍ପର୍କକୁ ଆହୁରି ମଜଭୂତ କରିବା ଓ ମାଲେସିଆ ସହିତ ସହଯୋଗ ବୃଦ୍ଧି କରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଗସ୍ତରେ ୧୦ ବର୍ଷ ହେବ ମାଲେସିଆରେ ରହୁଥିବା ଫେରାର ଇସ୍‌ଲାମ ଧର୍ମ ପ୍ରଚାରକ ଜାକିର ନାଏକ ପ୍ରସଙ୍ଗରେ ଆଲୋଚନା ହେବ ବୋଲି ସେ ସୂଚନା ଦେଇଛନ୍ତି। ଭାରତ ମଧ୍ୟ ପୂର୍ବରୁ ଅନେକଥର ଏହି ପ୍ରସଙ୍ଗ ଉଠାଇ ସାରିଛି। ମୋଦୀ ରବିବାର କ୍ୱାଲାଲମ୍ପୁରରେ ଭାରତ- ମାଲେସିଆ ସିଇଓ ଫୋରମର ୧୦ମ ବୈଠକରେ ଯୋଗ ଦେବେ। ଏଥିରେ ମାଲେସିଆର ବଡ଼ ବଡ଼ ଶିଳ୍ପପତି ଓ ବ୍ୟବସାୟିକ ନେତାମାନଙ୍କୁ ମୋଦୀ ଭେଟିବେ। ପୁଣି ଦ୍ୱିପାକ୍ଷିକ ସମ୍ପର୍କ ନେଇ ମୋଦୀ ମାଲେସିଆ ପ୍ରଧାନମନ୍ତ୍ରୀଙ୍କ ସହ ସେ ଆଲୋଚନା କରିବେ। ଏହି ଆଲୋଚନାରେ ବାଣିଜ୍ୟ ଓ ନିବେଶ, ପ୍ରତିରକ୍ଷା ଓ ସୁରକ୍ଷା, ସେମିକଣ୍ଡକ୍ଟର ଓ ଡିଜିଟାଲ ଟେକ୍ନୋଲୋଜ, ଅକ୍ଷୟଶକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ଓ ପର୍ଯ୍ୟଟନ ଭଳି ପ୍ରସଙ୍ଗ ସ୍ଥାନ ପାଇବ।

## ଭୋଟର ତାଲିକା ମାମଲାରେ କୋର୍ଟଙ୍କୁ ସୋନିଆଙ୍କ ଜବାବ



■ ଭୋଟର ଲିଷ୍ଟ, ନାଗରିକତା ସରକାରଙ୍କ ବିଷୟ
■ ବ୍ୟକ୍ତିଗତ ଅଭିଯୋଗ ଉପରେ କ୍ରିମିନାଲ କୋର୍ଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଠିକ୍ ନୁହେଁ

ନୂଆଦିଲ୍ଲୀ, ୭ ।୨(ଏଜେନ୍ସି): ନାଗରିକତା ମିଳିବା ପୂର୍ବରୁ ଭୋଟର ତାଲିକାରେ ନାମ ପଞ୍ଜିକୃତ କରିବା ମାମଲାରେ ସୋନିଆ ଗାନ୍ଧୀ କୋର୍ଟରେ ନିଜର ଜବାବ ଦାଖଲ କରିଛନ୍ତି। ଶନିବାର ରାଉଜ ଆଭେନ୍ୟୁ କୋର୍ଟରେ ଦିଆଯାଇଥିବା ଜବାବରେ ସେ କହିଛନ୍ତି ଯେ, ତାଙ୍କ ବିରୋଧରେ ଦାୟର ହୋଇଥିବା ପୁନର୍ବିଚାର ଆବେଦନଟି ସମ୍ପୂର୍ଣ୍ଣ ଭୁଲ ଓ ଆନୁମାନିତ ତଥ୍ୟ ଉପରେ ଆଧାରିତ। ଏହି ଆବେଦନଟି କେବଳ ସଂକୀର୍ଣ୍ଣ ରାଜନୀତି ଦ୍ୱାରା ପ୍ରେରିତ ଓ ଆଇନଗତ ଅପବ୍ୟବହାର ମାତ୍ର। ସ୍ୱତନ୍ତ୍ର ବିଚାରପତି (ସିବିଆଇ) ବିଶାଲ ଗାଗନେଙ୍କ କୋର୍ଟରେ ନିଜ ଓକିଲଙ୍କ ଜରିଆରେ ଦାଖଲ କରିଥିବା ଜବାବରେ ସୋନିଆ ଭାରତୀୟ ନାଗରିକତା ପାଇବା ପୂର୍ବରୁ ଭୋଟର ତାଲିକାରେ ସାମିଲ ହେବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏଥିସହ ସେ ଆବେଦନକୁ ଖାରଜ କରିବାକୁ ଦାବି କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରୀ ୨୧ରେ ହେବ। ପୁଣି ନାଗରିକତା ସମ୍ପର୍କିତ ମାମଲା ସମ୍ପୂର୍ଣ୍ଣ ଭାବେ କେନ୍ଦ୍ର ସରକାରଙ୍କ ଅଧିକାର ଭୁକ୍ତ ବୋଲି ସୋନିଆ ଉଲ୍ଲେଖ କରିଛନ୍ତି। ଭୋଟର ତାଲିକା ପ୍ରସ୍ତୁତ କରିବା ଓ ଏହାର ରକ୍ଷଣାବେକ୍ଷଣ କରିବା ନିର୍ବାଚନ କମିଶନଙ୍କ ଆଇନଗତ ଦାୟିତ୍ୱ। ଏଭଳି କ୍ଷେତ୍ରରେ ଯଦି କୌଣସି ବ୍ୟକ୍ତି ବ୍ୟକ୍ତିଗତ ଅଭିଯୋଗ ଉପରେ ଆପରାଧିକ ଅଦାଲତ ହସ୍ତକ୍ଷେପ କରନ୍ତି, ତେବେ ତାହା ଉଚିତ ହେବ ନାହିଁ। ଏହା ନିର୍ବାଚନ ପ୍ରକ୍ରିୟାରେ ହସ୍ତକ୍ଷେପ ଭାବେ ଗଣ୍ୟ ହେବ ବୋଲି ସୋନିଆ ତାଙ୍କ ଜବାବରେ ଉଲ୍ଲେଖ କରିଛନ୍ତି।


## ଓବାମାଙ୍କୁ କ୍ଷମା ମାଗିବାକୁ ମନାକଲେ ଟ୍ରମ୍ପ



■ ଷ୍ଟାଫ୍‌ଙ୍କ ଭୁଲ୍ ଯୋଗୁଁ ଭିଡିଓ ସେୟାର ହୋଇଥିଲା
■ ଓବାମା ଦମ୍ପତିଙ୍କୁ ମାଙ୍କଡ଼ ଭାବେ ଦର୍ଶାଯାଇଥିଲା

ୱାଶିଂଟନ, ୭ ।୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସୋସିଆଲ ମିଡିଆ ଆକାଉଣ୍ଟରୁ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଓ ତାଙ୍କ ପତ୍ନୀ ମିଶେଲ ଓବାମାଙ୍କ ଏକ ଭିଡ଼ିଓ ଡିଲିଟ୍ କରିଛନ୍ତି। ଏହି ଭିଡ଼ିଓରେ ଓବାମା ଓ ତାଙ୍କ ପତ୍ନୀଙ୍କୁ ଜଙ୍ଗଲରେ ପ୍ରାଇମେଟ୍ସ ଅର୍ଥାତ ମାଙ୍କଡ଼ ରୂପେ ଦର୍ଶାଯାଇଥିଲା। କିନ୍ତୁ ଟ୍ରମ୍ପ ଏବେ ଏ ନେଇ ସଫେଇ ଦେବାକୁ ଓ କ୍ଷମା ମାଗିବାକୁ ମନା କରିଦେଇଛନ୍ତି। ସେ କହିଛନ୍ତି ଯେ, ମୁଁ ଭିଡ଼ିଓର ପ୍ରାରମ୍ଭିକ ଅଂଶ ଦେଖିଥିଲି, ତାହା ଠିକ୍ ଥିଲା। ଏହାପରେ ଜଣେ ଷ୍ଟାଫ୍‌ଙ୍କ ପାଖକୁ ପଠାଇଥିଲି। ସେ ଏହି ସମ୍ପୂର୍ଣ୍ଣ ଭିଡ଼ିଓ ଦେଖିବାର ଥିଲା। ସେ କହିଛନ୍ତି ଯେ, ଷ୍ଟାଫ ଜଣକ ଭିଡ଼ିଓର ଶେଷ ଅଂଶ ଦେଖିବାକୁ ଭୁଲିଯାଇଥିଲେ, ଯେଉଁଥିରେ ଆପତ୍ତିଜନକ ତଥ୍ୟ ଥିଲା। ଏହା ଜାଣିବା ପରେ ସେ ତୁରନ୍ତ ଭିଡ଼ିଓକୁ ହଟାଯାଇଥିଲା। ଟ୍ରମ୍ପ ସ୍ପଷ୍ଟ ଭାବେ ଏ ନେଇ କ୍ଷମା ମାଗିବାକୁ ମନା କରିଦେଇଛନ୍ତି। ମୁଁ କୌଣସି ଭୁଲ କରିନାହିଁ। ତଥାପି ସେ ଭିଡ଼ିଓର ଏହି ବର୍ଣ୍ଣବୈଷମ୍ୟବାଦୀ ଅଂଶକୁ ନିନ୍ଦା କରିଛନ୍ତି। ହ୍ୱାଇଟ ହାଉସ୍ ତରଫରୁ କୁହାଯାଇଛି ଯେ, ଏହି ପୋଷ୍ଟ ଜଣେ କର୍ମଚାରୀଙ୍କ ଭୁଲ ଯୋଗୁଁ ଏହି ସେୟାର ହୋଇଥିଲା। ତେବେ ଏହି ଭିଡ଼ିଓ ନେଇ ଓବାମାଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ। ଉଲ୍ଲେଖଥାଉ କି, ଟ୍ରମ୍ପ ସେୟାର କରିଥିବା ଅନେକ ପୋଷ୍ଟ ମଧ୍ୟରୁ ଏହା ଏକ ଥିଲା ଓ ଏଥିରେ ୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ଜାଲିଆତି ହୋଇଥିବା ଦାବି କରିଥିଲେ। ପ୍ରାୟ ଏକ ମିନିଟର ଏହି ଭିଡ଼ିଓରେ ଦର୍ଶାଯାଇଥିଲା ଯେ, ବ୍ୟାଲଟ ଗଣନା କରୁଥିବା କମ୍ପାନୀ 'ଡୋମିନିଅନ ଭୋଟିଂ ସିଷ୍ଟମ' ଟ୍ରମ୍ପଙ୍କ ବିରୋଧରେ ଗଡ଼ବଡ଼ କରିଥିଲା। ଭିଡ଼ିଓର ଶେଷ କିଛି ସେକେଣ୍ଡରେ ଓବାମା ଦମ୍ପତିଙ୍କ ମୁହଁକୁ ମାଙ୍କଡ଼ ଭଳି ଦେଖାଯାଇଥିଲା। ସେହି ସମୟରେ ବ୍ୟାକ୍‌ଗ୍ରାଉଣ୍ଡରେ 'ଦି ଲାୟନ୍ସ ସ୍ଲିପ ଟୁନାଇଟ୍' ବାଜୁଥିଲା। ଓବାମାଙ୍କ ନିକଟତର ତଥ ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ବେନ ରୋଡ୍ସ ଏହାକୁ ନେଇ ଟ୍ରମ୍ପଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଆଗାମୀ ଦିନରେ ଆମେରିକୀୟମାନେ ଓବାମା ଦମ୍ପତିଙ୍କୁ ମନେ ରଖିବେ, କିନ୍ତୁ ଟ୍ରମ୍ପଙ୍କୁ ଇତିହାସର କଳା ଅଧ୍ୟାୟ ରୂପେ ପଢ଼ାଯିବ।

# ଏପ୍‌ଷ୍ଟିନ ଫାଇଲରେ ଅନିଲ ଅମ୍ବାନୀ, ସାମ୍ନାକୁ ଆସିଲା ଚାଟିଂ



ୱାସିଂଟନ, ୭ ।୨(ଏଜେନ୍ସି): ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍ ଫାଇଲରୁ ପ୍ରତିଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଆମେରିକା ନ୍ୟାୟ ବିଭାଗ ଯେଉଁ ଡକ୍ୟୁମେଣ୍ଟ ଜାରି କରିଛି, ସେଥିରେ ଏପଷ୍ଟିନ ସହିତ ଜଣାଶୁଣା ଭାରତୀୟ ଶିଳ୍ପପତି ଅନିଲ ଅମ୍ବାନୀଙ୍କ ସମ୍ପର୍କିତ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଏହି ଦସ୍ତାବିଜ୍‌ଗୁଡ଼ିକ ଏପଷ୍ଟିନ ଓ ଅନିଲଙ୍କ ମଧ୍ୟରେ ୨୦୧୭ରୁ ୨୦୧୯ ମଧ୍ୟରେ ହୋଇଥିବା କଥାବାର୍ତ୍ତା ବା ଚାଟ୍ ଜଡ଼ିତ। ଜଣାଶୁଣା ଆମେରିକୀୟ ବ୍ୟବସାୟିକ ନ୍ୟୁଜ ଏଜେନ୍ସି ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ, ଏହି ଚାଟ୍‌ଗୁଡ଼ିକରେ ବ୍ୟବସାୟ, ବିଶ୍ୱ ପରିସ୍ଥିତି ଓ ମହିଳାମାନଙ୍କ ସମ୍ପର୍କରେ ଆଲୋଚନା ହୋଇଥିଲା। ୨୦୧୭ ମାର୍ଚ୍ଚ ୯ରେ ଏହି ଚାଟ୍‌ରେ ଅନିଲ ଏପଷ୍ଟିନକୁ ପଚାରିଥିଲେ ଯେ, କ'ଣ ପରାମର୍ଶ ଅଛି? ଏହାର ଉତ୍ତରରେ ଏପଷ୍ଟିନ ଲେଖିଥିଲେ- ସାକ୍ଷାତକୁ ମଜାଦାର କରିବା ପାଇଁ ଲମ୍ବା ସୁନେଲୀ କେଶଧାରୀ ମହିଳା ଭଲ ହେବ। ଏହାପରେ ଅନିଲ ଜବାବ ଦେଇଥିଲେ ଯେ, ଏହାକୁ ଆରେଞ୍ଜ ଅର୍ଥାତ ଯୋଗାଡ଼ କର। ଏପ୍‌ଷ୍ଟିନ ଫାଇଲରେ ଅନିଲଙ୍କ ନାମ ସାମ୍ନାକୁ ଆସିବା ପରେ ଭାରତରେ ଚର୍ଚ୍ଚା ଆରମ୍ଭ ହୋଇଛି। ଉଲ୍ଲେଖଥାଉ କି, ଏପଷ୍ଟିନ ଜେଲରେ ମୃତ୍ୟୁବରଣ କରିସାରିଛନ୍ତି। ସରକାରୀ ରିପୋର୍ଟ ଅନୁସାରେ ସେ ଆତ୍ମହତ୍ୟା କରିଥିବା ଦର୍ଶାଯାଇଛି।

ଏହି କଥାବାର୍ତ୍ତା ସେହି ସମୟର, ଯେତେବେଳେ ଏପଷ୍ଟିନଙ୍କୁ ୨୦୦୮ ରେ ନାବାଳିକାଙ୍କ ସହ ଜଡ଼ିତ ଯୌନ ଅପରାଧ ମାମଲାରେ ଦଣ୍ଡ ମିଳିସାରିଥିଲା। ଏହା ସତ୍ତ୍ୱେ ଏପଷ୍ଟିନ ବିଶ୍ୱର ଅନେକ ପ୍ରଭାବଶାଳୀ ଓ ଶକ୍ତିଶାଳୀ ବ୍ୟକ୍ତିଙ୍କ ସହ ସମ୍ପର୍କ ରଖିଥିଲେ। ରେକର୍ଡ ଅନୁଯାୟୀ, ଦୁହିଁଙ୍କ ମଧ୍ୟରେ ପ୍ୟାରିସ ଓ ନ୍ୟୁୟର୍କରେ ଭେଟିବା ପାଇଁ ଯୋଜନା ହୋଇଥିଲା। ୨୦୧୯ ମେ'ରେ ଅନିଲ ଅମ୍ବାନୀଙ୍କ ନ୍ୟୁୟର୍କ ଗସ୍ତ ସମୟରେ ଏପଷ୍ଟିନ ତାଙ୍କୁ ମ୍ୟାନହାଟନ ସ୍ଥିତ ନିଜ ଘରକୁ ଡାକିଥିଲେ। ଯେଉଁଠାରେ ଦୁହେଁ ପରସ୍ପରକୁ ଭେଟିଥିଲେ। ଅନ୍ୟ କେତେକ ଇମେଲ୍‌ରୁ ଜଣାପଡ଼ିଛି ଯେ, ଉଭୟଙ୍କ ମଧ୍ୟରେ ଅନ୍ତର୍ଜାତୀୟ ଯାତ୍ରା, ବିଜନେସ ମିଟିଂ ଓ ୱାର୍ଲ୍ଡ ଇକୋନୋମିକ ଫୋରମ କାର୍ଯ୍ୟକ୍ରମରେ ସମ୍ଭାବ୍ୟ ସାକ୍ଷାତକୁ ନେଇ ଆଲୋଚନା ହୋଇଥିଲା। ଏହି ଚାଟ୍‌ରେ ଡୋନାଲ୍ଡ ଟ୍ରମ୍ପ ଓ ହଲିଉଡ୍ ସହିତ ଜଡ଼ିତ ସନ୍ଦର୍ଭ ମଧ୍ୟ ରହିଛି। ଏହି କଥାବାର୍ତ୍ତାରେ ଏପଷ୍ଟିନ ପ୍ରିୟ ମହିଳାଙ୍କ ବିଷୟରେ ପଚାରିବାରୁ ଅନିଲ ହଲିଉଡ ଅଭିନେତ୍ରୀ ସ୍କାରଲେଟ୍ ଜୋହାନସନଙ୍କ ନାମ ନେଇଥିଲେ। ସେତେବେଳେ ରିଲାଏନ୍ସ ଏଣ୍ଟରଟେନମେଣ୍ଟ ତାଙ୍କ ସିନେମା 'ଘୋଷ ଇନ୍ ଦି ସେଲ' ସହ - ପ୍ରଯୋଜକ ଥିଲା। ଏହି ସମୟରେ ଅନିଲଙ୍କ ସମ୍ପତି ପ୍ରାୟ ୪୨ ବିଲିଅନ ଡଲାର ଆକଳନ କରାଯାଇଥିଲା ଓ ସେ ଫୋର୍ବସର ସବୁଠାରୁ ଧନୀ ତାଲିକାର ଷଷ୍ଠ ସ୍ଥାନରେ ରହିଥିଲେ। ତେବେ ଅନିଲଙ୍କ ପ୍ରତିନିଧି ଏହି ପ୍ରସଙ୍ଗରେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅନିଲଙ୍କୁ ବାଦ୍ ଦେଲେ ଅନେକ ଭାରତୀୟ ଓ ଭାରତୀୟ ବଂଶୋଦ୍ଭବ ସେଲିବ୍ରିଟି ମଧ୍ୟ ଏପଷ୍ଟିନଙ୍କ ସମ୍ପର୍କରେ ଥିଲେ। ସେମାନେ ହେଉଛନ୍ତି ଚଳଚ୍ଚିତ୍ର ନିର୍ଦ୍ଦେଶିକା ତଥା ନିର୍ମାତା ମୀରା ନାୟର, ନିର୍ଦ୍ଦେଶକ ଅନୁରାଗ କାଶ୍ୟପ, ଅଭିନେତ୍ରୀ ନନ୍ଦିତା ଦାସ, ସ୍ୱାସ୍ଥ୍ୟଗୁରୁ ଦୀପକ ଚୋପ୍ରା।

# ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କଲେ ୧୫ ମାଓବାଦୀ

## ଓଡ଼ିଶାର ମାଓବାଦୀ ଆତ୍ମସମର୍ପଣ ପୁନର୍ବାସ ନୀତି ଦେଶରେ ସର୍ବୋତ୍ତମ: ଏଡିଜି



ରାୟଗଡ଼ା, ୭।୨ (ସମିସ): ମାଓ ସଂଗଠନକୁ ପୁଣି ଏକ ଶକ୍ତ ଧକ୍କା ଲାଗିଛି। ବାଶଧାରା-ଘୁମସର-ନାଗାବଳୀ ବାଘୁନା ମାଓ ଡିଭିଜନ୍‌ର ୧୫ଜଣ ସଶସ୍ତ୍ର ମାଓ କ୍ୟାଡର୍ ରାୟଗଡ଼ା ପୁଲିସ ସମ୍ମୁଖରେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ଆଜି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଏନେଇ ଜିଲ୍ଲା ଏସପି ସ୍ୱାତୀ ଏସ୍.କୁମାରଙ୍କ ନେତୃତ୍ୱରେ ମାଓବାଦୀଙ୍କ ଆତ୍ମସମର୍ପଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କ ମଧ୍ୟରେ ଦୁଇଜଣ ରାଜ୍ୟ କମିଟି ମେମ୍ବର, ଜଣେ ଡିଭିଜନାଲ କମିଟି ମେମ୍ବର, ୫ଜଣ ଏରିଆ କମିଟି ମେମ୍ବର ଏବଂ ସାତଜଣ ପାର୍ଟି ମେମ୍ବର ରହିଛନ୍ତି। ସେମାନେ ହେଲେ, ଓଡ଼ିଶା ପୁଲିସ ସ୍କାନରରେ ରହିଥିବା ବାଘୁନା ଡିଭିଜନ୍‌ର କୁଖ୍ୟାତ ମାଓବାଦୀ ନିରଂଜନ ରାଉତ ଓରଫ୍ ନିଖିଲ, ତାଙ୍କ ପତ୍ନୀ ରଶ୍ମିତା ଲେଙ୍କା ଓରଫ୍ ଅଙ୍କିତା, ବିକାଶ, ସୁନ୍ଦର, ପ୍ରଦୀପ, ରୋଶନୀ, ଅରୁଣା, ନନ୍ଦେ, ନିକିତା, କୁମାରୀ, ଦୀପକ, ରାକେଶ, ଲଲିତ, ରାଜେ, ମାଳତୀ ପ୍ରମୁଖ ରହିଛନ୍ତି। ଓଡ଼ିଶା ଆଣ୍ଟି ନକ୍ସଲ ଅପରେସନ୍ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଏଡିଜି ସଂଜୀବ ପଣ୍ଡା ଏହି ସୂଚନା ଦେଇଛନ୍ତି। ସମର୍ପଣ ବେଳେ ସେମାନେ ୨ଟି ଏକେ-୪୭ ରାଇଫଲ୍, ୫ଟି ଏସ୍‌ଏଲ୍‌ଆର୍ ରାଇଫଲ୍, ଗୋଟିଏ ଇନସାସ୍ ରାଇଫଲ୍, ଗୋଟିଏ ଲେଖାଁଏ ଥ୍ରି ନଟ୍ ଥ୍ରି, ଗୋଟିଏ କାରବାଇନ୍, ୩ଟି ଦେଶୀ ବନ୍ଧୁକ, ୫.୫୬ଏମଏମ ଇନସାସ୍ ବଲ୍ ୧୭ ରାଉଣ୍ଡ ଗୁଳି, ଥ୍ରି ନଟ୍ ଥ୍ରି ୪୨ ରାଉଣ୍ଡ ଗୁଳି, ୪ଟି ଏକେ-୪୭ ମାଗାଜିନ୍ ଭଳି ୧୪ଟି ବନ୍ଧୁକ ସହ ଗୁଳି, ମାଗାଜିନ୍ ଅସ୍ତ୍ରଶସ୍ତ୍ର ଏଡିଜିଙ୍କୁ ହସ୍ତାନ୍ତର କରିଥିଲେ। ଆତ୍ମସମର୍ପଣକାରୀଙ୍କୁ ଏଡିଜି ଶ୍ରୀ ପଣ୍ଡା ଫୁଲ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ମାଓ ଦମ୍ପତି ନିରଂଜନ ଓ ରଶ୍ମିତାଙ୍କୁ ବାଦ୍ ଦେଇ ଅନ୍ୟ ୧୩ଜଣ ଯାକ ଛତିଶଗଡ଼ର ବୋଲି ଜଣାଯାଇଛି। ଏମାନଙ୍କ ଉପରେ ୧କୋଟି ୯୮ଲକ୍ଷ ୫୫ହଜାର ଟଙ୍କାର ପୁରସ୍କାର ରାଶି ରହିଥିଲା।

ଏହି ଅବସରରେ ଏଡିଜି ଶ୍ରୀ ପଣ୍ଡା କହିଥିଲେ ଯେ ଓଡ଼ିଶା ସରକାରଙ୍କ ମାଓବାଦୀ ଆତ୍ମସର୍ମପଣ ପୁନର୍ବାସ ନୀତି ସାରା ଭାରତବର୍ଷରେ ସର୍ବୋତ୍ତମ। ଯେଉଁ ମାଓବାଦୀମାନେ ବର୍ତ୍ତମାନ ସୁଦ୍ଧା ଆତ୍ମସର୍ମପଣ କରିନାହାନ୍ତି, ସେମାନେ ହିଂସା ଛାଡ଼ି ଓଡ଼ିଶା ପୁଲିସ ନିକଟରେ ଆତ୍ମସର୍ମପଣ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଇଜି (ଅପରେସନ୍) ଡ. ଦୀପକ କୁମାର, ସିଆରପିଏଫ୍ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା, ଏସଆଇଡବ୍ଲ୍ୟୁ ଡିଆଇଜି ଅଖିଳେଶ୍ୱର ସିଂ, ଏସ୍‌ଡବ୍ଲ୍ୟୁଆର, କୋରାପୁଟ ଡିଆଇଜି ଡ. କନୱର ବିଶାଲ ସିଂ, ରାୟଗଡ଼ା ଏସ୍‌ପି ସ୍ୱାତୀ ଏସ.କୁମାର, କନ୍ଧମାଳ ଏସପି ହରୀଶ ବିସି, କଳାହାଣ୍ଡି ଏସପି ନାଗରାଜ ଦେବରାକୋଣ୍ଡା, ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ରାୟଗଡ଼ା ୪ର୍ଥ ବାଟାଲିୟନ ସିଆରପିଏଫ୍ କମାଣ୍ଡାଣ୍ଟ ଫିରୋଜ କୁଜୁର ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

କୋକସରା, ୭।୨ (ସମିସ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ବିଜୁ ଏକ୍ସପ୍ରେସ୍-ୱେର ବେହେରା ବିଦେଶୀ ମଦ ଦୋକାନ ଛକ ନିକଟରେ ଶନିବାର ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ,ଛତିଶଗଡ଼ ରାଜ୍ୟ ଟିକ୍ରାପଡାର ରମେଶ କାଶ୍ୟପ (୨୯) ଓ ସାବୁନଭାଡିର ଜ୍ୟୋତିଷ କାଶ୍ୟପ (୨୫)। ଏକ ଦ୍ରୁତଗାମୀ ଟ୍ରକ୍ ସେମାନଙ୍କ ଉପରେ ମାଡ଼ି ଯିବାରୁ ଏହି ଅଘଟଣ ଘଟିଛି। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସୂଚନାନୁସାରେ, ରମେଶ ଓ ଜ୍ୟୋତିଷ କୌଣସି କାମରେ ବେହେରା ଗ୍ରାମକୁ ଆସିଥିଲେ। ସେମାନେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ବିଜୁ ଏକ୍ସପ୍ରେସ୍-ୱେରେ ଆମପାଣି ପଟୁ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ରମେଶଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଗୁରୁତର ଜ୍ୟୋତିଷଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଆମ୍ବୁଲାନ୍ସରେ ଧର୍ମଗଡ଼ ମେଡିକାଲକୁ ପଠାଇଥିଲେ। କିନ୍ତୁ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କୋକସରା ଥାନାଧିକାରୀ ସୁଜ୍ଞାନ କୁମାର ବାରିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ରମେଶଙ୍କ ଶବ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣାଯାଇଥିବା ବେଳେ ଜ୍ୟୋତିଷଙ୍କ ଶବ ଧର୍ମଗଡ଼ ମେଡିକାଲରେ ରଖାଯାଇଛି। ସେମାନଙ୍କ ପରିବାରଲୋକ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ଜଣାଯାଇଛି।

# ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ ଅର୍ଥନୈତିକ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଯୋଜନା

- ୮୦ରୁ ଅଧିକ ପ୍ରକଳ୍ପ, ନିଆଯିବ ୩୦ରୁ ଅଧିକ ପଲିସି ଇନିସିଏଟିଭ୍
- ଏବେ ବିସିପିପିଇଆର୍ ଅର୍ଥନୈତିକ ଆକାର ୨୨.୪ ବିଲିଅନ ଡଲାର
- ୨୦୪୭ ମସିହା ସୁଦ୍ଧା ୫୦୦ ବିଲିଅନ୍ ଡଲାରରେ ପହଞ୍ଚିବା ଲକ୍ଷ୍ୟ
- ଭାରତର ଅଭିବୃଦ୍ଧି ଆକାଶରେ ବିସିପିପିଇଆର୍ ଏକ ନୂତନ ତାରକା ଭାବେ ଦୃଶ୍ୟମାନ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୨(ସମିସ): ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ(ବିସିପିପିଇଆର) ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସ୍ୱତନ୍ତ୍ର ଅର୍ଥନୈତିକ ଯୋଜନାର ଶୁଭାରମ୍ଭ କରିଛନ୍ତି। ଲୋକସେବା ଭବନସ୍ଥିତ ସମ୍ମିଳନୀ ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଜନାକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିସିପିପିଇଆର୍ ଅଞ୍ଚଳକୁ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ଏକ କେନ୍ଦ୍ରସ୍ଥଳ ଭାବେ ବିକଶିତ କରାଯିବ। ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏହି ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ଭାରତର ଅଭିବୃଦ୍ଧି ଆକାଶରେ ଏହା ଏକ ନୂତନ ତାରକା ଭାବେ ଦୃଶ୍ୟମାନ ହେବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଅଞ୍ଚଳର ସବୁ ସହରର କିଛି ନା କିଛି ନିଜସ୍ୱ ସାମର୍ଥ୍ୟ, ସ୍ୱତନ୍ତ୍ରତା ରହିଛି। ଓଡ଼ିଶାରେ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଭୁବନେଶ୍ୱର, ବାଣିଜ୍ୟ ପରମ୍ପରାରେ କଟକ, ସାଂସ୍କୃତିକ ଗରିମାରେ ପୁରୀ ଓ ବନ୍ଦର ଭିତ୍ତିକ ବିକାଶରେ ପାରାଦ୍ୱୀପ ସର୍ବାଗ୍ରେ ରହିଛି। ବର୍ତ୍ତମାନ ଆମର ପରିକଳ୍ପନା ହେଉଛି, ଏହି ଅଞ୍ଚଳଗୁଡିକୁ ଆଧୁନିକ ଭିତ୍ତିଭୂମି ସହିତ ଯୋଡ଼ାଯିବ ଏବଂ ପ୍ରତ୍ୟେକ ଅଞ୍ଚଳରେ ବିଭିନ୍ନ ପ୍ରକାର ପ୍ରକଳ୍ପ କରାଯିବ। ମେଟାଲ ଡାଉନ୍‌ଷ୍ଟ୍ରିମ୍, ବାୟୋଟେକ୍, ଟେକ୍ସଟାଇଲ୍, କେମିକାଲ୍‌ସ, ପର୍ଯ୍ୟଟନ, ଶିକ୍ଷା ଓ ଆଇଟି ପରି ୮୦ରୁ ଅଧିକ ପ୍ରକଳ୍ପର ଯୋଜନା କରାଯାଇଛି। ଏହା ସହିତ ୩୦ରୁ ଅଧିକ ପଲିସି ଇନିସିଏଟିଭ୍ ନିଆଯାଇ ଏ ସମଗ୍ର ଅଞ୍ଚଳକୁ ବିକାଶ ଓ ସମୃଦ୍ଧିର ପ୍ରୟୋଗଶାଳା କରାଯିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୨୬-୨୭ ବଜେଟ୍‌ରେ କେନ୍ଦ୍ର ସରକାର ସିଟି ଇକୋନୋମିକ୍ ରିଜିଅନର ପରିକଳ୍ପନା କରିଛନ୍ତି। ଏଥିରେ ବିସିପିପିଇଆର ରିଜିଅନ୍ ମଧ୍ୟ ସ୍ଥାନ ପାଇଛି। ପ୍ରତ୍ୟେକ ସିଇଆର୍‌ର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫ ହଜାର କୋଟି ଟଙ୍କାର ପ୍ରାବଧାନ ରଖାଯାଇଥିବା ଶ୍ରୀ ମାଝୀ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଏହି ଅଞ୍ଚଳର ଅର୍ଥନୀତି ସାରା ଓଡ଼ିଶାର ଅର୍ଥନୀତିର ୧୯ ପ୍ରତିଶତ। ୨୦୨୫ ସୁଦ୍ଧା ଏହି ଅଞ୍ଚଳର ଅର୍ଥନୀତିର ଆକାର ୨୨.୪ ବିଲିଅନ ଡଲାର ଅଛି। ୨୦୪୭ ସୁଦ୍ଧା ଏହାକୁ ୫୦୦ ବିଲିଅନ ଡଲାର କରିବାର ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର



ମୋଦୀଙ୍କ ମାର୍ଗଦର୍ଶନ ଓ କେନ୍ଦ୍ର ସରକାର ତଥା ନୀତି ଆୟୋଗର ସହଯୋଗରେ ରାଜ୍ୟର ଡବଲ ଇଞ୍ଜିନ ସରକାର ଏହି ଅଞ୍ଚଳକୁ ଅର୍ଥନୈତିକ କାୟାକଳ୍ପର ଏକ କେନ୍ଦ୍ରଭାବେ ବିକଶିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ ଆଜିର ଏହି ଯୋଜନା ଓଡ଼ିଶାର ଭବିଷ୍ୟତ ନିର୍ମାଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଓଡିଶାର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଅତ୍ୟନ୍ତ ସହାୟକ ହେବ।

ଏହି ଅର୍ଥନୈତିକ ଯୋଜନାକୁ 'ନିତି' ଆୟୋଗ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ 'ନିତି' ଆୟୋଗର ସଦସ୍ୟ ରାଜୀବ ଗୌବା କହିଥିଲେ ଯେ ବିକଶିତ ଓଡ଼ିଶା ନିର୍ମାଣର ପ୍ରମୁଖ ସ୍ତମ୍ଭ ହେଉଛି ଏହି ବିସିପିପିଇଆର ପ୍ରକଳ୍ପ। ଦେଶର ୨୦ଟି ପ୍ରମୁଖ ସହରର ଉନ୍ନତି ପାଇଁ ପ୍ରସ୍ତାବ ରହିଥିବା ବେଳେ, ପ୍ରଥମ ୫ଟି ମଧ୍ୟରେ ବିସିପିପିଇଆର ସ୍ଥାନିତ ହୋଇଛି। ଏହି ରିଜିଅନର ଅଭିବୃଦ୍ଧି ହେଲେ ଏ ଅଞ୍ଚଳବାସୀଙ୍କର ମଧ୍ୟ ଅଭିବୃଦ୍ଧି ଘଟିବ। ଲୋକମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିବ। ଏହି ଯୋଜନାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ।

'ନିତି' ଆୟୋଗର ସିଇଓ ବି.ଭି.ଆର୍ ସୁବ୍ରମଣ୍ୟମ କହିଥିଲେ ଯେ ୭୦ରୁ ୮୦ ପ୍ରତିଶତ ଜିଡିପି ସହରାଞ୍ଚଳରୁ ଆସିଥାଏ। ୨୦୪୭ ସୁଦ୍ଧା ଆମ ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକଙ୍କୁ ସହରୀକରଣରେ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟ ରହିଛି। ମୁମ୍ବଇ, ସୁରଟ, ବିଶାଖାପଟଣା, ବାରଣାସୀ ପରେ 'ନିତି' ଆୟୋଗର ଏହା ହେଉଛି ପଞ୍ଚମ ଯୋଜନା। ଏହି ଯୋଜନା କେବଳ ଓଡ଼ିଶା ପାଇଁ ନୁହେଁ; ବିକଶିତ ଭାରତ ପାଇଁ ମଧ୍ୟ ସହାୟକ ହେବ ବୋଲି ସେ କହିଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ।

# ଧାନ ଭଳି ଅନ୍ୟ ଫସଲରେ ଇନପୁଟ୍ ସହାୟତା ଦାବି

ଭୁବନେଶ୍ୱର,୭।୨(ସମିସ): ଓଡ଼ିଶା ଧାନ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ ହୋଇସାରିଛି। ତେଣୁ ସରକାର ଧାନ ଚାଷ ବଦଳରେ ଅଣଧାନ ଚାଷ କରିବା ପାଇଁ ଚାଷୀଙ୍କୁ ବାରମ୍ବାର ପରାମର୍ଶ ଦେଉଛନ୍ତି। କିନ୍ତୁ ଅଣଧାନ ଚାଷ କରିବା ପାଇଁ ପାରିପାଶ୍ୱର୍ିକ ପରିବେଶ, ଉତ୍ପାଦନ କ୍ଷେତ୍ରରେ ଆବଶ୍ୟକ ଅର୍ଥ ବିନିଯୋଗ ଓ ଅନିୟମିତ ଜଳବାୟୁ ପରିବର୍ତ୍ତନରେ ଅର୍ଥକରୀ ଫସଲ ଉପରେ ପ୍ରଭାବ ପଡୁଛି। ତେଣୁ ରାଜ୍ୟ ଚାଷୀମାନଙ୍କୁ ଧାନ ଭଳି ଅନ୍ୟ ଫସଲରେ ମଧ୍ୟ ଇନପୁଟ୍ ସହାୟତା ପ୍ରଦାନ କରାଯାଉ ବୋଲି ରାଜ୍ୟ କିଷାନ କଂଗ୍ରେସ ଦାବି କରିଛି। ଦଳ ପକ୍ଷରୁ କୁହାଯାଇଛି ଯେ ଚାଷୀଙ୍କ ଫସଲକୁ ବୁଲା ଗୋରୁଗାଈ ଏବଂ ବନ୍ୟଜନ୍ତୁଙ୍କ ଦାଉରୁ ରକ୍ଷା ପାଇଁ ଆବଶ୍ୟକୀୟ ଅତ୍ୟାଧୁନୀକ ବୈଜ୍ଞାନିକ ଜ୍ଞାନକୌଶଳ ଦେବାରେ ସରକାରଙ୍କ ପକ୍ଷରୁ ସେପରି ଯୋଜନା ଓ ଭିତ୍ତିଭୂମି କରାଯାଇ ନାହିଁ। ଫଳରେ ଚାଷୀ ଅଣଧାନ ଚାଷ ଉପରେ ଗୁରୁତ୍ୱ ଦେଉନାହାନ୍ତି। ରାଜ୍ୟ ସରକାର ଧାନ କିଣାରେ କ୍ୱିଣ୍ଟାଲ ପ୍ରତି ଚାଷୀଙ୍କୁ ଯେପରି ଏମଏସପି ଉପରେ ୮୦୦ଟଙ୍କା ଇନପୁଟ୍ ସହାୟତା ରାଶି ଦେଉଛନ୍ତି ସେହିପରି ଅନ୍ୟ ଫସଲ ଯଥା- ମକା, କପା, ଚିନାବାଦାମ, ମୁଗ ବିରି, କୋଳଥ, ମାଣ୍ଡିଆ, ବାଜରା, ଆଳୁ, ହଳଦୀ, ଅଦା, ପୋଟଳ ପ୍ରଭୃତି ଅଧିକ ଅମଳକ୍ଷମ ଫସଲ କ୍ରୟ ସମୟରେ କ୍ୱିଣ୍ଟାଲ ପ୍ରତି ଚାଷୀଙ୍କୁ ନିର୍ଦ୍ଧାରିତ ସହାୟତା ରାଶି ଓ କ୍ଷେତରେ ଥିବା ଫସଲକୁ ବନ୍ୟଜନ୍ତୁ ଓ ପଶୁ ପକ୍ଷୀଙ୍କ ଦାଉରୁ ସୁରକ୍ଷିତ କରିବା ପାଇଁ ବିକଳ୍ପ ବ୍ୟବସ୍ଥା ଓ ସ୍ୱତନ୍ତ୍ର ଯୋଜନା କଲେ ଏଥିରେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ଏଥିସହ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏହି ସମ୍ପର୍କରେ କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ଦେଇଥିବା ପ୍ରକାଶ।

# ମହାନଦୀ ଉପରେ ମନ୍ତବ୍ୟ ଦେବା ପରିବର୍ତ୍ତେ ଆନ୍ତରିକତା ଓ ପ୍ରତିବଦ୍ଧତା ଦେଖାନ୍ତୁ ଆଡଭୋକେଟ ଜେନେରାଲ: ବିଜେଡି

ଭୁବନେଶ୍ୱର,୭।୨(ସମିସ): ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ମହାନଦୀ ଜଳ ବିବାଦ ମାମଲାର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ କହିଥିଲେ। ମାତ୍ର ଏଯାବତ୍ ଏଥିରେ କୌଣସି ସୁଫଳ ମିଳିପାରିଲା ନାହିଁ। ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ହିଁ ଏକମାତ୍ର ରାସ୍ତା। ଓଡ଼ିଶାର ପକ୍ଷ ରଖିବା ପାଇଁ ଆଡଭୋକେଟ ଜେନେରାଲ ଆନ୍ତରିକତା ଓ ପ୍ରତିବଦ୍ଧତା ଦେଖାଇବା ଆବଶ୍ୟକ ବୋଲି ବିଜେଡି କହିଛି।

ବିଜେଡି ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ଆଜି ଜଳ ବିବାଦ ଟ୍ରିବ୍ୟୁନାଲରେ ହୋଇଥିବା ଶୁଣାଣିରେ ଆଡଭୋକେଟ ଜେନେରାଲଙ୍କ ଅନୁପସ୍ଥିତିକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରଶ୍ନ ଉଠାଇଥିଲେ। ଏହାର ଜବାବରେ ଆଡଭୋକେଟ ଜେନେରାଲ ଅତ୍ୟନ୍ତ ଖାମଖିଆଲ ଭାବେ କିଛି ମନ୍ତବ୍ୟ ଦେଇଥିଲେ। ତେଣୁ ଲଘୁ ମନ୍ତବ୍ୟ ଦେବାରୁ କ୍ଷାନ୍ତ ରହି ଆଡଭୋକେଟ ଜେନେରାଲ ମହାନଦୀ ଭଳି ସ୍ପର୍ଶକାତର ପ୍ରସଙ୍ଗରେ ନିଜର ଆନ୍ତରିକତା ଓ ପ୍ରତିବଦ୍ଧତା ପ୍ରଦର୍ଶନ କରନ୍ତୁ ବୋଲି ଡ. ମହାନ୍ତି ଦାବି କରିଛନ୍ତି।

## କମ୍ପ୍ୟୁଟର୍ ସାର୍ଟିଫିକେଟ୍ ବୈଧତା

# କମ୍ପାନୀ ପ୍ରେମରେ ସରକାର; ଦ୍ୱନ୍ଦ୍ୱରେ ଛାତ୍ରଛାତ୍ରୀ

- ଘରୋଇ କମ୍ପାନୀକୁ ଅହେତୁକ ଅନୁକମ୍ପା ଅଭିଯୋଗ
- ପ୍ରମାଣପତ୍ର ନୁହେଁ; ଦକ୍ଷତାକୁ ଗୁରୁତ୍ୱ ଦିଆଯାଉ

ଭୁବନେଶ୍ୱର, ୭।୨(ସମିସ): ଘରୋଇ କମ୍ପାନୀ ପ୍ରେମରେ ରାଜ୍ୟ ସରକାର। କମ୍ପ୍ୟୁଟର୍ ଶିକ୍ଷା ପାଇଁ ଘରୋଇ କମ୍ପାନୀକୁ ଅହେତୁକ ଅନୁକମ୍ପା ପ୍ରଦାନ କରାଯାଉଥିବାରୁ ଛାତ୍ରଛାତ୍ରୀମାନେ ଅକଳରେ ପଡ଼ିଛନ୍ତି। ରାଜ୍ୟରେ ଅନେକ କମ୍ପ୍ୟୁଟର୍ ଶିକ୍ଷାନୁଷ୍ଠାନ ରହିଥିବା ବେଳେ ସରକାରୀ ଚାକିରି ପାଇଁ ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ (ଓକେସିଏଲ୍) ଅନୁମୋଦିତ ଶିକ୍ଷାନୁଷ୍ଠାନର ପ୍ରମାଣପତ୍ର ଆବଶ୍ୟକ ବୋଲି ସରକାର କହିଛନ୍ତି। ଗତ ୨୭ ତାରିଖରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ପକ୍ଷରୁ ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ, ରାଜସ୍ୱ ବିଭାଗ ସଚିବ, ସମସ୍ତ ଜିଲ୍ଲାପାଳ, ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ସମେତ ଓଏସ୍‌ଏସ୍‌ସି ଓ ଓଏସ୍‌ଏସ୍‌ଏସ୍‌ସିକୁ ମଧ୍ୟ ଏନେଇ ଅବଗତ କରାଯାଇଛି। ଫଳରେ ରାଜ୍ୟର ଲକ୍ଷ ଲକ୍ଷ କମ୍ପ୍ୟୁଟର ପ୍ରଶିକ୍ଷଣ ନେଇଥିବା ଛାତ୍ରଛାତ୍ରୀମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

ରାଜ୍ୟରେ ଅନେକ କମ୍ପ୍ୟୁଟର୍ ପ୍ରଶିକ୍ଷଣ ପାଇଁ ଶିକ୍ଷାନୁଷ୍ଠାନ ଖୋଲିଛି। ନିୟମ ଅନୁଯାୟୀ ସେମାନେ ସୋସାଇଟି ଆକ୍ଟ ଓ ଏମ୍‌ଏସ୍‌ଏମ୍‌ଇ ପଞ୍ଜିକରଣ କରି ଶିକ୍ଷାନୁଷ୍ଠାନ ଚଳାଉଛନ୍ତି। ରାଜ୍ୟର ସିଂହଭାଗ କମ୍ପ୍ୟୁଟର ସେଣ୍ଟର ଦୀର୍ଘ ବର୍ଷରୁ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଅନୁରୂପ ଭାବେ ଓକେସିଏଲ୍ କମ୍ପାନୀ ମଧ୍ୟ ରାଜ୍ୟରେ କମ୍ପ୍ୟୁଟର ପ୍ରଶିକ୍ଷଣ ପ୍ରଦାନ କରୁଛି। ଅର୍ଥାତ୍ ଏହି କମ୍ପାନୀଠାରୁ ଅନୁମୋଦନ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ହେଲେ ସରକାର କେବଳ ଘରୋଇ କମ୍ପାନୀ ଅନୁମୋଦିତ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରର ସାର୍ଟିଫିକେଟ୍‌କୁ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟରେ ଲକ୍ଷଲକ୍ଷ ଯୁବକ ଯୁବତୀ ସୋସାଇଟି ଆକ୍ଟରେ ପଞ୍ଜିକୃତ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ରରୁ ପ୍ରଶିକ୍ଷିତ ହୋଇଛନ୍ତି। ଅନେକ ଛାତ୍ରଛାତ୍ରୀ ଏବେ ମଧ୍ୟ ପ୍ରଶିକ୍ଷଣ ନେଉଛନ୍ତି। ମାତ୍ର, ଓକେସିଏଲ୍ ଅନୁମୋଦିତ କମ୍ପ୍ୟୁଟର ସାର୍ଟିଫିକେଟ୍‌କୁ ସରକାର ବାଧ୍ୟତାମୂଳକ କଲେ ଏମାନଙ୍କ ଭବିଷ୍ୟତ କ'ଣ ହେବ ବୋଲି ପ୍ରଶ୍ନ ଉଠିଛି। ବାଧ୍ୟ ହୋଇ ସମସ୍ତେ ପୁନଃ କମ୍ପ୍ୟୁଟର୍ ପ୍ରଶିକ୍ଷଣ ପାଇଁ ବାଧ୍ୟ ହେବେ ଓ ଏହାର ଫାଇଦା ନେଇ କମ୍ପାନୀ ବ୍ୟାପକ ଫି' ନେବାର ଆଶଙ୍କା ରହିଛି। ଫଳରେ, ରାଜ୍ୟର ଯୁବକ ଯୁବତୀମାନେ ଆର୍ଥିକ ଶୋଷଣର ଶିକାର ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅପରପକ୍ଷେ, ଏକ ଘରୋଇ କମ୍ପାନୀର ଅନୁମୋଦନ କାହିଁକି ବାଧ୍ୟତାମୂଳକ କରାଯିବ ବା ଅଗ୍ରାଧିକାର ଦିଆଯିବ ବୋଲି ମଧ୍ୟ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ସେହିପରି ପ୍ରମାଣପତ୍ର ନୁହେଁ, ଦକ୍ଷତାକୁ ଗୁରୁତ୍ୱ ଦିଆଯାଉ ବୋଲି ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି।

## ଭୟ ବଢ଼ାଇଲା ରିପୋର୍ଟ

# ଶିମିଳିପାଳର ୪୧ ପ୍ରତିଶତ ବହ୍ନିପ୍ରବଣ

- ମାର୍ଚ୍ଚ-ଏପ୍ରିଲ୍ ସବୁଠୁ ଅଧିକ ସମ୍ବେଦନଶୀଳ
- ବଫର୍ ଜୋନ୍‌ରେ ବଢୁଛି ମନୁଷ୍ୟକୃତ ଅଗ୍ନିକାଣ୍ଡ
- ବର୍ଷା ଅଭାବ ଓ ତାପମାତ୍ରା ବୃଦ୍ଧି ବଢ଼ାଇଲା ଚିନ୍ତା

ବାରିପଦା, ୭।୨ (ସମିସ): ଫେବୃଆରୀ ଆରମ୍ଭରୁ ଦିନର ସର୍ବୋଚ୍ଚ ତାପମାତ୍ରା ଯଥେଷ୍ଟ ବୃଦ୍ଧି ପାଇଛି। ଗୋଟିଏପଟେ, ଦୀର୍ଘ ଦିନ ଧରି ବର୍ଷା ନ ହେବା ଏବଂ ଦିନର ତାପମାତ୍ରା ସ୍ୱାଭାବିକ ତୁଳନାରେ ୨-୪ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହିବା ବନାଗ୍ନି ପାଇଁ ସତର୍କ ଘଣ୍ଟି। ଏହି ସ୍ଥିତି ଆଗକୁ ଆହୁରି ବଢ଼ିବାକୁ ଥିବାରୁ ଶିମିଳିପାଳରେ ଜଙ୍ଗଲ ନିଆଁକୁ ନେଇ ଭୟ ଆରମ୍ଭ ହୋଇଯାଇଛି। ଜଙ୍ଗଲ ନିଆଁ ଦୃଷ୍ଟିରୁ ରାଜ୍ୟର ସବୁଠୁ ସମ୍ବେଦନଶୀଳ ଭାବେ ପରିଚିତ ଶିମିଳିପାଳ ଜୈବମଣ୍ଡଳକୁ ନେଇ ପ୍ରକାଶ ପାଇଥିବା ଏକ ରିପୋର୍ଟ ଏହି ଭୟକୁ ଦ୍ୱିଗୁଣିତ କରିଛି।

ପ୍ରକାଶିତ ରିପୋର୍ଟରେ, ଶିମିଳିପାଳ ଜଙ୍ଗଲରେ ପାଖାପାଖି ୪୧ପ୍ରତିଶତ ଅଞ୍ଚଳ ବନାଗ୍ନିପ୍ରବଣ ବୋଲି କୁହାଯାଇଛି। ବନ ବିଭାଗ ପାଇଁ ଏହା ବଡ଼ ଆହ୍ୱାନ ସୃଷ୍ଟି କରିଛି। ପରିବେଶ ବିଜ୍ଞାନ ଓ ପ୍ରଦୂଷଣ ଗବେଷଣା ପତ୍ରିକା ପ୍ରକାଶିତ ରିପୋର୍ଟରେ ୨୦୧୨-୨୦୨୩ ମଧ୍ୟରେ ଶିମିଳିପାଳର ତଥ୍ୟକୁ ଅନୁଧ୍ୟାନ କରାଯାଇଛି। ଜଙ୍ଗଲ ମଧ୍ୟରେ ୨୩.୦୮ ପ୍ରତିଶତ ଅଞ୍ଚଳ ସମ୍ବେଦନଶୀଳ ଶ୍ରେଣୀରେ ଆସୁଥିବା ବେଳେ



୧୬.୧୯ ପ୍ରତିଶତ ଅଞ୍ଚଳ ମଧ୍ୟମ ସମ୍ବେଦନଶୀଳ ଓ ୧୮.୨୩ ପ୍ରତିଶତ ଅଞ୍ଚଳ ଅତିସମ୍ବେଦନଶୀଳ ଅଞ୍ଚଳ ରହିଛି। ତେବେ ଏଥିରେ ଅତି କମ୍ ଓ ନିମ୍ନ ସମ୍ବେଦନଶୀଳ ଶ୍ରେଣୀରେ ୪୨.୫ ପ୍ରତିଶତ କ୍ଷେତ୍ର ଆସୁଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଅନ୍ୟପକ୍ଷରେ, ୨୦୨୧ରେ ଶିମିଳିପାଳରେ ହୋଇଥିବା ବନାଗ୍ନିକୁ ସବୁଠୁ ସମ୍ବେଦନଶୀଳ ବର୍ଷ ଭାବେ ଗଣନା କରାଯାଇଥିବା ବେଳେ ଶିମିଳିପାଳରେ ମୁଖ୍ୟତଃ ମାର୍ଚ୍ଚ ଓ ଏପ୍ରିଲ୍‌ରେ ୯୪.୭୨ ପ୍ରତିଶତ ଅଗ୍ନିକାଣ୍ଡ ଘଟିଛି। ମାର୍ଚ୍ଚରେ ୭୩.୪୨ ପ୍ରତିଶତ ଅଗ୍ନିକାଣ୍ଡ ଘଟିଥିବା ବେଳେ ବଫର୍ ଜୋନ୍‌ରେ ସର୍ବାଧିକ ଅଘଟଣ ଘଟୁଥିବା ରିପୋର୍ଟରେ କୁହାଯାଇଛି। ଏଥିପାଇଁ ମନୁଷ୍ୟକୃତ କାରଣକୁ ଦାୟୀ କରାଯାଇଛି।

ସାଧାରଣତଃ ମାର୍ଚ୍ଚ-ମେ' ମଧ୍ୟରେ ରାଜ୍ୟରେ ରହୁଥିବା ଜଳବାୟୁ ପରିସ୍ଥିତି ଜଙ୍ଗଲ ନିଆଁ ବ୍ୟାପିବା ପାଇଁ ସୁହାଇଥାଏ। ଏଥିସହ ପ୍ରାକ୍-ମୌସୁମୀ ଋତୁରେ ଗଛରୁ ଝଡୁଥିବା ଶୁଷ୍କପତ୍ର ମଧ୍ୟ ନିଆଁ ବ୍ୟାପିବାରେ ସହାୟକ ହୋଇଥାଏ। ବଜ୍ରପାତ ଭଳି ପ୍ରାକୃତିକ କାରଣ ମଧ୍ୟ ଅଗ୍ନିକାଣ୍ଡ ଘଟାଇଥାଏ।

ପ୍ରକାଶିତ ଜର୍ଣ୍ଣାଲର ଲେଖକ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟ ପ୍ରଫେସର୍ ମନୋରଞ୍ଜନ ମିଶ୍ର କହିଛନ୍ତି, ଶିମିଳିପାଳରେ ନିରନ୍ତର ଭାବେ ଘଟୁଥିବା ଅଗ୍ନିକାଣ୍ଡ ଜୈବ ବିବିଧତା ପାଇଁ ଆହ୍ୱାନ ପାଲଟିଛି। ଏହି ଘଟଣା ସାମାଜିକ-ଆର୍ଥିକ ପରିସ୍ଥିତି ଉପରେ ମଧ୍ୟ ପ୍ରଭାବ ପକାଇଛି। ଏହାର ନିରାକରଣ ପାଇଁ ପର୍ଯ୍ୟାପ୍ତ ପଦକ୍ଷେପର ଅଭାବ ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଗତ ଦଶନ୍ଧିରେ, ବଫର୍ ଜୋନ୍‌ରେ ସର୍ବାଧିକ ଅଗ୍ନିକାଣ୍ଡ ଘଟିଛି। ଗତ ୧୨ ବର୍ଷ ମଧ୍ୟରେ ମାନବୀୟ କାରଣ ଯୋଗୁଁ ମୋଟ ୯,୨୮୫ଟି ଅଗ୍ନିକାଣ୍ଡ ଘଟିଥିବା ସେ ଉଲ୍ଲେଖ କରିଛନ୍ତି।

୨୦୨୧ରେ ଶିମିଳିପାଳରେ ଜଙ୍ଗଲ ନିଆଁ ଘଟଣା ସାରା ଦେଶରେ ଚର୍ଚ୍ଚା ସୃଷ୍ଟି କରିଥିଲା। ପରେ ଏହାର ନିରାକରଣ ପାଇଁ ଗୋଷ୍ଠୀ ସହଭାଗିତାକୁ ଗୁରୁତ୍ୱ ଦେଇଥିଲେ। ସ୍ଥାନୀୟ ଲୋକଙ୍କୁ ସଚେତନ କରାଯିବା ସହ ସେମାନଙ୍କୁ ବନାଗ୍ନି ନିୟନ୍ତ୍ରଣରେ ନିୟୋଜିତ କରିଥିଲେ। ଏହାସହ ଗ୍ରୀଷ୍ମଋତୁ ପୂର୍ବରୁ ଜଙ୍ଗଲରେ କିପରି ବ୍ୟାପକ ଫାୟାର ଲାଇନ୍ କରାଯିବ, ତା' ଉପରେ ଗୁରୁତ୍ୱ ଦିଆଯାଇଥିଲା। ମୁଖ୍ୟ ଶାସନ ସଚିବ ଏ ସମ୍ପର୍କରେ ଏକାଧିକ ବୈଠକ କରିବା ସହ ବନାଗ୍ନି ସମୟରେ ଓଡ୍ରାଫ୍ ଯବାନଙ୍କୁ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ ବନାଗ୍ନି ନିୟନ୍ତ୍ରଣ ପାଇଁ ଶିମିଳିପାଳରେ ବ୍ୟାପକ ଏଆଇ କ୍ୟାମେରା ସାଙ୍ଗକୁ ନିଆଁ ସ୍ପଟରେ ବନ କର୍ମଚାରୀଙ୍କୁ ପହଞ୍ଚାଇବା ପାଇଁ ଅତ୍ୟାଧୁନିକ ମୋଟର ଗାଡ଼ି ଶିମିଳିପାଳକୁ ଯୋଗାଇ ଦିଆଯାଇଛି। ବର୍ତ୍ତମାନ ଶିମିଳିପାଳ କର୍ତ୍ତୃପକ୍ଷ ବନାଞ୍ଚଳ ଆଖପାଖ ଗାଁରେ ସଚେତନତା ଆରମ୍ଭ କରିଥିବା ବେଳେ ଫାୟାର ଲାଇନ୍ କାଟିବାକୁ ମଧ୍ୟ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ବାରିପଦା ସର୍କଲ୍ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟ ପକ୍ଷରୁ ଏକ ଯୋଜନା ପ୍ରସ୍ତୁତ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟ ସମେତ ୭ଟି ବନ ଉପଖଣ୍ଡରେ ୭,୭୦୦ କିଲୋମିଟରରୁ ଅଧିକ ଫାୟାର ଲାଇନ୍ (ଅଗ୍ନିରୋଧ ରେଖା) ନିର୍ମାଣ କରାଯିବ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ୭୦ଟି ଫାୟାର ସ୍କ୍ୱାଡ୍ ଗଠନ କରାଯାଇଛି। ସେଥିରେ ୫୬୫ଜଣ କର୍ମଚାରୀ ନିୟୋଜିତ ହେବେ। ଏହାସହ ବନକଲ୍ୟାଣ ସମିତି ଓ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ସାମିଲ ହେବେ। ସେମାନଙ୍କ ପାଇଁ ଅତି କମ୍‌ରେ ୬୫ଟି ଯାନ ଓ ପ୍ରାୟ ୧,୦୦୦ଟି ଫାୟାର ବ୍ଲୋୟର୍ ମେସିନ୍ ଓ ଏଆଇ କ୍ୟାମେରା ବ୍ୟବହାର କରାଯିବ। ଏହାବ୍ୟତୀତ, ବିଭିନ୍ନ ବିଭାଗକୁ ନିର୍ଦ୍ଦିଷ୍ଟ ସଂଖ୍ୟକ ଫାୟାର ବ୍ଲୋୟର୍ ବଣ୍ଟନ କରାଯାଇଛି।

## କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ମାମଲା

# ମୁଖ୍ୟମନ୍ତ୍ରୀଙ୍କ ନାକ କାଟିଦେଲା କମିଶନରେଟ୍ ପୁଲିସ!

- ପୁଲିସ ଭରସାରେ ନିରପେକ୍ଷ ତଦନ୍ତ ପାଇଁ ନିରଞ୍ଜନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମୋହନ
- ଅଭିଯୁକ୍ତ 'ସ୍ପାଇଡର୍' ନିର୍ଦ୍ଦୋଷରେ ଖଲାସ

ଭୁବନେଶ୍ୱର, ୭।୨ (ସମିସ): ମୁଖ୍ୟମନ୍ତ୍ରୀଙ୍କ ନାକ କାଟିଦେଲା କମିଶନରେଟ୍ ପୁଲିସ। ଯେଉଁ ପୁଲିସକୁ ଭରସା କରି ମୁଖ୍ୟମନ୍ତ୍ରୀ ସର୍ବସାଧାରଣରେ ପ୍ରତିଶ୍ରୁତି ଦେଇଥିଲେ, ତାହା ଧୂଆଁବାଣ ହୋଇଯାଇଛି। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ମାମଲାରେ କମିଶନରେଟ୍ ପୁଲିସ ଉଭୟ ଶ୍ରୀ ପଟ୍ଟନାୟକ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ନିରାଶ କରିଛି। ଏହି ଚୋରି ମାମଲାରେ କମିଶନରେଟ୍ ପୁଲିସ ଗିରଫ କରିଥିବା ଅଭିଯୁକ୍ତ ସ୍ପାଇଡର୍ ସତୀଶକୁ କୋର୍ଟ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ସୂଚନାନୁଯାୟୀ, ଗତବର୍ଷ ଜାନୁଆରୀ ୨୬ ରାତିରେ କଂଗ୍ରେସ ନେତା ଶ୍ରୀ ପଟ୍ଟନାୟକଙ୍କ ଘରୁ ଚୋରି ହୋଇଥିଲା। ଏହାକୁ ନେଇ ରାଜ୍ୟ ତଥା ରାଜଧାନୀର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ପ୍ରଶ୍ନ ଉଠିଥିଲା। ସେତେବେଳେ ଏହି ମାମଲାକୁ ଗୁରୁତ୍ୱର ସହ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ଭୁଲି ବରିଷ୍ଠ ରାଜନେତା ନିରଞ୍ଜନ ପଟ୍ଟନାୟକଙ୍କୁ ଫୋନ୍ କରି ଆଶ୍ୱାସନା ଦେଇଥିଲେ। ଭରସା ଦେଇ କହିଥିଲେ ଯେ ପୁଲିସର ତଦନ୍ତ ନିରପେକ୍ଷ ହେବ। ଦୋଷୀକୁ ଖୁବ୍‌ଶୀଘ୍ର ଦଣ୍ଡ ମିଳିବ। ଏପରିକି, କମିଶନରେଟ୍ ପୁଲିସ ଉପରେ ଭରସା କରି ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ସାମ୍ନାରେ ବି ଏକଥା କହି ଦେଇଥିଲେ। ଖାଲି ସେତିକି ନୁହେଁ, ମୁଖ୍ୟମନ୍ତ୍ରୀ ପୁଲିସ ଡିଜି ଓ ଟ୍ୱିନ୍ ସିଟି କମିସନରଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ। ପୁଲିସକୁ ଶୀଘ୍ର ଏବଂ ନିରପେକ୍ଷ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଭୁବନେଶ୍ୱର ଡିସିପି ନିରଞ୍ଜନଙ୍କ ନୂଆପଲ୍ଲୀସ୍ଥିତ ଘରକୁ ଧାଇଁଥିଲେ। ପରେ ତଦନ୍ତକୁ ପୁଲିସ ଜୋରଦାର୍ କରିଥିଲା। ସେ ସମୟରେ, ତଦନ୍ତ କେତେ ଦୂର ଆଗେଇଲା, ମୁଖ୍ୟମନ୍ତ୍ରୀ ବାରମ୍ବାର ସେମାନଙ୍କୁ ପଚାରି ବୁଝୁଥିଲେ। ଏହି ଘଟଣାରେ ତଦନ୍ତ କରି ପୁଲିସ ଆନ୍ଧ୍ରପ୍ରଦେଶରୁ ସ୍ପାଇଡର୍ ସତୀଶ ନାମକ ଜଣେ ଯୁବକଙ୍କୁ ଗିରଫ କରିଥିଲା।

ସେତେବେଳେ ପୁଲିସ ସାମ୍ବାଦିକ ସମ୍ମିଳନୀ ଡାକି ନିଜର ଗୁଣଗାନ କରିଥିଲା। ସ୍ପାଇଡରକୁ ଗିରଫ କରିବା ପାଇଁ ୪ଶହରୁ ଊର୍ଦ୍ଧ୍ୱ ସିସି କ୍ୟାମେରାକୁ ଯାଞ୍ଚ କରାଯାଇଛି। ରାଜ୍ୟ ତଥା ରାଜ୍ୟ ବାହାରର ପ୍ରାୟ ୫୦ରୁ ଊର୍ଦ୍ଧ୍ୱରୁ ହାଇକୋର୍ଡ ଅପରାଧୀଙ୍କ ରେକର୍ଡ ଯାଞ୍ଚ କରାଯାଇଛି। ସ୍ପାଇଡରକୁ ଧରିବା ପରେ କଡ଼ା ସୁରକ୍ଷାବଳୟ ମଧ୍ୟରେ ଥିବା ନିରଞ୍ଜନଙ୍କ ଘରୁ ସେ କିପରି ଚୋରି କରିଥିଲା, ତାହାର ସିନ୍ ରିକ୍ରିଏସନ ମଧ୍ୟ କରାଇଥିଲା। ପୁଲିସ ପ୍ରତ୍ୟେକ ଦିନ ନୂଆନୂଆ ତଥ୍ୟ ଗଣମାଧ୍ୟମକୁ ଦେଇଥିଲା। ସ୍ପାଇଡର୍ ବିନା କୌଣସି ସାହାରାରେ କାନ୍ଥରେ ଚଢ଼ିବାକୁ ସକ୍ଷମ। ସର୍ଟର ଝରକାକୁ ଅତି ସହଜରେ ଖୋଲି ଘରେ ପଶି କଳାକନା ବୁଲାଇବାରେ ବେଶ ଧୂରନ୍ଧର ହୋଇଥିବାରୁ ଏହି ତରିକାରେ ସେ ନିରଞ୍ଜନଙ୍କ ଘରୁ ଚୋରି କରିଥିବା ପୁଲିସ କହିଥିଲା। ହେଲେ ମାତ୍ର ଏକ ବର୍ଷ ଭିତରେ ପୁଲିସର ସବୁ ଯୁକ୍ତି, ତଥ୍ୟ କୋର୍ଟରେ ଧୂଆଁବାଣ ହୋଇଗଲା। ହେଲେ, ଆବଶ୍ୟକ ପ୍ରମାଣ ଅଭାବ, ଦିଶାହୀନ ତଦନ୍ତ ଏବଂ ଉପଯୁକ୍ତ ସାକ୍ଷ୍ୟ ସଂଗ୍ରହରେ ବ୍ୟତିକ୍ରମ ଯୋଗୁଁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୩ କୋର୍ଟର ବିଚାରପତି ସ୍ପାଇଡର୍ ସତୀଶକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ଏଥିରୁ ସ୍ପଷ୍ଟ ହୋଇଛି, ଭୁବନେଶ୍ୱର ପୁଲିସ ପ୍ରକୃତ ଅଭିଯୁକ୍ତ ପାଖରେ ପହଞ୍ଚିପାରିନାହିଁ। ଯଦି ସ୍ପାଇଡର୍ ଚୋରି କରି ନଥିଲେ, ତେବେ ଚୋରି କିଏ କରିଥିଲା, ତାହା ଏବେ ବି ଅସ୍ପଷ୍ଟ ରହିଛି। ଚୋରକୁ ଧରି ନେଇଛୁ ବୋଲି ପୁଲିସ ଯେଉଁ ବାହାଦୁରି ମାରୁଥିଲା, ତାହାକୁ ଆଡ଼େଇଗଲା ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।

# ତ୍ରିକୋଣୀୟ ପ୍ରେମକୁ ନେଇ ଛାତ୍ରଙ୍କୁ ଆକ୍ରମଣ

ଜୟପୁର,୭ ।୨(ସମିସ):

ତ୍ରିକୋଣୀୟ ପ୍ରେମକୁ ନେଇ ଜୟପୁର ସହରର ଜଣେ ଛାତ୍ରଙ୍କୁ ଆକ୍ରମଣ ହୋଇଛି । ଏନେଇ ଶନିବାର ଟାଉନଥାନା ପୁଲିସ ସ୍ପଷ୍ଟ କରିଛି । ଜୟପୁର ସହରରେ ଗତ

## ନାବାଳକ ସୁଧାରଗୃହକୁ ଗଲେ

ଗୁରବାର ଅପରାହ୍ନ ସାଢେ ୪ ଟା ସମୟରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରଙ୍କୁ ଅପହରଣ କରାଯାଇଥିବା ନେଇ ଉକ୍ତ ପୀଡିତ ଛାତ୍ର ଅଭିଯୋଗ କରିଥିଲେ । କିନ୍ତୁ ପୁଲିସ ତଦନ୍ତ ବେଳେ କୌଣସି ଅପହରଣ ଉଦ୍ୟମ ନଥିବା ଜଣାପଡିବା ସହ ପ୍ରେମ ଜନିତ ବିବାଦରୁ ଛାତ୍ରଙ୍କୁ ଆକ୍ରମଣ ହୋଇଥିବା ପୁଲିସ ସ୍ପଷ୍ଟ ହୋଇଥିଲା । ଛାତ୍ରୀଙ୍କୁ ଉଭୟ ଛାତ୍ର ପ୍ରେମ କରୁଥିବାରୁ ବିବାଦ ଉପଜିଥିଲା । ପରେ ଅଭିଯୁକ୍ତ ଛାତ୍ର ପୀଡିତଙ୍କୁ ହତ୍ୟା ଉଦ୍ୟମ ରଖି ମରଣାନ୍ତକ ଆକ୍ରମଣ କରିଥିବା ଟାଉନଥାନା ପୁଲିସ ସ୍ପଷ୍ଟ କରିଛି । ଅଭିଯୋଗକାରୀ ତଥା ଆକ୍ରମଣର ଶିକାର ହୋଇଥିବା ଛାତ୍ର ଜଣକ ହେଲେ ଯୁକ୍ତ ୩ ବାଣିଜ୍ୟ ବିଭାଗର ୨ୟ ବର୍ଷର ଛାତ୍ର ମୌକିତ ଆଚାର୍ଯ୍ୟ । ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଜଣେ ଯୁକ୍ତ ୩ ପ୍ରଥମବର୍ଷର ନାବାଳକ ଛାତ୍ରଙ୍କୁ ପୁଲିସ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରି ମାଲକାନଗିରି ସ୍ଥିତ ସୁଧାରଗୃହକୁ ପଠାଯାଇଛି । ଅଭିଯୋଗକାରୀ ଛାତ୍ରଙ୍କୁ ଅପରହଣ ଯୋଜନାକୁ ପୁଲିସ ଅସ୍ୱିକାର କରି କହିଛି, ଅଭିଯୋଗକାରୀ ଛାତ୍ର ଜଣେ ଛାତ୍ରୀଙ୍କୁ ପ୍ରେମ କରୁଥିଲେ । ନାବାଳକ ଛାତ୍ର ମଧ୍ୟ ଉକ୍ତ ଛାତ୍ରୀଙ୍କୁ ପ୍ରେମ କରୁଥିଲେ । ଏନେଇ ଗତ ଦୁଇଦିନ ପୂର୍ବରୁ ଉଭୟ ଛାତ୍ରଙ୍କ ମଧ୍ୟରେ ସାମାନ୍ୟ ବିବାଦ ଦେଖାଦେଇଥିଲା । ଅଭିଯୋଗକାରୀ ଛାତ୍ରଙ୍କୁ ଏହି ପ୍ରେମ ଘଟଣାକୁ ନେଇ ଆଲୋଚନା କରିବାକୁ କେନାଲ ନିକଟକୁ ନାବାଳାକ ଛାତ୍ର ତାଙ୍କ ବାଇକରେ ବସି ନେଇଥିଲେ । କିନ୍ତୁ ସେଠାରେ ପୂର୍ବରୁ କିଛି ଯୁବକ ଉପସ୍ଥିତ ରହିଥିବା ଦେଖି ପୀଡିତ ଛାତ୍ରଙ୍କ ସନ୍ଦେହ ହେବାରୁ ବାଇକ ବୁଲାଇ ପୁଣି ଫେରିଆସୁଥିବା ବେଳେ ପଛପଟେ ବସିଥିବା ନାବାଳକ ଛାତ୍ର ତାଙ୍କ ବେକକୁ ଜୋରରେ ଚାପି ଧରିବାରୁ ବାଇକ ସ୍ଥାନୀୟ ପାରାବେଢା ଏକ କଲ୍ୟାଣ ମଣ୍ଡପ ସମ୍ମୁଖରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଉଭୟ ଛାତ୍ର ଗାଡିରୁ ପଡିଯାଇଥିଲେ । ପରେ ପୀଡିତ ଛାତ୍ରଙ୍କୁ ମାଡ ବାଜିଥିଲା । ନାବାଳକ ଛାତ୍ର ଏବଂ ତାଙ୍କ ମଧ୍ୟରେ ମାରପିଟ ହୋଇଥିଲା । ଫଳରେ ପୀଡିତଙ୍କ ମୁହଁ, ହାତ ଓ ଗୋଡରେ ଆଘାତ ଲାଗିଥିଲା । ଘଟଣାସ୍ଥଳରୁ ନାବାଳକ ଛାତ୍ର ତାଙ୍କ ବନ୍ଧୁଙ୍କ ସହିତ ବାଇକରେ ଚମ୍ପଟ ମାରିଥିଲେ । ଏନେଇ ପୀଡିତ ଛାତ୍ରଙ୍କ ମାମୁଁ ଏବଂ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ପୁଲିସକୁ ସୂଚନା ଦେବା ପରେ ପାଟ୍ରୋଲିଂ ଗାଡି ଘଟଣାସ୍ଥଳରେ ପହଞ୍ଚି ପୀଡିତଙ୍କୁ ଉଦ୍ଧାର କରିବା ସହିତ ଚିକିତ୍ସାଳୟକୁ ନେଇଥିଲେ । ଉକ୍ତ ଆକ୍ରମଣକାରୀଙ୍କୁ ଧରିବା ନେଇ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଗୋବିନ୍ଦ ଚନ୍ଦ୍ର ହାଂସଦା ତଦନ୍ତ ଆରମ୍ଭ କରିଥିଲେ । ଅଭିଯୁକ୍ତ ନାବାଳକଙ୍କୁ ଛାତ୍ରଙ୍କୁ ଧରିବା ପରେ ଘଟଣା ସମ୍ପର୍କରେ ସତ୍ୟାସତ୍ୟ ପଦାକୁ ଆସିଥିଲା ବୋଲି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି ।

# ଦିବ୍ୟାଙ୍ଗ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ



ସେମିଳିଗୁଡା,୭।୨(ସମିସ): ଓଡ଼ିଶା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଓ ସୁନାବେଡ଼ା ପୌର ପରିଷଦସ୍ତରୀୟ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ଶନିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ।ସେମିଳିଗୁଡାର ମିନି ଷ୍ଟାଡିୟମରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟ୍ଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡାମ ଯୋଗ ଦେଇଥିଲେ । ଏହି ଅବସରରେ ବିଧାୟକ କାଡାମ କୁନିକୁନି ପ୍ରତିଭାମାନଙ୍କୁ ଉତ୍ସାହିତ କରି ଜୀବନରେ ସୁନାମ ଅର୍ଜନ କରିବାକୁ ଅହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ବ୍ଲକ୍ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବସନ୍ତ କୁମାର୍ ପ୍ରଧାନ, ଜନ ପ୍ରତିନିଧି, ଶିକ୍ଷକ ପ୍ରମୁଖ ଯୋଗଦେଇଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଟି ସୁରଭି, ଗୌତମ ଗୁମାଲଙ୍କୁ ନେତୃତ୍ୱରେ ଶୁକ୍ରବାରରୁ ଆରମ୍ଭ ହୋଇଥିବା ବେଳେ ଦୁଇ ଦିନ ଧରି ଆୟୋଜିତ ପ୍ରତିଯୋଗିତାରେ ୨୦୦ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ । ଶନିବାର ବିଜେତାଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରଥମ, ଦ୍ୱତୀୟ, ତୃତୀୟ ସ୍ଥାନ ର ପୁରସ୍କାର ପାଇଥିବା ବିଜେତାମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ଚୟନ ହାଇଛନ୍ତି । ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଏଥିରେ ସହଯୋଗ କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ସୁନାବେଡ଼ା,୭।୨(ସମିସ):** ସୁନାବେଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀ କାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ୩୬ତମ ବାର୍ଷିକ ଉତ୍ସବ ବହୁ ଆଡ଼ମ୍ବର ଓ ଉତ୍ସାହର ସହିତ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଭାରତୀୟ ଜନତା ପାର୍ଟିର କୋରାପୁଟ ଜିଲ୍ଲା ସଭାପତି ଶିବ ମୁଦୁଲି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ହିଣ୍ଡାଲକୋ (ସିଏସଆର) ମ୍ୟାନେଜର ମାନନୀୟ ପ୍ରକାଶ କୁମାର ସାହୁ ଯୋଗଦେଇଥିଲେ । ମୁଖ୍ୟବକ୍ତା ଡଃ ଜଳେନ୍ଦ୍ର ତ୍ରିପାଠୀ, ବିଦ୍ୟାଳୟ ସଭାପତି ଚିରଞ୍ଜିବୀ ପରିଚ୍ଛା ଯୋଗ ଦେଇଥିଲେ । ବିଜୟ ହନ୍ତାଳ ଏବଂ ଜ୍ଞାନେନ୍ଦ୍ର ଖୁଣ୍ଟିଆଙ୍କ ଦ୍ୱାରା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟୁତ ଲତା ଜେନା ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ସୌମ୍ୟ ରଞ୍ଜନ ପଣ୍ଡାଙ୍କ ଦ୍ୱାରା ଉତ୍ସବର ବିବରଣୀ ପଠନ ସହ ଧନ୍ୟବାଦ ଅର୍ପଣ କରାଯାଇଥିଲା । ମିତଞ୍ଜଳି ପାଢୀ, ଗାୟତ୍ରୀ ପ୍ରଭା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ସର୍ବଶ୍ରେଷ୍ଠ ଛାତ୍ରୀ ଭାବେ ଶ୍ରେୟଶ୍ରୀ ସାମଲଙ୍କୁ ସମ୍ମାନିତ କରାଯାଇଥିଲା । ଚଳିତ ବର୍ଷର ୧୭୦ ଜଣ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସଫଳ ହୋଇଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା । ପରେପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ଆଚାର୍ଯ୍ୟ ଆଚାର୍ଯ୍ୟା ବଙ୍ଗୁ ଚରଣ ସେଠୀ ,ମଞ୍ଜୁକ୍ତାଞ୍ଜଳୀ ସ୍ୱାଇଁ, ରଶ୍ମିତା ରାଉତ ,ଗାୟତ୍ରୀ ଦେବୀ ,ଜୟଶ୍ରୀ ପରିଡା,ନଳିନୀ ରାଉତ,ରାଜଲକ୍ଷ୍ମୀ ଦାସ ,ପୁଷ୍ପଲତା ପାତ୍ର ,ପ୍ରଭାଞ୍ଜଳି ପଟ୍ଟନାୟକ, ମନସ୍ୱିନୀ ପାଢ଼ୀ ,ଶ୍ରଦ୍ଧାଞ୍ଜଳି ରାଉତ, ବନିତା ନାୟକ ,ପ୍ରିୟଙ୍କା ମହାପାତ୍ର, ଯମୁନା ହନ୍ତାଳ,ପଲ୍ଲବୀ ସେଠୀ, ସୁନିତା ମହାନ୍ତି ,ସ୍ୱର୍ଣ୍ଣ ମୟୀ ଶତପଥୀ ,ବନିତା ଭୋଇ ,ସୁପ୍ରିୟା ନାୟକ,ମନୀଷା ପାଣି ଉପସ୍ଥିତ ରହି ସହଯୋଗ କରିଥିଲେ ।

# କେକେ ଲାଇନ୍ ଦ୍ୱିତୀୟ ଟ୍ରାକ୍‌ରେ ଗଡ଼ିବ ଟ୍ରେନ୍

**କୋରାପୁଟ,୭।୨(ସମିସ):** ଦୀର୍ଘ ଦିନର ଅପେକ୍ଷା ପରେ କୋତାବାଲାସା କିରୋଣ୍ଡୁଲ ରେଳ ଲାଇନ ଅନ୍ତର୍ଗତ କୋରାପୁଟ ଠାରୁ ଜୟପୁର ଯାଇଥିବା ମାନବାର ଜରଟି ମଧ୍ୟରେ ଦ୍ୱିତୀୟ ଲାଇନରେ ଖୁବଶୀଘ୍ର ରେଳ ଚଳାଚଳ

## ସୋମବାର ହେବ ଟ୍ରାଏଲ୍ ରନ୍



କରିବ । ଏନେଇ ପୂର୍ବତଟ ରେଳ ଜୋନ ୱାଲ୍ଟେର ଡିଭିଜନ ପକ୍ଷରୁ ପ୍ରେସ ଇସ୍ତାହାର ଦିଆଯାଇଥିବା ବେଳେ ଫେବୃଆରୀ ୯ ତାରିଖ ସୋମବାର ଦିନ ଟ୍ରାଏଲ୍ ରନ୍ କରାଯିବ ବୋଲି ଜଣାପଡ଼ିଛି । ସୋମବାର ଅପରାହ୍ନ ୨ ଟା ଠାରୁ ସନ୍ଧ୍ୟା ୬ଟା ମଧ୍ୟରେ କୋଲକାତା ସ୍ଥିତ କମିଶନର ଅଫ୍ ରେଲୱେ ସିଫ୍ଟି ବିଭାଗର ଏକ ଟିମ୍ ଉପସ୍ଥିତ ରହି ମାନବାର ଜରଟି ମଧ୍ୟରେ ନବ ନିର୍ମିତ ଦ୍ୱିତୀୟ ଲାଇନର ୯ କିଲୋମିଟର ବ୍ୟାପୀ ଦୁରତାରେ ଟ୍ରାଏଲ ରନ ନେବେ । ତେଣୁ ଉକ୍ତ ଦିନ ନବ ନିର୍ମିତ ଲାଇନରେ ଜନସାଧାରଣ ଚଳ ପ୍ରଚଳ ନକରିବାକୁ ଚେତାବନୀ ଦିଆଯାଇଛି । ଟ୍ରାଏଲ ରନ ପରେ ପରବର୍ତ୍ତୀ ସମୟରେ ଉକ୍ତ ଲାଇନରେ ମାଲବାହୀ ଟ୍ରେନ ସହ ସମସ୍ତ ପାସେଞ୍ଜର୍ ଏବଂ ଏକ୍ସପ୍ରେସ ଟ୍ରେନ ଚଳାଚଳ କରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

# ନୂତନ ପାଠ୍ୟ ପୁସ୍ତକ ପ୍ରଶିକ୍ଷଣ ଶିବିର ଉଦଯାପିତ



ବୈପାରୀଗୁଡା,୭।୨(ସମିସ): ବୈପାରୀଗୁଡା ବ୍ଲକ୍ ସଦର ମହକୁମା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଡିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ଓ ନୂତନ ପାଠ୍ୟ ପୁସ୍ତକ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସଞ୍ଚାଳନ ନିମନ୍ତେ ବ୍ଲକ୍‌ସ୍ତରୀୟ ପାଞ୍ଚ ଦିନିଆ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରକୁ ମୁଖ୍ୟ ଅତିଥି ଭାବରେ ବୈପାରୀଗୁଡା ଗୋଷ୍ଠୀ ଶିକ୍ଷାଧିକାରୀ ସୁକାନ୍ତ କର୍ତ୍ତମୀ ଯୋଗଦେଇ ଉଦଯାପନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପାପେୟା ବେହେରା ଯୋଗଦେଇଥିଲେ । ଚଳିତ ମାସ ୩ ତାରିଖଠାରୁ ୭ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ଶିବିର । ଏଥିରେ ମାଷ୍ଟର ରିସୋର୍ସ ପର୍ସନ ଭାବରେ ଆଠ ଜଣ ଶିକ୍ଷକ ଯୋଗଦାନ କରି ପ୍ରଶିକ୍ଷଣ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ ସଂପର୍କରେ ଧାରଣା ପ୍ରଦାନ କରି ପ୍ରଶିକ୍ଷଣ କାର୍ଯ୍ୟ ଆରମ୍ଭ କରିଥିଲେ । ବୈପାରୀଗୁଡା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୧୦୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଏହି ପାଞ୍ଚ ଦିନିଆ ଶିବିର ଅନୁଷ୍ଠିତ ହୋଇଯାଇଛି ।

# ଟିଡିସିସି ଗୋଦାମରୁ ମାଣ୍ଡିଆ ଚୋରି ଅଭିଯୋଗ



**ଜୟପୁର, ୭ ।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ଅଞ୍ଚଳର ଗାଗନାପୁର ଠାରେ ରହିଥିବା ଟ୍ରାଇବଲ ଡେଭଲପମେଣ୍ଟ କୋଅପରଟିଭ କୋର୍ପରେସନ (ଟିଡିସିସି) ଗୋଦାମ ଗୃହରୁ ମାଣ୍ଡିଆ ଚୋରି ହୋଇଥିବା ନେଇ ଗତ କିଛି ଦିନ ପୂର୍ବରୁ ସଦରଥାନାରେ ଅଭିଯୋଗ ହୋଇଥିଲା । କିନ୍ତୁ ଗୋଦାମ ଦାୟୀତ୍ୱରେ ରହିଥିବା କର୍ମଚାରୀ ପ୍ରକୃତରେ ଗୋଦାମରେ କେତେ ପରିମାଣରେ ମାଣ୍ଡିଆବସ୍ତା ଚୋରି ହୋଇଥିଲା ଏବଂ ବର୍ତ୍ତମାନ କେତେ ମହଜୁଦ ରହିଛି ଏତଲାରେ ଦର୍ଶାଇ ନଥିବାରୁ ପୁଲିସ ତଦନ୍ତକୁ ଆଗକୁ ବଢାଇବାରେ ବାଧା ସୃଷ୍ଟି ହେଉଛି । ଟିଡିସିସି ଅଧିକାରୀମାନେ ଘଟଣା ବିଷୟରେ ଗଣମାଧ୍ୟମକୁ କହିବା ନିମନ୍ତେ

## ସତ୍ୟାସତ୍ୟକୁ ନେଇ ସନ୍ଦେହ

ଦାୟୀତ୍ୱ ପ୍ରଦାନ କରାଯାଇ ନଥିବା କହି ଘଟଣାକୁ ଏକ ପ୍ରକାର ରଫାଦଫା କରିବାକୁ ପ୍ରୟାସ କରୁଥିବା ନେଇ ସାଧାରଣରେ ଚର୍ଚ୍ଚା ଧରିଛି । ଉକ୍ତ ଗୋଦାମ ଗୃହ ପରିସରରେ ପାଚେରୀ ନଥିବା ବେଳେ ଜଣେ ଜଗୁଆଳୀ ନିଜର ପରିବାରକୁ ନେଇ ବାରଣ୍ଡା ଏବଂ ଗୋଟିଏ କକ୍ଷରେ ରହୁଛନ୍ତି । ସେଠାରେ ବିଦ୍ୟୁତ ସଂଯୋଗ କିମ୍ବା ଅନ୍ୟାନ୍ୟ କୌଣସି ବ୍ୟବସ୍ଥା ନାହିଁ । ଗତବର୍ଷ ମାର୍ଚ୍ଚ ,ଏପ୍ରେଲ ଏବଂ ମେ ମାସରେ ଚାଷୀଙ୍କ ଠାରୁ ମଣ୍ଡିରେ ମାଣ୍ଡିଆ କ୍ରୟ କରାଯାଇ ଟିଡିସିସିର ଉକ୍ତ ଗୋଦାମ ଗୃହରେ ରଖାଯାଇଥିଲା । ଜୁଲାଇ ମାସରେ ଏକ ପିକଅପ ଭ୍ୟାନରେ ଉକ୍ତ ଗୋଦାମର ଦୈନିକ କର୍ମଚାରୀ ତାଲା ଖୋଲି ପ୍ରାୟ ୬୦ ବସ୍ତା ମାଣ୍ଡିଆ ନେଇଥିଲେ । କିନ୍ତୁ କେଉଁ ଆଡେ ନେଇଥିଲେ ଏବଂ କାହାର ଅନୁମତିରେ ନେଇଥିଲେ, ସେନେଇ କୌଣସି ସୂଚନା ନାହିଁ । ଅନ୍ୟପକ୍ଷରେ ଯୋଗାଣ ବିଭାଗ ପକ୍ଷରୁ ହିତାଧିକାରୀଙ୍କ ସରକାରୀ ରିଟେଲର ଦୋକାନରେ ମାଣ୍ଡିଆ ପ୍ରଦାନ ପାଇଁ ଏଠାରୁ ଉକ୍ତ ରିଟେସଲ ଦୋକାନର ମାଲିକ ନିଜେ ଆସି ମାଣ୍ଡିଆ ମାଲବାହୀ ଗାଡିରେ ନେଇଥାଏ । କିନ୍ତୁ ଗତ ଜୁଲାଇ ମାସରେ ଦୈନିକ କର୍ମଚାରୀ ନିଜେ ଉପସ୍ଥିତିରେ ଭ୍ୟାନରେ ମାଣ୍ଡିଆ ବୋଝେଇ କରି ନେଇଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ତେବେ ଗତ କିଛି ଦିନ ପୂର୍ବରୁ ଗୋଦାମର ପ୍ରାୟ ୨୦ ଫୁଟ ଉଚ୍ଚତାରେ ରହିଥିବା ଭେଣ୍ଟିଲେଟର ଦେଇ ମାଣ୍ଡିଆ ଚୋରି ହୋଇଥିବା ବେଳେ ୨ ବସ୍ତା ମାଣ୍ଡିଆ ଗୋଦାମର ସେଠାରେ ଜଗୁଆଳି ଭାବେ କାର୍ଯ୍ୟରତ ଖ୍ରୀଷ୍ଟଦାନ ସୁନା ଉଠିପଡିବା ଯୋଗୁଁ ଚୋର ମାନେ ଦୁଇ ବସ୍ତା ମାଣ୍ଡିଆ ଛାଡି ଚାଲିଯାଇଥିବା ବେଳେ ସେମାନଙ୍କ ପିନ୍ଧିଥିବା ଚପଲ ସେଠାରେ ଛାଡିଯାଇଥିଲେ । ଜଗୁଆଳି ଖ୍ରୀଷ୍ଟଦାନ ଗୋଦାମ ଦାୟୀତ୍ୱରେ ରହିଥିବା କର୍ମଚାରୀଙ୍କ ଜଣାଇବା ପରେ ଗାଗନାପୁର ଫାଣ୍ଡିରେ ଏତଲା ଦିଆଯାଇଥିଲା । କିନ୍ତୁ ଉପଯୁକ୍ତ ତଥ୍ୟ ଗୋଦାମ ଦାୟୀତ୍ୱରେ ରହିଥିବା କର୍ମଚାରୀ ଦେଇନଥିବା ଯୋଗୁଁ ତଦନ୍ତ ଆଗକୁ ବଢି ପାରୁନାହିଁ ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଏହି ବିଷୟରେ ଟିଡିସିସି ଶାଖା ପରିଚାଳକ ରାକେଶ ବିଶ୍ୱାଳଙ୍କୁ ଫୋନ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଗତ ଏକ ମାସ ପୂର୍ବରୁ ସେ ଦାୟୀତ୍ୱ ଗ୍ରହଣ କରିଛନ୍ତି । ଏହିପରି କୌଣସି ବିଷୟରେ କହିବାକୁ ତାଙ୍କୁ ଦାୟୀତ୍ୱ ଦିଆଯାଇନାହିଁ ବୋଲି କହି ଘଟଣାର ସୂଚନା ଦେବା ନେଇ ଏଡାଇ ଯାଇଥିଲେ । ତେଣୁ ସରକାରୀ ନିଗମର ଏପରି ବେପରୁଆ ଭାବେ ରହିଥିବା ଗୋଦାମ ଗୃହର ସୁରକ୍ଷା ଏବଂ ପରିଚାଳନାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ସରକାରୀ ଡିଏଭି ମହାବିଦ୍ୟାଳୟରେ ବଜେଟ୍ ଆଲୋଚନା





**କୋରାପୁଟ,୭।୨(ସମିସ):** ସରକାରୀ ଡିଏଭି ମହାବିଦ୍ୟାଳୟଠାରେ ବଜେଟ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ ପଟ୍ଟନାୟକ ବଜେଟକୁ ଦୂରଦୃଷ୍ଟିପୂର୍ଣ୍ଣ ବୋଲି ବର୍ଣ୍ଣନା କରି ଏହି ବଜେଟ୍ ବିକଶିତ ଭାରତ ପାଇଁ ଏକ ବ୍ଲୁପ୍ରିଣ୍ଟ କହିଥିଲେ ।ସ୍ୱଦେଶୀ ଜାଗରଣ ମଞ୍ଚର ଅଖିଳ ଭାରତୀୟ ସଂଘର୍ଷ ବାହିନୀ ପ୍ରମୁଖ ଇଂ ଅନ୍ନଦା ଶଙ୍କର ପାଣିଗ୍ରାହୀ ଯୋଗଦେଇ ଏହି ବଜେଟ ପରିସଂଖ୍ୟାନର ଏକ ଦଲିଲ ନୁହେଁ, ବରଂ ଦେଶର ଅର୍ଥନୈତିକ ଦିଗ ଏବଂ ପ୍ରାଥମିକତାର ପ୍ରତିଫଳନ ବୋଲି କହିଥିଲେ । ଏହା ଭାରତକୁ ବିକାଶ ପଥରେ ଦ୍ରୁତ ଗତିରେ ଆଗକୁ ନେବାରେ ସହାୟକ ହେବ । ଏହି ବଜେଟ୍ ଆଜନିର୍ଭରଶୀଳତା, ବିକାଶ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଉପରେ ଧାନ କେନ୍ଦ୍ରିତ କରିଛି । ଶିକ୍ଷା ସହ ନିଯୁକ୍ତି ଏବଂ ଉଦ୍ୟୋଗୀତା ଉପରେ ଗୁରୁତ୍ୱାରୋପ କରାଯାଇଛି । ସରଳ ଉପସ୍ଥାପନା ମାଧ୍ୟମରେ କେନ୍ଦ୍ର ବଜେଟର ଗଠନ, ଏହାର ପ୍ରମୁଖ ବ୍ୟବସ୍ଥା ଏବଂ ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ ବିଷୟରେ ସେ ବ୍ୟାଖ୍ୟା କରିଥିଲେ । ଅଧ୍ୟାପିକା ଡ଼ ଲହରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଜଣାଇ ବଜେଟକୁ ସନ୍ତୋଷଜନକ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସ୍ୱଦେଶୀ ଜାଗରଣ ମଞ୍ଚର ରାଜ୍ୟ ସହ ସଂଯୋଜକ ମନୋରଞ୍ଜନ ରାଉତରାୟ ଉପସ୍ଥିତ ଥିବା ବେଳେ ଅଧ୍ୟାପକ ଶ୍ରୀଚନ୍ଦନ ମିଶ୍ର, ଲୋପମୁଦ୍ରା ସ୍ୱାଇଁ, ବ୍ରହ୍ମଚାରୀ ଖମାରି, ସରିତାବାଲା ଭତ୍ରା ପ୍ରମୁଖ କାର୍ଯ୍ୟକ୍ରମ ପ୍ରରିଚାଳନା କରିଥିଲେ । ସ୍ନାତକ ଏବଂ ସ୍ନାତକୋତ୍ତର ବିଭାଗର ୨୦୦ରୁ ଅଧିକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

# ଉମୁରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




**କୋରାପୁଟ,୭।୨(ସମିସ):** କୋରାପୁଟ ବ୍ଲକ ଅନ୍ତର୍ଗତ ଉମୁରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଶିକ୍ଷାଦାନକୁ ସେ ଭୂୟସୀ ପ୍ରଶଂସା କରିଥିଲେ । କୋରାପୁଟ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୀତା ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ବିଦ୍ୟାଳୟରେ ୧୩୧ ଜଣ ବାଳକ ଓ ୫୧ ଜଣ ବାଳିକା ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ପାଇଁ ଏକ ଖେଳ ପଡିଆର ଆବଶ୍ୟକ ରହିଛି ବୋଲି ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ରଥ ଦାବି ଉପସ୍ଥାପନା କରିଥିଲେ । ପିଲାମାନଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରିବାର ଆବଶ୍ୟକତା ରହିଥିବା ସେ ଦର୍ଶାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ଦେବକୀ ହନ୍ତାଳ, ଉପଦେଷ୍ଟା ବିଶୋଇ ଖିଲ, ଭଗବାନ ଖିଲ, ପଦଲାମ ଖରା, ପବିତ୍ର ବାଗ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ଅଙ୍ଗନବାଡ଼ି କେନ୍ଦ୍ରରେ କିଶୋରୀମେଳା




**ଉମରକୋଟ, ୭।୨(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧିନସ୍ଥ ବକୋଦା ନୂଆପାରା ଅନ୍ତର୍ଗତ ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସରପଞ୍ଚ କିଆବତୀ ଗଣ୍ଡ, ମୁଖ୍ୟବକ୍ତା ଭାବେ ଆଇସିଡିଏସ ସୁପରଭାଇଜର ପ୍ରାଚୀ ବିସ୍ମୟା ଦେ, ସମ୍ମାନିତ ଅତିଥି ଭାବେ ନୂଆପାରା ଗ୍ରାମର ସମାଜସେବୀ ସଦା ଗଣ୍ଡ, କୋପେନା ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଙ୍କର ଗଣ୍ଡ , କେଶରୀ ବେଢ଼ା ସିଆରସିସି ମୋତିରାମ ଗଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ । କୋପେନାର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂଚାରୁ ରୂପେ ତୁଲାଇଥିଲେ । ଏହି କାର୍ଯ୍ୟକ୍ରମକୁ ବିରସିଂ ପରିଜା ପରିଚାଳନା କରିଥିଲେ । ମଞ୍ଚାସୀନ ଅତିଥିମାନେ ସରକାରଙ୍କ ସମସ୍ତ ସରକାରୀ ସୁବିଧା ବିଷୟରେ ଆଲୋକପାତ କରିଥିଲେ । ୨୮ ଟି କେନ୍ଦ୍ରରୁ କିଶୋରୀ ଯୋଗଦେଇ ଥିଲେ । କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଲେଙ୍ଗଡାଗୁଡା ଅଙ୍ଗନବାଡ଼ି କର୍ମୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ନନ୍ଦପୁରରେ ଆଉ ଏକ ନାଗେଶ୍ୱରୀ ପାହାଡ଼ ବିମଣ୍ଡିପାର

ନନ୍ଦପୁର,୭।୨(ସମିସ):

ପର୍ଯ୍ୟଟନ କ୍ଷେତ୍ରରେ ଏବେ ନୂତନ ଭାବେ ଯୋଡି ହୋଇଛି ନନ୍ଦପୁର ବ୍ଲକ୍‌ର ତାଳଗୁଡ଼ା ଡଙ୍ଗରର ବିମଣ୍ଡି ପାର । ଯାହା ନନ୍ଦପୁର ବ୍ଲକର ଆଉ ଏକ ନାଗେଶ୍ୱର ପାହାଡ । ଓଡ଼ିଶା ସମେତ ରାଜ୍ୟ ବାହାରେ ପର୍ଯ୍ୟଟନ ସ୍ଥଳ ତାଲିକାରେ କୋରାପୁଟର ପର୍ଯ୍ୟଟନ ସ୍ଥଳୀ ଗଣତି ରହିଛି । କୋରାପୁଟର ପର୍ଯ୍ୟଟନ ସ୍ଥଳ ମଧ୍ୟରେ ନନ୍ଦପୁର ବ୍ଲକ୍ ନାଗେଶ୍ୱରୀ ପାହାଡ଼ ଅନ୍ୟତମ । ଯାହା ପର୍ଯ୍ୟଟନ ସ୍ଥଳ ଭାବେ ବେଶ ପରିଚୟ ସୃଷ୍ଟି କରି ରାଜ୍ୟ ସାରା ପର୍ଯ୍ୟଟକ ଓ ଫିଲ୍ମ ନିର୍ମାତାକୁ ଟାଣୁଛି । ବର୍ତ୍ତମାନ ନନ୍ଦପୁର ବ୍ଲକ୍‌ର ତାଲଗୁଡ଼ା ଡଙ୍ଗର ଗୁମ୍ଫାର ଦୃଶ୍ୟ ନାଗେଶ୍ୱରି ପାହାଡ଼ ଦୃଶ୍ୟ ର ଭ୍ରମ ସୃଷ୍ଟି କରିଛି । ଏହି ଦୃଶ୍ୟ ଧୀରେ ଧୀରେ ଲୋକ ଲୋଚନକୁ ଆସିବାରେ ଲାଗିଥିବା ବେଳେ ତାଲଗୁଡ଼ା ଡଙ୍ଗରର ଗୁମ୍ଫା ଭିତରେ ଓ ବାହାରର



ଦୃଶ୍ୟ ନାଗେଶ୍ୱରି ପାହାଡ଼ର ଦୃଶ୍ୟ ପରି ରହିଥିବାରୁ ଏହା ପର୍ଯ୍ୟଟକକୁ ବେଶ ଆକର୍ଷିକ କରୁଥିବା ନଜରକୁ ଆସିଛି । ତାଲଗୁଡା ଗ୍ରାମର ବିମ୍‌ଣ୍ଡି ପାର ଡଙ୍ଗର ଗ୍ରାମବାସୀଙ୍କ ଅସ୍ଥା ସହ ଜଡିତ ରହିଛି । ପ୍ରତି ବର୍ଷ ଏହି ପାହାଡ଼ରେ ଚୈତ୍ର ମାସରେ ପୂଜା କରିଥାନ୍ତି ଗ୍ରାମବାସୀ । ପାହାଡ଼ ଗୁମ୍ଫାରେ ବିମଣ୍ଡି ପାର ଦେବୀ ରହିଥିବା ବେଳେ ଉଭୟ ନାଗେଶ୍ୱରୀ ପାହାଡ଼ ସହ ତାଲଗୁଡା ବିମଣ୍ଡି ପାହାଡ଼ ଦୃଶ୍ୟ ବର୍ତ୍ତମାନ ମେଳ ଖାଉଥିବା ଦେଖିବାକୁ ମିଳିଛି । ଏହିପରି ନନ୍ଦପୁର ବ୍ଲକର ଅନେକ ପର୍ଯ୍ୟଟନ ସ୍ଥଳୀ ରହିଛି ଯାହାର ଉଦ୍ଧାର କାର୍ଯ୍ୟକରି ପାରିଲେ ଅଞ୍ଚଳବାସି ଉପକୃତ ହେବା ସହ ବେକାର ଯୁବକ ଯୁବତୀଙ୍କ ହାତକୁ କାମ ଆସି ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ତେବେ ଯଥାଶୀଘ୍ର ଜିଲ୍ଲା ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେଇ ଉନ୍ନୟନ କାର୍ଯ୍ୟ କରିବାକୁ ସାଧାରଣରେ ଦାବି ହୋଇଛି ।

## କେଉଁଠି ରହିଛି, କିପରି ଯିବେ..

କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍‌ର କୁଲାବିର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅବସ୍ଥିତ ତାଲଗୁଡ ଗ୍ରାମର ଉପରି ମୁଣ୍ଡରେ ରହିଛି ତାଲଗୁଡ଼ା ଡଙ୍ଗର । ନନ୍ଦପୁର ବ୍ଲକ୍‌ରୁ ତାଲଗୁଡା ଗ୍ରାମ ପାଖପାଖି ୨୫ କିମି ଦୂରତା ରହିଥିବା ବେଳେ ଜିଲ୍ଲା ମୁଖ୍ୟାଳୟ ଠାରୁ ୫୦ କିମି ଦୂରତା ରହିଛି । ତେବେ ତାଲଗୁଡା ଗ୍ରାମ ଉପରିମୁଣ୍ଡରେ ରହିଥିବା ଏହି ବିମ୍‌ଣ୍ଡି ଡଙ୍ଗର ଉପର ମୁଣ୍ଡକୁ ଯିବାକୁ ହେଲେ ପାଦଚଲା ରାସ୍ତାରେ ଯିବାକୁ ପଡ଼ିବ । ଗ୍ରାମଠାରୁ ପ୍ରାୟ ତିନି କିମି ପାଦ ଚଲା ରାସ୍ତାରେ ଯିବା ପରେ ପାହାଡ଼ ମୁଣ୍ଡରେ ଅବସ୍ଥିତ ବିମଣ୍ଡି ଦେବୀଙ୍କ ଏହି ଗୁମ୍ଫା ଓ ପାହାଡ ରହିଛି । ଯାହା ନାଗେଶ୍ୱରୀ ଗୁମ୍ଫାର ଭ୍ରମ ସୃଷ୍ଟି କରୁଛି ।

● ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା ଘଟଣା

## ଜିଲ୍ଲା କୋର୍ଟରେ ଭିଡିଓ କନ୍‌ଫରେନ୍ସରେ ସାକ୍ଷ୍ୟ ଦେଲେ ମୁଖ୍ୟସାକ୍ଷୀ

ମାଲକାନଗିରି, ୭ ।୨(ସମିସ): ୨୦୦୮ ମସିହାରେ ଜନ୍ମାଷ୍ଟମୀ ଦିନ କନ୍ଧମାଳ ଜିଲ୍ଲାର ଜାଲେଶପଟ୍ଟା ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସହିତ ଅନ୍ୟ ଚାରିଜଣଙ୍କୁ ନିର୍ମମ ଭାବେ ହତ୍ୟା ଘଟଣାରେ ଆଜି ମାଲକାନଗିରି ଜିଲ୍ଲା କୋର୍ଟରେ ଭିଡିଓ କନ୍‌ଫରେନ୍ସରେ ସାକ୍ଷ୍ୟ ଦେଲେ ମୁଖ୍ୟ ସାକ୍ଷୀ ବ୍ରହ୍ମଚାରୀ ମାଧବ ଚୈତନ୍ୟ ମହାରାଜ। ଏହି ଘଟଣାରେ ମୁଖ୍ୟ ଆସାମୀ କୁହାଯାଉଥିବା ଆଜାଦ୍ ଆଜି ପାରଳାଖେମୁଣ୍ଡି କୋର୍ଟରେ ହାଜର ହୋଇଥିଲା। କୋର୍ଟଙ୍କ ତତ୍ତ୍ୱାବଧାନରେ ମାଲକାନଗିରି ଜିଲ୍ଲାକୋର୍ଟରେ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟ ସାକ୍ଷୀ ବ୍ରହ୍ମଚାରୀ ମାଧବ ଚୈତନ୍ୟ ମହାରାଜ ସାକ୍ଷ୍ୟ ଦେଇଛନ୍ତି। ସେ ଉକ୍ତ ଘଟଣା ଦିନ ସେଠାରେ ଉପସ୍ଥିତ ଥିବା ବେଳେ ଘଟଣାକୁ ସ୍ୱ ଚକ୍ଷୁରେ ଦେଖିଥିଲେ। ବର୍ତ୍ତମାନ ସେ ଏହି ଘଟଣାର ମୁଖ୍ୟ ସାକ୍ଷୀ ହୋଇଥିବା ବେଳେ ଏହି ଘଟଣାର ବର୍ତ୍ତମାନ ଯାଏଁ ଟିଆଇ ପ୍ୟାରେଡ ହୋଇ ନଥିବା ପ୍ରକାଶ କରିଛନ୍ତି। ଏହାସହ ଏହି ହତ୍ୟାକାଣ୍ଡରେ ଅନେକ ଜଣ ସାମିଲ ଥିବା ବେଳେ ସେମାନେ ନିର୍ଦ୍ୱନ୍ଦ୍ୱରେ ବୁଲୁଛନ୍ତି। ତେଣୁ ଘଟଣାର ସିବିଆଇ ତଦନ୍ତ କରିବାକୁ ସେ ଅନୁରୋଧ କରିଛନ୍ତି। ତାଙ୍କର ଦିଆଯାଇଥିବା ସ୍କେଚ ଅନୁଯାୟୀ ପୁଲିସ ମୁଖ୍ୟ ଆସାମୀ କୁହାଯାଉଥିବା ଆଜାଦ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିବା ବେଳେ ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ବ୍ରହ୍ମଚାରୀ ମାଧବ ଚୈତନ୍ୟ ମହାରାଜ ଅନୁରୋଧ କରିଛନ୍ତି।

ଓଡ଼ିଶା ଉପରେ ଆନ୍ଧ୍ରର ନଜର

# ଜୁମଡାଙ୍ଗକୁ ହାତେଇବାକୁ ଶିକ୍ଷକ ନିଯୁକ୍ତି ଦେଲା ଆନ୍ଧ୍ର

ମାଲକାନଗିରି, ୭।୨(ସମିସ)



ଦୀର୍ଘ ବର୍ଷ ଧରି ଓଡ଼ିଶା ଉପରେ ଆନ୍ଧ୍ରର ଦାଦାଗିରି ସହ ଓଡ଼ିଶାର ବିଭିନ୍ନ ଗ୍ରାମକୁ ହାତେଇବା ପାଇଁ ଆନ୍ଧ୍ର ପ୍ରୟାସ ଜାରି ରଖିଛି। ତେବେ ଏହାରି ମଧ୍ୟରେ ଆନ୍ଧ୍ର ଅବିଭକ୍ତ କୋରାପୁଟ ଜିଲ୍ଲାର ଅନେକ ଗ୍ରାମ ଉପରେ ନଜର ପକାଇ ସେଠାରେ ଲୋକଙ୍କୁ ବିଭିନ୍ନ ସହାୟତା ଯୋଗାଇ ନିଜ ସହ ମିଶାଇବା ପାଇଁ ପ୍ରୟାସ କରୁଛି। ଆନ୍ଧ୍ର ମାଲକାନଗିରି ଜିଲ୍ଲାର ଜୁମଡାଙ୍ଗ ଗ୍ରାମକୁ ମଧ୍ୟ ହାତେଇବା ପାଇଁ ଅହରହ ପ୍ରୟାସ ଜାରି ରହିଥିବା ବେଳେ ଏହା ଉପରେ ରୋକ ଲଗାଇବାରେ ରାଜ୍ୟ ସରାକର ସେଭଳି କୌଣସି ଠୋସ ପଦକ୍ଷେପ ନେଉ ନଥିବାରୁ ବର୍ତ୍ତମାନ ପୁଣି ଆନ୍ଧ୍ର ନିଜର ମନମାନି ଆରମ୍ଭ କରିଛି। ଏହି ଜୁମଡାଙ୍ଗ ଗ୍ରାମରେ ପୂର୍ବରୁ ଆନ୍ଧ୍ର ଅନେକ କିଛି ଯୋଗାଇବା ସହ ଜମି ପଟ୍ଟା ବଣ୍ଟନ କରିଥିବା ବେଳେ ବର୍ତ୍ତମାନ ଗ୍ରାମର ପିଲାଙ୍କୁ ଶିକ୍ଷା କ୍ଷେତ୍ରରେ ଯୋଡିବା ପାଇଁ ଆନ୍ଧ୍ର ସରକାର ଏହି ଗ୍ରାମରେ ଏକ ଅସ୍ଥାୟୀ ବିଦ୍ୟାଳୟ କରି ଶିକ୍ଷକ ନିଯୁକ୍ତି ଦେଇଛି। ସ୍ୱାଭିମାନ ଅଞ୍ଚଳର ଧୂଳିପୁଟ ପଞ୍ଚାୟତ ସ୍ଥିତ ଜୁମଡାଙ୍ଗ ଗ୍ରାମରେ ପିଲାଙ୍କୁ ଶିକ୍ଷା ଦେବା ପାଇଁ ଆନ୍ଧ୍ର ପକ୍ଷରୁ ଗ୍ରାମର ଜଣେ ଯୁବକଙ୍କୁ ଦାୟିତ୍ୱ ଦେଇଛି। କୁନି କୁନି ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଏହି ଯୁବକଙ୍କୁ ଆନ୍ଧ୍ର ସରକାର ଅର୍ଥରାଶି ପ୍ରଦାନ କରିବେ ବୋଲି ସୂଚନା ମିଳିଥିବା ବେଳେ ଓଡ଼ିଆ ଭାଷା ଛାଡି ଏବେ ଆନ୍ଧ୍ରର ତେଲୁଗୁ ଭାଷାରେ ସ୍ଥାନୀୟ ପିଲାଙ୍କୁ ଶିକ୍ଷାଦାନ କରାଯାଉଛି। ଫଳରେ ଅଞ୍ଚଳର କୁନି କୁନି ପିଲା ନିଜ ଭାଷା ଛାଡି ତେଲୁଗୁ ଭାଷା ଶିଖୁଛନ୍ତି। କିଛି ମାସ ପୂର୍ବେ ଆନ୍ଧ୍ର ସରକାର ଏହି ଗ୍ରାମବାସୀଙ୍କୁ ଆବାସ ଘର, ସହ ପାନୀୟ ଜଳ ବ୍ୟବସ୍ଥା କରି ଗ୍ରାମବାସୀଙ୍କୁ ନିଜର କରିବା ଉଦ୍ୟମ କରିଥିଲା। ଏବେ ପୁଣି ସ୍କୁଲ ଖୋଲି ତେଲୁଗୁ ଭାଷାରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେଉଛି। ଯାହା ଏବେ ଚିନ୍ତାର ବିଷୟ ପାଲଟିଛି। ପ୍ରତ୍ୟେକ ଥର ଗଳାବାଟ ଦେଖି ଆନ୍ଧ୍ର ଓଡ଼ିଶା ସୀମାବର୍ତ୍ତୀ ଗ୍ରାମରେ ଏଭଳି ସମସ୍ୟା ସୃଷ୍ଟି କରୁଛି। ଯଦି ବେଳ ଥାଉଁଥୁ ଓଡ଼ିଶା ସଜାଗ ନହୁଏ, ତେବେ ଏହି ଗ୍ରାମ ସହ ଆହୁରି ଅନେକ ଆଖପାଖ ଗ୍ରାମକୁ ନିଜ ସୀମାରେ ଯୋଡିବାକୁ ଆନ୍ଧ୍ର ପ୍ରୟାସ କରିବ ବୋଲି ଚର୍ଚ୍ଚା ହେଉଛି।

## ସୀମାନ୍ତରେ ମାଓ ସ୍ତୂପକୁ ଧ୍ୱଂସ କଲେ ଯବାନ

ମାଲକାନଗିରି, ୭ ।୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁରରେ ପୋଲିସ ଦ୍ୱାରା ଏକ ବିଶାଳ ମାଓ ସ୍ତୂପକୁ ଧ୍ୱଂସ କରାଯାଇଛି। ସୂଚନାନୁଯାୟୀ, ଛତିଶଗଡ଼ର ନାରାୟଣପୁର ଜିଲ୍ଲାର ଫରେଶଗାଓଁ ଅଞ୍ଚଳରେ ମାଓ ଦମନ ପାଇଁ ସ୍ଥାନୀୟ ପୁଲିସ ଓ ଆଇଟିବିପିର ଯବାନମାନେ ତଲାସି ଅଭିଯାନ କରୁଥିଲେ। ଏହି ସମୟରେ ଯବାନମାନେ



ମାଓବାଦୀଙ୍କ ଦ୍ୱାରା ନିର୍ମିତ ଏକ ବିଶାଳ ମାଓ ସ୍ତୂପକୁ ଠାବ କରିଥିଲେ। ଏହି ସ୍ତୂପ ଅଞ୍ଚଳରେ ମାଓ ଉପସ୍ଥିତିକୁ ଦର୍ଶାଉଥିବା ବେଳେ ଏହାକୁ ଯବାନମାନେ ଭାଙ୍ଗି ଧ୍ୱଂସ କରିଛନ୍ତି। ପ୍ରାୟ ୨୦ଫୁଟରୁ ଊର୍ଦ୍ଧ୍ୱ ଉଚ୍ଚତା ବିଶିଷ୍ଟ ଏହି ମାଓ ସ୍ତୂପକୁ ଯବାନମାନେ ଭାଙ୍ଗିବା ସହ ଅଞ୍ଚଳରେ ମାଓ ଭୟକୁ ଦୂର କରିବା ପାଇଁ ଲୋକଙ୍କ ମନବଳ ବଢ଼ାଇବାକୁ ଅଞ୍ଚଳରେ ତଲାସି ଅଭିଯାନକୁ ଆହୁରି ଜୋର୍‌ଦାର କରିଛନ୍ତି।

## ଗୁଣିଗାରେଡି ସନ୍ଦେହରେ ହତ୍ୟା ଘଟଣାରେ ଜଣେ ଗିରଫ


ମୁନିଗୁଡ଼ା, ୭।୨(ସମିସ): ଗୁଣିଗାରେଡି ସନ୍ଦେହରେ ହତ୍ୟା ଘଟଣାରେ ଅମ୍ବାଦଳା ପୁଲିସ ଜଣକୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଜଣଙ୍କ ଶୁଣ୍ଡିପଦର ଗ୍ରାମର ଶୁକଦେବ ବାଗ। ଗତ ୩ ତାରିଖରେ ରାୟଗଡ଼ା ଜିଲ୍ଲା ଆମ୍ବଦଳଓ ଥାନା ସରଧାପୁର ପଞ୍ଚାୟତ ଶୁଣ୍ଡୀପଦର ଗ୍ରାମର ଚିଚି ରାମ ବାଗ(୮୧) ନାମକ ବୃଦ୍ଧଙ୍କ ମୁଣ୍ଡକୁ କାଟି ଦ୍ୱାରା ହାଣି ପରେ ପଥରରେ ଛେଚି ଦେଇ ହତ୍ୟା କରିଥିଲା ଶୁକଦେବ। ଏନେଇ ଅମ୍ବାଦଳା ଥାନାରେ ଏତଲା ହୋଇଥିଲା। ଏତଲା ପରେ ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିବା ସହ ମୃତଦେହ ନିକଟରୁ ଏକ ଟର୍ଚ୍ଚ ଲାଇଟ୍, ଏକ କାତି ଜବତ କରିଥିଲା। ତଦନ୍ତ ପରେ ୬ ମାସ ପୂର୍ବରୁ ଗୁଣି ଗାରେଡ଼ି ସନ୍ଦେହ କରି କିଛି ଲୋକ ବୃଦ୍ଧଙ୍କ ସାଥିରେ ପାଟି ତୁଣ୍ଡ କରିଥିଲେ। ଏହି ଘଟଣା ପରେ ବୃଦ୍ଧ ଜଣଙ୍କ ନିଜ ବିବାହିତ ଝିଅର ଗ୍ରାମ ଲୋହରାପଦରକୁ ଚାଲିଯାଇଥିଲେ। କିଛି ମାସ ପରେ ଗ୍ରାମକୁ ଫେରିବା ପରେ କାଳେ ଚିଚିରାଓ ଗୁଡି ଗାରେଡି କରି ତାଙ୍କୁ ମାରିଦେବେ୍ ବୋଲି ସନ୍ଦେହ କରି ଶୁକଦେବ ବୃଦ୍ଧଙ୍କୁ ହତ୍ୟା କରିଥିବା ଜଣାପଡ଼ିଥିଲା। ଏହି ଘଟଣାରେ ଅଭିଯୁକ୍ତ ଶୁକଦେବକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ବେଳେ ଘଟଣାର ତଦନ୍ତ ଜାରି ରହିଥିବା ଅମ୍ବାଦଳା ଆଇଆଇସି କଳ୍ପନା ବେହେରା ସୂଚନା ଦେଇଛନ୍ତି।

## ସାଇବର ସୁରକ୍ଷା ସଚେତନତା



କାଳିମେଳା, ୭।୨(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ଥାନା ତତ୍ତ୍ୱାବଧାନରେ ସ୍ଥାନୀୟ ସ୍କୁଲ ପିଲାମାନଙ୍କ ପାଇଁ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସମୟରେ ମନୁଷ୍ୟ ତାର କାର୍ଯ୍ୟ ଭାର କମାଇବା ପାଇଁ ଟେକ୍ନୋଲୋଜି ଉପରେ ନିର୍ଭର କରୁଛି। ସମସ୍ତ ଜରୁରୀ କାର୍ଯ୍ୟ ଇଣ୍ଟରନେଟ ଓ କମ୍ପ୍ୟୁଟର ମାଧ୍ୟମରେ ଖୁବ୍ କମ୍ ସମୟରେ ହୋଇପାରୁଛି। ଟିକେ ସତର୍କତା ଅବଲମ୍ବନ ନ କଲେ ସାଇବର ଅପରାଧୀଙ୍କ ଠକାମିର ଶିକାର ହେବାକୁ ପଡ଼ିବ। ଛୋଟ ପିଲାମାନେ କିପରି ସାଇବର ଠକାମୀର ଶିକାର ନ ହେବେ ସେଥିପାଇଁ ଶନିବାର କାଳିମେଳା ଥାନା ଅଧିକାରୀ ପ୍ରଭୁଦତ୍ତ ବିଶ୍ୱାଳ ସାଇବର ସୁରକ୍ଷା ପାଇଁ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ।

## ଗୋ ମହିମା ପ୍ରଚାର ରଥଯାତ୍ରା



ଗୁଣପୁର, ୭।୨(ସମିସ): ଗୋ ହତ୍ୟାର ପ୍ରତିବାଦ ଓ ମନୁଷ୍ୟ ହୃଦୟରେ ସୁପ୍ତ ହୋଇ ରହିଥିବା ଗୋ ପ୍ରେମକୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଗୋ ମହିମା ପ୍ରଚାର ରଥଯାତ୍ରା ଆରମ୍ଭ ହୋଇଛି। ଗୋ ମାତାଙ୍କ ରକ୍ଷା ପାଇଁ ଜନସଚେତନତା ସୃଷ୍ଟି ନେଇ ପୁରୀ ଗୋବର୍ଦ୍ଧନ ପୀଠ ଓ ଉମରକୋଟ ଜଗନ୍ନାଥ ମନ୍ଦିରର ଦୁଇଟି ଗୋ ମହିମା ପ୍ରଚାର ରଥ ଗୁଣୁପୁର ଅଞ୍ଚଳରେ ଗ୍ରାମ ଗ୍ରାମରେ ବୁଲୁଥିବା ଦେଖାଯାଇଛି। ଏହି ଗୋ ରଥ ଯାତ୍ରା ସମୟରେ ସାଥିରେ ଆସିଥିବା ସୌମେନ୍ଦ୍ର କୁମାର ଦାସ ଏବଂ ଗୁଣପୁରରୁ ସ୍ୱାମୀ ନିର୍ବାଣ ନନ୍ଦ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ବିଜେଡିର ନୂତନ କମିଟିରେ ଗୁଡାରୀ ପରିଷଦ ଓ ବ୍ଲକରୁ ଚାରିଜଣ ମନୋନୀତ



ଗୁଡାରୀ, ୭।୨(ସମିସ): ରାୟଗଡ଼ା ଜିଲ୍ଲା ବିଜେଡିର ୪୬ ଜଣିଆ କମିଟି ସଦସ୍ୟଙ୍କ ନାମ ଶୁକ୍ରବାର ଦିନ ଘୋଷଣା କରାଯାଇଛି। ଦଳର ସୁପ୍ରିମ ନବୀନ ପଟ୍ଟନାୟକ ଜିଲ୍ଲା ସଭାପତି ଭାବେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଦାୟିତ୍ୱ ଦେଇଥିବା ବେଳେ ବର୍ତ୍ତମାନ ଉପ ସଭାପତି, କୋଷାଧ୍ୟକ୍ଷ, ସାଧାରଣ ସମ୍ପାଦକ, ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଗୁଡିକ ପୂରଣ ହୋଇଛି। ଏଥିରୁ ଗୁଡାରୀ ପରିଷଦରୁ ସାଧାରଣ ସମ୍ପାଦକ ସୁବାଷ ଗୌଡ(ଟୁନା) ଏବଂ ଏମ.ପ୍ରାସାଦାଙ୍କୁ ମନୋନୀତ କରାଯାଇଥିବାବେଳେ ପଞ୍ଚାୟତ ପାଇଁ ବିଷ୍ଣୁ ପ୍ରସାଦ ଦେଓ ଏବଂ ସହଦେବ ଲିମା ସମ୍ପାଦକ ରୂପେ ମନୋନୀତ ହୋଇଛନ୍ତି। ସମ୍ପାଦକ, ସାଧାରଣ ସମ୍ପାଦକ ତାଙ୍କ ଉପରେ ରାଜ୍ୟ ବିଜେଡି ସଭାପତି ଆଶା ବିଶ୍ୱାସ ରଖି ତାଙ୍କୁ ପଦପଦବୀରେ ମନୋନୀତ କରିଥିବା ଯୋଗୁଁ ଧନ୍ୟବାଦ ଜଣାଇଛନ୍ତି। ଏଥିରେ ପରିଷଦର ବରିଷ୍ଠ କର୍ମୀ ସନ୍ତୋଷ ମହାନ୍ତି, ଦିଲିପ ସାହୁ, କେଦାର ସାହୁ, ଶୁସିଲ ଗୁରୁ, ଚନ୍ଦ୍ର ପଣ୍ଡା, ସଦା ପାଣିଗ୍ରାହୀ, ବିଜେଡି ସଭାପତି ଇଶ୍ୱର ପାଣିଗ୍ରାହୀ ୪ ପଦଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିଦ୍ୟାଳୟସ୍ତରୀୟ ପରିଭ୍ରମଣ କାର୍ଯ୍ୟକ୍ରମ

ମାଥିଲି, ୭ ।୨(ସମିସ): ମାଲକାନଗିରି ଜିଲ୍ଲା ଉପାନ୍ତ ମାଥିଲି ବ୍ଲକ ଟେମ୍ପୁରୁପାଲି ପଞ୍ଚାୟତ କୁକୁରକୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତରୀୟ ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଲିମି ପଞ୍ଚାୟତ ଚାମୁଣ୍ଡାରାଶି ନିକଟରେ ଥିବା ଏକାଗୋଡ଼ି ଜଳପ୍ରପାତ ପରିଭ୍ରମଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବାଲ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟାମାନଙ୍କ ସହ କେତେକ ଅଭିଭାବକ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ନକୁଳ ଚନ୍ଦ୍ର ବିଶ୍ୱାଳ ଛାତ୍ରଛାତ୍ରୀମାନଙ୍କୁ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଜଳପ୍ରପାତ କିପରି ସୃଷ୍ଟି ହେଉଛି, ଏବଂ ଭୂମିରୂପ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇ ଥିଲେ। ସେହିପରି ସହକାରୀ ଶିକ୍ଷକ ପି. ଜାନକୀ ରାଓ ପ୍ରାକୃତିକ ଭାବେ ଜଙ୍ଗଲ ସୃଷ୍ଟି ସହ ବୃକ୍ଷର ବିଭିନ୍ନ ଅଂଶ ଉପରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଭାରପ୍ରାପ୍ତ ଶିକ୍ଷକ ପ୍ରଧାନ ଶିକ୍ଷକ ରତ୍ନାକର ପାଳଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ଟେମ୍ପୁରୁପାଲି ପଞ୍ଚାୟତ ସରପଞ୍ଚ ତୁମେଶ୍ୱର ସମରଥ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସିଆରସି ସତ୍ୟବ୍ରତ ବେହେରା, ଟେମ୍ପୁରୁପାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଜେନା, ପରିଚାଳନା କମିଟି ସଭାପତି ମାରୁ ଦୂରୂଆ ଯୋଗଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ଦୂରଭାଷ ଯୋଗେ ଛାତ୍ରଛାତ୍ରୀମାନଙ୍କୁ ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଆଶିଷ କୁମାର ଓଡ଼ିଆ, ନିଳାରାମ ଦୁରୁଆ, ସନା ସୋଡ଼ି, ମଙ୍ଗଲି ସୋଡି, ମଙ୍ଗଳା ମିଡିଆମି, ବଳରାମ ଦୁରୁଆ, ବୁଦ୍ରୀ ସୋଡି, ବାଳମତି ଦୁରୁଆ, ସୁନୀଲ ଦୁରୁଆ ଉପସ୍ଥିତ ଥିଲେ।




## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ତେନ୍ତୁଳିଖୁଣ୍ଟି, ୭।୨(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ସ୍ଥିତ ସରକାରୀ ସ୍ନାତକ ମହାବିଦ୍ୟାଳୟତରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିନୟ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଇନ୍ଦ୍ରାବତୀର ବିଶିଷ୍ଟ ବ୍ୟବସାୟୀ କୃପାନିଧି ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶିକ୍ଷିକା ରଶ୍ମିତାଞ୍ଜଳି କର୍କରାଙ୍କ ସହଯୋଗରେ ଏହି ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସରକାରୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ଆଲବିନ ରିକୋ ଖାଲଖୋ ପରିଚାଳନା କରି ଛାତ୍ରଛାତ୍ରୀମାନଙ୍କୁ 'ନିଜେ ଶିକ୍ଷିତ ହେବା ସହ ଅନ୍ୟମାନଙ୍କୁ ଶିକ୍ଷା ଦେବା ଓ ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ ସୁରକ୍ଷା ଦେବାରେ ଏହା ବେଶ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଆତ୍ମସୁରକ୍ଷା ତାଲିମ ଦାୟିତ୍ୱରେ ଥିବା ସୁଶ୍ରୀ ପୂର୍ବା ଭତ୍ରା, ଜି. ସୁନିତା, ଅଧ୍ୟାପକ ଡ. ବିରାଜ ଚଲାନ, ନିରଞ୍ଜନ ସାହୁ, କପିଳାସ କୁମ୍ଭାର, ଶ୍ରବଣ କୁମାର ପୂଜାରୀ, ଯୁଧିଷ୍ଠିର ବିଷୋୟୀ ଓ କଲେଜର ସମସ୍ତ କର୍ମଚାରୀ ତଥା ଛାତ୍ରଛାତ୍ରୀ ଉପସ୍ଥିତ ରହି ଶିବିରରେ ସକ୍ରିୟ ସହଯୋଗ କରିଥିଲେ।



## ବିଷମକଟକରେ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା

● ୧୨୮୧ ଆବେଦନ ପତ୍ର ଗ୍ରହଣ



ବିଷମ କଟକ, ୭।୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତ ମେଳା ଅନୁଷ୍ଠିତ ହୋଇଯାଇଛି। ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନିଯୁକ୍ତମେଳା ଆୟୋଜିତ ହୋଇଛି। ଏହି ମେଳାରେ ବିଷମ କଟକ ବିଧାୟକ ନିଳମାଧବ ହିକାକା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଗୁଣପୁର ଉପଜିଲ୍ଲାପାଳ ଅବିଶେଖ ଦୁଲାଲ, ଜିଲ୍ଲା ସ୍କିଲ ଡେଭଲପମେଣ୍ଟ ଅଧିକାରୀ ସ୍ୱର୍ଣ୍ଣ ଲତା ରାଉତ, ଗୋଳାବନ୍ଧ ଆର୍ମି ଲେଫ୍ଟନାଣ୍ଟ କର୍ଣ୍ଣଲ ଗଗନ ଦିପ ସିଂ, ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜିଲ୍ଲା ତଥା ଜିଲ୍ଲା ବାହାରୁ ୬୨ ଟି ସରକାରୀ ସ୍ୱିକୃତିପ୍ରାପ୍ତ ଏବଂ କମ୍ପାନର ଷ୍ଟଲ ଖୋଲି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତ ଆଶାୟୀମାନଙ୍କ ଅବେଦନ ପତ୍ର ଗ୍ରହଣ କରିଛନ୍ତି। ନିଯୁକ୍ତି ମେଳାରେ ସମୁଦାୟ ୧୨୮୧ଜଣ ଆବେଦନକାରୀ ନାମ ପଞ୍ଜିକୃତ କରିଛନ୍ତି। ଜିଲ୍ଲାସ୍ତରୀୟ ନିଯୁକ୍ତ ମେଳାରେ ବ୍ଲକ ବିଏସ୍ଏସ୍ଓ ମୁନା ତାଡିଙ୍ଗି, ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ସାହୁ, ଝରଣା ତ୍ରିପାଠୀ, ବ୍ଲକ ମଙ୍ଗଳ ଅଧିକାରୀ ଶୁଭପ୍ରଦା ଶାସମଲ, ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ତେଲେଙ୍ଗାନା ଚାଷୀଙ୍କ ଓଡ଼ିଶାର ଏପିସି ମଡେଲ ପରିଦର୍ଶନ

ପଟ୍ଟାଙ୍ଗି, ୭।୨(ସମିସ): ତୃଣମୂଳ ସ୍ତରରୁ ବଜାର ସଂଯୋଗ ପର୍ଯ୍ୟନ୍ତ କୃଷି ଉତ୍ପାଦନ କ୍ଲଷ୍ଟର୍-ଏପିସି ମଡେଲର କାର୍ଯ୍ୟକାରିତା ବୁଝିବା ଉଦ୍ଦେଶ୍ୟରେ ତେଲେଙ୍ଗାନାର ରାଜ୍ୟର ୭୫ରୁ ଊର୍ଦ୍ଧ୍ୱ ଚାଷୀ ଗଣ ପଟ୍ଟାଙ୍ଗି ଓ ସେମିଳିଗୁଡ଼ା ବ୍ଲକର କୃଷି ଉତ୍ପାଦନ କ୍ଲଷ୍ଟର୍ ଗୁଡ଼ିକୁ ପରିଦର୍ଶନ କରିଛନ୍ତି। ଭାରତ ରୁରାଲ୍ ଲାଇଭଲିହୁଡ୍ ଫାଉଣ୍ଡେସନ୍-ବିଆର୍ଏଲ୍ଏଫ୍‌ର ଏସ୍‌ପିଏମ୍ୟୁ ଟିମ୍ ସହ ଆସିଥିବା ଏହି ଚାଷୀମାନଙ୍କୁ ଫାଉଣ୍ଡେସନ୍ ଫର୍ ଇକୋଲୋଜିକାଲ୍ ସିକ୍ୟୁରିଟିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଦୁଇଟି ପର୍ଯ୍ୟାୟରେ ହୋଇଥିବା ଏହି ଚାରି ଦିନିଆ ଶିକ୍ଷାମୂଳକ କାର୍ଯ୍ୟକ୍ରମରେ ଚାଷୀମାନେ ଉତ୍ପାଦନରୁ ବଜାର ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ବିଷୟରେ ତଥା ବିଶେଷକରି ଉତ୍ପାଦକ ଗୋଷ୍ଠୀ ଏବଂ ମହିଳା କୃଷକ ଉତ୍ପାଦକ ଗୋଷ୍ଠୀ ଗଠନ ତଥା ସରକାରୀ ଯୋଜନାର ସଫଳ ରୂପାୟନ ମାଧ୍ୟମରେ ଜୀବିକା ବିକାଶ ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ନୂତନ ଜ୍ଞାନକୌଶଳ ଓ ମୂଲ୍ୟଯୁକ୍ତ ପ୍ରକ୍ରିୟାରେ ଚାଷୀମାନେ କୃଷି କ୍ଷେତ୍ରରେ ନୂତନ ପଦ୍ଧତି, ଗ୍ରୀନ୍ କଲେଜ୍ ଓଡ଼ିଶା ମାଧ୍ୟମରେ କରାଯାଇଥିବା ସେଠାରେ 'ମୃତ୍ତିକାବିହୀନ ନର୍ସରୀ' ମଡେଲ୍ ଏବଂ ଏହାବ୍ୟତୀତ 'ଅନ୍ନଦାତା' ଏବଂ 'ସନ୍ତୋଷୀ' ଉତ୍ପାଦକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଅଦା ପ୍ରକ୍ରିୟାକରଣ ୟୁନିଟ୍ ବୁଲି ଦେଖିଥିଲେ। କ୍ଷୁଦ୍ର ଚାଷୀମାନେ କିପରି ସ୍ଥାନୀୟସ୍ତରରେ ନିଜ ଉତ୍ପାଦର ମୂଲ୍ୟ ବୃଦ୍ଧି କରି ଲାଭବାନ ହୋଇପାରୁଛନ୍ତି। ସାମୂହିକ ଚାଷର ସଫଳତାରେ ଗୋଷ୍ଠୀ ଭିତ୍ତିକ କୃଷିର ଶକ୍ତିକୁ ପ୍ରଦର୍ଶିତ କରିଥିଲା 'ଶ୍ରୀରାମ', 'ଛୋଟିଗାଙ୍ଗାମା' ଏବଂ 'ମାଲିମାର୍ଲା' ଉତ୍ପାଦକ ଗୋଷ୍ଠୀର କାର୍ଯ୍ୟଧାରା। ଏଠାରେ ଚାଷୀମାନେ କିପରି ସାମୂହିକ ଭାବେ ପନିପରିବା ଏକତ୍ରୀକରଣ କରୁଛନ୍ତି, ତାହା ତେଲେଙ୍ଗାନା ଦଳ ଦେଖିଥିଲେ। ଏହି ବିଭିନ୍ନ ଚାଷର ମାଧ୍ୟମ ଗୁଡ଼ିକୁ ପରିଦର୍ଶନ କରି ଦେଖିଥିଲେ। ପଟ୍ଟାଙ୍ଗି ଓ ସେମିଳିଗୁଡ଼ା ଏପିସିର ସଫଳ ଯାତ୍ରା ତେଲେଙ୍ଗାନା ଚାଷୀଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ପାଲଟିଛି। ଏହି ଅନୁଭୂତିକୁ ପାଥେୟ କରି ସେମାନେ ନିଜ ରାଜ୍ୟରେ ଏଭଳି ସଫଳ ମଡେଲ୍ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଆରଏଲଏଫ ତେଲେଙ୍ଗନା ଟିମ ତରଫରୁ ଟି ତରୁଣ, ନୀରଜ କୁମାର ଏବଂ ଲିଜାଲିନ ମହାରଣା, ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି ପଟ୍ଟାଙ୍ଗୀ ଓ ସେମିଳିଗୁଡାରୁ ଦିଲ୍ଲୀପ କୁମାର ଚମ୍ପି, ରମେଶ ଚୌଧୁରୀ, କୃତିକା ମହାନ୍ତି, କେ. ମୁରଲୀ କ୍ରୀଷ୍ଣା ଏବଂ ଗୋଷ୍ଠୀ ସାଧନ ବ୍ୟକ୍ତି ଜୟନ୍ତୀ ଧଳ, ତ୍ରିନାଥ ଖିଲ ସମେତ ଆଞ୍ଚଳିକ ମହିଳା ଫାର୍ମର୍ସ ପ୍ରଡ୍ୟୁସର୍ କମ୍ପାନୀ ନିର୍ଦ୍ଦେଶିକା ଲାକି ଜାନି ଓ ନିର୍ବାହୀ ଅଧିକାରୀ ବସନ୍ତ ଅଠରେ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ସଭ୍ୟପଦ ନ ଥାଇ ସରପଞ୍ଚ ଓ ସମିତି ସଭ୍ୟ କଂଗ୍ରେସରୁ ବହିଷ୍କାର ଅଭିଯୋଗ

ଗୁଡାରୀ, ୭।୨(ସମିସ)

ଗୁଡାରୀ ବ୍ଲକରେ ଆଗତ ହୋଇଥିବା ଅନାସ୍ଥା ପ୍ରସ୍ତାବରେ କଂଗ୍ରେସ ଦଳରୁ ୮ ଜଣ ସମିତିସଭ୍ୟ, ସରପଞ୍ଚ, ବରିଷ୍ଠ ନେତା ରଘୁନାଥ ପାତ୍ର ସହଯୋଗ କରିଥିଲେ। ଏଥିରେ ପ୍ରଦେଶ କଂଗ୍ରେସ କମିଟି ଖପ୍ପା ହୋଇ ବୁଧବାର ଦିନ ଉକ୍ତ ୮ଜଣକୁ ଦଳରୁ ବହିଷ୍କାର କରିଥିବା ଚିଠିରେ ଉଲ୍ଲେଖ କରିଛି। ଏହା ଶୁଣିବା ପରେ ଏମକେ ରାଇ ସମିତି ସଭ୍ୟ ଅର୍ଜୁନ ଶବର ଏବଂ ମଧୁବନ ସରପଞ୍ଚ ବଂଶିଧର ଶବର ସେମାନେ କୌଣସି ଦଳର ସଭ୍ୟ ପଦ ଗ୍ରହଣକରି ନଥିବା କହିବା ସହ କଂଗ୍ରେସ ଦଳ କାହା କଥା ଶୁଣି ଆମକୁ ବହିଷ୍କାର କରିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଏହା ଦଳ ପାଇଁ ହାସ୍ୟାସ୍ପଦର କଥା ବୋଲି ସେ କହିଛନ୍ତି। ଅନ୍ୟପଟେ ବଂଶି କହିଛନ୍ତି, ଆମେ ଗୁଣପୁର ଉପାଧ୍ୟକ୍ଷ ସାନଗୌଡ ହିଁ ଆମର ସବୁ କିଛି ଓ ସେହି ସମୟରେ ଶ୍ରୀ ଗୌଡ ସମର୍ଥନ କରିବା ପାଇଁ କହିଥିଲେ, ଏଣୁ ଦଳକୁ ସମର୍ଥନ କରିଥିଲୁ। କିନ୍ତୁ କଂଗ୍ରେସ ଦଳ ସଭ୍ୟ ଗ୍ରହଣ କରିନୁ ବୋଲି ରୋକ୍‌ଠୋକ୍ ମନା କରିଦେଇଛନ୍ତି। ଯାହାକୁ କର୍ମୀ ମହଲରେ ତୀବ୍ର ନିନ୍ଦା କରାଯାଯାଇଛି। ଏଠାରେ ସୂଚନାଯୋଗ୍ୟ, ଗୁଡ଼ାରୀ ବ୍ଲକ ରାଜନୀତିରେ ଦୀର୍ଘ ମାସ ଧରି ଆଇନଗତ ଲଢ଼େଇ ପରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀ ଶବର ଅନାସ୍ଥା ଭୋଟରେ ପରାଜିତ ହୋଇ ପଦ ହରାଇଛନ୍ତି। ଭାରପ୍ରାପ୍ତ ବ୍ଲକ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବିଶ୍ୱନାଥ ଶବର। ଏହି ଘଟଣା ବିଧାୟକ ସତ୍ୟଜିତ ଗମାଙ୍ଗତାଙ୍କ ସହଯୋଗୀମାନଙ୍କୁ ଶକ୍ତ ଧକ୍କା ଲାଗିଛି। ସେ ପୂର୍ବ ଅଧ୍ୟକ୍ଷା ଲକ୍ଷ୍ମୀ ଶବର ବଞ୍ଚାଇବା ପାଇଁ ହାଇକୋର୍ଟ ପର୍ଯ୍ୟନ୍ତ ଲଢ଼େଇ କରି ମଧ୍ୟ ବିଫଳ ହୋଇଥିଲେ। ଏବେ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ଉପରେ ଦୋଷ ଲଦିବାକୁ ଦେଇ ପ୍ରଦେଶ କଂଗ୍ରେସ ଶୃଙ୍ଖଳା କାର୍ଯ୍ୟାନୁଷ୍ଠାନ କମିଟିର ଅଧ୍ୟକ୍ଷ ସୁଜିତ ପାଢ଼ି ବହିଷ୍କାର ଆଦେଶ ଜାରି କରିଛନ୍ତି। କିନ୍ତୁ ଏଥିରୁ ଏମକେ ରାଇ ସମିତି ସଭ୍ୟ ଏବଂ ମଧୁବନ ସରପଞ୍ଚ ଦଳର କୌଣସି ସଭ୍ୟ ପଦରେ ନାହୁଁ ବୋଲି କହିବା କେତେ ଦୂର ଯଥାର୍ଥ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ହୋଇଛି।

ସାଧାରଣରେ ଚର୍ଚ୍ଚା

## କାଣଶୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ





କଲ୍ୟାଣସିଂହପୁର, ୭।୨(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାରସାଲି ପଞ୍ଚାୟତର କାଣଶୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତହସିଲଦାର ରଞ୍ଜନ କୁମାର ମାନସେଠ, ସମ୍ମାନିତ ଅତିଥି ଅଞ୍ଚଳବାଡ଼ି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିନାଥ ଶବର, ଆଦର୍ଶ ବିଦ୍ୟାଳୟର ଅଧ୍ୟାପକ ସଙ୍ଗିତ ପାଲାକା, ଶିବ ନାରାୟଣ ବାରିହା, ଆଲୋକ କୁମାରଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ମଞ୍ଚାସିନ ରହିଥିଲେ। ଛାତ୍ରଛାତ୍ରୀମାନେ ରଙ୍ଗୀନ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ସଙ୍ଗୀତ ଓ ନାଟକ ପରିବେଶନ କରି ସମସ୍ତଙ୍କୁ ମୁଗ୍ଧ କରିଥିଲେ। କ୍ରୀଡା, ଶିକ୍ଷା ଓ ସାଂସ୍କୃତିକ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଧଳ ସଭାପତିତ୍ୱ କରିଥିଲେ।

ସୃଜନକଳା

ସକାଳ
THE SAKALA
www.sakalaepaper.com

## ଦୁଇଟି ଡାଏରି ଗଳ୍ପ





ଡ. ସୁରେଶ ଛୋଟରାୟ

# ଅବସର -୧

ମାଘର ଜାଡ଼। ଡାହା ଫୁଙ୍ଗୁଳା ଦେହ। ଥୁରୁଥୁରୁ ଶୀତକୁ ବାଣୀଫଟା ଗୋଡ଼। ମୁଣ୍ଡରେ ଠେକା। ତା' ଉପରେ ଝୁଟିକଟା କଳେଇ ଦି'ବିଡ଼ା। ସା'ନ୍ତ ଛୋଟେଇ ଛୋଟେଇ ଖଳାବାଡ଼ିକୁ ପଶନ୍ତି। ଭୁସ୍‌ଭାସ୍ କଳେଇ ଖାଲି କରି ଠେକା ଭିଡ଼ା ଗାମୁଛାକୁ ଦେହରେ ବେଢ଼େଇ ଡଗଡ଼ଗ ହୋଇ ପୁଣି ଫେରନ୍ତି ଧାନଜମିକୁ। ଏମିତି କଳେଇବୁହା ଜାରି ରହେ। ରାତି ଦୁଇ, ତିନି ଘଡ଼ି ଅଥବା ସବୁ କଳେଇ ଶେଷ ହେବା ଯାଏ। କେବେ କେମିତି ସା'ନ୍ତବୋଉ ସା'ନ୍ତଙ୍କୁ ଆକଟ କରି କୁହେ - "ଥାଉ ହେ, କାଲି ଆଣିବ। ଦେଖୁନ, ମାଘର ଶୀତକୁ ବାହାରେ ହାଲପା ପବନ ବୋହୁଛି। ଗହୀର ମଝିରେ ଦେହ ଥରି ଯାଉଥିବ।"

ସେ କିନ୍ତୁ କାହା କଥା ଶୁଣନ୍ତି ନାହିଁ। ଆଜିର କାମ ଆଜି। ସା'ନ୍ତ ବୋଉ ଅଧିକ ଝିଙ୍ଘାସି ହେଲେ ସା'ନ୍ତ ଖୁବ୍ ଶାନ୍ତଭାବେ କହିବେ – ପୁଷ ମାସର ପରିଶ୍ରମ ସାରା ବରଷକ ଅମଳ। ନ' ହେଲେ ବର୍ଷ ତମାମ ଖାଇବା କ'ଣ ?

ଦୀପକ ପିଲାଦିନୁ ତାଙ୍କୁ ଦେଖି ଆସୁଛି। ରାତିଦିନ ଖୁବ୍ ମେହନତ କରନ୍ତି ସା'ନ୍ତ ବାପା। ସେ କେବେ ଥକି ପଡ଼ନ୍ତି ନାହିଁ। ବିଶ୍ରାମ ନିଅନ୍ତି ନାହିଁ। ଲକ୍ଷ୍ୟ ତାଙ୍କର କାର୍ଯ୍ୟ ଶେଷ କରିବାକୁ ହେବ। ଅଥଚ ତାଙ୍କର ଏକମାତ୍ର ପୁଅ ସାଗର ଭାଇ ଗାଁ ସାରା ବୁଲି ତାସ ଖେଳିବା କିମ୍ବା ଚଢ଼େଇ ଧରିବା ଭଳି ଅନେକ ଫାଲ୍‌ତୁ ପିଲାଳିଆ କାମରେ ସାରା ଦିନର ସମୟ କାଟନ୍ତି। ତଥାପି ସା'ନ୍ତ ବାପା କିଛି କହନ୍ତି ନାହିଁ। ଏ ବର୍ଷ ଏକ୍ସମାସ ଛୁଟିରେ ଘରକୁ ଆସି ସେଇ ପୁରୁଣା ଦୃଶ୍ୟ ଦେଖି ଦୀପକ ତାଜୁବ। ଘରେ ଭେଣ୍ଡା ପୁଅ ଥାଉଥାଉ ବୟସର ଅପରାହ୍ଣରେ ସେ ଖଟୁଥିବା ବେଳେ ଅଧା ପାଠୁଆ ପୁଅ ବାହାରେ ବୁଲି ଅୟସ କରୁଛି। କିଛି କହିଲେ, ସାଗର ଭାଇ ଅଜବ କଥା କହିବ - ପୋଷିବାକୁ ଯଦି ତାକତ ନାହିଁ, ଜନ୍ମ କରିବ କାହିଁକି। ତାଙ୍କୁ କିଏ କି ଉତ୍ତର ଦେବ ? ସାଗର ଭାଇ ଏମିତି ଗୋଟାଏ ହୁଣ୍ଡାଗୁଣ୍ଡା ପ୍ରକୃତିର ଲୋକ।

ସା'ନ୍ତ ବାପା ଆଗ ଅପେକ୍ଷା ଏବେ ବୟସ ଭାରରେ ଖୁବ୍ ଦୁର୍ବଳ ଦେଖା ଯାଉଛନ୍ତି। ସେ ଆମ ପଡ଼ୋଶୀ। ସର୍ବଦା ଆମ ସୁଖ, ଦୁଃଖରେ ଥାଆନ୍ତି। ଭାରି ସ୍ନେହୀ ମଣିଷ। ଦୀପକ ଗାଁକୁ ଆସିଲେ, ସେ ବୋଉକୁ ତାଙ୍କ କଥା ଆଗେ ପଚାରେ। ଆଜି କାହିଁକି ଦେଖୁ ଦେଖୁ ତା' ମନରେ ପ୍ରଶ୍ନଟିଏ ଉଙ୍କି ମାରିଲା। ବାପାଙ୍କଠୁ ସେ ବୟସରେ ବଡ଼। ବାପା ଶିକ୍ଷକତାରୁ ଦଶ ବର୍ଷ ହେବ ଅବସର ନେଲେଣି। ଶ୍ୱାସ ଯୋଗୁ ସେ ଘରୁ ବାହାରକୁ ବିଶେଷ ବାହାରନ୍ତି ନାହିଁ। ବାପାଙ୍କଠାରୁ ସା'ନ୍ତ ବାପା ବୟସରେ ପ୍ରାୟ ଚାରି ବର୍ଷ ବଡ଼। ଅଥଚ ତାଙ୍କର ଏଯାଏ ଅବସର ଘୋଷଣା ହେଉ ନାହିଁ। ଦୀପକକୁ ଭାରି ଦୁଃଖ ଲାଗିଲା । ସେ ଦିନେ ପାଖକୁ ଆସି ପଚାରିଲା - ସା'ନ୍ତ ବାପା, ତୁମର କ'ଣ ଏମିତି ସବୁଦିନ ଖଟୁଥିବା କାମରୁ ଅବସର ନେବିନି ? କେବେ ନେବ ? ସା'ନ୍ତ ବାପା ଘଡ଼ିଏ ରହି ଆକାଶକୁ ଚାହିଁ କହିଲେ - "ପୁଅ ଯେବେ ରୋଜଗାରକ୍ଷମ ହୋଇଯାଏ, ବାପା ଅବସର ନେଇଥାଏ।" ଦୀପକ ବୁଝିଗଲା, ଥରେ ଚାହିଁଲା ସା'ନ୍ତଙ୍କ ଆଡ଼କୁ ଯେମିତି ଆଜି ସେ ଜଣେ ନୂଆ ଲୋକକୁ ଦେଖୁଛି। ସା'ନ୍ତଙ୍କୁ ନୁହେଁ। ■



# ଅବସର -୨

ଦୀପକ ସପ୍ତାହେ ହେବ ଭୁବନେଶ୍ୱର ଫେରି ଆସିଲାଣି ଅଥଚ ସା'ନ୍ତ କଥା ସେ ମନରୁ ଭୁଲି ପାରୁନି। ବୟସର ଅପରାହ୍ଣରେ କେତେ ଅସହାୟ ମଣିଷ ! ପୁଅ କ'ଣ ସତରେ ବୁଝିପାରୁନି। ତାକୁ ଦିନେ ଏମିତି ସମୟ ଦେଇ ଆଗକୁ ଯିବାକୁ ହେବ। ସେ ସମୟ ଆସୁଛି। ଦୀପକ ମନଟା ଖୁବ୍ ଭାରାକ୍ରାନ୍ତ ଲାଗିଲା। ଦୀପକ ରହିଥିବା ଭଡ଼ାଘରର ମାଲିକ ଶୁଭକାନ୍ତ ବାବୁ ସରକାରୀ ଚାକିରି କରନ୍ତି ଏବଂ ଏକ ବିଦେଶୀ କମ୍ପାନୀରେ ତାଙ୍କ ସ୍ତ୍ରୀ। ଦୁଇଟି ପିଲା। ଗୋଟିଏ ସ୍କୁଲ ଗଲାଣି। ସାନଟି ଚାଲି ଶିଖିଲାଣି। ଆସନ୍ତାକୁ ପ୍ଲେ' ସ୍କୁଲ ଯିବ। ଛୋଟ ସଂସାର। କେବଳ ଛୁଟି ଦିନ ବ୍ୟତୀତ ଉଭୟଙ୍କ ଚାକିରି ସମୟ ଏମିତି ଦୀପକ ସହିତ ପ୍ରାୟ ଦେଖା ହୁଏନି। ଘରେ ପିଲାମାନଙ୍କ ଯତ୍ନ ନେବାକୁ ଶୁଭକାନ୍ତଙ୍କ ବୋଉ ଗାଁରୁ ଆସି ଅଛନ୍ତି। ଲୋଟଣି ପାରା ପରି ସେ ସାରା ଦିନ କାମରେ ଲାଗିଥାଆନ୍ତି। ତାଙ୍କୁ ପ୍ରାୟତଃ ବାହରକୁ ବାହାରିବା ଦେଖା ଯାଏନି। ଛୋଟ ପିଲାଙ୍କ ଜଞ୍ଜାଳ ସାଙ୍ଗକୁ ପୁଅ ବୋହୂଙ୍କ ପାଇଁ ରୋଷେଇ ଓଗେର ନିଜ ହାତରେ କରନ୍ତି। ତାଙ୍କୁ ଦେଖିଲେ ଦୀପକ ବୋଉକଥା ମନେ ପକାଏ। ବୋଉ ପରି ଶୁଭକାନ୍ତଙ୍କ ବୋଉଙ୍କ ବୟସ, ଅବସ୍ଥା ଏକାପରି। ଅଣ୍ଟା ସାମାନ୍ୟ ନଇଁ ଆସିଲାଣି। ମାତ୍ର ବିଶ୍ରାମ ନାହିଁ। ଦୀପକ ସେଇଥିପାଇଁ ଶ୍ରଦ୍ଧାକୁ ନିଜ ଚାକିରି ସ୍ଥାନକୁ ଆଣିପାରୁନି କାରଣ ବୋଉର ବୟସ ଭାର ଆଉ କାମକୁ ଆଗଭର ହେଉନି। ପୁଣି ବାପାଙ୍କ ଦାୟିତ୍ୱ।

ଦିନେ ଖରା ବେଳେ ଦୀପକର ଭାରି ଇଚ୍ଛା ହେଲା ମାଉସୀଙ୍କ ସହିତ ଦେଖା ହୋଇ ଦି'ପଦ କଥାହେବ। ଦେଖା କରିବାକୁ ଘର ଭିତରକୁ ଚାଲିଗଲା। ଦିନ ତିନିଟା ବାଜିଲାଣି। ମାଉସୀ ନିଜ ପାଇଁ ଗୋଟିଏ ଥାଳିରେ ଖାଇବା ଆଣି ଥୋଇଲା ବେଳକୁ ସାନ ଛୁଆଟା କାନ୍ଦଣା ଶୁଣି ତାକୁ କୋଳକୁ ନେଇ ସେଇଠି ବସିଛନ୍ତି। ଦୀପକ ଏ ଦୃଶ୍ୟ ଦେଖି ତାଜୁବ। ଆପେ ଆପେ ତା' ପାଟିରୁ ବାହାରି ଆସିଲା – "ମାଉସୀ ମୁଁ ଛୁଆକୁ ଧରୁଛି, ଆପଣ ଖାଇ ନିଅନ୍ତୁ। ଦିନ ଆସି କେତେ ହେଲାଣି ଦେଖନ୍ତୁ, ଅଥଚ ଆପଣ ଏ ଯାଏ ଖାଇନାହାଁନ୍ତି।"

ମାଉସୀ କହିଲେ - "ମୋର ଦେହ ଭଲ ନାହିଁ। ଖାଇବାକୁ ଇଚ୍ଛା ହେଉନି। ତା'ଛଡ଼ା କାମରୁ ଫୁରସତ କାହିଁ ?"

ଦୀପକ କହିଲା – "ଆପଣ ମୋ' ବୋଉ ବୟସ ସହିତ ପ୍ରାୟ ସମାନ। ଆଉ ଆପଣ କେତେ ଦିନ କାମ କରିବେ। ଏଣିକି ଅବସର ନେବା ଦରକାର। ଆପଣ କଣ ଅବସର ନେବେନି ?" ମାଉସୀ ଖୁବ୍ କଷ୍ଟରେ କହିଲେ - "ଅବସର ମଶାଣିକୁ ଯିବାପରେ ମିଳିବ ପୁଅ।"

ଦୀପକ କହିଲା – "ମୁଁ ଆଜି ଶୁଭକାନ୍ତ ବାବୁଙ୍କୁ କହିବି ଅନ୍ତତଃ ଘର କାମ ପାଇଁ ଲୋକଟିଏର ବ୍ୟବସ୍ଥା କରିବେ। ଆପଣ ଏ ବୟସରେ କାମ କରିବା ସମ୍ଭବ ନୁହେଁ।"

ମାଉସୀ ପଣତ କାନିରେ ଝାଲୁଆ ମୁହଁଟା ପୋଛି କହିଲେ – "ମୋ ଶୁଭ ମନା କରିବନି। କିନ୍ତୁ...?" ■

ଚିତ୍ରକଳ୍ପ
ନବୀନାବାଗ, ଖୋର୍ଦ୍ଧା ୭୫୨୦୫୫
ମୋ: ୯୪୩୭୦୩୩୩୫୨

# କୃତ୍ରିମ ବୁଦ୍ଧିମତ୍ତାର ସ୍ରୋତରେ !



ସତ୍ୟନାରାୟଣ ଗନ୍ତାୟତ

ପ୍ରାକୃତିକ
ଆଉ କେବେ ହୋଇ ପାରିଛି ଯେ ?
କର୍ମ ଆଦରି ତ'
ସହି ଆସୁଛି ଯାବତ ଦୁଃଖ
କେବେ ହେଁ ନ ହୋଇ ବିମୁଖ
ବରଂ ମିଛ ହସ
ମୁହଁରେ ମୋ' ମାଖି ଦେଇ
ଦିଶିଛି ହସକୁରା ବାହାରକୁ
ଅଲାଜୁକ ପଣ ମୋର ନେଇ !

ହଁ
ମୋ ବୁଦ୍ଧି ଓ ବିବେକ
ସଙ୍ଖାଳି ହୋଇଥିଲେ ସିନା
କେବେ ଅତୀତରେ
ହେଲେ ସମୟ ଅସମୟ ହୋଇ
ଛଳ ବଳ କଉଶଳ ତା' ଲଗାଇ
ସବୁ କିଛି
ଛଡ଼ାଇ ନେବା ଆଗୁ ମୋଠୁ
ନିଜେଇ ରୁନ୍ଧି ଦେଲି ବୁଦ୍ଧିକୁ
ବେକ ମୋଡ଼ି
ଫୋପାଡ଼ି ଦେଇଚି ବିବେକକୁ ମୋ !

ଏବେ ଗୋଟାପଣେ କୃତ୍ରିମ ମୁଁ
ମୋ ଭିତର ମୋ' ବାହାର
କାୟ ମନ ବାକ୍ୟ
ସବୁ କିଛି ଯଦିଓ ମୋର
ମୁଁ କିନ୍ତୁ ଆଉ ରହିନି
ହୋଇ ଏକା ମୋ ନିଜର !

ତେଣୁ ତ'
ଏଣିକି ସମଝୋତା କରି ନେଲି
ଅର୍ଥ ନୂଆ ପଣ ନାଁରେ
କୃତ୍ରିମତା ମେଞ୍ଚେ ମାଖି
ମୋତେ ଦେଖାଇ ହେଉଥିବା
ସେଇ ସମୟ ସାଥିରେ
ଆପଣାଇ ନେଇଚି
ନିଜକୁ ସମର୍ପି ଦେଇ ତା ହାତରେ
ନିହାତି ପ୍ରାକୃତିକ ଭାବରେ !

ଏଣିକି ସବୁ କିଛି ମୋ
କୃତ୍ରିମ କୃତ୍ରିମ
ସଜାଡୁଚି ନିଜକୁ ଭାସିବାକୁ
ସମୟ ଭିଆଇ ଚାଲିଥିବା
କୃତ୍ରିମ ବୁଦ୍ଧିମତ୍ତାର ଏଇ
ବେଲୁ ବେଳ ପ୍ରଖର ସ୍ରୋତରେ !! ■

'ସୁହାସିତମ୍', କସ୍ତୁରୀ ନଗର
ରାୟଗଡ଼ା- ୭୬୫୦୦୧
ମୋ: ୯୪୩୭ ୯୦୯୭୭୫





କେ. ଶ୍ୟାମବାବୁ ଦୋରା

# ଜଣାଣ

ସେ ଶଙ୍ଖକ୍ଷେତ୍ରକୁ
ଶଙ୍ଖକ୍ଷେତ୍ର ବୋଲି ଲେଖି ପାରିଲା ନାହିଁ

ଶଙ୍ଖ ଜାଗାରେ ସେ ଦେଖିଲା
ଶବ, ଶାମୁକା, ବାଲି, କଙ୍କଡ଼ା, କାଦୁଅ, କାଗଜ
ଇତ୍ୟାଦି ।

ସେ ହତୋତ୍ସାହିତ ହେଲା
ସେ ତା' ଅକ୍ଷରମାନଙ୍କୁ ପରୀକ୍ଷା କରିବା ପାଇଁ ଚାହିଁଲା
ଗୋଟେ ଅକ୍ଷରକୁ ଓଲଟାଇ ଦେଇ ଦେଖିଲା ତା' ପଛର କୁତ୍ସିତ ବିପଣନକୁ
କାହାକୁ ସିଧା କଲା ତ କାହାକୁ ତେଢ଼ା
ସେ ସେମାନଙ୍କର ଧୈର୍ଯ୍ୟକୁ ମାପିଲା
ନମନୀୟତାକୁ ପରଖିବାକୁ ଯାଇ
ଗୋଟ ଅକ୍ଷରକୁ ଟାଣି ଧରିଲା ରବର ପରି
କାହାକୁ ଚକ୍ରୀ ପରି ଗୋଲ୍ ଗୋଲ୍ ଘୂରେଇଲା
ସ୍ଥିରତାକୁ ବୁଝିବାର ଆଶାରେ
ତା' ଅକ୍ଷରମାନେ ତାକୁ ମନେ ହେଲେ
ଅମାନିଆ, ଉଦ୍-ଭ୍ରାନ୍ତ, ଅଶ୍ଳୀଳ ।

ସିଂହାସନ ତା'ର ପ୍ରିୟ ନଥିଲା
ତଥାପି ସିଂହଦ୍ୱାର ଦେଇ ସେ ପ୍ରବେଶ କଲା ଭିତରକୁ
ଓ ବିଗ୍ରହମାନଙ୍କ ଆଖି ଦେଇ ତା' ନିଜକୁ ଦେଖିଲା
ତା' ଜାଗାରେ କିଏ ଥିଲା କେଜାଣି
ସେ ବିସ୍ମିତ ଓ ବିହ୍ୱଳ ହେଲା
ଓ ଡାକ ପକାଇଲା – ମହାବାହୁ... !

ଏ ପଦକ ଉଚ୍ଚାରଣ ମାତ୍ରକେ ସେ ଉର୍ଦ୍ଧ୍ୱମୁଖୀ ହେଲା
ତା' ମୁଣ୍ଡ ଉପରେ ଥିଲା ମାଟି
ତଳେ ଆକାଶ ।

'ଗୋଟେ ବୋଲି ଖପୁରି
ବାକି ସବୁ କୁଆ' ବୋଲି ଲେଖିଥିବା କବିଙ୍କୁ ସେ
ଉପହାର ଦେଲା ନିଜର ଆଖି
ଓ କହିଲା - ମହାଭାଗ,
କୁଆମାନେ ସୁଖରେ ଅଛନ୍ତି ଯଦି ଥାଆନ୍ତୁ
ହେଲେ ପାରାମାନେ ଘୁମୁରୁ ଥାଆନ୍ତୁ ମନ୍ଦିର ଉପରେ
ସ୍ୱଚ୍ଛନ୍ଦରେ
ଚିରକାଳ ।

ତା' ଅକ୍ଷରମାନେ ସଂଜତ ଓ ସଂଭ୍ରମ ହେଲାବେଳକୁ
ତା'ର ଜଣାଣଟିଏ ଲେଖିବାକୁ ଇଚ୍ଛା ହେଲା
ତେବେ ଏତେବେଳକୁ ତାକୁ ଲାଗିଲା ଯେ'
ସିଏ ନିଜେ ହିଁ ଗୋଟେ ଜଣାଣ
ଶବ୍ଦ, ଭାବ, ଧ୍ୱନି, ସୁର, ତାଳ, ଲୟ, ଛନ୍ଦ...


କିଏ ଜଣେ ତାକୁ ଗାଇଲା
ଗାଉ ଗାଉ ସେ ଆଉ ଜଣକ
ଏକା ସାଙ୍ଗରେ ନିଃଶେଷ
ଓ ଥିବାପଣରେ ଉଚ୍ଛୁଳି ଉଠିଲା
ମୁହାଣ ପରି ! ■

ଶୋଭା କିଡସ୍ ଆଣ୍ଡ କସ୍‌ମେଟିକ୍ସ
ଜନାନା ହସପିଟାଲ ରୋଡ
ବ୍ରହ୍ମପୁର - ୭୬୦୦୦୧
ମୋ : ୭୦୦୮ ୯୨୩୨୯ ୬

## ପୁସ୍ତକ ପରିଚୟ

### ଜହ୍ନରାତିର ପଚାଶ କବିତା

ରବିପ୍ରିୟ ଦାଶ





ନରଗଡ଼, ଜିଲ୍ଲା: ଖୋର୍ଦ୍ଧା
ପିନ୍: ୭୫୨୦୧୮
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ମଣିଷ ହୃଦୟର ସ୍ୱତଃସ୍ଫୂର୍ତ୍ତ ଆବେଗ କବିତାର ରୂପ ନିଏ। ହୃଦୟର ଅମାପ ଭାବାବେଗ ପ୍ରସ୍ଫୁଟିତ ହୋଇଛି ରବିପ୍ରିୟ ଦାଶଙ୍କ 'ଜହ୍ନରାତିର ପଚାଶ କବିତା' ପୁସ୍ତକରେ। ଏହି ପୁସ୍ତକର 'ମିଳିଲାନି ସ୍ୱପ୍ନପୁରୀ, 'ଦେଖିଲିନି ବ୍ରାହ୍ମଣ୍ଡ ସୁନ୍ଦରୀ', 'ଚିତ୍ରଲେଖାର ସ୍ୱପ୍ନ', 'ଏଇମିତି ପ୍ରତିଶ୍ରୁତି', 'ତିନ୍ତିବାକୁ ବାକିଅଛି ଆଖିପତା', 'ବିଶ୍ୱାସର ଫଟୋଚିତ୍ର', 'ସଞ୍ଚିତ ଲୁହ', 'ଦ୍ୱିତୀୟ ସ୍ୱର୍ଗ', 'ଯନ୍ତ୍ରଣା ବି ହଜିଯାଏ ପ୍ରେମର ବନ୍ୟାରେ' କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ସେହିପରି 'ଭାରାକ୍ରାନ୍ତ ଜହ୍ନରାତି'ରେ ଜହ୍ନରାତିକୁ ନେଇ ୫୦ଟି ମନଛୁଆଁ କବିତାରେ ରହିଛି। ଜହ୍ନ କାହା ପାଇଁ ମାମୁଁ, କାହା ପାଇଁ ପ୍ରେମିକା। ଜହ୍ନ କେତେବେଳେ ମନରେ ଆଶା ଓ ସ୍ୱପ୍ନର ମଞ୍ଜି ବୁଣି ଦିଏ, ପୁଣି କେବେକେବେ ଯୌବନ ଛାତିର ନିଃସଙ୍ଗ ସ୍ପନ୍ଦନ ପାଲଟି ଯାଏ। ଏହି ପୁସ୍ତକର ଅନେକ କବିତାରେ ମଣିଷର ଅନାବିଳ ପ୍ରେମ, ମାନବୀୟ ସମ୍ବନ୍ଧ, ପ୍ରକୃତି ପ୍ରୀତି ଅତି ରମଣୀୟ ଭାବେ ଫୁଟି ଉଠିଛି। 'ଜହ୍ନରାତିର ପଚାଶ କବିତା' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ମୂର୍ଚ୍ଛିତ ମୋକ୍ଷ


ବଦ୍ରି ମିଶ୍ର



ଜଗନ୍ନାଥ ରଥ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦବିହାରୀ, କଟକ-୨
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୨୫ ଟଙ୍କା

ଈଶ୍ୱରୀୟ ସତ୍ତାକୁ ଅନୁଭବ କରିବା ଏକ ମହନୀୟ ଉପଲବ୍ଧି। ମୋକ୍ଷ କେହି କେବେ ଦେଖି ନାହାନ୍ତି। ସମାଜର ଅନେକ ନକାରାତ୍ମକ ଚରିତ୍ର ଭିତରେ ମଧ୍ୟ ଥାଏ ମହନୀୟ ଭାବ। ସେଇ ଚରିତ୍ରମାନଙ୍କ ଆବେଗ, ପ୍ରେମ, ତ୍ୟାଗ, ସମର୍ପଣ ବେଳେବେଳେ ଆଶ୍ଚର୍ଯ୍ୟ ଚକିତ ଓ ଭାବବିହ୍ୱଳ କରେ। ସେଇଭଳି କିଛି ଚରିତ୍ରଙ୍କ ମହନୀୟତା ଅତି ଚମତ୍କାର ଭାବେ ପ୍ରକାଶ ପାଇଛି ଗାଳ୍ପିକ ବଦ୍ରି ମିଶ୍ରଙ୍କ 'ମୂର୍ଚ୍ଛିତ ମୋକ୍ଷ' ପୁସ୍ତକର ଗପଗୁଡ଼ିକରେ। ଏହି ପୁସ୍ତକରେ ସଂକଳିତ ପ୍ରତିଟି ଗପ ଭିତରେ ରହିଛି ମଣିଷକୁ ଭଲ ପାଇବାର ପ୍ରବଣତା, ସାଧାରଣ ମଣିଷ ଭିତରେ ଥିବା ଅସାଧାରଣ ଚେତନା। ରହସ୍ୟମୟ ଜୀବନର ଅନେକ ଜଟିଳ କଥା କାହାଣୀ ମାଧ୍ୟମରେ ବେଶ୍ ଚମତ୍କାର ଭାବେ ପ୍ରସ୍ଫୁଟିତ ହୋଇଛି ଗଳ୍ପଗୁଡ଼ିକରେ। 'ଭିନ୍ନ ଏକ ଇନ୍ଦ୍ରଦ୍ୟୁମ୍ନ', 'ବେପଥୁ ବୈରାଗ୍ୟ', 'ଅର୍ଚ୍ଚନାର ମହାମନ୍ତ୍ର', 'ଅବ୍ୟର୍ଥ ଅନ୍ଧାର', 'ବିସ୍ତାରିତ ବିସର୍ଗ', 'ମୂର୍ଚ୍ଛିତ ମୋକ୍ଷ', 'ଅବିଲୁପ୍ତ ଅତୀତ', 'ବିଭୋର ବର୍ଣ୍ଣମାଳା' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ପ୍ରତିଟି ଗପର ଆଙ୍ଗିକ ଓ ଆତ୍ମିକ ଭାବ ଚମତ୍କାର ହୋଇଛି। ନକାରାତ୍ମକ ମଣିଷ ଭିତରେ ମଧ୍ୟ ଗାଳ୍ପିକ ଖୋଜିଛନ୍ତି କିଛି ସକାରାତ୍ମକ ଚିନ୍ତାଧାରା। ଗପଗୁଡ଼ିକର ନିଆରା କାହାଣୀ, ଚମତ୍କାର ଚରିତ୍ର ଚିତ୍ରଣ, ସରଳ ଓ ବୋଧଗମ୍ୟ ଭାଷା ପାଠକମାନଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଏ। ■

# ସଂସ୍କାର ଆନ୍ଦୋଳନ ଓ ବିପ୍ଳବିନୀ କୁନ୍ତଳା



ଡ. ପ୍ରଫୁଲ୍ଲ କୁମାର ସାହୁ

ଅମୃତ ଅନ୍ୱେଷାର କବି କୁନ୍ତଳା କୁମାରୀ ସାବତ। ବିଭୁପ୍ରାଣତାର ଏକ ହିରଣ୍ମୟ ଅଙ୍ଗୀକାର। ଜୀବନ ବଞ୍ଚିବାର ଅବଧି (୧୯୦୦-୧୯୩୮) ଅଳ୍ପ ହେଲେ ବି ତାଙ୍କ ସର୍ଜନଶୀଳ ପ୍ରତିଭାର ପ୍ରଚଣ୍ଡ ଘୂର୍ଣ୍ଣି ଆଗରେ ହାରମାନିଛି ମୃତ୍ୟୁ। "ମରିବାକୁ ଜନ୍ମି ନାହିଁ ଭବତରୁ ଡାଳରେ, ଶେଷ ଗତି ନୁହେଁ ମୋର ମୃତ୍ୟୁ କେଉଁ କାଳରେ" - ତାଙ୍କର ଏହି ଦର୍ଶନ ଆଗରେ ବିବଶ ହୋଇଛି କାଳ। ସମୟର କଷଟି ପଥରରେ ଶୁଦ୍ଧ ସୁବର୍ଣ୍ଣଗାର ପରି ଅଲିଭା ହୋଇରହିଛି ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କ ବ୍ୟକ୍ତିତ୍ୱର ଔଜ୍ଜଲ୍ୟ ଓ ପ୍ରତିଭାର ଦ୍ୟୁତି । ପୈତୃକ ଘର ଥିଲା ଖୋର୍ଦ୍ଧା। ବିଚ୍ଛିନ୍ନାଞ୍ଚଳ ବସ୍ତର ଜିଲ୍ଲା ଅନ୍ତର୍ଗତ ଜଗଦଲପୁରରେ ଜନ୍ମ। ବାଲ୍ୟ ଓ କୈଶୋର କଟିଲା ସୁଦୂର ବର୍ମାରେ। ୧୪ ବର୍ଷ ଯାଏ ପଢ଼ିଲେ ଓ ବଢ଼ିଲେ ସମ୍ପୂର୍ଣ୍ଣ ଅଣଓଡ଼ିଆ ପରିବେଶରେ । ମାତ୍ର ସବୁ ପ୍ରତିକୂଳତା ସତ୍ତ୍ୱେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଅତୁଟ ରହିଲା ତାଙ୍କ ଗଭୀର ଭଲପାଇବା।

ନିଜ ମାଟିର ବାସ୍ନା ଓ ନିଃଶ୍ୱାସକୁ ନୈବେଦ୍ୟ କରି ସେ ଗଢ଼ିଛନ୍ତି କବିତାର କୋଠଘର। ଐଶ୍ୱୀ ଚେତନା, ପ୍ରକୃତି ପ୍ରେମ ଓ ସ୍ୱଦେଶ ପ୍ରୀତି-ଏହି ସମନ୍ୱିତ ଭାବଧାରାକୁ ନେଇ ତାଙ୍କ ଯାତ୍ରା 'ଅଞ୍ଜଳି'ରୁ ଆରମ୍ଭ ହୋଇ ଲମ୍ୱିଛି 'ଓଡ଼ିଆଙ୍କ କାନ୍ଦଣା' ପର୍ଯ୍ୟନ୍ତ। ଜୀବନ ଓ ଜଗତ ପ୍ରତି ଅକୁଣ୍ଠ ସ୍ନେହ, ଶ୍ରଦ୍ଧା ଓ ମମତ୍ୱବୋଧ ନେଇ ସେ ଖୋଜିଛନ୍ତି ବିଶ୍ୱ ବ୍ରହ୍ମାଣ୍ଡର ରହସ୍ୟ। 'ଅଞ୍ଜଳି' (୧୯୨୨) କେବଳ ଅନ୍ତହୀନ ଅନ୍ୱେଷାର କାବ୍ୟିକ ଉଦ୍‌ଭାସ ନୁହେଁ,ଏହା ଈଶ୍ୱରଙ୍କ ଚରଣ ତଳେ ତାଙ୍କ ଶ୍ରଦ୍ଧା, ପ୍ରେମ ଓ ଭକ୍ତିର ଏକ ଅଞ୍ଜଳି ଭରା ନିବେଦନ।

'ଉଚ୍ଛ୍ୱାସ' (୧୯୨୪)ରେ ତରଙ୍ଗାୟିତ ହୋଇଛି ପ୍ରକୃତି ପ୍ରେମ ଓ ମାନବୀୟ ଭାବ ସମ୍ବେଦନାର ଉଚ୍ଛ୍ୱାସ। ଏହା କବିଙ୍କ ଅତୀନ୍ଦ୍ରିୟ ଚେତନାର ଏକ ନନ୍ଦନ ସର୍ଜନା। ଅସହଯୋଗ ଆନ୍ଦୋଳନ ପୃଷ୍ଠଭୂମିରେ ସେ ଲେଖିଛନ୍ତି ଆହ୍ୱାନ' (୧୯୩୦), ଯାହାର ସ୍ୱର ଏତେ ଅଗ୍ନିମୟ ଥିଲା ଯେ ପ୍ରକାଶ ପାଇବା ମାତ୍ରେ ତାକୁ ବାଜ୍ୟାପ୍ତି କଲେ ଇଂରେଜ ସରକାର। 'ସ୍ଫୁଲିଙ୍ଗ' ତାଙ୍କ ଜାତୀୟବାଦୀ ଚେତନାର ଅନ୍ୟ ଏକ ଇସ୍ତାହାର ଏବଂ ତା'ର ଆବେଦନ ଆହ୍ୱାନଠାରୁ ଆହୁରି ଅନ୍ତର୍ଭେଦୀ।

ଜୀବନର ବିବିଧ ବର୍ଣ୍ଣାଳୀକୁ ଭାବ, ଆବେଗ ଓ ଶବ୍ଦର ଷୋଡ଼ଶ ଶୃଙ୍ଗାର ଭିତରେ ତୋଳି ଧରିବାର ନାନ୍ଦନିକ ପ୍ରୟାସରୁ ଜନ୍ମ ନେଇଛି (୧୯୩୬) କବିତା ଗୁଚ୍ଛ 'ଓଡ଼ିଆଙ୍କ କାନ୍ଦଣା'। ଗୀତିକବିତା ସମାହାର 'ପ୍ରେମ ଚିନ୍ତାମଣି' (୧୯୩୦)ରେ ପ୍ରେମର ଶୁଦ୍ଧ ସମର୍ପଣ ଭାବ ନେଇ କବି ଉର୍ଦ୍ଧ୍ୱଗ ସ୍ତରକୁ ଯାଇଛନ୍ତି ଏବଂ ଅନୁଭବିଛନ୍ତି ବିଭୁପ୍ରେମର ଅନିର୍ବଚନୀୟ ପୁଲକ। କୁନ୍ତଳା କୁମାରୀଙ୍କ କାବ୍ୟ ଚେତନା ହେଉଛି ଭକ୍ତିଯୋଗ ଓ କର୍ମଯୋଗର ଏକ ଅପୂର୍ବ ରସାୟନ। ତାଙ୍କ ଦୃଷ୍ଟିରେ ଶେଫାଳି କ୍ଷୁଦ୍ର ଓ ସ୍ୱଳ୍ପାୟୁ ହେଲେ ବି ତା'ର ଆତ୍ମାଫୁଲ ଅମଳିନ। ଏଥିରେ ସେ ଅନୁଭବ କରିଛନ୍ତି ଅତୀନ୍ଦ୍ରିୟ ଚେତନାର ନୈସର୍ଗିକ ଶୋଭା। ଅଜ୍ଞାତ ପ୍ରିୟସତ୍ତାର ସ୍ପର୍ଶ ପୁଲକରେ ଥରି ଉଠିଛି କବିଙ୍କ ହୃଦୟତନ୍ତ୍ରୀ।

ଜାଗି ଉଠିଛି ଅମୃତ ଅଭୀପ୍ସା। ନୟନରୁ ଝରିପଡ଼ିଛି ଟୋପାଟୋପା ଆନନ୍ଦାଶ୍ରୁ। ଜାଗତିକ ଚେତନାର ଉର୍ଦ୍ଧ୍ୱକୁ ଉଠି କ୍ଷୁଦ୍ର ଜୀବନରେ ଅମରତ୍ୱର ରହସ୍ୟ ଖୋଜିଛନ୍ତି ଏବଂ ସେହି ଅମୃତ ଆକାଂକ୍ଷାକୁ ବାଙ୍ମୟ ରୂପ ଦେବାକୁ ଯାଇ ଗାଇଛନ୍ତି "ତଥାପି ମୋ ଆତ୍ମାଫୁଲ ନ ଯିବରେ ମଉଳି, ତେଣୁ ଆଶାବହି ଦିନ କାଟେ ଆରେ ଗଙ୍ଗଶିଉଳି।"

କେବଳ କବି ଭାବରେ ନୁହଁନ୍ତି ,ଉପନ୍ୟାସ ସୃଷ୍ଟିରେ ମଧ୍ୟ ତାଙ୍କର ସିଦ୍ଧି ଈର୍ଷଣୀୟ। କୁସଂସ୍କାର ଓ ଅନ୍ଧବିଶ୍ୱାସ ଭିତରେ ବୁଡ଼ି ରହିଥିବା ଗୋଟିଏ ଜାତିକୁ ବାଟ କଢ଼େଇ ନେବା ପାଇଁ ବ୍ୟାସକବି ଫକୀର ଯେଉଁ ପ୍ରୟାସ ଆରମ୍ଭ କରିଥିଲେ, ତା'ର ସମ୍ଭାବନାପୂର୍ଣ୍ଣ ସ୍ୱପ୍ନମୟତାକୁ ଶବ୍ଦରେ ସାକାର କରିବା ପାଇଁ କବି କୁନ୍ତଳା କୁମାରୀ ଗଢ଼ି ଦେଇଛନ୍ତି ଏକ ଭିନ୍ନ ଉଚ୍ଚତାର କଥା କୋଣାର୍କ। ପ୍ରଚଳିତ ସମାଜ ବ୍ୟବସ୍ଥାରେ ସୁସ୍ଥ ଜୀବନ ଚିତ୍ର ଖୋଜିବାକୁ ଯାଇ ଦେଖିଛନ୍ତି ନାରୀ ପୁରୁଷ ମଧ୍ୟରେ ଏକ ଭାରସାମ୍ୟହୀନ ବ୍ୟବଧାନ। ତା'ର ପ୍ରତିବାଦରେ ମୁଖର ହୋଇ ଉଠିଛି ଲେଖନୀ। ବୈପ୍ଳବିକ ଦୃଷ୍ଟିଭଙ୍ଗୀ ନେଇ ବିନ୍ୟସ୍ତ କରିଛନ୍ତି ନାରୀ ଅସ୍ମିତା ଭିନ୍ନ ଭିନ୍ନ ଦିଗ। ତାଙ୍କ ଦୃଷ୍ଟିରେ ନାରୀ ଦିବ୍ୟ ଶକ୍ତିର ଅଧିକାରିଣୀ, ଯିଏ ଛୁଇଁଦେଲେ ପଥର ବି ପାଲଟିଯାଏ ମଣି। ଅଥଚ ଆମ ସୁଦୀର୍ଘ ସାଂସ୍କୃତିକ ପରମ୍ପରାରେ ନାରୀ କେବେ ସମତୁଲ ଜୀବନ ବଞ୍ଚି ନାହିଁ ବରଂ ବଞ୍ଚିଛି ନିହାତି ଏକ ଅବହେଳିତ ଜୀବନ। ପୁରୁଷ ପ୍ରଧାନ ସମାଜ ବ୍ୟବସ୍ଥାରେ ସେ ଯୁଗଯୁଗ ଧରି ସହିଛନ୍ତି ଅପବାଦ, ଲାଞ୍ଛନା ଓ ନିର୍ଯାତନା। ତାଙ୍କ ଭ୍ରାନ୍ତି, ନଅତୁଣ୍ଡୀ, କାଳୀବୋହୂ, ପରଶମଣି, ରଘୁଅରକ୍ଷିତ ଆଦି ଉପନ୍ୟାସରେ ରହିଛି ତା'ର ଅବିକଳ ଚିତ୍ର। ଏଥିରେ ବାଲ୍ୟବିବାହ,ବିଧବା ବିବାହ, ଅସ୍ପୃଶ୍ୟତା ଆଦି ବିଭିନ୍ନ ପ୍ରସଙ୍ଗ ଉଠାଇଛନ୍ତି ଏବଂ ନାରୀକୁ ତା'ର ଅଧିକାର ଓ ମର୍ଯ୍ୟାଦା ଫେରେଇ ଦେବା ପାଇଁ ସଚେତନ ଭାବରେ ଆୟୋଜନ କରିଛନ୍ତି ଏକ ସଂସ୍କାରଧର୍ମୀ ଚିତ୍ରଶାଳା।

ପ୍ରଚଣ୍ଡ କର୍ମ ପ୍ରେରଣାରେ ସେ ଥିଲେ ଏକ ସ୍ଫୁଲିଙ୍ଗମୟୀ ଆଗ୍ନେୟ ଆଭା। ଜଣେ ବିପ୍ଳବିଣୀ। କାଳୀବୋହୂ (ଲକ୍ଷ୍ମୀ) ଭଳି ବେଦନା ଜର୍ଜରିତ ବାଲ୍ୟ ବିଧବାଙ୍କ ଉଦ୍ଦେଶ୍ୟରେ ସେ ଯେଭଳି ସଂସ୍କାରସ୍ନାତ ମୁକ୍ତି ଚେତନାର ଫଳକ ତୋଳି ଧରିଛନ୍ତି, ସେଭଳି ସାହସିକ ପଦକ୍ଷେପ ଦେଖିବାକୁ ମିଳେନି ସମସାମୟିକ ଅନ୍ୟ କୌଣସି ସାହିତ୍ୟ ସ୍ରଷ୍ଟାଙ୍କ ଲେଖାରେ। 'କନକଲତା' ଉପନ୍ୟାସରେ ନନ୍ଦକିଶୋର ବଳ ସମାଜର ପ୍ରଥାବଦ୍ଧତା ବିରୋଧରେ ଲଢ଼ିବା ପାଇଁ ବିଧବା ଉମା ମନରେ ସାହସ ଭରିଦେଇ ପାରିନାହାନ୍ତି, ବରଂ ତାକୁ ମାରିଦେଇଛନ୍ତି ବିସୂଚିକାରେ। ସମାଜ ଭୟରେ ଧୋବୀକୁ ସନେଇ (ଶାନ୍ତି) ସହିତ ବିବାହ ଦେବାକୁ ସାହସ ବାନ୍ଧି ପାରିନାହାନ୍ତି କାହ୍ନୁଚରଣ ମହାନ୍ତି। ସଂସ୍କାରକ ଗୋଦାବରୀଶ ମହାପାତ୍ରଙ୍କ ଉମା ଓ ଗଉରୀ (ବିଦ୍ରୋହିଣୀ) ମଧ୍ୟ ଅଟକି ଯାଇଛନ୍ତି ବିପ୍ଳବର ସ୍ଲୋଗାନ ପାଖରେ। ଏମାନେ ସମସ୍ତେ ବାଲ୍ୟବିଧବା ପ୍ରତି କେବଳ ସମବେଦନା ଶୁଣେଇନ୍ତି, କିନ୍ତୁ କେହି ଦେଖେଇ ନାହାଁନ୍ତି ସାମାଜିକ କୁସଂସ୍କାର ଭିତରୁ ମୁକୁଳି ଆସିବାର ରାସ୍ତା। ଏହି ପରିପ୍ରେକ୍ଷୀରେ ବିପ୍ଳବ ଆଣିଛନ୍ତି କବି କୁନ୍ତଳା କୁମାରୀ। ଦଶବର୍ଷ ବୟସରେ ବିଧବା ହୋଇଥିବା 'କାଳୀବୋହୂ'କୁ ସେ ଆତ୍ମହତ୍ୟାର ରାସ୍ତା ଦେଖେଇ ନାହାଁନ୍ତି କି ଓଷା,ବ୍ରତ ହବିଷ ଓ ଏକାଦଶୀ ଭିତରେ ଜଳିବାକୁ ଦେଇ ନାହାଁନ୍ତି ସାରା ଜୀବନ। ସମାଜର ସବୁ ଅଡ଼ା ଆକଟକୁ ଅତିକ୍ରମ କରି ଲକ୍ଷ୍ମୀ ପାଠ ପଢ଼ିଛି ଓ ଜଣେ ପ୍ରଗତିଶୀଳ ଯୁବକକୁ ବିବାହ କରି ବାଲ୍ୟବିଧବାଙ୍କ ପାଇଁ ସୃଷ୍ଟି କରିଛି ନୂଆ ପରିଚୟ। ■

ଅବସରପ୍ରାପ୍ତ ଅଧ୍ୟକ୍ଷ
ମହତାବ ଛକ, ଭଦ୍ରକ
ମୋ: ୬୩୭୧୬୪୨୪୬୪

## ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତିରେ ଅହେତୁକ ବିଳମ୍ବ

# ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ଏବେ କୋମାରେ: ବିଜେଡି

ଭୁବନେଶ୍ୱର,୭ ।୨(ସମିସ): ରାଜ୍ୟରେ ଉଚ୍ଚଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି। ବିଶ୍ୱବିଦ୍ୟାଳୟରେ ସରକାର ସ୍ଥାୟୀ କୁଳପତି ନିଯୁକ୍ତ କରିପାରୁ ନାହାନ୍ତି। କୁଳପତି ନିଯୁକ୍ତି କ୍ଷେତ୍ରରେ ଆଗକୁ ଚାଲିବା ପରିବର୍ତ୍ତେ ରାଜ୍ୟ ସରକାର ପଛକୁ ଚାଲୁଛନ୍ତି। ପୂର୍ଣ୍ଣକାଳୀନ କୁଳପତି ନଥିବାରୁ ଶିକ୍ଷା ବ୍ୟବସ୍ଥା ସଂକଟାପନ୍ନ ହୋଇପଡ଼ିଥିବା ଅଭିଯୋଗ କରି ସରକାରଙ୍କ ଉପରେ ବର୍ଷିଛନ୍ତି ବିଧାୟକ ତଥା ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ। ଶଙ୍ଖ ଭବନରେ ଶନିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଡ. ସାହୁଙ୍କ ସମେତ ଯୁବ ସଭାପତି ଚିନ୍ମୟ ସାହୁ ଓ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ ମଧ୍ୟ ଉଚ୍ଚଶିକ୍ଷାକୁ ଗୌରୀକ କରଣ କରିବାକୁ ଉଦ୍ୟମ କରୁଥିବା କହି କଡ଼ା ସମାଲୋଚନା କରିଛନ୍ତି।

ବିଧାୟକ ଶ୍ରୀ ସାହୁ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟରେ କିଛି ଅସଙ୍ଗତିକୁ ଦୂର କରିବା ପାଇଁ ୨୦୨୦ରେ ବିଶ୍ୱବିଦ୍ୟାଳୟ ଆମେଣ୍ଡମେଣ୍ଟ ବିଲ୍ ଆସିଥିଲା। ତତ୍କାଳୀନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ପ୍ରସ୍ତାବକ୍ରମେ ଉଚ୍ଚଶିକ୍ଷା ବିଭାଗରେ ଅଧ୍ୟାପକ ନିଯୁକ୍ତ କରିବାକୁ ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସସି)କୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ବିଜେପି ସରକାରକୁ ଆସିବା ପରେ ୨୦୨୪ ଓ ୨୦୨୫ ରେ ଦୁଇଥର ଆମେଣ୍ଡମେଣ୍ଟ ବିଲ୍ ଆଣିଛନ୍ତି। କୁଳପତି ନିଯୁକ୍ତି ପାଇଁ ସର୍ଚ୍ଚ କମିଟି ମନୋନୟନ ନିୟମରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଯୋଗ୍ୟତା ଭିତିରେ ମନୋନୟନ କରାଯାଉଥିବା



■ ନୂତନ ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ଅନୁଯାୟୀ ନିଯୁକ୍ତିରେ ସ୍ୱଚ୍ଛତା ରହିବ ନାହିଁ
■ ଶିକ୍ଷାକୁ ଗୌରୀକ କରଣ କରିବାକୁ ଉଦ୍ୟମ କରୁଛନ୍ତି ରାଜ୍ୟ ସରକାର

ବେଳେ ନୂଆ ନିୟମ ଅନୁଯାୟୀ ପର୍ସନ ଅଫ ଏମିନେନ୍ସଙ୍କୁ ନିଯୁକ୍ତି ଦିଆଯାଇ ପାରିବ ବୋଲି କୁହାଯାଇଛି। ଅର୍ଥାତ୍ ରାଜ୍ୟ ସରକାର ରାଜ୍ୟପାଳଙ୍କ ପାଖକୁ ତିନୋଟି ନାମ ପଠାଇବେ ଓ ତନ୍ମଧ୍ୟରୁ ରାଜ୍ୟପାଳ ଜଣଙ୍କୁ ସର୍ଚ୍ଚ କମିଟିର ଅଧ୍ୟକ୍ଷ ଭାବେ ମନୋନୟନ କରିବେ। ତେଣୁ ଏଥିରେ ସ୍ୱଚ୍ଛତା ରହିବ ନାହିଁ ବୋଲି ସ୍ପଷ୍ଟ ଜଣାପଡୁଛି। କେଉଁ ଆଧାରରେ ରାଜ୍ୟ ସରକାର ତିନି ଜଣଙ୍କୁ ବାଛିବେ, ସେନେଇ କୌଣସି ସ୍ପଷ୍ଟତା ନଥିବାରୁ କେବଳ ଗୌରୀକ ବିଚାରରେ ଥିବା ବ୍ୟକ୍ତିଙ୍କୁ ହିଁ ମନୋନୀତ କରାଯିବ ବୋଲି ସ୍ପଷ୍ଟ ଜଣାପଡୁଛି। ଏପରି ବ୍ୟବସ୍ଥାରେ, ନିରପେକ୍ଷ ନିଯୁକ୍ତି ଦେବା ସମ୍ଭବ ନୁହେଁ। କ୍ଷମତାକୁ ଆସିବାର ୧୮ ମାସ ପୂରିଥିଲେ ମଧ୍ୟ ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି କରିପାରିଲେ ନାହିଁ। ତୁରନ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ କୁଳପତି ନିଯୁକ୍ତି ଦିଆଯାଉ ବୋଲି ଡ. ସାହୁ କହିଛନ୍ତି।

ଯୁବ ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥା ଏବେ କୋମାରେ। ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ପରେ ଗତ ଜୁଲାଇ ସୁଦ୍ଧା ନିଯୁକ୍ତି ସରିବା କଥା। ମାତ୍ର ରାଜ୍ୟ ସରକାରଙ୍କ ଅପାରଗତା ସ୍ୱଚ୍ଛତା ଅଭାବ କାରଣରୁ ଏହି ନିଯୁକ୍ତି ହୋଇ ପାରୁନାହିଁ। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ରାଜ୍ୟ ସରକାର ଖାତିର ନ କରିବା ଦୁର୍ଭାଗ୍ୟଜନକ। ଏହାଛଡା, ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟରେ ୭୦୬ଟି ଆସିଷ୍ଟାଣ୍ଟ ପ୍ରଫେସର, ୪୫୮ଟି ଆସୋସିଏଟ ପ୍ରଫେସର, ୨୬୧ ପ୍ରଫେସର ଓ ୨୩୨୫ ନନ୍ ଟିଚିଙ୍ଗ ପଦ ଖାଲି ପଡିଛି। ଫେବୃଆରୀ ଶେଷ ସୁଦ୍ଧା କୁଳପତି ନିଯୁକ୍ତି ନହେଲେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି। ସେହିପରି ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ କହିଛନ୍ତି ଯେ ରାଜ୍ୟ ସରକାର ନାମ ଓ ରଙ୍ଗ ପରିବର୍ତ୍ତନରେ ବ୍ୟସ୍ତ ଅଛନ୍ତି। କୁଳପତି ନିଯୁକ୍ତି ସାରିବାକୁ ସମୟ ନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟରେ ମଧ୍ୟ କୁଳପତି ନାହାନ୍ତି। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଓଡ଼ିଆ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତ କରି ନ ପାରିବା କଥା ଓ କାମ ମଧ୍ୟରେ ଥିବା ପାର୍ଥକ୍ୟକୁ ପଦାରେ ପକାଇଛି।

## କୁଆଡ଼େ ଗଲା ଅତିରିକ୍ତ ୫ କିଲୋ ଚାଉଳ

ଭୁବନେଶ୍ୱର,୭ ।୨(ସମିସ): ରାଜ୍ୟରେ ଡିସେମ୍ବର ୨୦୨୫ରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ମୋଟ ୯୯ ଲକ୍ଷ ୨୫ ହଜାର ୯୨୧ ପରିବାରର ରାସନ ହିତାଧିକାରୀଙ୍କୁ ପ୍ରତି କାର୍ଡ ପିଛା ମାସକୁ ଅତିରିକ୍ତ ୫ କିଲୋ ଚାଉଳ ପ୍ରଦାନ କରାଯିବ। ଏହି ଚାଉଳ ବଣ୍ଟନ ପାଇଁ ୮୬୪.୫୯ କୋଟି ଟଙ୍କାର ପ୍ରସ୍ତାବ ରହିଛି ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗତ ବିଧାନସଭା ଅଧିବେଶନରେ ସୂଚନା ଦେଇଥିଲେ। ମାତ୍ର ଧାର୍ଯ୍ୟ ତାରିଖ ଯାଇ ୨ ମାସ ସରିବାକୁ ବସିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସରକାର ରାସନକାର୍ଡ ହିତାଧିକାରୀଙ୍କୁ ଅତିରିକ୍ତ ଚାଉଳ ଯୋଗାଇପାରି ନାହାନ୍ତି। ଅତିରିକ୍ତ ଚାଉଳ ବଣ୍ଟନ ନେଇ ଯୋଗାଣ

■ ବିଧାନସଭାରେ ଘୋଷଣା କରିଥିଲେ ମନ୍ତ୍ରୀ
■ ଗୋଦାମରେ ଗଚ୍ଛିତ; ହିତାଧିକାରୀ ନିରାଶ
■ ୩୦ ଜିଲ୍ଲା ପାଇଁ ହୋଇଥିଲା ଘୋଷଣା

ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ଏକାଧିକ ମନ୍ତ୍ରୀ ଶ୍ରେୟ ନେଇଥିଲେ। ରାଜ୍ୟର ରାସନକାର୍ଡରେ ଚାଉଳ ପାଉଥିବା ପ୍ରାୟ ୩ କୋଟି ୨୫ ଲକ୍ଷ ହିତାଧିକାରୀ ଅତିରିକ୍ତ ଚାଉଳ ପାଇବାକୁ ଆଶା ବାନ୍ଧି ବସିଥିଲେ। ମାତ୍ର ଏହି ଆଶା ଆଶାରେ ରହିଯାଇଛି।

ମୁଖ୍ୟତଃ କେନ୍ଦ୍ର ସରକାର ରାଜ୍ୟରୁ ଚାଉଳ ଉଠାଉ ନ ଥିବାରୁ ଏହି ସମସ୍ୟାର ସମାଧାନ ସ୍ୱରୂପ ରାଜ୍ୟରେ ରାସନକାର୍ଡ ହିତାଧିକାରୀଙ୍କୁ ଅତିରିକ୍ତ ଚାଉଳ ବାଣ୍ଟିବାକୁ ସରକାର ଯୋଜନା କରିଥିଲେ। କାରଣ କେନ୍ଦ୍ର ସରକାର ଚାଉଳ ଉଠାଉ ନ ଥିବାରୁ ରାଜ୍ୟରେ ଗୋଦାମଗୁଡ଼ିକରେ ଦୀର୍ଘଦିନ ହେବ ଚାଉଳ ଗଚ୍ଛିତ ରହିଛି। ଏହାସହିତ ଚଳିତ ବର୍ଷର ମଧ୍ୟ ଖରିଫ ଧାନ ସଂଗ୍ରହ ଜାରି ରହିଛି ଓ ଏହା କିଛି ଦିନ ମଧ୍ୟରେ ଚାଉଳରେ ପରିଣତ ହେଲେ ଏହି ପରିମାଣ ଆହୁରି ବଢ଼ିବ। ତେଣୁ ଏହା ପୂର୍ବରୁ ଚାଉଳ ବାଣ୍ଟି ଗୋଦାମ ଖାଲି କରିବାକୁ ଯୋଜନା କରିଥିଲେ। ମାତ୍ର କେଉଁ ପରିସ୍ଥିତିରେ ଏହି କାର୍ଯ୍ୟ ସମ୍ପାଦନ ହୋଇପାରୁ ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। ପ୍ରଥମେ ଗତ ଅଗଷ୍ଟ ମାସରେ ରାଜ୍ୟ ସରକାର ଏହି ଘୋଷଣା କରିବା ପରେ ଦୁଇଟି ପର୍ଯ୍ୟାୟରେ ଯୋଗାଣ ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ଅତିରିକ୍ତ ଚାଉଳ ବଣ୍ଟନ ସମ୍ପର୍କରେ ସୂଚନା ଦିଆଯାଇଥିଲା। ବିଭାଗ ପକ୍ଷରୁ ଏ ସମ୍ପର୍କରେ ବିଧିବଦ୍ଧ ପ୍ରକ୍ରିୟା ହୋଇଥିବା ସତ୍ତ୍ୱେ ଜିଲ୍ଲାଗୁଡ଼ିକୁ କେବେଠାରୁ ଚାଉଳ ଦିଆଯିବ ସେନେଇ ଜିଲ୍ଲା ଯୋଗାଣ ଅଧିକାରୀମାନଙ୍କ ପାଖରେ କୌଣସି ସୂଚନା ନାହିଁ।

ଅନ୍ୟପଟେ କିଛି ଦିନ ତଳେ ବିଜେଡି ବିଧାୟକ ଅରୁଣ ସାହୁ ଅତିରିକ୍ତ ୫ କିଲୋ ଚାଉଳ ପ୍ରସଙ୍ଗରେ ସରକାରଙ୍କୁ ଟାର୍ଗେଟ୍ କରିଥିଲେ। ସେ କହିଥିଲେ ବର୍ତ୍ତମାନ ଗୋଦାମରେ ଚାଉଳ ଗଚ୍ଛିତ ରହିଛି। ଏହି ଚାଉଳ ନଷ୍ଟ ହେଉଛି। ରାସାନ କାର୍ଡରେ ଏବେ ମୁଣ୍ଡ ପିଛା ୫ କିଲୋ ଚାଉଳ ମିଳୁଛି। ଅତିରିକ୍ତ ୫ କିଲୋ ଚାଉଳ ଦେବା ପାଇଁ ସରକାର ଘୋଷଣା କରିଥିଲେ। ମାତ୍ର ଏହି ଘୋଷଣା କୁଆଡ଼େ ଗଲା ବୋଲି ଡଃ ସାହୁ ପ୍ରଶ୍ନ କରିଥିଲେ। ଲୋକଙ୍କ ଭିତରେ ଚାଉଳ ନ ବାଣ୍ଟି ସରକାର ଚୁପ୍ ବସିଛନ୍ତି। ଏହି ଚାଉଳ ବାଣ୍ଟିଲେ ଓଡ଼ିଶା ଲୋକ ଉପକୃତ ହେବେ। ରାଜ୍ୟ ଏବେ ବଳକା ରାଜ୍ୟରେ ପରିଣତ ହୋଇଛି। ସେଗୁଡ଼ିକୁ ସଠିକ ବଣ୍ଟନ କରି ଏକ ଭାରାସମ୍ୟ ରଖିବା ଦରକାର। ହେଲେ ଏ ସରକାର ମୁଣ୍ଡରେ ସେତିକି ପଶୁନି ବୋଲି ସେ କହିଛନ୍ତି।

ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ନ ହେବା ପୂର୍ବରୁ ରାଜ୍ୟରେ ୧୩ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ଚାଉଳ ବଳକା ରହିଥିଲା। ଏହି ଚାଉଳ କେନ୍ଦ୍ର ସରକାରଙ୍କୁ ନେବା ପାଇଁ ବାରମ୍ବାର ଅନୁରୋଧ କରାଯାଉଛି। ପୂର୍ବରୁ ବିଜେଡି ସରକାର ସମୟରେ ମଧ୍ୟ କେନ୍ଦ୍ର ଏମିତି ଚାଉଳ ଉଠାଇବାରେ ବିଳମ୍ବ କରୁଥିବା ବେଳେ ବିଜେପିର ଡବଲ ଇଞ୍ଜିନ ସରକାରରେ ମଧ୍ୟ ସମାନ ଘଟଣା ଘଟୁଛି। ତେଣୁ ସରକାର ଏହି ଗଚ୍ଛିତ ଚାଉଳକୁ ବାଣ୍ଟିଦେବା ପାଇଁ ଘୋଷଣା କରି ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଇବାରେ ଅସମର୍ଥ ରହିଛନ୍ତି।

## ହୀରାକୁଦ ବନ୍ଧାଞ୍ଚଳରେ ବିପଜ୍ଜନକ ଷ୍ଟଣ୍ଟ

# ଚେତାବନୀ ଦେଇ ଛାଡ଼ିଲା ପୁଲିସ

ସମ୍ବଲପୁର,୭।୨(ସମିସ): ହୀରାକୁଦ ଡ୍ୟାମ୍‌ର ବୁର୍ଲାପଟେ ରାଇଟ୍ ଡାଇକରେ ଯୁବକମାନଙ୍କ ଦ୍ୱାରା ଦ୍ରୁତ ଗତିରେ ଏବଂ ଅସାବଧାନତାପୂର୍ଣ୍ଣ ଭାବେ ଗାଡ଼ିଚାଳନା, ସାଧାରଣ ରାସ୍ତା ଅବରୋଧ କରିବା ଏବଂ ଟ୍ରାଫିକ୍ ବ୍ୟବସ୍ଥାରେ ବାଧା ସୃଷ୍ଟି କରିବା ସମ୍ପର୍କିତ ଭିଡିଓ ଗତକାଲି ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ବେପରୁଆ ଗାଡ଼ିଚାଳନା କରି ରାସ୍ତା ଅବରୋଧ କରିବା ସହ ଲୋକଙ୍କ ପାଇଁ ବିପଦ ମଧ୍ୟ ସୃଷ୍ଟି କରିଥିଲେ। ଏନେଇ ବୁର୍ଲା ଥାନା ପୁଲିସ ଏକ ମାମଲା ରୁଜୁ କରି ଦୁଇଟି ଗାଡ଼ି ଜବତ କରିବା ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ତେବେ ସେମାନେ ନିଜ ଦୋଷ ସ୍ୱୀକାର କରି କ୍ଷମାପ୍ରାର୍ଥନା କରିବା ପରେ ସେମାନଙ୍କୁ ଚେତାବନୀ ଦେଇ ପୁଲିସ ଛାଡ଼ି ଦେଇଥିବା ସୂଚନା ମିଳିଛି।

## ମନ କଥା କହିଲେ ଖଣିମନ୍ତ୍ରୀ

# ‘ଆଗାମୀ ନିର୍ବାଚନ ଲଢ଼ିବାକୁ ଇଚ୍ଛା ନାହିଁ’

ଭୁବନେଶ୍ୱର,୭।୨(ସମିସ): ଆଗାମୀ ନିର୍ବାଚନରେ ମୋର ଲଢ଼ିବାକୁ ଇଚ୍ଛା ନାହିଁ। ମୋ ଦଳ ମୋତେ ଯାହା ଦାୟିତ୍ୱ ଦେବ, ମୁଁ ତାକୁ ସୁଚାରୁରୂପରେ ତୁଲାଇବି ବୋଲି କହିଛନ୍ତି ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା। ରାଜନୀତି ଛାଡ଼ିବା ପ୍ରସଙ୍ଗରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ କହିଛନ୍ତି ଯେ ମୁଁ ରାଜନୀତି ଛାଡ଼ିଦେବି ବୋଲି କେଉଁଠାରେ କହି ନାହିଁ। ମୋତେ ରାଜନୀତି ଛାଡ଼ିବାର ନାହିଁ। ଗୋଟିଏ ବର୍ଷ ପରେ ମୋତେ ୭୦ ବର୍ଷ ହୋଇଯିବ। ରାଜନୀତିରେ ଯୁବକମାନେ ଆଗକୁ ଆସିବା ଦରକାର ଏବଂ ସେମାନଙ୍କ ପାଇଁ ବାଟ ଖୋଲିବା ଆବଶ୍ୟକ। ତେଣୁ ଆଗାମୀ ନିର୍ବାଚନରେ ମୋର ଲଢ଼ିବାକୁ ଇଚ୍ଛା ନାହିଁ ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ମୋ ଦଳ ପାଇଁ ମୋର ପରିଚୟ। ଯୁବକମାନେ ଆଗକୁ ଆସନ୍ତୁ ଏହା ମୋର ଆନ୍ତରିକ ଇଚ୍ଛା। ଏଥିରେ କାହାର ମନ ଆନ୍ଦୋଳିତ ହେବା ଉଚିତ ନୁହେଁ। ଆମ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଣେ ୪୫ବର୍ଷର ଯୁବକ ଅଟନ୍ତି। ଆମ ମଣ୍ଡଳ ସଭାପତି ମାନେ ୪୫ବର୍ଷ ଉପରେ ହୋଇପାରିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ଏସବୁକୁ ଦୃଷ୍ଟିରେ ରଖି ମୁଁ ନିର୍ବାଚନ ଲଢ଼ିବି ନାହିଁ ବୋଲି କହିଛି ବୋଲି ସେ କହିଛନ୍ତି।

## ଦିନକୁ ୫୦୦ କୋଟି କ୍ଷତି

# ପ୍ରତି ତିନି ମିନିଟରେ ଦୁର୍ଘଟଣାରେ ଯାଉଛି ଜଣଙ୍କ ଜୀବନ

ନୂଆଦିଲ୍ଲୀ, ୭।୨ (ଏଜେନ୍ସି): ସଡ଼କ ଦୁର୍ଘଟଣାରେ ଭାରତ ଅପକୀର୍ତ୍ତି କରିଛି। ଏଭଳି ଦୁର୍ଘଟଣାରେ ବିଶ୍ୱରେ ସର୍ବାଧିକ ଜୀବନ ଭାରତରେ ଯାଉଛି। ଏ ସମ୍ବନ୍ଧିତ ମୃତ୍ୟୁ ହ୍ରାସ ପାଇବା ପରିବର୍ତ୍ତେ କ୍ରମାଗତ ଭାବେ ବଢ଼ି ବଢ଼ି ଚାଲିଛି। ଏହା ମହାମାରୀ ରୂପ ଧାରଣ କରିନେଲାଣି। ପ୍ରତ୍ୟେକ ଦିନ ଦେଶରେ ଶତାଧିକ ଜୀବନ ଯାଉଛି। ଅନେକ ପରିବାର ଉଜୁଡ଼ି ଯାଉଥିବାବେଳେ ସ୍ତ୍ରୀ ମଥାରୁ ସିନ୍ଦୂର ଲିଭି ଯାଉଛି। ରିପୋର୍ଟ ଅନୁଯାୟୀ, ୨୦୨୪ରେ ଭାରତରେ ୧.୮୦ ଲକ୍ଷ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇ ଥିଲେ। ସେହି ବର୍ଷ ଦିନକୁ ପ୍ରାୟ ୪୯୪ ଜଣଙ୍କ ମୃତ୍ୟୁ ହୋଇଥିଲା ଅର୍ଥାତ୍ ପ୍ରତି ତିନି ମିନିଟରେ ଜଣଙ୍କ ଜୀବନ ଯାଇଥିଲା। ଖାଲି ସେତିକି ନୁହେଁ, ବର୍ଷକେ ୪ରୁ ୫ ଲକ୍ଷ ଲୋକ ବିକଳାଙ୍ଗ ମଧ୍ୟ ହୋଇଥିଲେ। ସଡ଼କ ଦୁର୍ଘଟଣାରେ ଯୁବ ବର୍ଗ ସର୍ବାଧିକ ପ୍ରଭାବିତ ହେଉଛି। ସଡ଼କ ଦୁର୍ଘଟଣା ଖାଲି ପରିବାରକୁ ସର୍ବସ୍ୱାନ୍ତ କରୁନାହିଁ, ବରଂ ଭାରତୀୟ ଅର୍ଥନୀତିକୁ ମଧ୍ୟ ପ୍ରଭାବିତ କରୁଛି। ଏଥିପାଇଁ ଭାରତର ଦିନକୁ ୫୦୦ କୋଟି ଟଙ୍କା କ୍ଷତି ହେଉଛି। ବିଶ୍ୱ ବ୍ୟାଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ରିପୋର୍ଟ ଅନୁଯାୟୀ, ସଡ଼କ ଦୁର୍ଘଟଣାର ବୋଝ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ପଡୁଛି। ହସ୍ପିଟାଲର ଜରୁରୀକାଳୀନ ବିଭାଗକୁ ଆସୁଥିବା ରୋଗୀଙ୍କ ମଧ୍ୟରୁ ୨୦-୫୦ ପ୍ରତିଶତ ପର୍ଯ୍ୟନ୍ତ ସଡ଼କ ଦୁର୍ଘଟଣା ପୀଡ଼ିତ ହୋଇଥାନ୍ତି। ହସ୍ପିଟାଲରେ ଭର୍ତ୍ତି ହେଉଥିବା ୧୦-୩୦ ପ୍ରତିଶତ ରୋଗୀ ଏବଂ ଗମ୍ଭୀର ମସ୍ତିଷ୍କ ଆଘାତର ୬୦-୭୦ ପ୍ରତିଶତ ମାମଲା ପାଇଁ ମଧ୍ୟ ଏହା ଦାୟୀ। ନିଯୁକ୍ତିଦାତା ଏବଂ ଶିଳ୍ପ ଉପରେ ମଧ୍ୟ ଦୁର୍ଘଟଣାର ବୋଝ ବଢୁଛି। କାର୍ଯ୍ୟ ନିର୍ଘଣ୍ଟ ହ୍ରାସ ପାଉଥିବାବେଳେ ଗାଡ଼ିମୋଟର କ୍ଷତିଗ୍ରସ୍ତ ହେଉଛି। ଚିକିତ୍ସା ବାବଦକୁ ଅଧିକ ଖର୍ଚ୍ଚ ହେଉଛି।ଏହାର ସର୍ବାଧିକ ପ୍ରଭାବ ପରିବାରର ଆର୍ଥିକ ସ୍ଥିତି ଉପରେ ପଡୁଛି। ପରିବାରର ଏକମାତ୍ର ରୋଜଗାରିଆ ସଦସ୍ୟ ଦୁର୍ଘଟଣାରେ ପ୍ରାଣ ହରାଇଲେ କିମ୍ବା ଦିବ୍ୟାଙ୍ଗ ହୋଇଗଲେ ଆର୍ଥିକ, ସାମାଜିକ ଏବଂ ମାନସିକ ସଙ୍କଟ ସୃଷ୍ଟି ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୪୫ ଲକ୍ଷ କୋଟିର...

ସୂଚନା ଦେଇ କହିଛନ୍ତି ଯେ ଭାରତୀୟ କୃଷି ଉତ୍ପାଦ ଉପରେ ଆମେରିକା କୌଣସି ଶୁଳ୍କ ଲଗାଇବ ନାହିଁ। ତେବେ ଆମେରିକାର କୃଷି ଉତ୍ପାଦଗୁଡ଼ିକୁ ଭାରତ କୌଣସି ଶୁଳ୍କ ଆଶ୍ୱସ୍ତି ଦେଇ ନାହିଁ। ଅର୍ଥାତ୍ ଆମେରିକା କୃଷିଜାତ ସାମଗ୍ରୀ ମଧ୍ୟ ଭାରତକୁ ରପ୍ତାନୀ କରିପାରିବ; ମାତ୍ର ଏଥିରେ ଅଧିକ ଶୁଳ୍କ ଲଗାଇହେବ। ଗୋୟଲ ସ୍ପଷ୍ଟ କରିଛନ୍ତି ଯେ ଏହି ଚୁକ୍ତିରେ ଜେନେଟିକାଲ ମୋଡିଫାଏଡ (ଜିଏମ୍) ଖାଦ୍ୟ ପଦାର୍ଥକୁ ଭାରତରେ ପ୍ରବେଶ ଅନୁମତି ଦିଆଯାଇ ନାହିଁ। ଏହି ଚୁକ୍ତି ଦ୍ୱାରା ଭାରତୀୟ ରପ୍ତାନୀକାରୀଙ୍କ ପାଇଁ ୩୦ ଟ୍ରିଲିୟନ ଡଲାର ଅର୍ଥାତ୍ ୨୭.୧୮ ଲକ୍ଷ କୋଟିର ବଜାର ଖୋଲିବ। ଭାରତ ଆଗାମୀ ୫ ବର୍ଷରେ ଆମେରିକାଠାରୁ ୫୦ ହଜାର କୋଟି ଡଲାର ଅର୍ଥାତ ୪୫ ଲକ୍ଷ ୩୦ ହଜାର କୋଟି ଟଙ୍କାର ଉତ୍ପାଦ କିଣିବାକୁ ସହମତି ପ୍ରକାଶ କରିଛି।

ଗୋୟଲ କହିଛନ୍ତି ଯେ ଏହି ଚୁକ୍ତି ଚାଷୀ, ଏମ୍‌ଏସ୍‌ଏମ୍‌ଇ, କାରିଗର, ମତ୍ସ୍ୟଜୀବୀ ଏବଂ ଶିଳ୍ପୀଙ୍କୁ କୌଣସି କ୍ଷତି ହେବନି। ଆମେରିକା ବଜାର ଭାରତ ପାଇଁ ଖୋଲିଯିବ। ଏହାଦ୍ୱାରା ଦେଶକୁ ଲାଭ ମିଳିବ। ମସଲା, ଚା’, କଫି, ନଡ଼ିଆ ତେଲ, କାଜୁ, ଆଭାକୋଡ, କଦଳୀ, ଆମ୍ବ, ସପୁରୀ ପଣସ ଓ ଛତୁ ଭଳି ଫଳ, ପନିପରିବା ଏବଂ କିଛି ବେକେରି ଉତ୍ପାଦଗୁଡ଼ିକ ଉପରେ କୌଣସି ଶୁଳ୍କ ଲଗାଯାଇ ନାହିଁ। ଏହି ଦୁଇ ପାକ୍ଷିକ ବାଣିଜ୍ୟ ଚୁକ୍ତି ମାଧ୍ୟମରେ ୨୦୩୦ ସୁଦ୍ଧା ଭାରତ-ଆମେରିକା କାରବାରକୁ ୫୦ ହଜାର କୋଟି ଡଲାର ପର୍ଯ୍ୟନ୍ତ ନେଇଯିବାକୁ ଲକ୍ଷ୍ୟ ରଖାଯାଇଛି।

ଅନ୍ୟପଟେ ଆମରିକାର ଅନେକ କୃଷି ଏବଂ ଖାଦ୍ୟ ପଦାର୍ଥ ଉପରୁ ଶୁଳ୍କ ହ୍ରାସ କରାଯିବ। ଏଥିରେ ଡ୍ରାଏଡ ଡିଷ୍ଟିଲର୍ସ ଗ୍ରେନ (ଡିଡିଜି) ଆଦିରୁ ଶୁଳ୍କ ହ୍ରାସ କରିବ। ଏଥିରେ ନାଲି ବାଜରା, ଡ୍ରାଏ ଫ୍ରୁଟ, ଫଳ, ସୋୟାବିନ ତେଲ, ମଦ ଏବଂ ସ୍ପିରିଟ ସାମିଲ ରହିଛି। ଅଧିକାଂଶ ଜିନିଷ ଏବେ ବି ଭାରତ ଆସୁଛି। ସେହିପରି ଆମେରିକା ରାଷ୍ଟ୍ରୀୟ ସୁରକ୍ଷା ନିୟମ ସମ୍ବନ୍ଧିତ ଶୁଳ୍କରୁ ମଧ୍ୟ ସମାଧାନ କରାଯାଇଛି। ଭାରତରୁ ଯାଉଥିବା ବିମାନ ଏବଂ ବିମାନ ଯନ୍ତ୍ରାଂଶ ସମ୍ବନ୍ଧିତ ଷ୍ଟିଲ, ଆଲୁମିନିୟମ ଏବଂ ତମ୍ବା ଉପରୁ ଶୁଳ୍କ ହଟାଇ ଦିଆଯାଇଛି। ଭାରତକୁ ଅଟୋ ପାର୍ଟ୍ସ ପାଇଁ ଏକ ନିର୍ଦ୍ଦିଷ୍ଟ ହାରରେ କୋଟା ମିଳିବ। ଔଷଧ ଉପରେ ଲାଗୁଥିବା ଶୁଳ୍କର ସମୀକ୍ଷା କରାଯିବ। ଏହି ଚୁକ୍ତି ଭୂ-ରାଜନୈତିକ କ୍ଷେତ୍ରରେ ବିରାଟ ପରିବର୍ତ୍ତନ ଆଣିବ ବୋଲି କୁହାଯାଉଛି।

### ୫୦ ଶୁଣାଣି...

ପରିଦର୍ଶନ କରିବାକୁ ନିଷ୍ପତ୍ତି ନେଇ ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୧୪ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ରାଜ୍ୟ ବିଜେପି ସରକାର ପ୍ରାରମ୍ଭରୁ ଆପୋସ ବୁଝାମଣା ମାଧ୍ୟମରେ ମହାନଦୀ ଜଳ ବିବାଦ ମାମଲାର ସମାଧାନ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏଥିପାଇଁ ଉଭୟ ରାଜ୍ୟ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ ସ୍ତରରେ ବୈଠକ ହୋଇଥିବା ବେଳେ ଏକାଧିକ ଥର ଉଭୟ ରାଜ୍ୟ ପକ୍ଷରୁ ଗଠିତ ବୈଷୟିକ କମିଟି ବୈଠକ ଅନୁଷ୍ଠିତ ହୋଇ ସାରିଛି। ମାତ୍ର ଏତେସବୁ ପରେ ମଧ୍ୟ ଅଣମୌସୁମୀ ସମୟରେ ଓଡ଼ିଶାକୁ ଉପରମୁଣ୍ଡରୁ ଜଳ ପ୍ରବାହ ନେଇ କୌଣସି ଆପୋସ ନିଷ୍ପତ୍ତି ହୋଇପାରି ନାହିଁ। ଏପରିକି ଆପୋସ ବୁଝାମଣା ଦିଗରେ ଓଡ଼ିଶା ସରକାର ଅଧିକ ଜୋର୍ ଦେଉଥିଲେ ହେଁ ଛତିଶଗଡ଼ ଏଥିରେ ସମପରିମାଣର ସହଯୋଗ କରୁ ନ ଥିବା ଅନୁଭବ ହେଉଛି ବୋଲି ମହାନଦୀ ଜଳ ବିବାଦ ଘଟଣାରେ ବିଶେଷଜ୍ଞ ମହଲ ଆଶଙ୍କା ପ୍ରକାଶ କରୁଛନ୍ତି।

ଓଡ଼ିଶା ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ ଆସନ୍ତା ଏପ୍ରିଲ ୧୩ ତାରିଖରେ ଟ୍ରିବ୍ୟୁନାଲ ଅବଧି ଶେଷ ହେବାକୁ ଯାଉଛି। ଓଡ଼ିଶା ଏବଂ ଛତିଶଗଡ଼ ଟ୍ରିବ୍ୟୁନାଲ ଅବଧି ବୃଦ୍ଧି ପାଇଁ ଅନୁରୋଧ କରିସାରିଛନ୍ତି। ୨୦୨୭ ମସିହା ମାର୍ଚ୍ଚ ୨୭ ତାରିଖ ପର୍ଯ୍ୟନ୍ତ ଅବଧି ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କୁ ଉଭୟ ରାଜ୍ୟ ଅନୁରୋଧ କରିଛନ୍ତି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ପଦ ଖାଲି ପଡ଼ିଥିବାରୁ ୯ ମାସ କାର୍ଯ୍ୟ ହୋଇପାରି ନ ଥିଲା। ଯେଉଁଥିପାଇଁ ଶୁଣାଣି କାର୍ଯ୍ୟକ୍ରମ ବିଳମ୍ବିତ ହୋଇଛି ବୋଲି ଏଜି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

### ସରକାର କେବଳ...

ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟଙ୍କ ଅନୁପସ୍ଥିତିକୁ ନେଇ ସେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ମହାନଦୀକୁ ନେଇ ରାଜ୍ୟ ସରକାର କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ନବୀନ କଡ଼ା ସମାଲୋଚନା କରିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ଟ୍ରିବ୍ୟୁନାଲରେ ମହାନଦୀ ବିବାଦ ନେଇ ଆଜି ହୋଇଥିବା ଶୁଣାଣିକୁ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଆଡଭୋକେଟ୍ ଜେନେରାଲ୍ ଆସିଲେ ନାହିଁ। ମହାନଦୀର ସୁରକ୍ଷାଠାରୁ ଏମିତି କ’ଣ ଗୁରୁତ୍ୱପୂର୍ଣ୍ଣ କାମ ରହିଲା, ଯେଉଁଥିପାଇଁ ଟ୍ରିବ୍ୟୁନାଲର ଶୁଣାଣିରେ ଓଡ଼ିଶାର ପକ୍ଷ ରଖିବାକୁ ସେ ଉପସ୍ଥିତ ରହିଲେ ନାହିଁ? ଟ୍ରିବ୍ୟୁନାଲର ଶୁଣାଣିକୁ ନେଇ ଅନେକ ଆଶା ବାନ୍ଧି ବସିଥିବା ଓଡ଼ିଶାବାସୀଙ୍କୁ କ’ଣ ମିଳିଲା ବୋଲି ନବୀନ ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ମହାନଦୀକୁ ବଞ୍ଚାଇବା ପାଇଁ ଓଡ଼ିଶା ବିଜେପି ସରକାରଙ୍କ କୌଣସି ଆନ୍ତରିକତା ତଥା ପ୍ରତିବଦ୍ଧତା ନାହିଁ। ଏହାକୁ ସରକାର ଆଦୌ ଗମ୍ଭୀରତାର ସହ ନେଉ ନାହାନ୍ତି। ମହାନଦୀ ଆମ ମା’, ଓଡ଼ିଶାର ଜୀବନରେଖା। ଲକ୍ଷ ଲକ୍ଷ ଚାଷୀ, ମତ୍ସ୍ୟଜୀବୀ ତଥା ଅଗଣିତ ଓଡ଼ିଆଙ୍କ ଜୀବନର ସ୍ରୋତ। ଏହାର ସୁରକ୍ଷାରେ ସାଲିସକୁ ଓଡ଼ିଶାବାସୀ କଦାପି ଗ୍ରହଣ କରିବେ ନାହିଁ। ମହାନଦୀକୁ ବଞ୍ଚାଇବା ପାଇଁ ପ୍ରତିଟି ଓଡ଼ିଆଙ୍କୁ ନେଇ ବିଜୁ ଜନତା ଦଳର ଲଢ଼େଇ ଆହୁରି ଜୋରଦାର ହେବ ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ଯାଇନି ଶୀତ...

୬.୬ ଡିଗ୍ରୀ ତଳକୁ ଖସିଆସିଛି। ତେବେ ଏହାର ପଡ଼ୋଶୀ ରାଜ୍ୟ ରାଜସ୍ଥାନ ଓ ଛତିଶଗଡ଼ରେ ଫେବୃଆରୀ ପ୍ରଥମ ସପ୍ତାହରେ ହିଁ ତାପମାତ୍ରା ୩୦ ଅତିକ୍ରମ କରି ୩୨ ଡିଗ୍ରୀରେ ପହଞ୍ଚିଛି। ସେହିପରି କିଛିଦିନ ତଳେ ପ୍ରବଳ ଶୀତ ଓ ଥଣ୍ଡାରେ ଥରହର ହେଉଥିବା ହରିୟାଣାର ଅନେକ ଜିଲ୍ଲାରେ ପାରଦ ୨୫ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚିଛି।

ଅନ୍ୟପଟେ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡରେ ଏବେ ବି ଶୀତ ଲାଗି ରହିଛି। ନିକଟ ଭବିଷ୍ୟତରେ ତାପମାତ୍ରା ବଢ଼ିବାର ସମ୍ଭାବନା ବି ନାହିଁ। ଅନ୍ୟପକ୍ଷରେ ଆସନ୍ତା ୯ ତାରିଖରୁ ଏହି ହିମାଳୟ ଅଞ୍ଚଳରେ ବର୍ଷା ଓ ବରଫପାତ ହେବ ବୋଲି ସତର୍କତା ଜାରି କରାଯାଇଛି। ଉତ୍ତରକାଶୀ, ଚମୋଲି, ରୁଦ୍ରପ୍ରୟାଗ, ବାଗେଶ୍ୱର ଓ ପିଥୋରଗଡ଼ ଜିଲ୍ଲାରେ ୩ ହଜାର ମିଟରରୁ ଅଧିକ ଉଚ୍ଚତା ଅଞ୍ଚଳରେ ତୁଷାରପାତ ହୋଇପାରେ ବୋଲି ପାଣିପାଗ ବିଭାଗ ତରଫରୁ ସତର୍କ କରାଯାଇଛି। ରାଜଧାନୀ ଦିଲ୍ଲୀରେ ଥଣ୍ଡା ପବନ ବହିବ ବୋଲି ସତର୍କତା ଜାରି କରାଯାଇଛି। ରାଜଧାନୀରେ ବାୟୁର ମାନ ଆଜି ପୁଣି ଖରାପ ହୋଇଥିବାର ଖବର ମିଳିଛି। ସେପଟେ ବିହାରରେ ପ୍ରବଳ କୁହୁଡ଼ି ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହୋଇଛି ଓ ଗୋପାଳଗଞ୍ଜ ଓ ମଧୁବନୀରେ ଦୃଶ୍ୟମାନ କ୍ଷମତା ତଥା ଭିଜିବିଲିଟି ଶୂନ ରହିଥିଲା। ରାଜ୍ୟର କିଛି ସ୍ଥାନରେ ଶୀତ ଅନୁଭୂତ ହେଉଥିବା ବେଳେ ଆଉ କିଛି ସ୍ଥାନରେ ତାପମାତ୍ରା ବଢ଼ିବାରେ ଲାଗିଛି।

ସୂଚନାଯୋଗ୍ୟ ଯେ ଏଥର ପାଣିପାଗ ପୂର୍ବ ବର୍ଷ ତୁଳନାରେ ସଂପୂର୍ଣ୍ଣ ରୂପେ ଭିନ୍ନ ରହିଛି। ଉଭୟ ବର୍ଷା ଓ ଶୀତରେ ଅନେକ ରେକର୍ଡ ଭାଙ୍ଗିଛି। ବର୍ଷାଦିନରେ ଅତ୍ୟଧିକ ବର୍ଷା ଯୋଗୁଁ ବନ୍ୟା ବିପର୍ଯ୍ୟୟ ଘଟାଇଥିବା ବେଳେ ଶୀତ ଦିନରେ ରେକର୍ଡ ଶୀତ ହୋଇଛି।

### ୧୫ ସୁଦ୍ଧା ୩୭...

ଆକାଶ ନିର୍ମଳ ରହୁଥିବାରୁ ପୃଥିବୀ ଉପରେ ସିଧା ଖରା ପଡୁଛି। ତେଣୁ ଖରା ବଢ଼ିବାରେ ଲାଗିଛି। ଏହି କ୍ରମରେ ଶନିବାର ଝାରସୁଗୁଡ଼ାରେ ତାପମାତ୍ରା ୩୩.୭ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ପାରଳାଖେମୁଣ୍ଡିରେ ୩୩.୨ ଓ ଭୁବନେଶ୍ୱରରେ ତାପମାତ୍ରା ୩୨.୩ଡିଗ୍ରୀ ରେକର୍ଡ ହୋଇଛି।

ଅନ୍ୟପଟେ, ଆମେରିକାର କଲୋମ୍ବିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ଜାରି ହୋଇଥିବା ମାର୍ଚ୍ଚରୁ ମେ’ ମାସର ଆକଳନ ଅନୁଯାୟୀ, ଚଳିତବର୍ଷ ଗରମର ପ୍ରଭାବ ବୃଦ୍ଧି ସହ ଗ୍ରୀଷ୍ମପ୍ରବାହ ବଢ଼ିବାର ମଧ୍ୟ ସମ୍ଭାବନା ରହିଛି। ବିଶ୍ୱ ପାଣିପାଗ ସଂସ୍ଥାନର ଆକାଳନ ଅନୁଯାୟୀ, ପ୍ରଶାନ୍ତ ମହାସାଗରରେ ଜଳବାୟୁ ପ୍ରକ୍ରିୟା ଲା-ନିନା ଦୁର୍ବଳ ହେବା ସହ ଏଲ-ନିନୋ ସକ୍ରିୟ ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଚଳିତବର୍ଷ ଅଧିକ ଗରମ ସମ୍ଭାବନା ରହିଛି। ୨୦୧୬ ଏବଂ ୨୦୨୪ରେ ପ୍ରଶାନ୍ତ ମହାସାଗରରେ ଏଲ-ନିନୋ ସକ୍ରିୟ ରହିଥିଲା। ଫଳସ୍ୱରୂପ, ଦେଶର ଅହେତୁକ ଗରମ ସହ ରାଜ୍ୟରେ ମଧ୍ୟ ରେକର୍ଡ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥିଲା। ୨୦୨୪ ମସିହା ରାଜ୍ୟରେ ସ୍ୱାଭାବିକଠାରୁ ୩ ଗୁଣାରୁ ଅଧିକ ଅଧିକ ଗ୍ରୀଷ୍ମ ପ୍ରବାହ ଦିନ ସହ ପାଖାପାଖି ୩୭ ଦିନ ଗ୍ରୀଷ୍ମ ଲହରୀ ଜାରି ରହିଥିଲା। ଏ ଦୃଷ୍ଟିରୁ ଚଳିତବର୍ଷ ଗ୍ରୀଷ୍ମ ପ୍ରଭାବ ବଢ଼ିବା ନେଇ ଆକଳନ କରାଯାଉଛି। ୨୦୨୪ ମେ’ ୩୧ରେ ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୭ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ୨୮ ଏପ୍ରିଲ ୨୦୨୪ ରେ ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୪୪.୬ଡିଗ୍ରୀ ଏବଂ ୧ମେ’ ୨୦୨୪ରେ ୪୫.୧ତାପମାତ୍ରା ରହିଥିଲା। ପାଣିପାଗ କେନ୍ଦ୍ର କହିଛି, ରାଜ୍ୟରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଆସନ୍ତା ୨ଦିନ ମଧ୍ୟରେ ରାତିର ତାପମାତ୍ରା ୨-୪ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ତେବେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ପୁରୀ, ଗଞ୍ଜାମ, ଖୋର୍ଦ୍ଧା ଓ ଜଗତସିଂହପୁର ଆଦି ଜିଲ୍ଲା ଓ ଆସନ୍ତାକାଲି ପୁରୀ, ଗଞ୍ଜାମ ଓ ଜଗତସିଂହପୁରରେ ହାଲୁକାରୁ ମଧ୍ୟମଧରଣର କୁହୁଡ଼ି ଦେଖାଦେବା ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି।

## ମୁଖ୍ୟମନ୍ତ୍ରୀଙ୍କ ପ୍ରାକ୍ ବଜେଟ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର,୭।୨(ସମିସ): ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାକ୍-ବଜେଟ୍ ପ୍ରସ୍ତୁତି ସଂପର୍କରେ ଆଲୋଚନା କରିଛନ୍ତି। ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ଆଗତ କରିବେ। ଏହା ପୂର୍ବରୁ ବିଭିନ୍ନ ବିଭାଗର ସଚିବଙ୍କ ସହ ମୁଖ୍ୟମନ୍ତ୍ରୀ ବଜେଟର ରୂପରେଖ ତଥା ବିଭାଗୀୟ ଖର୍ଚ୍ଚ ବାବଦରେ ଆଲୋଚନା କରିଥିବା ଜଣାପଡ଼ିଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ଆର୍ଥିକ ବର୍ଷରେ ଆବଣ୍ଟିତ ଅର୍ଥ ମଧ୍ୟରୁ କେଉଁ ବିଭାଗ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି, ଆସନ୍ତା ବଜେଟ ପାଇଁ ସେମାନେ କ’ଣ ଆଭିମୁଖ୍ୟ ରଖୁଛନ୍ତି, ସେନେଇ ମୁଖ୍ୟମନ୍ତ୍ରୀ ବିଶଦ୍ ଭାବେ ଆଲୋଚନା କରିଥିଲେ। ବୈଠକରେ ସଚିବମାନେ ନିଜନିଜ ବିଭାଗର ବିବରଣୀ ଦେବା ସହ ମୁଖ୍ୟମନ୍ତ୍ରୀଙ୍କ ସାମ୍ନାରେ କେତେକ ପ୍ରସ୍ତାବ ରଖିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ୫ତାରିଖରେ ମୁଖ୍ୟମନ୍ତ୍ରୀ ପ୍ରାକ୍-ବଜେଟ ପରାମର୍ଶ ସଭା ବୈଠକରେ ବିଶେଷଜ୍ଞ, ନାଗରିକ ସମାଜ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନଙ୍କ ସହିତ ପ୍ରାକ୍ ବଜେଟ ପରାମର୍ଶ ଆଲୋଚନା କରିଥିଲେ। ଏଥିରେ ପ୍ରାୟ ୫୦ଜଣ ବିଶେଷଜ୍ଞ ଉପସ୍ଥିତ ଥିଲେ।


Modal Bidding Document 10001/22/2526
Government of Odisha
Health and Family Welfare Department, Odisha
OFFICE OF THE DEAN-PRINCIPAL
GOVERNMENT MEDICAL COLLEGE HOSPITAL, PHULBANI, DIST: KANDHAMAL

QUOTATION / TENDER CALL NOTICE

No. 01/2026 Date 06.02.2026

Sealed quotation / tenders are invited from interested reputed Travel Agency / Tour Operator / Private individuals for providing (1 no.) of AC petrol / diesel driven vehicles having sitting capacity not more than 5 (five) including driver. Which shall conform to the Terms and conditions (Annexure-I & A) for official use in Dean & Principal of month rental basis. The application form of quotation/tender containing the Quotation information & Terms and condition for Hiring Vehicles etc. will be available from websites https://kandhamal.odisha.gov.in. The Quotation completed in all respect should reach the undersigned on or before 02.03.2026 by 5.00 PM through registered post/courier and shall be opened on 05.03.2026 at 11.30 AM in presence of bidder or authorized representatives. The undersigned reserves the right reject any or all the tender(s) without assigning any reason thereof.

OIPR-10001/10270/1/25-26/0001

Sd/- N. Behera
Dean & Principal
Govt. Medical College & Hospital, Phulbani, Kandhamal

OHPC
ISO 9001-14001 18001 Certified

OFFICE OF THE SR. GENERAL MANAGER (ELECTRICAL) 32001/33/2526
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

NOTICE INVITING TENDER No. UIHEP–49/2025-26 DATED 05.02.2026

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from eligible bidders meeting eligibility criteria only for execution of the following work.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Annual Maintenance of Generator Transformers, Unit Auxiliary Transformers, Mobile Oil Purifier & Equipments at 11KV / 33KV / 220KV / 400 KV Switchyard of UIHEP, Mukhiguda for a period of 02 years. | 11,800/- (inclusive of GST) | 51,000/- | From 10.02.2026 to 25.02.2026 upto 12.00 Hrs | 25.02.2026 (upto 13:00Hrs) | 25.02.2026 at 16:30Hrs |

For details of the tender documents, terms and conditions please visit our website www.ohpcltd.com

OIPR-32001/32136/1/25-26/0033

C&P Head
UIHEP, Mukhiguda

AFFIDAVIT
By virtue of an affidavit sworn before the Executive Magistrate, Nabarangpur, no. 159, dated 04.02.2026, I, D. HEMALATAMMA, W/o - Late. D. Krishna Murty, permanent resident of - R.K Colony, Nabarangpur, PO - Nabarangpur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from D. HEMALATA to D. HEMALATAMMA. Henceforth, I shall be known as D. HEMALATAMMA for all purposes.
Sd/- D. Hemalatamma

AFFIDAVIT
By virtue of an affidavit sworn before the Executive Magistrate, Nabarangpur, No. 155, dated 03.02.2026, I, MAHIREEN KHAN, D/o - Nazibulla Khan, permanent resident of Village - Taragaon, PO - Taragaon, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from MEHRIN KHAN to MAHIREEN KHAN. Henceforth, I shall be known as MAHIREEN KHAN for all purposes.
Sd/- Mahireen Khan

AFFIDAVIT
By virtue of an affidavit sworn before The Executive Magistrate, Keonjhar SL.NO- 02, dated 30-01-2026 I, SHANKARI MUNDA, Permanent resident of At- Bangurusuni, Po- Masinajodi, PS- Daitari, Dist- Kendujhar, State- Odisha, PIN- 758080, declare that I have changed my name from KANTARI MUNDA (Old name) to SHANKARI MUNDA (New name), Henceforth, I shall be known as SHANKARI MUNDA for all purposes.
( Sd- SHANKARI MUNDA)


AFFIDAVIT
By virtue of an affidavit sworn before the Executive Magistrate, Nabarangpur, no. 174, dated. 07.02.2026, I, DASA GOUDA, S/o- Mangalsai Gouda, permanent resident of Village - Nayakguda, PO - Modeigam, PS - Kodinga, Dist - Nabarangpur, Odisha, Pin - 764058, declare that I have changed my name from BASA GOUD to DASA GOUDA. Henceforth, I shall be known as DASA GOUDA for all purposes.
Sd/- Dasa Gouda

ଏକା ଦିନରେ ଜଣେ ବ୍ୟକ୍ତି କରୁଛନ୍ତି ତିନୋଟି ସ୍ଥାନରେ କାର୍ଯ୍ୟ

# ୩ଟି କାମର ଏନ୍‌ଏମ୍‌ଏମ୍‌ଏସ୍‌ରେ ସମାନ ଶ୍ରମିକଙ୍କ ଫଟୋ

କୋରୁକୋଣ୍ଡା, ୭।୨(ସମିସ)

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ହେଉଥିବା ଅନିୟମିତତାକୁ ରୋକିବାକୁ ସରକାର ଏହି ଯୋଜନା ମାଧ୍ୟମରେ ଆସୁଥିବା କାମ ଗୁଡିକରେ କିପରି ଭାବେ ପ୍ରକୃତ ହିତାଧିକାରୀମାନେ ଉପକୃତ ହୋଇପାଇବେ ସେନେଇ ପଦକ୍ଷେପ ନେଉଛନ୍ତି। କାର୍ଯ୍ୟ କରିବାକୁ ଇଚ୍ଛୁକ ଥିବା ଶ୍ରମିକମାନେ ପ୍ରଥମେ ବିଭାଗ ନିକଟରେ ଆବେଦନ କରିବେ, ପରେ କାର୍ଯ୍ୟରେ ଯୋଗଦେବେ। ପ୍ରତ୍ୟେକ ଦିନ କାମ ଆରମ୍ଭରେ ଏବଂ ଶେଷରେ କାର୍ଯ୍ୟ ସ୍ଥଳୀରେ ଶ୍ରମିକମାନଙ୍କ ଫୋଟ ଓ ସରକାରୀ ତଥ୍ୟ ଏନଏମଏମଏସରେ ଅପଲୋଡ କରାଯିବ ବୋଲି ନିୟମାବଳୀ ଜାରି କରିଛନ୍ତି। ହେଲେ ଏଠି ସେହି ସରକାରଙ୍କ ତଥ୍ୟକୁ ମଧ୍ୟ ଦୟିତ୍ୱରେ ଥିବା ଅଧିକାରୀମାନେ ନିଜ ମନମୁତାବକ ବ୍ୟବହାର କରୁଥିବା ନଜରକୁ ଆସୁଛି। କେଉଁ କାମର ଏନଏମଏମଏସର ପୋର୍ଟାଲରେ ଛୋଟ ଛୋଟ ନାବାଳକ ମାନଙ୍କ ଫଟୋ ଉଠାଯାଇଥିବା ଦେଖିବାକୁ ମିଳୁଛି ତ ଆଉ କେଉଁଠି ବିଭିନ୍ନ କାମରେ ସମାନ ଶ୍ରମିକଙ୍କ ଫଟୋ ଅପ୍‌ଲୋଡ ହୋଇଥିବାର ଦେଖିବାକୁ ମିଳୁଛି। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ କାମୱାଡା ଗ୍ରାମ ପଞ୍ଚାୟତରେ। ସୂଚନାନୁଯାୟୀ, ଉକ୍ତ ପଞ୍ଚାୟତ ଅଧୀନରେ ଦୁଇ ଗୋଟି ବିଭିନ୍ନ ସ୍ଥାନରେ ଜଳ ସରକ୍ଷଣ ନିମନ୍ତେ ଯାହାକି ୨୦୨୫-୨୬ ଆର୍ଥିକ ବର୍ଷରେ ୬ ଲକ୍ଷ ୬୦ ହଜାର ଏବଂ ଆଉ ଗୋଟାଏ ୫ ଲକ୍ଷ ୧୦ ହଜାର ବ୍ୟୟରେ କାମ ସରକାରଙ୍କ ତରଫରୁ ଅନୁମୋଦନ ହୋଇଥିବା ବେଳେ




୨୦୨୫-୨୬ ଆର୍ଥିକ ବର୍ଷରେ ଶ୍ରମ ବାବଦକୁ ୩ ଲକ୍ଷ ୯୪ ହଜାର ୩୯୭ ଏବଂ ସାମଗ୍ରୀ ବାବଦକୁ ୪ ଲକ୍ଷ ୨୫ ହଜାର ୭୮୩ ମିଶି ମୋଟ ୮ ଲକ୍ଷ ୫୫ହଜାର ବ୍ୟୟ ଅଟକଳରେ ଗୋଟାଏ ଡବ୍ଲୁବିଏମ ରାସ୍ତା କାମ ମଞ୍ଜୁର କରାଯାଇଛି। ସେହି ରାସ୍ତାକାମ ଗତ ବର୍ଷ ନଭେମ୍ବର ମାସ ୬ ତାରିଖରୁ ଆରମ୍ଭ କରି ଚଳିତ ବର୍ଷ ଗତମାସର ୨୭ ତାରିଖ ପର୍ଯ୍ୟନ୍ତ ମୋଟ ୧୨୮୫ ଶ୍ରମିକ କାମ କରିଥିବା ଦର୍ଶାଯାଇଥିବା ବେଳେ ଶ୍ରମବାବଦକୁ ୩୦୯୮୫୫ ଟଙ୍କା ପଇଠ କରାଯିବା ନେଇ ସରକାରୀ ତଥ୍ୟରେ ଦର୍ଶାଯାଇଛି। କିନ୍ତୁ ଦୁଃଖର ବିଷୟ ସେହି ତିନିଗୋଟି କାମର ସରକାରୀ ଏନଏମଏମଏସ ପୋର୍ଟାଲରେ ଦର୍ଶାଯାଇଥିବା ଫଟୋ ସମାନ ଶ୍ରମିକଙ୍କର ବୋଲି ଦେଖିବାକୁ ମିଳୁଛି। ଖାଲି ଏତିକି ନୁହଁ ଉକ୍ତ ରାସ୍ତା କାମଟି କରିବା ନିମନ୍ତେ ଯେଉଁ ସ୍ଥାନ ସରକାରୀ ତଥ୍ୟରେ ଦର୍ଶାଯାଇଛି ସେଠାରେ ହେଉନାହିଁ। ଏହାକୁ ନେଇ ଆମେ ପଞ୍ଚାୟତ ତଥ୍ୟ ନିରିକ୍ଷକ ହିସାବ ରକ୍ଷକ ମାଛୁ ଖରାଙ୍କୁ ପଚାରିବାରୁ ସେ କହିଥିଲେ, ସେ ରାସ୍ତା କାମ ସେଠା ହେଉନାହି ସେ କାମ ଗ୍ରାମରେ କରାଯାଉଛି। କେଉଁ ଆଧାରରେ ଏପରି କରାଗଲା ବୋଲି ଜାଣିବାକୁ ଚେଷ୍ଟା କରିବାରୁ ଶ୍ରୀ ଖରା କହିଥିଲେ, ସେହି ରାସ୍ତା ଠିକ ଥିବା କାରଣରୁ ସେହି ରାସ୍ତା କାମ ଅନ୍ୟସ୍ଥାନରେ କରାଯାଉଛି। ଉକ୍ତ ତିନିଗୋଟି କାମରେ କିପରି ଭାବେ ସମାନ ଶ୍ରମିକଙ୍କ ଫୋଟ ସରକାରୀ ତଥ୍ୟରେ ଦର୍ଶାଯାଇଛି ସେ ବିଷୟରେ ସେ ଜାଣି ନଥିବା କହିଥିଲେ। ଜଳ ସଂରକ୍ଷଣ ନିମନ୍ତେ ଯେଉଁ ଗ୍ରମରେ କାର୍ଯ୍ୟ ହୋଇଥିବା ଦର୍ଶାଯାଇଛି। ସେହି ଗ୍ରାମରେ ପଞ୍ଚାୟତ ତରଫରୁ ଗ୍ରାମ ସଂଯୋଜକ ଥିଲେ ମଧ୍ୟ ଅନ୍ୟ ଗ୍ରାମର ଗ୍ରାମ ସଂଯୋଜକ କାମ କରାଇଥିବା ଦର୍ଶାଯାଇଥିବା ବେଳେ ସେହି ଗ୍ରାମରେ ଜବକାର୍ଡଧାରୀ ଶ୍ରମିକ ରହିଥିଲେ ମଧ୍ୟ ଅନ୍ୟ ଗ୍ରାମର ଶ୍ରମିକଙ୍କୁ ସେହି କାର୍ଯ୍ୟରେ ନିୟୋଜିତ ଥିବା ଦର୍ଶାଯାଇଛି। ଏହାକୁ ନେଇ ଗ୍ରାମ ସଂଯୋଜକଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଥିଲେ, ମୋତେ ନ ଜଣାଇ ପଞ୍ଚାୟତ ଅଧିକାରୀ ଏସବୁ କରୁଛନ୍ତି ଏବଂ ଆମ ଗାଁ ଶ୍ରମିକ କାମ ନପାଇ ବାହାରକୁ ଦାଦନ ଖଟିବାକୁ ଯାଉଥିବା କହିଥିଲେ। ସେହି କାମ ବାବଦକୁ ୯୯୫ଶ୍ରମିକ କାମ କରିଥିବା ସରକାରୀ ତଥ୍ୟରେ ଦର୍ଶାଇ ୨ଲକ୍ଷ ୬୦ହଜାର ୭ସହ

**ଦାୟିତ୍ୱରେ ଥିବା ଅଧିକାରୀଙ୍କ କାର୍ଯ୍ୟଶୈଳୀକୁ ନେଇ ଉଠିଲା ପ୍ରଶ୍ନ**

୧୫ଟଙ୍କା ଶ୍ରମିକ ମାନଙ୍କୁ ପଇଠ କରାଯାଇଥିବା ଦର୍ଶାଯାଇଛି। ଏହାକୁ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରୂପକ ସିଂ ସାମନ୍ତରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେ, ଗୋଟାଏ ଫୋଟ କିପରି ଦର୍ଶାଯାଇଛି ସେନେଇ କୌଣସି ଖବର ନାହିଁ, ସେହି ରାସ୍ତାରେ ପୂର୍ବ ଦିନରେ ବ୍ଲକ ତରଫରୁ ରାସ୍ତା କାମ ହୋଇଯାଇଥିବା କାରଣରୁ ସେହି କାମକୁ ଗାଁ ମଝିରେ କରାଯାଇଛି ବୋଲି କହିଥିଲେ। ଉକ୍ତ ତିନିଗୋଟି କାମକୁ ନେଇ ଆସିଥିବା ଅଭିଯୋଗକୁ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ କହିଛନ୍ତି, ପ୍ରତ୍ୟେକ କାମର ଅଲଗା ଅଲଗା ଫୋଟ ରହିବା କଥା, କାରଣ ଯେଉଁ ଶ୍ରମିକ କାମ କରିବେ ସେମାନଙ୍କ ଉପସ୍ଥାନ ସ୍ୱରୂପ ଫୋଟ ଅପଲୋଡ଼ କରାଯିବ। ଏଣୁ ଏମିତି କାହିଁକି କରାଯାଇଛି ତାକୁ ଅନୁଧାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

## ୧୫ କିଲୋ ୫୨୦ ଗ୍ରାମ ଗଞ୍ଜେଇ ଜବତ; ୨ ଗିରଫ

ମୁନିଗୁଡା, ୭।୨(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ଆରପିଏଫ ଦ୍ୱାରା କନ୍ଧମାଳ ଜିଲ୍ଲାରୁ କେରଳ ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ବେଳେ ୧୫ କେଜି ୫୨୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହି ମାମଲାରେ ୨ ଜଣ ଚାଲାଣକାରୀକୁ ଗିରଫ କରାଯାଇଛି। ସୁଚନା ଅନୁଯାୟୀ, ମୁନିଗୁଡା ରେଳବାଇ ପୁଲିସର ଏଏସ୍‌ଆଇ କେ. ସ୍ୱୟମ ପ୍ରକାଶଙ୍କ ନେତୃତ୍ୱରେ ଏକ ଟିମ୍ ୧ ନମ୍ବର ପ୍ଲାଟଫର୍ମରେ ତନଖି କରିବା ସମୟରେ ଶୌଚାଳୟ ନିକଟରୁ ୨ଜଣ ବ୍ୟକ୍ତିଙ୍କ ପାଖରେ ଥିବା ବ୍ୟାଗକୁ ତନଖି ଥିଲେ। ଏହି ସମୟରେ ସେମାନଙ୍କଠାରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା।



ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରିବା ପରେ ବ୍ୟାଗ୍‌ରେ ମୋଟ ୧୫ କେଜି ୫୨୦ଗ୍ରାମ ଥିବା ଜଣାପଡ଼ିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୭ଲକ୍ଷ ୭୬ ହଜାର ଟଙ୍କା ହେବ। ଗିରଫ ହୋଇଥିବା ଚାଲାଣକାରୀମାନେ ହେଲେ କେରଳ ରାଜ୍ୟର ସାହଜନ୍ ଅଲି ଓ ପି ସାଜୁ। ଉଭୟଙ୍କୁ ଗିରଫ କରି କେଶ ନମ୍ବର ୭/୨୦୨୬ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଚାଲାଣକାରୀମାନେ ଏହି ଗଞ୍ଜେଇକୁ କନ୍ଧମାଳ ଜିଲ୍ଲା ବାଲିଗୁଡା ଅଞ୍ଚଳରୁ ନେଇ କେରଳର ଏର୍ଣ୍ଣାକୁଲମ୍‌କୁ ଚାଲାଣ କରିବା ପାଇଁ ଯୋଜନା କରିବା ବେଳେ ରେଳବାଇ ପୁଲିସ ହାତରେ ଧରା ପଡ଼ିଥିବା ଜଣାପଡ଼ିଛି।

## ଶାଲାର ଫାଉଣ୍ଡେସନ୍ ପକ୍ଷରୁ ଜୈବ ସାର ପ୍ରସ୍ତୁତି ପ୍ରଶିକ୍ଷଣ



ରାୟଗଡ଼ା, ୭।୨(ସମିସ): ରାୟଗଡ଼ା ଜିଲ୍ଲାର ସଦର ବ୍ଲକ କୁମ୍ଭିକୋଟା ଗ୍ରାମପଞ୍ଚାୟତର ଉଦୟପୁର ଗ୍ରାମରେ ଶାଲାର ଫାଉଣ୍ଡେସନ୍ ପକ୍ଷରୁ ଜୈବ ସାର ପ୍ରସ୍ତୁତି ବିଷୟରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପ୍ରଶିକ୍ଷଣରେ ଗ୍ରାମର ୩୦ ଜଣ ଚାଷୀ ଓ ଅନ୍ୟାନ୍ୟ ଅଂଶଗ୍ରାହୀମାନେ ସକ୍ରିୟ ଭାବେ ଭାଗ ନେଇଥିଲେ। ଶାଲାର ଫାଉଣ୍ଡେସନର କର୍ମୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ଦୀପ୍ତିମୟୀ ନାୟକ, ରଞ୍ଜନ ମାଣ୍ଡାଙ୍ଗୀ ଓ ନର୍ସି କୁଲେସିକା ପ୍ରଶିକ୍ଷକ ଭାବେ ଉପସ୍ଥିତ ରହି ଜୈବ ସାର ପ୍ରସ୍ତୁତିର ବିଭିନ୍ନ ପଦ୍ଧତି, ଜୈବ କୃଷିର ଲାଭ, ମାଟିର ଉର୍ବରତା ବୃଦ୍ଧି ଓ ରାସାୟନିକ ସାରର କୁପ୍ରଭାବ ବିଷୟରେ ଅଲୋଚନା କରିଥିଲେ। ପ୍ରାୟୋଗିକ ଭାବରେ ଜୈବ ସାର ପ୍ରସ୍ତୁତିର ଏକ ପ୍ରଦର୍ଶନ ମଧ୍ୟ କରାଯାଇଥିଲା। ଶାଲାର ଫାଉଣ୍ଡେସନର ପ୍ରତିଷ୍ଠାତା ପ୍ରମୋଦ କୁମାର ପଣ୍ଡା ଏପରି କୃଷକମୁଖୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଗାମୀ ଦିନରେ ରାୟଗଡ଼ା ବ୍ଲକର ବିଭିନ୍ନ ଗ୍ରାମମାନଙ୍କରେ ମଧ୍ୟ ଅବ୍ୟାହତ ରହିବ ବୋଲି ସୂଚନା ଦେଇଥିଲେ।

## ବିଜେପିର ମଣ୍ଡଳସ୍ତରୀୟ ସମ୍ମିଳନୀ

ମୁନିଗୁଡା, ୭।୨(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା କୁମୁଡା ବାଲି ଶିବ ମନ୍ଦିର ପରିସରରେ ବିଜେପିର ମଣ୍ଡଳସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ମୁନିଗୁଡା ମଣ୍ଡଳ ସଭାପତି ସୁବାଷ ଗୌଡଙ୍କ ପ୍ରତିନିଧିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଗୋପୀ ଆନନ୍ଦ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ଶଙ୍କର ଉଲାକା, ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ଉପସଭାପତି ରାମ ଚନ୍ଦ୍ର ବେହେରା, ମଣ୍ଡଳ ସଭାପତି ସୁବାସ ଗୌଡ ସାଂସଦ ପ୍ରାର୍ଥୀ କାଳି ରାମ ମାଝୀ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଭିକାରୀ ନାହାକ, ଜିଲ୍ଲା ବିଜେପି ଉପସଭାପତି ସୁଶୀଳା ସୁରାଫ, ଜିଲ୍ଲା ବିଜେପି ସମ୍ପାଦକ ଦେବାଶିଷ ପଣ୍ଡା, ଜିଲ୍ଲା ବିଜେପି କୋଷାଧ୍ୟକ୍ଷ ଶାନ୍ତନୁ ସୁବୁଦ୍ଧି ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ବିଭିନ୍ନ ରାଜନୈତିକ ଦଳରୁ ବହୁ ସଂଖ୍ୟାରେ କର୍ମୀ ବିଜେପିରେ ଯୋଗଦେଇଥିଲେ। ଅତିଥିମାନେ ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଆଜୀବିକା ମିଶନ ଗ୍ରାମୀଣ ଉପରେ ସଚେତନ କରାଇଥିଲେ। ରୁଦ୍ର ପ୍ରସାଦ ମଗିଲି ପରିଚାଳନା କରିଥିବା ବେଳେ ବିକାସ ଓଦଲା ଧନ୍ୟବାଦ ଅର୍ପଣ କରିଥିଲେ। ମୁନିଗୁଡା ବିଜେପି ଯୁବ ମୋର୍ଚ୍ଚା ମଣ୍ଡଳ ସଭାପତି ଟୁନା କରକରିଆ, ମଣ୍ଡଳ ଉପସଭାପତି ଭୀମ ବେହେରା, ଓବିସି ମୋର୍ଚ୍ଚା ମଣ୍ଡଳ ସଭାପତି ପଦ୍ମ ବେହେରା, ସୁନ୍ଦର ରାଜୁ ଆଚାରି, ପୁରନ୍ଦର କାଶି, ମୀନକେତନ ଗୌଡ ପ୍ରମୁଖ ସହଯୋଗ କରିଥିଲେ।

ଅମ୍ବାଦଲା: ରାୟଗଡ଼ା ଜିଲ୍ଲା ଆମ୍ବାଦଲା କଲ୍ୟାଣୀ ମଣ୍ଡପଠାରେ ବିଜେପିର ମଣ୍ଡଳସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଅମ୍ବାଦଲା ମଣ୍ଡଳ ସଭାପତି ଅନନ୍ତ ମାଲଦୋରାଙ୍କ ପ୍ରତିନିଧିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଗୋପୀ ଆନନ୍ଦ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ଶଙ୍କର ଉଲାକା, ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ଉପସଭାପତି ରାମ ଚନ୍ଦ୍ର ବେହେରା, ମଣ୍ଡଳ ସଭାପତି ଅନନ୍ତ ମାଲଦୋରା, ସାଂସଦ ପ୍ରାର୍ଥୀ କାଳି ରାମ ମାଝୀ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଭିକାରୀ ନାହାକ, ଜିଲ୍ଲା ବିଜେପି ଉପସଭାପତି ସୁଶୀଳା ସୁରାଫ, ଜିଲ୍ଲା ବିଜେପି ସମ୍ପାଦକ ଦେବାଶିଷ ପଣ୍ଡା, ଜିଲ୍ଲା ବିଜେପି କୋଷାଧ୍ୟକ୍ଷ ଶାନ୍ତନୁ ସୁବୁଦ୍ଧି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଶର୍ମିଷ୍ଠା ସାମନ୍ତ ପ୍ରମୁଖ ମଞ୍ଚାସୀନ ରହି ଥିଲେ। ଅତିଥିମାନେ ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଆଜୀବିକା ମିଶନ ଗ୍ରାମୀଣ ଉପରେ ସଚେତନତା କରାଇଥିଲେ। ମିଶ୍ରଣ ପର୍ବରେ ଅନ୍ୟାନ୍ୟ ଦଳର ବହୁ କର୍ମୀ ବିଜେପିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମଣ୍ଡଳ ସାଧାରଣ ସମ୍ପାଦକ ହରେକୃଷ୍ଣ ବେହେରା ପରିଚାଳନା କରିଥିବା ବେଳେ ମଣ୍ଡଳ ପ୍ରତିନିଧି ରବୀନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଦଶମ ଆବାସିକ ପ୍ରସ୍ତୁତିର ପରିଦର୍ଶନ କଲେ ଅତିରିକ୍ତ ଜିଲ୍ଲାପାଳ



ମାଲକାନଗିରି, ୭।୨(ସମିସ): ମାଲକାନଗିରି ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ଦଶମ ବୋର୍ଡ ପରୀକ୍ଷାରେ ଭଲ ଫଳାଫଳ ଆଣିବା ନିମନ୍ତେ ଚାଲିଥିବା ଆବାସିକ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମକୁ ପରିଦର୍ଶନ କରିଛନ୍ତି ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ। ସେ ମାଲକାନଗିରି ବ୍ଲକ ସ୍ଥିତ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ଏମଭି୭ ଓ ବାଲିମେଳା ସ୍ଥିତ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟକୁ ଗସ୍ତ କରି ଆବାସିକ ପ୍ରସ୍ତୁତି କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଉପସ୍ଥିତ ରହି ତଦାରଖ କରିଥିଲେ। ଜାନୁୟାରୀ ୧୯ ରୁ ୨୪ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଆବାସିକ ପ୍ରସ୍ତୁତି ୪ଟି କେନ୍ଦ୍ରରେ ଜିଲ୍ଲାରୁ ୨୦୦ ଚୟନିତ ଛାତ୍ରଛାତ୍ରୀଙ୍କୁ ହଷ୍ଟେଲରେ ରଖି ସେମାନଙ୍କୁ ମାଗଣା ଖାଦ୍ୟ, ପଠନ ସାମଗ୍ରୀ, ଯୋଗ ଅଭ୍ୟାସ, ବିଷୟ ବିଶେଷଜ୍ଞ ଦ୍ୱାରା ସ୍ୱତନ୍ତ୍ର ଦୈନିକ ଅଭ୍ୟାସ ପରୀକ୍ଷା ସରିଥିଲା। ଏହି କ୍ରମରେ ଦ୍ୱିତୀୟ ପର୍ଯ୍ୟାୟ ଫେବୃୟାରୀ ୨ ରୁ ୭ ଯାଏଁ ଚାଲିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ପିଲାଙ୍କୁ ପାଠ ପଢ଼ାଇବା ସହ ସେମାନଙ୍କ ସୁବିଧା ସୁଯୋଗ ତଦାରଖ କରି ସନ୍ତୋଷ ବ୍ୟକ୍ତ କରିଥିଲେ। ପିଲାଙ୍କ ମାନସିକ ସ୍ୱାସ୍ଥ୍ୟକୁ ବିଶେଷ ଦେବାକୁ କେନ୍ଦ୍ର ପରିଚାଳକ ଇ. ଈଶ୍ୱର ରାଓ ଓ ସୁଶୀଳା ହିଆଲଙ୍କୁ ପରାମର୍ଶ ଦେଇଥିଲେ। ତତ୍‌ସହ ପିଲାଙ୍କ ଚାଲିଥିବା ପ୍ରାକ୍ ବୋର୍ଡ ପରୀକ୍ଷା ଓ ଉତ୍ତର ଖାତା ନିରୀକ୍ଷଣ ବିଷୟରେ ପଚାରି ବୁଝିଥିଲେ।

## ‘ବାଲ୍ ବିବାହ ମୁକ୍ତି’ ରଥର ଶୁଭାରମ୍ଭ




ମାଲକାନଗିରି, ୭।୨(ସମିସ): ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମାଲକାନଗିରି ଜିଲ୍ଲାକୁ ଶିଶୁ ବିବାହ ମୁକ୍ତ କରିବା ଲକ୍ଷ୍ୟରେ ‘ବାଲ୍ ବିବାହ ମୁକ୍ତି ସଚଚେତନତା ରଥ’ର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ରହି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଜିଲ୍ଲା ମହିଳା ସଶକ୍ତୀକରଣ ହବ୍, ଓନ୍ ଷ୍ଟପ୍ ସେଣ୍ଟର, ପରିବର୍ତ୍ତନ ସଂସ୍ଥା ଓ ଶକ୍ତି ସଂସ୍ଥାର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମଟି ଶକ୍ତି ସାମାଜିକ, ସାଂସ୍କୃତିକ ଓ କ୍ରୀଡ଼ା ସଂଗଠନ, ମାଲକାନଗିରି ଦ୍ୱାରା ଆୟୋଜିତ କରାଯାଇଥିଲା। ଏହି ରଥ ଲୋକଙ୍କୁ ବାଲ୍ ବିବାହ ମୁକ୍ତି ଦିଗରେ ସଚେତନ କରାଇବା ସହ ଏହାର କୁପ୍ରଭାବ ବିଷୟରେ ଅବଗତ କରାଇବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି।

## ଉତ୍କଳ ଆଲୁମିନା ପକ୍ଷରୁ ସାରଥୀ ଉତ୍ସବ

ରାୟଗଡ଼ା, ୭।୨(ସମିସ): ରାୟଗଡ଼ା ଜିଲ୍ଲା ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ସାରଥୀ ଉତ୍ସବ ଆୟୋଜିତ ହୋଇଯାଇଛି। ଭାରିଯାନ ଚାଳକଙ୍କୁ ସମ୍ବର୍ଦ୍ଧିତ ଓ ସେମାନଙ୍କୁ ସଡ଼କ ପରିବହନ ନିୟମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି ଅବସରରେ ରାୟଗଡ଼ା ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ବିନୟ କୁମାର ପଲ୍ ଯୋଗଦେଇଥିବା ବେଳେ ଦୋରାଗୁଡ଼ା ଏସ୍‌ଆଇ ସ୍ୱରୂପ ପ୍ରଧାନଙ୍କ ସମେତ ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ରବିନାରାୟଣ ମିଶ୍ର ଓ ଏଫ୍‌ଏଚ୍ ଲଜିଷ୍ଟିକ୍ ସମୀର ପାଢ଼ୀ ପ୍ରମୁଖ ମଞ୍ଚସ୍ଥ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ପଲ୍ କହିଥିଲେ, ଦେଶର ଅର୍ଥନୈତିକ ମେରୁଦଣ୍ଡ ହେଉଛନ୍ତି ସାରଥୀ ରୂପକ ଭାରିଯାନ ଚାଳକ। ସେମାନଙ୍କ ପାଇଁ ଦେଶର ଅର୍ଥନୀତି ଗତିଶୀଳ। ତେଣୁ ସେମାନଙ୍କ ସୁରକ୍ଷା ଓ ସାମାଜିକ କଲ୍ୟାଣ ସମସ୍ତଙ୍କ ଗୁରୁଦାୟିତ୍ୱ। କ୍ରମାଗତ ଭାବେ ସଡ଼କ ଦୁର୍ଘଟଣା ବୃଦ୍ଧି ଯୋଗୁଁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ସମସ୍ତ ଚାଳକମାନେ ସଡ଼କ ନିୟମ କଡ଼ାକଡ଼ି ଭାବେ ପାଳନ ନିମନ୍ତେ ସେ ଅନୁରୋଧ କରିଥିଲେ। ଏଥିସହିତ ଉତ୍କଳ ଆଲୁମିନା ପକ୍ଷରୁ ଚାଳକଙ୍କୁ ସଚେତନତା ଓ ସମ୍ବର୍ଦ୍ଧନା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରିଥିବାରୁ ଶ୍ରୀ ପଲ୍ ଭୂୟସୀ ପ୍ରଶଂସା କରିଥିଲେ। ସେହିପରି ଏସ୍‌ଆଇ ଶ୍ରୀ ପ୍ରଧାନ କହିଥିଲେ ଯେ, ଦୋରାଗୁଡା ଥାନା ଅଧୀନରେ ଗତ ବର୍ଷ ୧୮ ଗୋଟି ଦୁର୍ଘଟଣା ଘଟିଥିବା ବେଳେ ଅନେକ ବ୍ୟକ୍ତିଙ୍କ ପ୍ରାଣହାନୀ ହୋଇଛି। ମଦ୍ୟପ ଚାଳକଙ୍କ ଯୋଗୁଁ ଦୁର୍ଘଟଣା ବୃଦ୍ଧି ହୋଇଥିବା ସେ ଦର୍ଶାଇ ଥିଲେ। ୟୁନିଟ୍ ମୁଖ୍ୟ ଶ୍ରୀ ମିଶ୍ର କହିଥିଲେ ଯେ, ମହାଭାରତରେ ସାରଥୀ ଶ୍ରୀ କୃଷ୍ଣ ଭଗବାନଙ୍କ ଭୂମିକାକୁ ସ୍ମରଣ କରିବା ସହ ଚାଳକମାନେ ମଧ୍ୟ ଅନୁରୂପ କାରଖାନାର ମେରୁଦଣ୍ଡ ବୋଲି ସେ କହିଥିଲେ। ସଡ଼କ ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ଶ୍ରୀ ମିଶ୍ର ଚାଳକଙ୍କୁ କହିଥିଲେ। ଏଫ୍‌ଏଚ୍ ଲଜିଷ୍ଟିକ ଶ୍ରୀ ପାଢ଼ୀ ଦ୍ରୁତ ବେଗରେ ଗାଡ଼ି ଚାଳନା, ମଦ୍ୟପାନ ନକରି ଗାଡିଚଳନା, ସିଟବେଲ୍ଟ ପିନ୍ଧି ଗାଡ଼ି ଚାଳନା ଇତ୍ୟାଦି ସମ୍ପର୍କିତ ନିୟମ ପ୍ରତି ଗୁରୁତ୍ୱ ଦେଇ ଗାଡ଼ି ଚାଳନା ପାଇଁ ସେ ଚାଳକଙ୍କୁ ଅନୁରୋଧ କରିଥିଲେ। ପରେ ଏକ ସଚେତନତା ପାରମ୍ପାରିକ ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିସହିତ ଅଡିଓ ଭିଜୁଆଲ ମାଧ୍ୟମରେ ଭିଡ଼ିଓ ପ୍ରଦର୍ଶନ କରାଯାଇ ଚାଳକଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭାଗୀୟ ମୁଖ୍ୟ ଲୋପାମୁଦ୍ରା ମିଶ୍ର, ମିରିନ୍ମୟ ମଣ୍ଡଳ, ବିଶ୍ୱଜିତ୍ ଜର୍ୱଦାର, ପିତାମ୍ବର ବେହେରା ଓ ଡା. ରଞ୍ଜନ ଲେଙ୍କାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ଆଲୁମିନା ସହ ସଂଶ୍ଳିଷ୍ଟ ଠିକାଦାର ସଂସ୍ଥାରେ ପ୍ରତ୍ୟେକ୍ଷ ଭାବେ ଜଡ଼ିତ ୩୦୦ରୁ ଉର୍ଦ୍ଧ୍ୱ ଚାଳକ ଯୋଗ ଦେବା ସହିତ ୨୦୦ରୁ ଉର୍ଦ୍ଧ୍ୱ ଉତ୍କଳ ଆଲୁମିନାର କର୍ମକର୍ତ୍ତା ଏବଂ ଲଜିଷ୍ଟିକ ବିଭାଗର ସମସ୍ତ କର୍ମଚାରୀଙ୍କ ପ୍ରତ୍ୟେକ୍ଷ ସହଭାଗିତାରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।




## ସେଞ୍ଚୁରିଅନ ପବ୍ଲିକ୍ ସ୍କୁଲରେ ସିବିଏସ୍‌ଇ କାପାସିଟି ବିଲ୍ଡିଂ କାର୍ଯ୍ୟକ୍ରମ

ରାୟଗଡ଼ା, ୭।୨(ସମିସ): ରାୟଗଡ଼ାର ସ୍ଥାନୀୟ ସେଞ୍ଚୁରିଅନ୍ ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ସିବିଏସଇ ଦ୍ୱାରା ଆୟୋଜିତ କ୍ୟାପାସିଟି ବିଲ୍ଡିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ‘ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ଓ ସୁସ୍ଥତା ପ୍ରଚାର’ ଶୀର୍ଷକ ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୫୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମଟି ସକାଳ ୯ଟାରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇ ସନ୍ଧ୍ୟା ୪ଟା ୩୦ ପର୍ଯ୍ୟନ୍ତ ଚାଲିଥିଲା। ସମ୍ପଦ ବ୍ୟକ୍ତି ଭାବେ ଅମୃତା ପ୍ରଜ୍ଞା ପଟ୍ଟନାୟକ, ଡିଏଭି ବେଦାନ୍ତ ଇଣ୍ଟରନେସନାଲ ସ୍କୁଲ, ଲାଞ୍ଜିଗଡ଼ ଓ ଅନିଲ କୁମାର ପଟ୍ଟନାୟକ, ଡିପିଏସ ବିଦ୍ୟାଳୟ ଦାମନଯୋଡି ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ, ଭାବନାର ସୁସ୍ଥତା ଓ ଶିକ୍ଷକଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ସମସ୍ତ ଅଂଶଗ୍ରହୀଙ୍କର ସକ୍ରିୟ ଅଂଶଗ୍ରହଣ କାର୍ଯ୍ୟକ୍ରମକୁ ଅଧିକ ଫଳଦାୟକ କରିଥିଲା। ବିଦ୍ୟାଳୟର ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢ଼ୀ ତାଙ୍କ ଉଦ୍‌ବୋଧନରେ ମାନସିକ ସୁସ୍ଥତାକୁ ଶିକ୍ଷାର ଅଭିନ୍ନ ଅଂଶ ବୋଲି ଉଲ୍ଲେଖ କରି ଏପରି କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ପ୍ରଧାନଶିକ୍ଷକ ଆରକେ. ମହାପାତ୍ର ସମସ୍ତ ଅଂଶଗ୍ରହୀଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମର ସଫଳତା ପାଇଁ ଧନ୍ୟବାଦ ଜଣାଇଥିଲେ। ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢ଼ୀ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ।



## ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବିଷମ କଟକ, ୭।୨(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକର ସ୍ଥାନୀୟ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଷମ କଟକ ବିଧାୟକ ନିଳମାଧବ ହିକକା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଭାରପ୍ରାପ୍ତ ଅଧ୍ୟକ୍ଷ ଜଗନ୍ନାଥ ମେହେର, ହାଟମୁନିଗୁଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅବନାନନ୍ଦ ନାୟକ, ଭାତପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ କୁମାର ସାହୁ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ୱଜିତ ପାଢ଼ି ପ୍ରମୁଖ ଯୋଗ ଦେଇଥିଲେ।



ଅବରସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଟ୍ଟନାୟକ ମୁଖ୍ୟ ବକ୍ତାଭାବେ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦିପ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାର କୃତି ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଦୀପ ବାର୍ଷିକ ବିବରଣୀ ପାଠ କରିଥିଲେ। ସନ୍ଧ୍ୟାରାଣୀ ପାତ୍ର, ନଳଣି ରଣା, ସୁନ୍ଦର ସିଂ ମାଝି, ସସ୍ମିତା ସାନ୍ତା, ମୀନକେତନ ରାଉତ, ସୁଶ୍ରୀ କରୁଣା ମାଝୀ, ଦୁଇମଣି ବିଶ୍ୱାଳ, ପ୍ରଶନ୍ନ କୁମାର ବିଶ୍ୱାଳଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ରାତ୍ର ସମୟର ଜାଗ୍ରତ ପ୍ରହରୀ ବାହାଦୂର

କୋରୁକୋଣ୍ଡା, ୭।୨ (ସମିସ)

ମିଳୁନି ବେତନ। କିନ୍ତୁ ବିନା ବେତନରେ ବି ସେ ସାଜିଛନ୍ତି ରାତ୍ର ସମୟର ଜାଗ୍ରତ ପ୍ରହରୀ। ଛୋଟିଆ ହୁଇସିଲ୍ ମାଧ୍ୟମରେ ଅହରହ ରାତ୍ର ସାରା ସହରକୁ ଦେଉଛନ୍ତି ପହରା। ସେ ହେଲେ ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ରାତ୍ର ପ୍ରହରା ଦେଉଥିବା ଗୋବିନ୍ଦ ବାହାଦୂର। ଆଜିକୁ ଦୀର୍ଘ ବର୍ଷ ଧରି ରାତ୍ର ସମୟରେ ସହରର ସୁରକ୍ଷା ନିମନ୍ତେ ପହରା ଦେଉଛନ୍ତି ଗୋବିନ୍ଦ। ସେ ନେପାଳ ଦେଶର ଧନଗଡ଼ି ଗ୍ରାମର ହୋଇଥିବା ବେଳେ ତାଙ୍କର ପୂର୍ବପିଢ଼ି ଏହି ସହରକୁ ସାରା ରାତି ନ ଶୋଇ ଏ ଗଳିରୁ ସେ ଗଳିକୁ ବୁଲି ପହରା ଦେଇ ଆସୁଛନ୍ତି। ତେଣୁ ଆଜି ମଧ୍ୟ ସେ ନିଜର ଏହି ଅହରାତ୍ର ପହରା ଦେବା ଡ୍ୟୁଟି ଜାରି ରଖିଛନ୍ତି। ନା’ ତାଙ୍କୁ ମିଳୁଛି ପ୍ରଶାସନ ପକ୍ଷରୁ କୌଣସି ବେତନ ନା ମିଳୁଛି ତାଙ୍କୁ କିଛି ସରକାରୀ ପ୍ରୋତ୍ସାହନ। କିନ୍ତୁ ତଥାପି ସେ ନ ହାରି ନିଜର ଡ୍ୟୁଟି ଜାରି ରଖିଛନ୍ତି। ଏହି ବାହାଦୂର ଜଣଙ୍କ କେବଳ ସାହି ସାହି ବୁଲି ଏ ଘରୁ ସେ ଘରୁ ଦଶ କୋଡ଼ିଏ ଟଙ୍କା ସଂଗ୍ରହ କରି ନିଜର ପରିବାର ପ୍ରତିପୋଷଣ କରନ୍ତି। କିନ୍ତୁ ରାତି ହେଲେ ନିଜର ଖାକି ପୋଷାକ ପିନ୍ଧି ଏକ ହୁଇସିଲ ଧରି ବାହାରି ପଡନ୍ତି



ସହରକୁ ସୁରକ୍ଷା ଦେବା କାର୍ଯ୍ୟରେ। ମଧ୍ୟରାତ୍ରରେ ନିଜର ଡ୍ୟୁଟି ବେଳେ ବିଭିନ୍ନ ସମୟରେ ଲୋକଙ୍କୁ ଘରୁ ଚୋରି କରିବାକୁ ଯାଇଥିବା ଚୋରର ସମସ୍ତ ପ୍ଲାନ ମଧ୍ୟ ଫସର ଫଟାଇ ଦେଇଥିବା ସେ କହିଛନ୍ତି। କିନ୍ତୁ ନିଜର ସୁରକ୍ଷା ନିମନ୍ତେ ତାଙ୍କ ପାଖରେ ନା ଅଛି ବନ୍ଧୁକ, ନା ଅଛି ଲାଠି। ତଥାପି ସେ କାହାରି ଭୟକୁ ଖାତିର ନ କରି ନିଜର ସାହାସିକତାର ପରିଚୟ ବହୁ ସମୟରେ ଦେଇଛନ୍ତି। ସ୍ଥାନୀୟ ଏନଏସି ପ୍ରଶାସନ ପକ୍ଷରୁ କିମ୍ବା ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ କୌଣସି ଆର୍ଥିକ ସହାୟତା ତାଙ୍କୁ ପ୍ରଦାନ କରାଯାଉନାହିଁ। ଯଦି ଏନଏସି ପକ୍ଷରୁ ଉକ୍ତ ବାହାଦୂରଙ୍କୁ ପ୍ରତ୍ୟେକ ମାସରେ ବେତନ ବାବଦକୁ କିଛି ଅର୍ଥରାଶି ଦିଆଯାଇପାରନ୍ତା ତାହେଲେ ସେ ନିଜର ପରିବାର ପ୍ରତିପୋଷଣ

**ବିନା ବେତନରେ ବି ସହରକୁ ଦେଉଛନ୍ତି ପହରା**

ଖୁବ ସହଜରେ କରିପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ତେଣୁ ତୁରନ୍ତ ତାଙ୍କର ବେତନ ବାବଦକୁ କିଛି ଅର୍ଥରାଶି ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରଦାନ କରିବାକୁ ସହରବାସୀ ଦାବି କରିଛନ୍ତି।

● ବିକ୍ରମଦେବ ବିଶ୍ୱବିଦ୍ୟାଳୟକୁ ରାଜ୍ୟ ସରକାରଙ୍କ ଅଣଦେଖା

# ପ୍ରତିବାଦରେ ପ୍ରଶାସନିକ ଭବନର ଫାଟକରେ ତାଲା ପକାଇଥିଲେ ଛାତ୍ରଛାତ୍ରୀ




**ଜୟପୁର, ୭ ।୨ (ସମିସ):** କୋରାପୁଟ ଜିଲ୍ଲାର ଜୟପୁର ଠାରେ ବିକ୍ରମଦେବ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଗତ ୨୦୨୩ ମସିହାରେ ପ୍ରଦାନ କରାଯାଇଥିଲା। କିନ୍ତୁ ଗତ ୨୦୨୪ ମସିହାରେ ନୂତନ ରାଜ୍ୟ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ବିଶ୍ୱବିଦ୍ୟାଳୟକୁ ଗତ ୩ ବର୍ଷ ମଧ୍ୟରେ ଅଣଦେଖା କରାଯାଉଛି। ଗତ ପାଠ୍ୟକ୍ରମ ପାଇଁ ନୂତନ ଅଧ୍ୟାପକ ଏବଂ ପ୍ରାଧ୍ୟାପକ ନିଯୁକ୍ତି ହେଉନଥିବା ବେଳେ ଠିକ ଭାବେ ପରୀକ୍ଷା ପରିଚାଳନା ଏବଂ ଫଳାଫଳ ଘୋଷଣା ହୋଇପାରୁନାହିଁ। ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରାଯାଉଥିବା ମୌଳକି ସୁବିଧାରୁ ମଧ୍ୟ ବଞ୍ଚିତ କରାଯାଉଛି ବୋଲି ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଶାଖା ସଭାପତି ତଥା ଛାତ୍ର ନେତା ଜ୍ୟୋତିରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆଜି ମଧ୍ୟାହ୍ନରେ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ବିଶ୍ୱବିଦ୍ୟାଳୟ ପ୍ରଶାସନିକ ଭବନର ଫାଟକରେ ତାଲାଦେଇ ବାହାରେ କର୍ତ୍ତୃପକ୍ଷଙ୍କ ବିରୋଧରେ ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ବିଶ୍ୱବିଦ୍ୟାଳୟର ଶ୍ରେଣୀ କକ୍ଷ ଏବଂ ପରୀକ୍ଷା ହଲରେ ଆବଶ୍ୟକ ଫଙ୍ଖା ଏବଂ ଲାଇଟ ବ୍ୟବସ୍ଥା ନଥିବା, ଛାତ୍ରୀ ଶୌଚାଳୟରେ କବାଟ ନଥିବା, ଛାତରୁ ପ୍ଲାଷ୍ଟର ଛାଡିଯାଉଛି ଏବଂ ଅନ୍ୟାନ୍ୟ ମୌଳିକ ସୁବିଧାରୁ ଛାତ୍ରଛାତ୍ରୀ ମାନେ ବଞ୍ଚିତ ରହିଛନ୍ତି। ସେହିପରି ପ୍ରଥମରୁ ପଞ୍ଚମ ସେମିଷ୍ଟାର ପର୍ଯ୍ୟନ୍ତ ପରୀକ୍ଷା ଫଳ ପ୍ରକାଶ କରାଯାଇନାହିଁ ଏବଂ ଯେଉଁ ଛାତ୍ରଛାତ୍ରୀଙ୍କ ବ୍ୟାକ ପେପର ପରୀକ୍ଷା ଦେଇଥିଲେ ସୁଦ୍ଧା ଏହାର ପରୀକ୍ଷାଫଳ ପ୍ରକାଶ କରାଯାଉନାହିଁ। ଫଳରେ ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ଉଚ୍ଚତର ପାଠ୍ୟକ୍ରମରୁ ବଞ୍ଚିତ ରହିବାର ଆଶଙ୍କା ଦେଖାଦେଇଛି। ଅଧ୍ୟାପକ ଓ ଅଧ୍ୟାପିକା ନିଯୁକ୍ତି ଦିଆଯାଇନଥିବା ଯୋଗୁଁ ପାଠ୍ୟକ୍ରମରେ ସମସ୍ୟା ଦେଖାଦେଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିଚାଳନାରେ ଅଣଦେଖା କରାଯାଉଥିବା ନେଇ ଛାତ୍ରଛାତ୍ରୀ ମାନେ ଅଭିଯୋଗ କରିଛନ୍ତି । ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ଏବଂ କୁଳ ସଚିବ ମହେଶ୍ୱର ନାୟକଙ୍କୁ ତାଙ୍କ କକ୍ଷରେ ଘେରିବା ସହିତ ତୁରନ୍ତ ଦାବି ପୂରଣ କରା ନଗଲେ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଏକ ବଡ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। କୁଳପତି ପ୍ରଫେସର ମିଶ୍ର କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟର ସମସ୍ତ ସମସ୍ୟା ଓ ପାଠ୍ୟକ୍ରମକୁ ନେଇ ରାଜ୍ୟ ସରକାରଙ୍କୁ ବାରମ୍ବାର ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି । କୁଳସଚିବ ଶ୍ରୀ ନାୟକ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଭିତ୍ତିଭୂମିର ବିକାଶ ପାଇଁ କିଛି ଅର୍ଥ ଆସିଛି ଏବଂ ଅନ୍ୟାନ୍ୟ ସମସ୍ୟାର ସମାଧାନ ନେଇ ପ୍ରକ୍ରିୟା ଜାରୀ ରହିଛି। ପ୍ରକାଶ ଯେ, ରାଜ୍ୟର ଅନ୍ୟତମ ପୁରାତନ ବିକ୍ରମଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଗତ ୨୦୨୩ ମସିହାରେ ତତ୍କାଳିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରିବା ସହିତ ପ୍ରକ୍ରିୟା ଆରମ୍ଭ କରିଥିଲେ। କିନ୍ତୁ ଗତ ୨୦୨୪ ମସିହାରେ ରାଜ୍ୟରେ ନୂତନ ସରକାର ପ୍ରତିଷ୍ଠା ପରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟକୁ ଅବହେଳା ପ୍ରଦର୍ଶନ କରାଯାଉଛି ବୋଲି ଛାତ୍ରଛାତ୍ରୀ ଓ ସାଧାରଣରେ ଅଭିଯୋଗ ହୋଇଛି।

## ନବରଙ୍ଗପୁର ଜିଲ୍ଲା ବିଜେଡ଼ି କମିଟି ଘୋଷିତ

**ନବରଙ୍ଗପୁର,୭।୨(ସମିସ):** ନବରଙ୍ଗପୁର ଜିଲ୍ଲା ବିଜୁ ଜନତା ଦଳର ନୂଆ ସାଙ୍ଗଠନିକ କମିଟି ଘୋଷଣା ହୋଇଯାଇଛି। ଏହି ଜିଲ୍ଲାସ୍ତରୀୟ ବିଜେଡି କମିଟିରେ ଜିଲ୍ଲାର ନବରଙ୍ଗପୁର, ଡ଼ାବୁଗାଁ, ଝରିଗାଁ ଏବଂ ଉମରକୋଟ ୪ ଟିନିର୍ବାଚନ ମଣ୍ଡଳୀରୁ ୧୧ ଜଣ ଉପସଭାପତି ଭାବରେ ମନୋନୀତ କରାଯାଇଥିବା ବେଳେ ୨୪ ଜଣଙ୍କୁ ସାଧାରଣ ସମ୍ପାଦକ, ୧୧ ଜଣ ସମ୍ପାଦକ ଭାବରେ ମନୋନୀତ କରାଯାଇଛି। ଜଣେ କୋଷାଧ୍ୟକ୍ଷ ଭାବରେ ମନୋନୀତ ହୋଇଛନ୍ତି। ଏହି ନୂତନ କମିଟି ଘୋଷଣା ପରେ ଜିଲ୍ଲା ସଭାପତି ତଥା ଡ଼ାବୁଗାଁ ବିଧାୟକ ମନୋହର ରନ୍ଧାରି,ପୂର୍ବତନ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ମହିଳା ବିଜେଡି ନେତ୍ରୀ କୌଶଲ୍ୟା ପ୍ରଧାନି, ବିଜେଡି ମହିଳା ଜିଲ୍ଲା ସୋଭାନେତ୍ରୀ ମଞ୍ଜୁଳା ମାଝୀ ,ନବରଙ୍ଗପୁର ନଗର ସଭାପତି ପ୍ରମୋଦ କୁମାର ରଥ ପ୍ରମୁଖ ନବ ନିଯୁକ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପରିବେଶ ସଚେତନତା କାର୍ଯ୍ୟକ୍ରମ

**ସେମିଳିଗୁଡା/ଦାମନଯୋଡି,୭।୨(ସମିସ) :** କୋରାପୁଟ ଜିଲ୍ଲାର ଦାମନଯୋଡିସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଖଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଭାଇସ ଚାନ୍‌ସେଲର କର୍ଣ୍ଣେଲ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ଟ୍ରଷ୍ଟ ଅନୁଷ୍ଠାନର ଅଧ୍ୟକ୍ଷ ତଥା ପରିବେଶବିତ ନିହାର ଆଚାର୍ଯ୍ୟ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଂପାଦକ ଡ. ଚିତ୍ତରଞ୍ଜନ ମିଶ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି, ଉପାଧ୍ୟକ୍ଷ ପ୍ରଦୀପ କୁମାର ଜଗତି, ଶିକ୍ଷକ ଡ. ନରେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଶିକ୍ଷକ ରାଜୀବ ନାୟକଙ୍କର ପୁସ୍ତକ ଉନ୍ମୋଚିତ ହୋଇଥିଲା।

# ଲକ୍ଷ୍ମୀପୁର ଡିଡି ଘାଟିରେ ମର୍ମନ୍ତୁଦ ଦୁର୍ଘଟଣା; ଜଣେ ମୃତ

**ଲକ୍ଷ୍ମୀପୁର,୭।୨(ସମିସ):**

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅଧିନସ୍ଥ ୩୨୬ତମ ଜାତୀୟ ରାଜପଥ ଡିଡି ଘାଟିଠାରେ ଏକ ମର୍ମନ୍ତୁଦ

### କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦଶମନ୍ତପୁର ଥାନା ମୂର୍କାର ପଞ୍ଚାୟତର ଟୋଟାଗୁଡା ଗାଁର ଲୋବିନ ଚାଲାଣ। ଦଶମନ୍ତପୁର ଥାନା ଡୁମ୍ବାଗୁଡା ପଞ୍ଚାୟତର ଭିତରବାଗିରୀ ଗାଁ ର ରାଜେଶ ମୁଦୁଲି ଓ ମୂର୍କାର ପଞ୍ଚାୟତର ଟୋଟାଗୁଡା ଗାଁର ଲୋବିନ ଚାଲାଣ ଲକ୍ଷ୍ମୀପୁରରୁ ନିଜ ଗାଁ ଅଭିମୁଖେ ଯାଉଥିବା ସମୟରେ ୩୨୬ତମ ଜାତୀୟ ରାଜପଥ ଡିଡି ଘାଟିଠାରେ ବିପରୀତ ଦିଗରୁ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ହେବା ଫଳରେ ଦୁଇ ଜଣ ଛିଟିକି ପଡ଼ିଥିଲେ। ପଛରେ ଆସୁଥିବା ହାଇୱା ଟ୍ରକ୍ ଲୋବିନ ଚାଲାଣଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ଭାଇ ରାଜେଶ ଆହତ ହୋଇଥିବା ଜଣାପଡ଼ିଛି। ଖବରପାଇ ସ୍ଥାନୀୟ ବିଧାୟକ ପବିତ୍ର ସାଉଁନ୍ତା ଓ ସମ୍ପର୍କୀୟ ପହଞ୍ଚି କ୍ଷତି ପୂରଣ ଦାବି କରି ରାସ୍ତାରୋକ କରିଥିଲେ। ଦୀର୍ଘ ସମୟ ଧରି ୩୨୬ ତମ ଜାତୀୟ ରାଜପଥ ଜାମ୍ ହୋଇ କୋରାପୁଟ ଠାରୁ ରାୟଗଡା ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା। ଲକ୍ଷ୍ମୀପୁର ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ସମ୍ପୃକ୍ତ ଗାଡ଼ିକୁ ଖୋଜି ବାହାର କରିବାରେ ଲାଗି ଥିଲା ପୋଲିସ୍। ସ୍ଥାନୀୟ ତହସିଲଦାର ନୈବେଦ୍ୟ କୁମାର ଭୋଇ ମଧ୍ୟ ସରକାରଙ୍କ ରନଏଣ୍ଡ ହିଟ୍‌ରେ ମୃତ ବ୍ୟକ୍ତିର ପରିବାର ଲୋକଙ୍କ ପାଇଁ କ୍ଷତି ପୂରଣ ଯାହା ବ୍ୟବସ୍ଥା ରହିଛି ତାହା ଯୋଗାଇ ଦିଆଯିବ ବୋଲି କହିଥିଲେ। ଏହାସହ ରେଡ୍‌କ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ପ୍ରଦାନ କରିବା ପରେ ରାସ୍ତା ରୋକ୍ ହଟିଥିଲା। ବିଜେଡ଼ି ଜିଲ୍ଲା ସଭାପତି ଝିନ୍ନ ହିକକା, ବ୍ଲକ ସଭାପତି ବିପିନ ମାଣ୍ଡିଙ୍ଗା ଓ ଅନ୍ୟମାନେ ସମର୍ଥନ ଜଣାଇ ରାସ୍ତା ଉପରେ ବସି ଥିଲେ। ଆଇଆଇସି ସୁଜ୍ଞାନୀ ସାହୁ, ଏସଆଇ କିନ୍ତାଲୁ ରମେଶ ଓ ଅନ୍ୟ କର୍ମଚାରୀ ମିଳିତ ଭାବେ ଘଟଣାକୁ ସମ୍ଭାଳି ଥିଲେ। ରାତି ୯ଟା ୩୦ ମିନିଟରେ ଶବକୁ ଲକ୍ଷ୍ମୀପୁର ମେଡିକାଲକୁ ଅଣାଯାଇଥିବା ବେଳେ ରବିବାର ସକାଳେ ଶବ ବ୍ୟବଚ୍ଛେଦ କରିବା ପରେ ପରିବାରର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ୍ କହିଛି। ସାଥିରେ ଥିବା ଅନ୍ୟ ଜଣେ ଯୁବକ ଲକ୍ଷ୍ମୀପୁର ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

## କାୟାକଳ୍ପ ଟିମ୍‌ର ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



**ଡାବୁଗାଁ,୭।୨(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କାୟା କଳ୍ପ ଟିମ ଶନିବାର ଗସ୍ତ କରିଛନ୍ତି। ଏହି ଟିମରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସହକାରୀ ଉପନିର୍ଦ୍ଦେଶକ ଡା. ସମ୍ବିତ କୁମାର ବେହେରା, ପରାମର୍ଶଦାତା ଏଏଚ ଚନ୍ଦନେଶ ମିଶ୍ର, ଜେଏଚପିଆଇଇଜିଓ ବରିଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ନୀଲୋଫର ବେଗମ ପ୍ରମୁଖ ଗସ୍ତ କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବହିଃ ବିଭାଗ, ଅନ୍ତଃ ବିଭାଗ, ପ୍ରସୂତି କକ୍ଷ, ପରିବେଶ, ପରିଚ୍ଛନତା, ପରୀକ୍ଷାଗାର, ବର୍ଜ୍ୟବସ୍ତୁ ପରିଚାଳନା, ରୋଗୀ ସେବା, ସ୍ୱାସ୍ଥ୍ୟ କେନ୍ଦ୍ର ଚର୍ତୁପାଶ୍ୱର୍ ପରିଚ୍ଛନତା ପରିଦର୍ଶନ କରିବା ସହ ଜାତୀୟ ସ୍ୱାସ୍ଥ୍ୟ ମିସନର ବିଭିନ୍ନ ରେକର୍ଡ ଯାଞ୍ଚ କରିଥିଲେ। ଏହି ପରିଦର୍ଶନ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ସୁଭାଶିଷ ସାହୁ, ଡା. ପ୍ରଣବ ସ୍ୱର୍ଣ୍ଣକାରଙ୍କ ସମେତ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ସ୍ୱାସ୍ଥ୍ୟ ସେବିକା ଓ ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ସଦରଥାନାରେ ଦୁଇ ଅପମୃତ୍ୟୁ ମାମଲା

**ଜୟପୁର, ୭ ।୨ (ସମିସ):** ଜୟପୁର ସଦରଥାନାରେ ଆଜି ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ପ୍ରଥମ ଘଟଣାରେ ସ୍ଥାନୀୟ ଘିଉରୀ ଗ୍ରାମର ସୋନା ଖୁଡିପିଆ (୫୭) ନିଜ ଜମିରେ ଚାଷ କାର୍ଯ୍ୟ କରୁଥିବା ବେଳେ କାଦୁଅରେ ଗୋଡ ଖସିଯିବାକୁ ପଡିଯାଇଥିଲେ। ସେଠାରେ ତାଙ୍କ ମୁଣ୍ଡର ପଛପାଖରେ ଆଘାତ ଲାଗିବା ଯୋଗୁଁ ଅଚେତ ହୋଇଯାଇଥିଲେ। ଖବରପାଇ ଗ୍ରାମବାସୀ ଓ ପରିବାର ଲୋକଙ୍କ ଘଟଣାସ୍ଥଳରେ ପହଞ୍ଚି କାଦୁଅ ଭିତରୁ ଗୁରୁତର ଅବସ୍ଥାରେ ସୋନାକୁ ଉଦ୍ଧାର କରିବା ସହିତ ପ୍ରଥମେ ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ ଏବଂ ସେଠାରୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା ଏବଂ ଜୟପୁର ଜିଲ୍ଲା ଚିକିତ୍ସାଳକୁ ଅଣଯାଇ ଶବବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ଦ୍ୱିତୀୟ ଘଟଟଣାରେ ସ୍ଥାନୀୟ ସୁକିଆଗୁଡା ଗ୍ରାମର ଖଗପତି ପାଙ୍ଗୀ ଲିଖିତ ଅଭିଯୋଗ କରିଛନ୍ତି ଯେ, ତାଙ୍କର ନାବାଳିକା ୧୬ ବର୍ଷିୟା ଝିଅ ଶୀଲା ପାଙ୍ଗି ତାଙ୍କର ସାନ ପୁଅକୁ କୌଣସି କାରଣରୁ ପଛରେ ଗୋଡାଇ ଠେଲି ଦେଇଥିଲା। ଏନେଇ ପିତା ଭାବେ ନାବାଳିକା ଝିଅକୁ ସାମାନ୍ୟ ଗାଳି କରିଥିଲେ ଏବଂ ନିଜ କାର୍ଯ୍ୟସ୍ଥଳୀକୁ ଚାଲି ଯାଇଥିଲେ। ନାବାଳିକା ଝିଅ ଏହାକୁ ଗୁରୁତର ଭାବେ ନେବା ସହିତ ନିଜ ଗୃହରେ ରହିଥିବା ଫ୍ୟାନରେ ଓଢଣି ବେକରେ ବାନ୍ଧି ଆତ୍ମହତ୍ୟା କରିଥିଲା। ନାବାଳିକାଙ୍କୁ ତୁରନ୍ତ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇ ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଉଭୟ ମାମଲାକୁ ନେଇ ଦୁଇଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ତଦନ୍ତ ଆରମ୍ଭ କରାଯାଇଥିବା ନେଇ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

## ବିଲ୍‌ଡରଙ୍କ ନାମରେ ଆପାର୍ଟମେଣ୍ଟବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**କୋରାପୁଟ,୭।୨(ସମିସ):** ସୁନାବେଡା ପୌରପରିଷଦ ଅଧିନସ୍ଥ ସେମିଳିଗୁଡା ସହରର ଛାତି ଉପରେ ଥିବା ଦେଓମାଳି ହାଇଟସ ଆପାଟମେଣ୍ଟ ନାଁରେ ସଙ୍ଗୀନ ଅଭିଯୋଗ ଆଣି ଆପାଟମେଣ୍ଟର ବାସୀନ୍ଦାମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଆପାଟମେଣ୍ଟ ବିଲଡର ୬ବର୍ଷ ହେଲା ଘର କିଣିଥିବା ଆପାଟମେଣ୍ଟବାସୀଙ୍କୁ ଟଙ୍କା ନେଇ ଆଜିଯାଏଁ ଆବଶ୍ୟକୀୟ କାଗଜପତ୍ର ଦେଉନାହାଁନ୍ତି। ଏପରିକି ସେମିଳିଗୁଡା ତହସିଲଦାର ଦୁଇ ଦୁଇ ଥର ନୋଟିସ କରିବା ପରେ ମଧ୍ୟ କାର୍ଯ୍ୟାଳୟକୁ ଯାଉନାହାଁନ୍ତି। ଲୋକଙ୍କ ଅଭିଯୋଗ କ୍ରମେ କ୍ରିଟ ଓ ସୁନାବେଡା ପୌରପରିଷଦରୁ ବେଆଇନ ଭାବେ ଅନୁମତି ଆଣି ଆପାଟମେଣ୍ଟ ସଂପୂର୍ଣ୍ଣ ଭାବେ ନିର୍ମାଣ ସରିଛି ବୋଲି ଦର୍ଶାଇଛନ୍ତି। କିନ୍ତୁ ବର୍ତ୍ତମାନ ସୁଦ୍ଧା ନିର୍ମାଣ କାମ ଚାଲୁ ରହିଛି ଏପରିକି ଅନୁମତି ନଥିବା ୬ମହଲାର କାମ ଚାଲୁ ରହିଛି। ଏଥିସହ ଆପାଟମେଣ୍ଟର ଅଗ୍ନି ନିରାପତା,ବିଦ୍ୟୁତ ସଂଯୋଗ ସହ ଆର୍ଥିଙ୍ଗର ଅବ୍ୟବସ୍ଥା,ସୋଫିଟ ଓ ଆପାଟମେଣ୍ଟର ଡ୍ରେନେଜ ବ୍ୟବସ୍ଥା ନଥିବା, କିଣିଥିବା ଲୋକଙ୍କର ସୁରକ୍ଷା, ଲିଫ୍ଟ ପ୍ରଭୃତି କାର୍ଯ୍ୟ ହୋଇନଥିବା ବେଳେ ପୌର ଅଧିକାରୀ ୬ ମହଲା କାର୍ଯ୍ୟ ଜାଣିନଥିବା କହୁଛନ୍ତି। ଅପରପକ୍ଷେ ଆନୁଷଙ୍ଗିକ ବ୍ୟବସ୍ଥା ସବୁ ଠିକ ଥିବା ପ୍ରମାଣପତ୍ର ଦେଇଥିବା ଭଳି ଗୁରୁତର ଅଭିଯୋଗ ଦର୍ଶାଇଛନ୍ତି । ପାଖାପାଖି ୩୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଘର ଯୋଗାଇବାକୁ କହି ଆପାଟମେଣ୍ଟ ବିକ୍ରି କରାଯାଇଛି। ସେତେବେଳେ ଲୋକେ ସଂପୂର୍ଣ୍ଣ ଟଙ୍କା ପୈଠ କରି ଦେଇଥିବା ବେଳେ ୬ ବର୍ଷ ହେଲା କାମ ସରିନାହିଁ କି ସଂପୂର୍ଣ୍ଣ ଭାବେ ହସ୍ତାନ୍ତର ଯୋଗ୍ୟ ଏଗ୍ରିମେଣ୍ଟ ତହସିଲଦାରଙ୍କ ଠାରୁ ସଂପୃକ୍ତ ସଂସ୍ଥା ଦେଇପାରୁନାହାଁନ୍ତି। ଏ ସଂପର୍କରେ ଗୃହ ମାଲିକମାନେ ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କଲାପରେ ସେମିଳିଗୁଡା ତହସିଲଦାର ଆବଶ୍ୟକୀୟ କାଗଜପତ୍ର ଧରି କାର୍ଯ୍ୟାଳୟକୁ ଆସିବା ପାଇଁ ଚିଠି କରିଥିଲେ ମଧ୍ୟ ବିଲିଡର ଧରାଛୁଆଁ ଦେଉନାହାଁନ୍ତି। ଅନ୍ୟପଟେ ଏପରି ଅଭିଯୋଗ କରିଥିବାରୁ ବିଲ୍‌ଡର ଜଣକ ନାଲିଆଖି ଦେଖାଉଥିବା ଗୃହ ମାଲିକ ମାନେ କହିଛନ୍ତି । ଦୀର୍ଘଦିନ ଧରି କୌଣସି ସହଯୋଗ ନ ମିଳିବାରୁ ଗୃହ ମାଲିକମାନେ ମିଳିତ ଭାବେ ଭୁବନେଶ୍ୱର ସ୍ଥିତ ରେରା କାର୍ଯ୍ୟାଳୟରେ ଦେଓମାଳି ହାଇଟସ ନାମରେ ଅକୁପେନ୍ସି ସାର୍ଟିଫିକେଟ ପାଇବା ପାଇଁ ଅଭିଯୋଗ କରିବାରୁ



ରେରା ମଧ୍ୟ ସଂପୃକ୍ତ ବିଲିଡରଙ୍କୁ ଆବଶ୍ୟକୀୟ କାଗଜପତ୍ର ଓ ଡକୁମେଣ୍ଟ ରେରାରେ ପେସ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଗୃହ ମାଲିକମାନେ କହିଛନ୍ତି। ଘର ଖଣ୍ଡିଏ ପାଇଁ ସେମିଳିଗୁଡା ସହରରେ ସେତେବେଳେ ନିର୍ମାଣାଧିନ ଚାଲୁ ରହିଥିବା ବେଳେ ବିଲିଡରଙ୍କ କହିବା ମୁତାବକ ଟଙ୍କା ପୈଠ କରିଛନ୍ତି। ଆଶା ରଖିଥିଲେ ୧୮ ମାସ ଭିତରେ ଚୁକ୍ତି ମୁତାବକ ଘର ଯୋଗାଇ ଦିଆଯିବ ହେଲେ ପ୍ରାୟ ୫ବର୍ଷ ହେଲା ସରୁନି ନିର୍ମାଣ କାମ ଆଉ ମିଳିପାରୁନି ତହସିଲ କାର୍ଯ୍ୟାଳୟରୁ ଆବଶ୍ୟକୀୟ ପ୍ରମାଣପତ୍ର। ବାରମ୍ବାର ଜିଲ୍ଲା ପ୍ରଶାସନ,ତହସିଲ କାର୍ଯ୍ୟାଳୟ,ସୁନାବେଡା ପୌରପରିଷଦ,କ୍ରିଟ କର୍ତ୍ତୁପକ୍ଷଙ୍କୁ ଜଣାଇ ଗୃହ ମାଲିକମାନେ ଏକରକମ ହତାସ ଓ ଚିନ୍ତାଗ୍ରସ୍ତ ହୋଇପଡିଥିବା ବେଳେ ସଂପୃକ୍ତ ବିଲିଡର ବାହୁବଳ ଓ ଅର୍ଥବଳ ପ୍ରୟୋଗ କରି ଆଉ ଅଧିକ ଟଙ୍କା ମାଗୁଛନ୍ତି। ଯଦି ସମସ୍ୟାର ସମାଧାନ ନହୁଏ ତେବେ ଆଗାମୀ ଦିନରେ ଏକ ବଡଧରଣର ଅଘଟଣ ଘଟିବ ବୋଲି ଜଳଜଳ ଦିଶୁଛି। ଜିଲ୍ଲାପାଳଙ୍କୁ ଆଜି ଗୃହ ମାଲିକମାନେ ଦ୍ୱିତୀୟ ଥର ଅନୁରୋଧ କରିବା ପରେ ଜିଲ୍ଲାପାଳ ତହସିଲଦାରଙ୍କୁ କହି ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ଜଳିଗଲା ଟ୍ରାକ୍ଟର ଓ ଥ୍ରେସର



**ନନ୍ଦାହାଣ୍ଡି, ୭।୨(ସମିସ):** ଧାନ ଅମଳ ଯନ୍ତ୍ର ଓ ଟ୍ରାକ୍ଟର ଧାନ ଅମଳ ସମୟରେ ହୁହୁ ହୋଇ ଜଳିଗଲା। ଏଭଳି ଘଟଣା ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ପଞ୍ଚାୟତ ଅନ୍ତର୍ଗତ ତୁରୁଞ୍ଜି ଗ୍ରାମରେ ଦେଖିବାକୁ ମିଳିଛି। ସୂଚନାନୁସାରେ ସ୍ଥାନୀୟ ବାବୁଲା ସାଧୁ ନିଜେ ଚାଷ କରିଥିବା ଧାନ ଅମଳ ପାଇଁ ନିଜ ଟ୍ରାକ୍ଟର ଓ ଧାନ ଅମଳ ଯନ୍ତ୍ର ଏବଂ ଶ୍ରମିକଙ୍କ ସହାୟତାରେ ଶନିବାର ଦିନ ଧାନ ଅମଳ କରୁଥିଲେ। କୌଣସି ଅସାବଧାନତା ଯୋଗୁଁ ସାଇଲେନ୍ସର୍ ନଳୀ ପଟୁ ଅଗ୍ନି ସ୍ଫୁଲିଙ୍ଗ ହୋଇ ଅଗ୍ନି କଣିକା ପାଳଗଦା ଆଡେ ଉଡ଼ି ଯାଇଥିବା ସନ୍ଦେହ କରାଯାଉଛି। ପାଳଗଦାକୁ ନିଆଁ ଆଖିପିଛୁଳାକେ ବ୍ୟାପିଯାଇଥିଲା ଏବଂ ଟ୍ରାକ୍ଟର ଓ ଥ୍ରେସର ମିସନ୍‌କୁ ମଧ୍ୟ ନିଆଁ ଲାଗିଯାଇଥିଲା। ଟ୍ରାକ୍ଟର ଓ ଧାନ ଅମଳ ଯନ୍ତ୍ର ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ସହ ଅଧା ଧାନ ମଧ୍ୟ ଜଳି ନଷ୍ଟ ହୋଇଯାଇଛି। ଦହଣା ଗ୍ରାମର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଟ୍ରାକ୍ଟର ମାଲିକ ଶ୍ରୀ ସାଧୁ ହତାଶ ହୋଇଯାଇଥିବା ବେଳେ ଗ୍ରାମବାସୀ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ନିବେଦନ କରିଛନ୍ତି।

ମା' ଭଣ୍ଡାରଘରଣୀଙ୍କ ମାଘ ମଣ୍ଡେଇ

# ଦ୍ୱିତୀୟ ଦିନରେ ଦୋକାନ ବଜାର ଚଳଚଞ୍ଚଳ

**କୋଷାଗୁମୁଡ଼ା,୭।୨(ସମିସ):**

ଶୁକ୍ରବାର ମାଘ ପୂର୍ଣ୍ଣିମା ତିଥିରେ କୋଷାଗୁମୁଡ଼ା ସଦରରେ ମା' ଭଣ୍ଡାରଘରଣୀଙ୍କ ତିନି ଧରି ହେବାକୁ ଥିବା ପବିତ୍ର ମାଘ ମଣ୍ଡେଇ ଆରମ୍ଭ ହୋଇଯାଇଛି। ରଙ୍ଗୀନ ଆଲୁଅ ତୋରଣକୁ ସୁନ୍ଦର ପିଲାଙ୍କ ଖେଳଣା, ସ୍ତ୍ରୀ ଲୋକଙ୍କ ଚୁଡ଼ି, ଭେନିଟ, ସମ୍ବଲପୁରୀ ଡ୍ରେସ,ଶାଡୀ,ଘରେଇ କୋରଣ, ବିଭିନ୍ନ ଖାଦ୍ୟ ସାମଗ୍ରୀର ଭିଡ଼ ହୋଇଛି। ଶନିବାର ମଣ୍ଡେଇ ପର୍ବର ଦ୍ୱିତୀୟ ଦିବସରେ ସ୍ଥାନୀୟ ଅଞ୍ଚଳ ସହ କଳାହାଣ୍ଡି, କୋରାପୁଟ, ସମ୍ବଲପୁର, ବଲାଙ୍ଗୀର,ସୋନପୁର, ମାଲକାନଗିରି ଜିଲ୍ଲା ଏବଂ ଛତିଶଗଡ଼, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା ରାଜ୍ୟ ର ବିଭିନ୍ନ ବେପାରୀଙ୍କ ଭିଡ଼ ଜମିଛି। ତାହାସହ ସଦର ସ୍ଥିତ ଲକ୍ଷ୍ମଣ ନାୟକ ଖେଳ ପଡିଆ ଠାରେ ମିନା ବଜାରରେ ବଙ୍ଗଳା ଏବଂ କଟକ, ପୁରୀ, ଗଞ୍ଜାମ ଜିଲ୍ଲାର ବେପାରି ୫ ଦିନ ତଳଠାରୁ ଆସି ଡେରା ପକାଇଥିଲେ। ପୂଜାକମିଟି ସ୍ଥାନୀୟ ପୁଲିସ, ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ତହସିଲ, ଅଗ୍ନିଶମ, ସ୍ୱେଚ୍ଛାସେବୀ ସଂଗଠନ, ଯୁବକ ଦଳକୁ ନେଇ ଏହି ମଣ୍ଡେଇ ପର୍ବ ପାଳନ ସୁଚାରୁରୂପେ କରିବା ପାଇଁ ସମସ୍ତେ ମଣ୍ଡେଇ ଠାରେ କାର୍ଯ୍ୟରତ ରହିଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷର କୋଷାଗୁମୁଡ଼ାର ଏହି ପ୍ରସିଦ୍ଧ ମାଘ ମଣ୍ଡେଇରେ ପ୍ରାୟ ୫୦ ହଜାରରୁ ଅଧିକ ଜନ ସମାଗମ ହୋଇଥିବା ବେଳେ ଦ୍ୱିତୀୟ ଦିବସରେ ଆହୁରି ଭିଡ ପରିଲକ୍ଷିତ ହୋଇଛି। ସମସ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସୁଚାରୁ ରୂପେ ପାଳନ କରିବାକୁ ପୂଜାକମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଥିବା ବେଳେ ଅଘଟଣକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତ ବନ୍ଦ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏପଟେ ଗହଳି ମଧ୍ୟରେ ଅଘଟଣ ଏଡ଼ାଇବା ପାଇଁ ସ୍ଥାନୀୟ ପୋଲିସ ପକ୍ଷରୁ ପଦକ୍ଷେପ ନେଇଥିବା ଦେଖିବାକୁ ମିଳିଛି।



## ସରସ୍ୱତୀ ବିଦ୍ୟାମନ୍ଦିରରେ ଗ୍ରୀନ୍ ଅଡିଟ କାର୍ଯ୍ୟକ୍ରମ

**ଦାମନଯୋଡ଼ି /ସେମିଳିଗୁଡା,୭।୨(ସମିସ):** କୋରାପୁଟ ଜିଲ୍ଲାର ଦାମନଯୋଡିର ନାଲକୋ ଶିଳ୍ପାଞ୍ଚଳସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରେକ୍ଷାଳୟରେ ଗ୍ରୀନ ଅଡିଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ବିଦ୍ୟା ମନ୍ଦିରର ସମ୍ପାଦକ ଡ଼ଃ ଚିତରଞ୍ଜନ ମିଶ୍ର ଓ ଅଧକ୍ଷ ଡ଼. ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କ ପୌରହିତ୍ୟରେ ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭବେ ବିଶିଷ୍ଟ ଶିକ୍ଷାବିତ୍, ପରିବେଶବିତ୍ ତଥା ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଓ ଅନ୍ୟତମ ଅତିଥି ଭାବେ ଟ୍ରଷ୍ଟର ପ୍ରତିଷ୍ଠାତା ନିହାର ରଞ୍ଜନ ଆଚାର୍ଯ୍ୟ ଯୋଗ ଦେଇ ପରିବେଶ ଅବକ୍ଷୟର କାରଣ, ନିରାକରଣ ଓ ସାଂପ୍ରତିକ ପରିସ୍ଥିତିରେ ଆମର କର୍ତ୍ତବ୍ୟ ସମ୍ପର୍କରେ ପାୱାର ପଏଣ୍ଟ ମାଧ୍ୟମରେ ବୁଝାଇଥିଲେ। ପ୍ରଫେସର ଆଚାର୍ଯ୍ୟ ଜଣେ ବିଜ୍ଞାନୀ ହୋଇ ମଧ୍ୟ ମାତୃଭାଷା ଏବଂ ବିଭିନ୍ନ ପାଠ୍ୟ ବିଷୟ ଉପରେ ଓ ତାର ବ୍ୟବହାରିକ ଅର୍ଥ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରି ଜୀବନକୁ କିଭଳି କର୍ମମୟ କରି ନିଜ ଲକ୍ଷ୍ୟ ପଥରେ ପହଞ୍ଚି ହେବ ସେହି ସୂତ୍ର ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅଧ୍ୟକ୍ଷ ଡ. ବାହିନୀପତି ସ୍ୱାଗତ ଭାଷଣ ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସଙ୍ଗୀତ ଶିକ୍ଷକ ବୃନ୍ଦାବନ ଖଣ୍ଡୁଆଳ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରିଚାଳନା ସମିତିର ସମ୍ପାଦକ ଡ଼ଃ ଚିତ୍ତରଂଜନ ମିଶ୍ରଙ୍କ ଦ୍ୱାରା ମୁଖ୍ୟ ଅତିଥି ପ୍ରଫେସର ମହାନ୍ତି ଓ ଶ୍ରୀ ଆଚାର୍ଯ୍ୟଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଡ଼ଃ ସ୍ୱାତୀ ଚାଟାର୍ଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟା ମନ୍ଦିରର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୁକ୍ତ ୨ ପ୍ରଥମ ବର୍ଷ କଳା ଓ ବିଜ୍ଞାନ ଓ ନବମ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

## ଆସୁଛି ଖରା; ପୁଣି କଲବଲ କରିବ ଜଳସଂକଟ

# ପୁରୀରେ ଖସୁଛି ଜଳସ୍ତର

ପୁରୀ, ୭।୨(ସମିସ): ଆସୁଛି ଖରା। ଆଗକୁ ଗ୍ରୀଷ୍ମର ପ୍ରକୋପ ବଢ଼ିବ, ଜଳ ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇବ। ହେଲେ, ପୁରୀର ଭୂତଳ ଜଳ ସ୍ଥିତି ସେତେଟା ଭଲ ନାହିଁ। ୨୦୨୧-୨୨ରେ କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରାଳୟର ସର୍ବେକ୍ଷଣ ରିପୋର୍ଟରେ ଏନେଇ ଉଦ୍‌ବେଗଜନକ ତଥ୍ୟ ପ୍ରକାଶ ପାଇଥିଲା। ସେଥିରେ ଦର୍ଶାଯାଇଥିଲା ଯେ ପୁରୀ ସହରର ଭୂତଳ ଜଳସ୍ତର ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ବେଆଇନ ଭାବେ ବୋର୍‌ୱେଲ୍ ଖୋଳାଯିବା ଯୋଗୁଁ ଏପରି ସ୍ଥିତି ସୃଷ୍ଟି ହୋଇଛି। ଏପରିକି, ଗୋଟିଏ ବର୍ଷ ମଧ୍ୟରେ ସହରର ସିଦ୍ଧମହାବୀର ଓ ତୋଟାସାହି ଅଞ୍ଚଳରେ ଜଳସ୍ତର ପାଖାପାଖି ୧ ମିଟର ତଳକୁ ଖସି ଯାଇଛି। ହାତଗଣତି କିଛି ଅଞ୍ଚଳକୁ ବାଦ୍ ଦେଲେ, ସହରର ଅନ୍ୟ ସବୁ ଅଞ୍ଚଳର ସ୍ଥିତି ସଙ୍ଗିନ ବୋଲି ସେଥିରେ ଦର୍ଶାଯାଇଥିଲା। ଏଭଳି ସ୍ଥିତି ଜାରି ରହିଲେ, ଆଗାମୀ ଦିନରେ ଭୂତଳ ଜଳ ସଙ୍କଟ ଉତ୍କଟ ରୂପ ନେବ।

ଖାଲି ସେତିକି ନହେଁ, ଉକ୍ତ ରିପୋର୍ଟ ଅନୁସାରେ, ଶ୍ରୀମନ୍ଦିର ଭୂତଳ ଜଳସ୍ତର ୨୦୧୯ ମସିହାରେ ୬.୨୬ ମିଟର ତଳେ ରହିଥିଲା। ମାତ୍ର ୨୦୨୧ ନଭେମ୍ବରରେ ଏହାର ଭୂତଳ ଜଳସ୍ତର ୬.୭୨ ମିଟର ତଳକୁ ଖସିଥିଲା। ଏଥିରେ ଆଇଟିଆଇ ଛକ, ସିଦ୍ଧମହାବୀର ଅଞ୍ଚଳ, ତୋଟାସାହି, ନରେନ୍ଦ୍ର କୋଣ, କୁମ୍ଭାରପଡ଼ା, ସର୍ବୋଦୟ ନଗର, ଗୋବର୍ଦ୍ଧନ ମଠ ଅଞ୍ଚଳ ତଳକୁ ହ୍ରାସ ପାଇଛି। ସେହିପରି, ପୁରୀ ସହରରେ ୨୦୧୯ରେ ଭୂତଳ ଜଳସ୍ତର ୧.୭୩ ମିଟର ତଳେ ରହିଥିବା ବେଳେ ୨୦୨୧ରେ ଏହା ୨.୨୬ ମିଟର ତଳକୁ ଖସିଛି। ୨୦୧୯ରେ ବାଲିଘାଟ ଅଞ୍ଚଳରେ ଭୂତଳ ଜଳସ୍ତର ୧.୪୦ ମିଟର ତଳେ ରହିଥିବା ବେଳେ ବର୍ଷକ ମଧ୍ୟରେ ଜଳସ୍ତର ୧.୯୦ ମିଟର ତଳକୁ ଖସି ଯାଇଛି। ଗ୍ରାଣ୍ଡରୋଡ୍ ଅଞ୍ଚଳରେ ଭୂତଳ ଜଳସ୍ତର ୩.୯୪ ମିଟର ତଳେ ରହିଥିବା ବେଳେ ବର୍ଷକ ମଧ୍ୟରେ ଏହା ୩.୯୯ ମିଟର ତଳକୁ ଖସିଛି। ସେହିପରି, ଛପନ ଛକରେ ୨୦୧୯ରେ ଭୂତଳ ଜଳସ୍ତର ୧.୪୫ ମିଟର ଥିବାବେଳେ ୨୦୨୧ରେ ଏହା ୧.୯୫ ମିଟର ତଳକୁ ଖସିଯାଇଛି।

ତେବେ ପୁରୀ ସହରର ଭୂତଳ ଜଳର ଏଭଳି ସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ପରିବେଶବିତ୍। ନିୟମିତ ଭୂତଳ ଜଳ ଉତ୍ତୋଳନ ହେଉଥିଲେ ମଧ୍ୟ ସନ୍ତୁଳନ ରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ଭୂତଳ ଜଳସ୍ତର ତଳକୁ ଖସିବାରେ ଲାଗିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସହର ମଧ୍ୟରେ ପ୍ରାୟ ୮୦୦ରୁ ଅଧିକ ହୋଟେଲ, ରେଷ୍ଟୋରାଁ, ଲଜିଂ ଆଦି ଗଢ଼ି ଉଠିଛି। ମାତ୍ର ହାତଗଣତି କେତୋଟି ହୋଟେଲ ଭୂତଳ ଜଳ ବ୍ୟବହାର କରିବା ପାଇଁ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡଠାରୁ ଅନୁମତି ପାଇଛନ୍ତି। ମାଳମାଳ ହୋଟେଲ ବେଆଇନ ଭାବେ ଭୂତଳ ଜଳ ବ୍ୟବହାର କରୁଥିବାରୁ ସହରର ଭୂତଳ ଜଳ ସ୍ଥିତି ସଙ୍ଗିନ ହେଉଥିବା କୁହାଯାଉଛି।

ଅନ୍ୟପକ୍ଷରେ, ସମୁଦ୍ର କୂଳବର୍ତ୍ତୀ ପୁରୀ ସହରବାସୀଙ୍କ ପାଇଁ ମଧୁର ଜଳର ସଂକଟ ପଡ଼ିପାରେ। ଏଭଳି ଆଶଙ୍କାକୁ ନଜରରେ ରଖି ବ୍ରିଟିଶ ଶାସନ ସମୟରେ ତାଳବଣିଆ ଏବଂ ବଳିଆପଣ୍ଡା ଅଞ୍ଚଳରେ ପ୍ରାୟ ୭୦୫ ଏକର ଜମିକୁ ମଧୁର ଜଳ ଅଞ୍ଚଳ ବା ସୁଇଟ୍ ୱାଟର୍-ଜୋନ୍ ଭାବେ ସଂରକ୍ଷିତ ରଖାଯାଇଥିଲା। ଏହି ଜୋନ୍‌ରେ ଥିବା ଜମି କିଣାବିକା ହୋଇପାରିବ ନାହିଁ

**■ ରିଚାର୍ଜ ହେଉନି ଭୂତଳ ଜଳ**
**■ ସଂକୁଚିତ ହେଉଛି ମଧୁର ଜଳ ଅଞ୍ଚଳ**

କି ଏଠାରେ କୌଣସି ନିର୍ମାଣ ହେବ ନାହିଁ। ଏନେଇ ନିୟମ ପ୍ରଣୟନ ହୋଇଥିଲା। କିନ୍ତୁ, ଗତ ୩୦/୩୫ ବର୍ଷ ମଧ୍ୟରେ ଏହି ସଂରକ୍ଷିତ ମଧୁର ଜଳ ଅଞ୍ଚଳରୁ ପ୍ରାୟ ଅର୍ଦ୍ଧାଧିକ ଜବରଦଖଲ ହୋଇଛି। କେତେକ ଜାଗାରେ ବେଆଇନ ଭାବେ ହୋଟେଲ ଏବଂ ଅନ୍ୟାନ୍ୟ ନିର୍ମାଣ କରାଯାଇଛି। ଫଳରେ, ସଂରକ୍ଷିତ ଅଞ୍ଚଳରେ ଭୂତଳ ଜଳ ରିଚାର୍ଜ ହୋଇପାରୁନାହିଁ।

ଗୋଟିଏପଟେ ଭୂତଳ ଜଳ ରିଚାର୍ଜ ନ ହେବା ଏବଂ ଅନ୍ୟପଟେ ମନଇଚ୍ଛା ଭୂତଳ ଜଳ ଉତ୍ତୋଳନ ପୁରୀ ପାଇଁ ବିପଦ ସୃଷ୍ଟି କରିଛି। ଏଥିଯୋଗୁଁ ଭୂତଳ ଜଳ ଲବଣାକ୍ତ ହେବାରେ ଲାଗିଥିବା ବେଳେ ଜଳସ୍ତର ବି ହ୍ରାସ ପାଇବାରେ ଲାଗିଛି। ଭୂତଳ ଜଳବୋର୍ଡ ମଧ୍ୟ ପୁରୀର ଜଳସ୍ତର ହ୍ରାସକୁ ନେଇ ଅନେକବାର ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ନିର୍ମାଣ କାମରେ ଭୂତଳ ଜଳର ଅପବ୍ୟବହାରକୁ ରୋକିବା ସହ ଭୂତଳ ଜଳକୁ ରିଚାର୍ଜ କରିବା ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ।

ମଧୁର ଜଳ ସଂରକ୍ଷିତ ଅଞ୍ଚଳ ବଳିଆପଣ୍ଡା ଏବଂ ତାଳବଣିଆରେ ବଡ଼ବଡ଼ ପୋଖରୀ ନିର୍ମାଣ କରାଯାଇ ସେଥିରେ ପାଣି ଭର୍ତ୍ତି କରାଯିବ। ଏହାଦ୍ୱାରା ଭୂତଳ ଜଳ ରିଚାର୍ଜ ହୋଇପାରିବ। ମଙ୍ଗଳାଘାଟରୁ ପାଇପ ପଡି ପୋଖରୀକୁ ପାଣି ଆସିବ। ବର୍ଷତମାମ୍ ପୋଖରୀରେ ପାଣି ରହିବ। ଏଥିଲାଗି ବଳିଆପଣ୍ଡାରେ ୩ଟି ଏବଂ ତାଳବଣିଆରେ ୩ଟି ଏହିପରି ୬ଟି ପୋଖରୀ ନିର୍ମାଣ ଲାଗି ନିଷ୍ପତ୍ତି ହୋଇ ୨୦୧୭ ଜୁଲାଇରେ କାମ ଆରମ୍ଭ ହୋଇଥିଲା। ଦେଢ଼ବର୍ଷ ମଧ୍ୟରେ ସବୁ କାମ ଶେଷ କରି ଏହାକୁ କାର୍ଯ୍ୟକ୍ଷମ କରିବା ଲାଗି ନିର୍ଦ୍ଦେଶ ଥିଲା। ହେଲେ, ୨୦୨୦ରୁ ପୋଖରୀ ନିର୍ମାଣ ସରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଭୂତଳ ଜଳ ରିଚାର୍ଜ ଆରମ୍ଭ ହୋଇପାରିନାହିଁ। ତାଳବଣିଆରେ ତିଆରି କରାଯାଇଥିବା ପୋଖରୀ ଏବେ ପିଲାମାନଙ୍କ ଖେଳପଡ଼ିଆ ପାଲଟିଛି। ଏହା ମଧ୍ୟରେ ପିଲାମାନେ କ୍ରିକେଟ ଏବଂ ଭଲି ଖେଳୁଛନ୍ତି।

## ସରକାରଙ୍କ ସାଢ଼େ ୨୨ଲକ୍ଷ କୋଟି ପ୍ରକଳ୍ପକୁ ପ୍ରଶ୍ନ

# କେବଳ ଘୋଷଣାରେ ପ୍ରଗତି ହୁଏନି: ପ୍ରତାପ

ଦେବଗଡ଼, ୭।୨(ସମିସ): ଭୁବନେଶ୍ୱର, କଟକ, ପୁରୀ, ପାରାଦୀପ ଅର୍ଥନୈତିକ ଅଞ୍ଚଳ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱତନ୍ତ୍ର ଯୋଜନା ଘୋଷଣା କରିଥିବା ବେଳେ ଏହାକୁ ଆଳି ବିଧାୟକ ପ୍ରତାପ ଦେବ କଡ଼ା ସମାଲୋଚନା କରିଛନ୍ତି। ଦେବଗଡ଼ ଗସ୍ତ କାର୍ଯ୍ୟକ୍ରମ ଅବସରରେ ଆଳି ବିଧାୟକ ଶ୍ରୀ ଦେବ ଆଜି ଅପରାହ୍ଣରେ ସ୍ଥାନୀୟ ସର୍କିଟ୍ ହାଉସରେ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଏହି ପ୍ରକଳ୍ପ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବରୁ ଖସଡ଼ା ପ୍ରସ୍ତୁତ କରିସାରିଥିଲେ। ରାଜ୍ୟର ବିକାଶ ପାଇଁ ପୂର୍ବରୁ ଯାହାସବୁ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଥିଲା, ରାଜ୍ୟରେ ତାହାର କେତେ ପ୍ରତିଫଳନ ହେଲାଣି ବୋଲି ପ୍ରଶ୍ନ କରିଥିଲେ। ଯେଉଁ ଅଞ୍ଚଳର ବିକାଶ



**ଏତେ ସପନକୁ ରାତି କାହିଁ?**

ପାଇଁ ଆଜି ସରକାର ପ୍ରସ୍ତୁତ ହେଉଛନ୍ତି, ସେଠାରେ ଇଲେକ୍ଟ୍ରୋନିକ୍ ଭେଇକିଲ୍ ମାନୁଫାକ୍ଚରିଂ ୟୁନିଟ୍, ଷ୍ଟିଲ ପ୍ଲାଣ୍ଟ, ସ୍ପିନିଂ ପ୍ଲାଣ୍ଟ ସବୁ କୁଆଡ଼େ ଗଲା ବୋଲି ପଚାରିବା ସହ ରାଜ୍ୟ ସରକାର ସେଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ କେବଳ ଘୋଷଣା କରିଦେଲେ ପ୍ରଗତି ହୁଏ ନାହିଁ। ଉତ୍କର୍ଷ ଓଡ଼ିଶାରେ ଯେଉଁ ଘୋଷଣା ହୋଇଥିଲା, ସେସବୁ କେତେ ବାଟ ଗଲା ବୋଲି ପ୍ରଶ୍ନ କରିଥିଲେ। ଗୋଟିଏ ବର୍ଷରେ ସାଢ଼େ ୨୨ଲକ୍ଷ କୋଟି ଟଙ୍କାର ଘୋଷଣା କରାଯାଇଛି। କିନ୍ତୁ, ଏତେ ସପନକୁ ରାତି କାହିଁ ବୋଲି ବିଧାୟକ ପ୍ରତାପ ଦେବ କହିଛନ୍ତି। ବିକାଶ ପାଇଁ ଯେଉଁ ଆନୁଷଙ୍ଗିକ ବ୍ୟବସ୍ଥା ଦରକାର, ସେସବୁ ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ ବୋଲି ବିଧାୟକ ଏହି ଅବସରରେ ଅଭିଯୋଗ କରିଥିଲେ। ଭୁବନେଶ୍ୱରରେ ମେଟ୍ରୋ ପ୍ରକଳ୍ପ ଚିନ୍ତା କରାଯାଇଥିଲା। କିନ୍ତୁ ବିଜେପି ସରକାର ଆସିବା ପରେ ମନ୍ତ୍ରୀ, ବିଧାୟକମାନେ କହିଛନ୍ତି ମେଟ୍ରୋ ପ୍ରକଳ୍ପର ଆବଶ୍ୟକତା ନାହିଁ। ଏଭଳି ସ୍ଥିତିରେ ବିକାଶ କ'ଣ ସମ୍ଭବ କି ବୋଲି ଶ୍ରୀ ଦେବ ପ୍ରଶ୍ନ କରିଛନ୍ତି। ଏହି ଅବସରରେ ଶ୍ରୀ ଦେବଙ୍କ ସହ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ।

## ବାପାକୁ ଗଳାକାଟି ହତ୍ୟା ଘଟଣା

# ବନ୍ଧାହେଲା ବଡ଼ପୁଅ

ବିଷମକଟକ, ୭।୨(ସମିସ): ସୁଧ କାରବାରକୁ କେନ୍ଦ୍ର କରି ବାପାକୁ ନୃଶଂସ ଭାବେ ହତ୍ୟା କରିଥିଲେ ଦୁଇ ପୁଅ। ହତ୍ୟା ପରେ ସମସ୍ତ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିବା ସହ ଅନ୍ୟ କେହି ହତ୍ୟା କରିଥିବାର ନାଟକ ରଚିଥିଲେ ଦୁଇ ପୁଅ। ପ୍ରଥମେ ମୃଦୁ ପାନୀୟରେ ଏସିଡ୍ ମିଶାଇ ପିଆଇ ଦେବା ପରେ ପନିକିରେ ତଣ୍ଟି କାଟି ଦେଇଥିଲେ। ରାୟଗଡ଼ା ଜିଲ୍ଲା ବିଷମକଟକ ସଦର ଥାନା ବ୍ରାହ୍ମଣ ସାହିର କୈଳାସ ଚନ୍ଦ୍ର ସାହୁଙ୍କ ହତ୍ୟା ଘଟଣାର ଖୁଲାସା ପରେ ଏଭଳି ଲୋମହର୍ଷଣକାରୀ ତଥ୍ୟ ସାମ୍ନାକୁ ଆସିଛି। ଦୁଇ ପୁଅ ମିଶି ଅତି ନିର୍ମମ ଭାବେ ବାପାକୁ ହତ୍ୟା କରିଥିବା ବିଷମ କଟକ ପୁଲିସ କହିଛି। ଏହି ଘଟଣାରେ ପ୍ରଥମେ ସାନ ପୁଅ ଗିରଫ ହେବା ପରେ ବର୍ତ୍ତମାନ ବଡ ପୁଅ ହତ୍ୟାକାଣ୍ଡରେ ସାମିଲ ଥିବା ପୁଲିସ୍ ପ୍ରମାଣ ପାଇଛି।

ଗତ ୪ ତାରିଖ ଦିନ କୈଳାସଙ୍କ ସାନ ପୁଅ ବାପାଙ୍କୁ ହତ୍ୟା କରିଥିବା ପୁଲିସ୍ ଆଗରେ ସ୍ୱୀକାର କରିଥିଲା। ସେହିଦିନ ସାନ ପୁଅ ଶ୍ୟାମ ସୁନ୍ଦରକୁ ଗିରଫ କରି ବିଚାର ବିଭାଗ ଅଦାଲତକୁ ପଠାଇ ଦିଆଯାଇଥିଲା। ପରେ ବଡ଼ପୁଅ ରାମ ଚନ୍ଦ୍ରକୁ ଥାନାରେ ଅଟକ ରଖି ପଚରାଉଚରା କରିବା ପରେ ତା'ର ମଧ୍ୟ ହତ୍ୟାକାଣ୍ଡରେ ସଂପୃକ୍ତ



**ପୂର୍ବରୁ ଗିରଫ ହୋଇଥିଲା ସାନପୁଅ**

ରହିଥିବା ସ୍ୱୀକାର କରିଛି। ସମସ୍ତ ପ୍ରମାଣ ଆଧାରରେ ଆଜି ବିଷମ କଟକ ପୁଲିସ୍ ବଡ଼ପୁଅ ରାମଚନ୍ଦ୍ର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସୁଧ କାରବାର ହତ୍ୟାକାଣ୍ଡର ପ୍ରମୁଖ କାରଣ ବୋଲି ଦୁଇ ପୁଅ ପୁଲିସ୍ ଆଗରେ ସ୍ୱୀକାର କରିଛନ୍ତି। ସୁଧ କାରବାର ବନ୍ଦ କରିବା ପାଇଁ ଦୁଇ ପୁଅ ଆଉ ବାପା ମଧ୍ୟରେ ନିୟମିତ କଳହ ଲାଗି ରହୁଥିଲା। କଳହ ଦିନକୁ ଦିନ ତିକ୍ତତାର ରୂପ ନେଇଥିବା ବେଳେ ଗତ ଶୁକ୍ରବାର ଦିନ ଅପରାହ୍ଣ ୪ଟା ୩୦ମିରେ ଦୁଇ ପୁଅ ରାମଚନ୍ଦ୍ର ଏବଂ ଶ୍ୟାମ ସୁନ୍ଦର ବାପାଙ୍କୁ ତଳ ଘରେ ଏକୁଟିଆ ପାଇ ମୃଦୁ ପାନୀୟରେ ବାଥରୁମ୍ ସଫା କରିବା ଏସିଡ୍ ମିଶାଇ ପିଆଇ ଦେଇଥିଲେ। ଏସିଡ୍ ପିଇବା ପରେ ବାନ୍ତି କରିବା ସମୟରେ ଦୁଇଟି ଧାରୁଆ ପନିକିରେ ଦୁଇ ଭାଇ ପଛପଟୁ ମୁଣ୍ଡରେ ଚୋଟ ପକାଇବା ସହ ଗଳା କାଟି ହତ୍ୟା କରିଥିଲେ।

ହତ୍ୟାକାଣ୍ଡ ପରେ ଶବକୁ ଉପର ଘରକୁ ନେବା ସହ ସମସ୍ତ ପ୍ରମାଣ ନଷ୍ଟ କରିବାକୁ ପ୍ରୟାସ କରିଥିଲେ। ସନ୍ଧ୍ୟା ୬ଟା ୩୦ରେ କ୍ଷତାକ୍ତ ଶରୀରକୁ ପୁଅ ଶ୍ୟାମ ସୁନ୍ଦର ଉପର ଘର ଶିଡି ସମ୍ମୁଖକୁ ଆଣି ଚିତ୍କାର କରି ଲୋକଙ୍କୁ ଜଣାଇଥିବା ବେଳେ ବଡ ପୁଅ ରାମଚନ୍ଦ୍ର ମଧ୍ୟ ଘରେ ଥିଲେ। ଉଭୟେ ମିଶି ବାପାକୁ କେହି ହତ୍ୟା କରିଥିବାର ନାଟକ ମଧ୍ୟ କରିଥିଲେ। ପୁଅମାନଙ୍କପାଟି ଶୁଣି ସାହି ପଡିଶା ଘରକୁ ଆସି ପିତା କୈଳାସକୁ ତୁରନ୍ତ ବିଷମକଟକ ମେଡିକାଲକୁ ନେଇଥିଲେ। ମେଡିକାଲରେ ଡାକ୍ତର ମୃତ ଘୋଷଣା କରିଥିଲା।

## କେନ୍ଦ୍ରୀୟ ବଜେଟ - ୨୦୨୬-୨୭

# ଓଡ଼ିଶା ପାଇଁ ବିକାଶର ନୂତନ ଦ୍ୱାର ଖୋଲିବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୭।୨ (ସମିସ): ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବକା ସାଥ୍, ସବକା ବିକାଶ' ମନ୍ତ୍ରରେ ଅନୁପ୍ରାଣିତ। ଏହି

**'ସବକା ସାଥ୍, ସବକା ବିକାଶ' ମନ୍ତ୍ରରେ ଅନୁପ୍ରାଣିତ ବଜେଟ୍, ସମାଜର ସବୁ ବର୍ଗର ଆକାଂକ୍ଷା ପୂରଣ କରିବ**

ବଜେଟ୍, ସମାଜର ସବୁ ବର୍ଗର ଆକାଂକ୍ଷା ପୂରଣ କରିବା ସହ ଶିକ୍ଷା, କୃଷି ଓ ପର୍ଯ୍ୟଟନ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଓଡ଼ିଶା ପାଇଁ ବିକାଶର ନୂତନ ଦ୍ୱାର ଖୋଲିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶନିବାର ଭୁବନେଶ୍ୱରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପ୍ରଧାନ କେନ୍ଦ୍ରୀୟ ବଜେଟ୍





୨୦୨୬-୨୭କୁ 'ବିକଶିତ ଭାରତ' ଗଠନର ଏକ ବଳିଷ୍ଠ ଆଧାର ବୋଲି ଅଭିହିତ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଉପସ୍ଥିତ ଥିଲେ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ବର୍ତ୍ତମାନ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଥିବା ବେଳେ ଏହି ବଜେଟ୍ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୬.୮ ପ୍ରତିଶତରୁ ୭.୨ ପ୍ରତିଶତ ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଏହା ସମାଜର ସବୁବର୍ଗର ଆକାଂକ୍ଷା ପୂରଣ କରିବା ସହ ଏକ ସମାବେଶୀ ଅଭିବୃଦ୍ଧିକୁ ସୁନିଶ୍ଚିତ କରୁଛି। ୨୦୧୩-୧୪ରେ ଦେଶର ରପ୍ତାନୀ ପରିମାଣ ୪୬୬.୨୨ ବିଲିୟନ ଆମେରିକୀୟ ଡଲାର୍ ଥିବା ବେଳେ ଆଜି ମୋଦୀ ସରକାରରେ ତାହା ୭୭ ପ୍ରତିଶତ ବଢ଼ି ୮୨୪.୯ ବିଲିୟନ ଆମେରିକୀୟ ଡଲାର ହୋଇଛି। ଦେଶରେ ବିଦେଶ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ବା ଏଫଡିଆଇ ୨୦୧୩-୧୪ ବର୍ଷରେ ୩୬.୦୫ ବିଲିୟନ ଆମେରିକୀୟ ଡଲାର ଥିଲା। ଏହି ସଂଖ୍ୟା ଦୁଇ ଗୁଣା ହୋଇ ୮୧.୦୪ ବିଲିୟନ ଆମେରିକୀୟ ଡଲାର ହୋଇଛି। ଦେଶର ଜିଡିପି ହାର ୨୦୧୪-୧୫ରେ ୧୦୬.୫୭ କୋଟିରୁ ତିନିଗୁଣା ବଢ଼ି ୩୩୧.୦୩ କୋଟି ହୋଇଛି। ଆମ ଦେଶରେ ବୈଦେଶିକ ମୁଦ୍ରା ଭଣ୍ଡାର ୬୯୭.୯ ବିଲିୟନ ଆମେରିକୀୟ ଡଲାର ବଢ଼ିଛି। ମୁଦ୍ରା ସ୍ଫୀତି ନିୟନ୍ତ୍ରଣ ହୋଇଛି ବୋଲି ସେ କହିଥିଲେ।

## ଓଡ଼ିଶା-ଜାପାନ ମହୋତ୍ସବ ଉଦ୍‌ଘାଟିତ

# ଗୋଟିଏ ମଞ୍ଚରେ ଓଡ଼ିଶା ଓ ଜାପାନ ନୃତ୍ୟଗୀତର ମୂର୍ଚ୍ଛନା

ପୁରୀ,୭।୨(ସମିସ): ପାରସ୍ପରିକ ସଦ୍‌ଭାବନା ଓ ଭାଇଚାରାକୁ ସମୃଦ୍ଧ କରେ ସଂସ୍କୃତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ। ଏ କ୍ଷେତ୍ରରେ ଭାଷା ଆଦୌ ପ୍ରତବନ୍ଧକ ହୁଏ ନାହିଁ। ଏହାକୁ ଆଜି ପ୍ରମାଣ କରି ଦେଖାଇଛନ୍ତି ଓଡ଼ିଶା-ଜାପାନ କଳାକାର। ତାଳବଣିଆ ପଡ଼ିଆରେ ଶନିବାର ଦୁଇଦିନିଆ ଓଡ଼ିଶା-ଜାପାନ ପର୍ବ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଅତିଥି ଭାବେ ଏସ୍‌ପି ପ୍ରତୀକ ସିଂ ଉପସ୍ଥିତ ରହି କଳାକାରମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ମହୋତ୍ସବକୁ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିବା ସହ ଦୁଇ ଦେଶ ମଧ୍ୟରେ ପାରସ୍ପରିକ ସମ୍ପର୍କ ବୃଦ୍ଧିରେ ଏହା ସହାୟକ ହେବ ବୋଲି କହିଥିଲେ। ଜାପାନ ଏକ ସାହସୀ ଓ କଠିନ ପରିଶ୍ରମ କରୁଥିବା ଜାତି। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ୟାପକ କ୍ଷତି ସହିଥିଲେ ମଧ୍ୟ ସେମାନେ ସଂଘର୍ଷରୁ ଆଜି ସଫଳତା ପାଇ ଏକ ବିକଶିତ ରାଷ୍ଟ୍ରର ସୁନାମ ଅର୍ଜନ କରିଛନ୍ତି। ଓଡ଼ିଶା ମଧ୍ୟ ଏକ ଉନ୍ନତ ସଂସ୍କୃତି ସମ୍ପନ୍ନ ରାଜ୍ୟ। ଏଥିସହ କଳାର ପ୍ରଦର୍ଶନ ଉଭୟ ଭାରତ ଓ ଜାପାନର ସମ୍ପର୍କକୁ ଆହୁରି ମଜଭୁତ କରିବ। ଆୟୋଜକ ତଥା ଇଣ୍ଡୋ-ଜାପାନ ଫ୍ରେଣ୍ଡସିପ୍ ସେଣ୍ଟର ସଭାପତି ଶ୍ରୀମନ୍ତ ଦାଶ ଓ ତାଙ୍କ ଭାଇ କୁନା ଦାଶଙ୍କ ସହଯୋଗରେ ଜାପାନରୁ ଅନେକ ପର୍ଯ୍ୟଟକ ଓ କଳାକାର ଓଡ଼ିଶା ବିଶେଷକରି ପୁରୀ



ଆସୁଛନ୍ତି। ସେମାନେ ମଧ୍ୟ ରଥଯାତ୍ରା, ଦୀପାବଳି, ହୋଲି ଇତ୍ୟାଦି ଓଡ଼ିଆ ପର୍ବରେ ସାମିଲ୍ ହୋଇ ଆମ ସଂସ୍କୃତିକୁ ଭଲ ପାଇବା ଦେଉଛନ୍ତି ବୋଲି ସେ କହିଥିଲେ।

ପରେ ଜାପାନ ଏବଂ ଓଡ଼ିଶାର କଳାକାର ସେମାନଙ୍କ ପାରମ୍ପରିକ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ବିଶେଷକରି ଜାପାନ କଳାକାର ବଲିଉଡ୍ ସଙ୍ଗୀତ ଓ ନୃତ୍ୟକୁ ନିଖୁଣ ଭାବେ ପରିବେଷଣ କରି ଦର୍ଶକଙ୍କ କରତାଳି ସାଉଁଟିଥିଲେ। ଇଣ୍ଡୋ-ଜାପାନ ଫ୍ରେଣ୍ଡସିପ୍ ସେଣ୍ଟର ସଭାପତି ଶ୍ରୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହୋତ୍ସବରେ

**ଆକର୍ଷଣ ସାଜିଲା ଜାପାନର ଖାଦ୍ୟ ପସରା**

ଜିଲ୍ଲା ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋ, ଭାରତ ସରକାରଙ୍କ ପର୍ଯ୍ୟଟନ ବିଭାଗ ଉପ ନିର୍ଦ୍ଦେଶକ ରଶ୍ମି ସୋନିଆ ତୋମୀ, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ଦେବୀ ପ୍ରସାଦ ପ୍ରତାପ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ପେଣ୍ଟକଟା ମେରାଇନ୍ ଥାନାଧିକାରୀ ବିକ୍ରମ କେଶରୀ ଜେନା, ଚନ୍ଦନପୁର ଥାନାଧିକାରୀ ଭୁବନ ମୋହନ ସାମନ୍ତରାୟ ପ୍ରମୁଖ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।

ଏହି ଅବସରରେ ଜିଆର୍‌ପି ଆଇଆଇସି ସନ୍ତୋଷ ବାହିନୀପତି, ସହକାରୀ ଫାୟାର୍ ଅଫିସର୍ ପ୍ରଭାତ ରାଉତ, ସି' ବିଚ୍ ଆଉଟ୍‌ପୋଷ୍ଟର ଷ୍ଟେସନ ଅଫିସର୍ ଜିଜ୍ଞାସୁ ବେହେରାଙ୍କୁ ଉଲ୍ଲେଖନୀୟ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କଳା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଉଦ୍‌ଘୋଷକ ଡ. ବିଶ୍ୱନାଥ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ଶିକ୍ଷା, ପର୍ଯ୍ୟଟନ, ଓଡ଼ିଶା ହସ୍ତଶିଳ୍ପ ଓ ଜାପାନୀଜ୍ ଖାଦ୍ୟ ଷ୍ଟଲ୍‌ର ମଜା ନେଇଥିଲେ ଉପସ୍ଥିତ ଦର୍ଶକ।

## ଅଣଛାତ୍ରଙ୍କ ଉତ୍ପାତରୁ ଗଣ୍ଡଗୋଳ

# ଅଧାରୁ ବନ୍ଦ ହେଲା ବାର୍ଷିକ ଉତ୍ସବ

ବଲାଙ୍ଗିର, ୭।୧ (ସମିସ): ଅଣଛାତ୍ରଙ୍କ ଗଣ୍ଡଗୋଳ ଯୋଗୁଁ ଅଧାରୁ ବନ୍ଦ ହେଲା କଲେଜର ବାର୍ଷିକ ଉତ୍ସବ। ବଲାଙ୍ଗିର ସରକାରୀ ମହାବିଦ୍ୟାଳୟରେ ଆଜି ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଉତ୍ସବ ଚାଲିଥିବା ବେଳେ କେତେକ ଅଣଛାତ୍ର ଭିତରେ ପଶି ବିବାଦ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ। କଲେଜ ଛାତ୍ରମାନେ ଏହାର ପ୍ରତିବାଦ କରିଥିଲେ କାର୍ଯ୍ୟକ୍ରମ ସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏଣୁ କାର୍ଯ୍ୟକ୍ରମକୁ କଲେଜ କର୍ତ୍ତୃପକ୍ଷ ଅଧାରୁ ବନ୍ଦ କରିଦେଇଥିଲେ।

ସୂଚନାନୁଯାୟୀ, ଶନିବାର ବଲାଙ୍ଗିର ସରକାରୀ ମହାବିଦ୍ୟାଳୟ ପୁଇଁତଲା କ୍ୟାମ୍ପସ ପରିସରରେ ବାର୍ଷିକ ଉତ୍ସବ ଆରମ୍ଭ ହୋଇଥିଲା। ଛାତ୍ରଛାତ୍ରୀ ବେଶ୍ ଉତ୍ସାହର ସହ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ; ହେଲେ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଗଣ୍ଡଗୋଳ ହୋଇଥିଲା। କେତେକ ଅଣଛାତ୍ର ପଶି ଉତ୍ପାତ ଆରମ୍ଭ କରିଥିଲେ। ଏହା ଦେଖି କଲେଜ ଛାତ୍ରମାନେ ସେମାନଙ୍କୁ ବାରଣ କରିବାରୁ ଗଣ୍ଡଗୋଳ ହୋଇଥିଲା। କାର୍ଯ୍ୟକ୍ରମସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ଫଳରେ କାର୍ଯ୍ୟକ୍ରମକୁ କଲେଜ କର୍ତ୍ତୃପକ୍ଷ ଅଧାରେ ବନ୍ଦ କରି ଦେଇଥିଲେ। ପୁଇଁତଲା ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହି ଘଟଣାରେ କଲେଜର ୩/୪ଛାତ୍ର ଆହତ ହୋଇଛନ୍ତି। ପୁଲିସ କେତେକ ଅଣଛାତ୍ରକୁ ଅଟକ ରଖି ତଦନ୍ତ ଚଳାଇଛି।

# ରାଜ୍ୟରେ ଆଇନଶୃଙ୍ଖଳା ବୋଲି କିଛି ନାହିଁ: ବିଜେଡି

ଭୁବନେଶ୍ୱର,୭।୨(ସମିସ): ଗତ ଦୁଇ ଦିନ ଧରି ରାଜ୍ୟରେ ଯେଉଁଭଳି ଭାବେ ସ୍ପର୍ଶକାତର ଓ ହୃଦୟବିଦାରକ ଘଟଣା ଘଟିଯାଇଛି, ଏଥିରୁ ସ୍ପଷ୍ଟ ହେଉଛି ରାଜ୍ୟରେ ଆଉ ଆଇନଶୃଙ୍ଖଳା ବୋଲି କିଛି ନାହିଁ। ଆଇ ଶୃଙ୍ଖଳାକୁ ପଛ କରି ରାଜ୍ୟ ସରକାର ନିଘୋଡ଼ ନିଦରେ ଶୋଇଛନ୍ତି ବୋଲି ବିଜେଡି କହିଛି।

ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ପ୍ରଦୀପ ଦିଶାରୀ ଓ ବିଧାୟିକା ମନୋରମା ମହାନ୍ତି କହିଥିଲେ ଯେ ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ଥାନା ଅଞ୍ଚଳରେ ଏକ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କରି ମୁମୂର୍ଷୁ ଅବସ୍ଥାରେ ଜଙ୍ଗଲରେ ଫୋପାଡ଼ି ଦେଇଥିଲେ। ଦୁଷ୍କର୍ମ ପରେ ଜୋର ଜବରଦସ୍ତ ବିଷ ପିଆଇ ଦିଆଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ମୃତ ଛାତ୍ରୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳିବାରେ ବିଳମ୍ବ ହେବାରୁ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବିଧାୟକ ଶ୍ରୀ ଦିଶାରୀ ଆହୁରି କହିଥିଲେ ଯେ ଶାସକ ବିଜେପି ଦଳର ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇ ଦୁଇ ଜଣଙ୍କ ଜୀବନ ଚାଲି ଯାଇଛି। ପୁଲିସର ନିଷ୍କ୍ରିୟତା ଲାଗି ଘଟଣାକୁ ଚପାଇଦେବା ପାଇଁ ଉଦ୍ୟମ ହୋଇଛି।

ଅନ୍ୟପକ୍ଷରେ ବରଗଡ଼ରେ ବିଧାୟକଙ୍କ ପୁଅ, ଧାରଣାରତ ଚାଷୀଙ୍କ ଉପରେ ନୃଶଂସ





**■ ସୁନ୍ଦରଗଡ଼ରେ ୧୦ମ ଶ୍ରେଣୀ ଛାତ୍ରୀକୁ ଗଣବଳାତ୍କାର ଓ ହତ୍ୟା**
**■ ବରଗଡ଼ରେ ଶାସକ ଦଳର ଗୋଷ୍ଠୀ ସଂଘର୍ଷରେ ଦୁଇ ମୃତ**
**■ ବିଧାୟକଙ୍କ ପୁଅ ଲୋକଙ୍କ ଉପରେ ଗାଡ଼ି ଚଢ଼ାଇଲେ**

ଭାବେ ଗାଡ଼ି ଚଢ଼ାଇ ଦେଇଥିଲେ। ଶାସକ ଦଳର ବିଧାୟକଙ୍କ ପୁଅ ବୋଲି ଆଇନ ଶୃଙ୍ଖଳାକୁ ଭ୍ରୁକ୍ଷେପ ନକରି ଏଭଳି ଔଦ୍ଧତ୍ୟପୂର୍ଣ୍ଣ ଓ ଅମାନବୀୟ କାଣ୍ଡ ଭିଆଇଛନ୍ତି। ବିଜେପି ଦଳ ଆଇନର ଶାସନକୁ କିଭଳି ସମ୍ମାନ ଦିଏ, ଏହା ତାହାର ଏକ ନମୁନା। ଲଗାତାର ଭାବେ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବାବଦରେ ବିଜୁ ଜନତା ଦଳ ସରକାରଙ୍କୁ ସତର୍କ କରାଇ ଆସୁଥିଲେ ମଧ୍ୟ ପରିସ୍ଥିତିରେ କୌଣସି ଉନ୍ନତି ପରିଲକ୍ଷିତ ହେବା ପରିବର୍ତ୍ତେ ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଗୃହ ବିଭାଗର ମୁଖ୍ୟ ଭାବେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା ପାଇଁ ଦୃଢ଼ ପଦକ୍ଷେପ ନିଅନ୍ତୁ। ନଚେତ ଆଗାମୀ ଦିନରେ ଜନସାଧାରଣ ତୀବ୍ର ଜନଆନ୍ଦୋଳନ ହେବ ଏବଂ ବିଜୁ ଜନତା ଦଳ ଚୁପ୍ ହୋଇ ବସିବ ନାହିଁ ବୋଲି ବିଜେଡି କହିଛି।

## 'ସୋଆ ଲେକ୍ସ କନ୍‌ସିଲିୟମ୍-୨୦୨୬'

# ଛାତ୍ରଛାତ୍ରୀ ଦେଶର ସମୃଦ୍ଧିରେ ସାମିଲ ହୁଅନ୍ତୁ: ଶିବ ଖେରା

ଭୁବନେଶ୍ୱର, ୭।୨(ସମିସ): ମଣିଷ ଜୀବନରେ ସଫଳତା ଓ ବିଫଳତା ଯୋଡ଼ି ହୋଇ ରହିଛି। ସଫଳ ମଣିଷ ଯେ ଭୁଲ କରିପାରିବ ନାହିଁ ଏବଂ ଗୋଟିଏ ଭୁଲ ମଣିଷ ସବୁବେଳେ ବିଫଳ ହେବ; ସେଭଳି ଚିନ୍ତାଧାରା ରଖିବା ଉଚିତ ନୁହେଁ। ସୋଆ ପରିଚାଳିତ ସୋଆ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଏସ୍‌ଏନ୍‌ଆଇଏଲ୍) ପକ୍ଷରୁ ଶନିବାର ଆୟୋଜିତ 'ସୋଆ ଲେକ୍ସ କନ୍‌ସିଲିୟମ୍-୨୦୨୬'ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଲେଖକ, ଅଭିନେତା, ସାମାଜିକ କର୍ମୀ ଓ ପ୍ରେରଣାଦାୟୀ ବକ୍ତା ଶିବ ଖେରା ଏଭଳି କହିଛନ୍ତି।





ପ୍ରେରଣାଦାୟୀ ବକ୍ତବ୍ୟରେ ଶ୍ରୀ ଖେରା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ ଜୀବନରେ ୬ଟି କ୍ଷେତ୍ରରେ ଦୃଢ଼ତା ଆବଶ୍ୟକ। ଏହି କ୍ଷେତ୍ରଗୁଡ଼ିକ ହେଉଛି ଶାରୀରିକ, ମାନସିକ, ଭାବନାତ୍ମକ, ପାରସ୍ପରିକ ସମ୍ପର୍କ, ଆର୍ଥିକ ଏବଂ ଆଧ୍ୟାତ୍ମିକ। ଏହା ମଧ୍ୟରୁ କୌଣସି ଗୋଟିଏ ଦୃଢ଼ତା ବାଦ୍ ପଡ଼ିଲେ, ମଣିଷର ଜୀବନ ଦୁର୍ବିଷହ ହୋଇଯିବ। ଶାରୀରିକ ଦୃଢ଼ତା ମଣିଷକୁ ସୁସ୍ଥ ରଖିଥାଏ। ସେହିପରି ମାନସିକ ଦୃଢ଼ତା ସଫଳତା ଆଣିଥିବା ବେଳେ ଭାବନାତ୍ମକ ଦୃଢ଼ତା ଠିକ୍ ନିଷ୍ପତ୍ତି ନେବାରେ ସହାୟକ ହୋଇଥାଏ। ପାରସ୍ପରିକ ସମ୍ପର୍କ ମଣିଷର ସବୁଠାରୁ ବଡ଼ ସମ୍ବଳ। ପରସ୍ପର ମଧ୍ୟରେ ସମ୍ମାନ ରହିଲେ ହିଁ ସମ୍ପର୍କ ଦୃଢ଼ ହୁଏ ବୋଲି ସେ କହିଛନ୍ତି। ସେହିପରି ଆର୍ଥିକ ଦୃଢ଼ତାକୁ ପ୍ରାଧାନ୍ୟ ଦେଇ ଟଙ୍କା ମଣିଷ ଜୀବନରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ମାନସିକ ଶାନ୍ତି ପାଇଁ ଆଧ୍ୟାତ୍ମିକ ଦୃଢ଼ତା ମଧ୍ୟ ଆବଶ୍ୟକ। ସେହିପରି ଅଧ୍ୟୟନ ପରେ କେବଳ ଅର୍ଥ ରୋଜଗାର ପଛରେ ନ ଗୋଡ଼ାଇ ଦେଶର ସମୃଦ୍ଧି ଓ ଉନ୍ନତି କ୍ଷେତ୍ରରେ ମଧ୍ୟ ଚିନ୍ତା କରିବା ଉଚିତ ବୋଲି ଶ୍ରୀ ଖେରା ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି।

କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର୍ ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ଏସ୍‌ଏନ୍‌ଆଇଏଲ୍‌ର ଡିନ୍ ପ୍ରଫେସର ଏସ୍.ଏ.କେ ଆଜାଦ, ସୋଆର ନିର୍ଦ୍ଦେଶକ (କର୍ପୋରେଟ୍ ରିଲେସନ୍ସ ଓ ଇଣ୍ଡଷ୍ଟ୍ରି ଏନ୍‌ଗେଜମେଣ୍ଟ) ରୀପ୍ତିରଞ୍ଜନ ଦାଶ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ 'ଫ୍ୟୁଚର ଅଫ୍ ଲିଗାଲ ପ୍ରୋଫେସନ୍ ଇନ୍ ଇଣ୍ଡିଆ: ହ୍ୱାଟ ଫ୍ରେସ୍ ଗ୍ରାଜୁଏଟ୍ସ ସୁଡ ନୋ' ଏବଂ 'ଲିଗାଲ ଟେକ୍ନୋଲଜି ଇନ୍ ଟ୍ରାନ୍ସଫର୍ମେସନ୍ ଅଫ୍ କର୍ପୋରେଟ୍ ଲୟରିଂ' ଶୀର୍ଷକ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ଆସିଷ୍ଟାଣ୍ଟ ପ୍ରଫେସର୍ ପ୍ରଜ୍ଞା ଦାସମହାପାତ୍ର ପରିଚାଳନା କରିଥିବା ବେଳେ ଏସ୍‌ଏନ୍‌ଆଇଏଲ୍‌ର ଆସିଷ୍ଟାଣ୍ଟ ପ୍ରଫେସର ଆକାଶ ତ୍ରୀଖା ଧନ୍ୟବାଦ ଦେଇଥିଲେ।




# 'ରକ୍ତ ଗୋଲାପ'ର ଟ୍ରେଲର ରିଲିଜ୍

ନିକଟରେ ମୁକ୍ତିଲାଭ କରିଥିବା 'ରକ୍ତ ଗୋଲାପ'ର ଟ୍ରେଲର ଦର୍ଶକଙ୍କ ମଧ୍ୟରେ ଏକ ଅଭୁଲା ସ୍ମୃତି ସୃଷ୍ଟି କରିଛି। ଏହି ଚଳଚ୍ଚିତ୍ରଟି ଏକ ନୂତନ କାହାଣୀ ଏବଂ ଉଚ୍ଚକୋଟୀର ଅଭିନୟର ଏକ ଚମତ୍କାର ମିଶ୍ରଣ ଭାବରେ ଉଭା ହୋଇଛି। ଓଡ଼ିଶାର ଦକ୍ଷ ଥିଏଟର କଳାକାରଙ୍କୁ ନେଇ ପ୍ରସ୍ତୁତ ଏହି ଟ୍ରେଲର, ବାସ୍ତବବାଦୀ ଏବଂ ଭାବପୂର୍ଣ୍ଣ ଅଭିନୟର ଏକ ନିଆରା ଅନୁଭୂତି ଦେଇଛି। ମଞ୍ଚ ଜଗତର ଅଭିଜ୍ଞ କଳାକାର ହର ରଥ, ସମରେଶ, ଉଦିତ, ଚୌଧୁରୀ ଜୟପ୍ରକାଶ ଏବଂ ଅଭିଷେକ ଗିରି ସେମାନଙ୍କର ବହୁ ବର୍ଷର ଅଭିନୟ ଅନୁଭୂତିକୁ ପରଦା ଉପରେ ଜୀବନ୍ତ କରିଛନ୍ତି। ସେମାନଙ୍କର ନିଖୁଣ ଅଭିନୟ ଏବଂ ଚରିତ୍ରର ଗଭୀରତା ଏହି ସସ୍‌ପେନ୍ସ-ଥ୍ରୀଲର୍ କାହାଣୀକୁ ସାଧାରଣ ବ୍ୟବସାୟିକ ସିନେମାଠାରୁ ବହୁତ ଉପରକୁ ନେଇଯାଇଛି। 'ରକ୍ତ ଗୋଲାପ'ରେ ଏଲିନା ସାମନ୍ତରାୟ ଏକ ଆକର୍ଷଣୀୟ ଭୂମିକାରେ ନଜର ଆସିଛନ୍ତି, ଯାହା ତାଙ୍କ କ୍ୟାରିୟରର ସବୁଠାରୁ ଶ୍ରେଷ୍ଠ ଭାବପୂର୍ଣ୍ଣ ଅଭିନୟ ହେବାକୁ ଯାଉଛି। ଜଣେ ନବବିବାହିତା ମହିଳାଙ୍କ ପ୍ରେମ, ହରାଇବାର ଦୁଃଖ ଏବଂ ତଦନ୍ତ ପ୍ରକ୍ରିୟା ମଧ୍ୟର ସଂଘର୍ଷକୁ ସେ ଚମତ୍କାର ଭାବେ ରୂପାୟନ କରିଛନ୍ତି। ଅଭିଷେକ ଗିରିଙ୍କ ସହ ତାଙ୍କର ଅନ୍-ସ୍କ୍ରିନ୍ କେମେଷ୍ଟ୍ରି ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ସାଜିଛି। ଆଶିଷ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ଥ୍ରିଲର୍‌ର ପ୍ରଚ୍ଛଦ ମ୍ୟୁଜିକ୍ ଦର୍ଶକଙ୍କ ମନରେ ରୋମାଞ୍ଚ ଓ ଉତ୍ସୁକତା ଭରି ଦେଉଛି। ନିର୍ଦ୍ଦେଶକ ଶିଶିର ପିନାକୀଙ୍କ ସୁନ୍ଦର ନିର୍ଦ୍ଦେଶନା, 'ରକ୍ତ ଗୋଲାପ'କୁ ଏକ ସମ୍ପୂର୍ଣ୍ଣ ଅଭିନୟ-ଭିତ୍ତିକ ଥ୍ରୀଲର୍ ଭାବରେ ପ୍ରତିଷ୍ଠିତ କରିଛି। ଚଳଚ୍ଚିତ୍ରଟି ଆସନ୍ତା ଫେବୃଆରୀ ୧୩ ତାରିଖରେ ରିଲିଜ୍ ହେବ।



# 'ଭାଗମ୍ ଭାଗ୍-୨'ରେ ମନୋଜଙ୍କ ଏଣ୍ଟ୍ରି



ବଲିଉଡ୍‌ରେ ଏବେ ସିକ୍ୱେଲ୍ ସିନେମା ନିର୍ମାଣର ଧାରା ଚାଲିଛି। ଏହି କ୍ରମରେ ଏବେ କମେଡ଼ି ସିନେମା 'ଭାଗମ୍ ଭାଗ୍'ର ବି ସିକ୍ୱେଲ ନିର୍ମାଣ ହେବାକୁ ଯାଉଛି। ଉକ୍ତ ସିନେମାଟି ୨୦୦୬ ମସିହାରେ ମୁକ୍ତିଲାଭ କରିଥିଲା। ଅବଶ୍ୟ ଫିଲ୍ମଟିର ସିକ୍ୱେଲକୁ ନେଇ ଦୀର୍ଘ ଦିନରୁ ଚର୍ଚ୍ଚା ଲାଗି ରହିଥିଲା। ଏହାର ସିକ୍ୱେଲରେ ଅକ୍ଷୟ କୁମାର ଏବଂ ପରେଶ ରାୱଲ ସାମିଲ ଅଛନ୍ତି। ହେଲେ ଏଥିରେ ଗୋବିନ୍ଦାଙ୍କ ସ୍ଥାନରେ ମନୋଜ ବାଜପେୟୀଙ୍କ ଏଣ୍ଟ୍ରି ହୋଇଛି। ତେବେ 'ଭାଗମ୍ ଭାଗ୍'ରେ ଗୋବିନ୍ଦାଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ତେଣୁ ଗୋବିନ୍ଦାଙ୍କ ସ୍ଥାନରେ ମନୋଜ ଏହାକୁ କେତେ ଦୂର ନିଭାଇ ପାରିବେ, ତାହା ଫିଲ୍ମ ରିଲିଜ୍ ହେଲେ ପରେ ହିଁ ଜଣାପଡ଼ିବ। ସେହିପରି ସିନେମାରେ ଅକ୍ଷୟଙ୍କ ବିପକ୍ଷରେ ମୀନାକ୍ଷୀ ଚୌଧୁରୀ ନଜର ଆସିବେ। ହେଲେ ମନୋଜଙ୍କ ବିପକ୍ଷରେ କେଉଁ ଅଭିନେତ୍ରୀ କରିବେ, ସେକଥା ଜଣାପଡ଼ି ନାହିଁ। ସିନେମାର ସୁଟିଂ ଆସନ୍ତା ମାସରୁ ମୁମ୍ବାଇରେ ଆରମ୍ଭ ହେବ।

# ଶୈଳେନ୍ଦ୍ର-ଶିବାନୀଙ୍କ ଯୋଡ଼ି

ଫେବୃଆରୀ ୧୩ରେ ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା 'ବର ବଧୂ'। ସିନେମାର ମୁଖ୍ୟ ଚରିତ୍ରରେ ଶୈଳେନ୍ଦ୍ର ଓ ଶିବାନୀଙ୍କୁ ଦେଖିବାକୁ ମିଳିବ। ଦୁହିଁଙ୍କ ଯୋଡ଼ିକୁ 'ଛିରେ ନନୀ' ସିନେମାରେ ଦର୍ଶକୀୟ ଆଦୃତି ମିଳିଥିଲା। ତେଣୁ ଏଥର ମଧ୍ୟ ପୂର୍ବ ପରି ଦୁହିଁଙ୍କୁ ଦର୍ଶକଙ୍କ ଭଲପାଇବା ମିଳିବ। ସେହିପରି ସିନେମାରେ 'କୁନି କୁନି' ରୋମାଣ୍ଟିକ ଗୀତକୁ ଦର୍ଶକେ ପସନ୍ଦ କରିଛନ୍ତି। ଏଥିରେ ଶିବାନୀ ଓ ଶୈଳେନ୍ଦ୍ରଙ୍କ ଯୋଡ଼ି ଚର୍ଚ୍ଚା ସାଉଁଟୁଛି। ସିନେମାରେ ଶୈଳେନ୍ଦ୍ର 'ବିଜୁ' ଏବଂ ଶିବାନୀ 'ସୁମନ' ଚରିତ୍ରରେ ଅଭିନୟ କରିଛନ୍ତି। ପ୍ରେମ, ରୋମାନ୍ସ ଓ ଇମୋସନ୍ ସବୁକିଛି ଏହି ସିନେମାର କାହାଣୀରେ ଦେଖିବାକୁ ମିଳିବ। ଶୈଳେନ୍ଦ୍ର ଓ ଶିବାନୀଙ୍କ ବ୍ୟତୀତ ଏଥିରେ ସୂର୍ଯ୍ୟମୟୀ, ହର ରଥ ଏବଂ ଶୁଭାଶିଷ ବି ନଜର ଆସିବେ। ସିନେମାର ନିର୍ଦ୍ଦେଶନାରେ ବିଶ୍ୱ ରଞ୍ଜନ ଥିବା ବେଳେ ପ୍ରଯୋଜନା କରିଛନ୍ତି ଚନ୍ଦ୍ର ମଣି। ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପରେ ଅଛନ୍ତି ବିଶ୍ୱ ରଞ୍ଜନ।



## ପରଦା ପଛର କାହାଣୀ

# ପାଗଲଖାନା ବଦଳରେ ଦୁର୍ଗରେ ସୁଟିଂ



ସଲମାନ ଓ ଭୂମିକାଙ୍କ ଅଭିନୀତ ଫିଲ୍ମ 'ତେରେ ନାମ' ୨୦୦୦ ମସିହାର ସବୁଠୁ ଅଧିକ ଲୋକପ୍ରିୟ ରୋମାଣ୍ଟିକ୍ ଫିଲ୍ମ ମଧ୍ୟରୁ ଅନ୍ୟତମ। ଏଥିରେ ସଲ୍‌ମାନ୍ ଏବଂ ଭୂମିକାଙ୍କ ଜବରଦସ୍ତ ଅଭିନୟକୁ ଲୋକେ ଭୂରି ଭୂରି ପ୍ରଶଂସା କରିଥିଲେ। ଫିଲ୍ମର ଗୀତ, କାହାଣୀ ଏବଂ ଦୁଃଖଦାୟକ ସମାପ୍ତି ଏବେ ବି ଦର୍ଶକଙ୍କ ହୃଦୟରେ ସ୍ମୃତି ହୋଇ ରହିଛି। ଏଥିପାଇଁ ଫିଲ୍ମଟି ଏବେ ମଧ୍ୟ ଚର୍ଚ୍ଚାରେ ରହିଛି। ଫିଲ୍ମର ସବୁଠୁ ସ୍ମରଣୀୟ ଦୃଶ୍ୟ ପାଗଳଖାନାର ସୁଟିଂକୁ ନେଇ ଏକ ରୋଚକ କାହାଣୀ ରହିଛି। ଫିଲ୍ମରେ ଦେଖାଯାଇଥିବା ଶ୍ରୀପୁରାଧାମ ଆଶ୍ରମର ଦୃଶ୍ୟ କୌଣସି ପାଗଳଖାନାରେ ସୁଟିଂ ହୋଇ ନ ଥିଲା। ଏହା ହାଇଦ୍ରାବାଦର ଐତିହାସିକ ଗୋଲକୁଣ୍ଡା ଦୁର୍ଗରେ ସୁଟିଂ ହୋଇଥିଲା। ସଲମାନଙ୍କ ଅଭିନୀତ 'ରାଧେ' ଚରିତ୍ର ଶ୍ରୀପୁରାଧାମ୍ ଆଶ୍ରମରେ ବିତାଇଥିବା ଯନ୍ତ୍ରଣାଦାୟକ ମୁହୂର୍ତ୍ତ, ଅନ୍ଧାର ଗଳି, ଲୁହା ଗେଟ୍ ଏବଂ ପଥର ପ୍ରାଚୀର ସହ ଦେଖାଯାଇଥିଲା। ଏଥିରେ କାହାଣୀ ଆହୁରି ଭାବ ବିହ୍ୱଳ ହୋଇଥିଲା। ଏହି ଦୃଶ୍ୟ ପାଇଁ ଫିଲ୍ମ ନିର୍ମାତା ଗୋଲକୁଣ୍ଡାର ପ୍ରାଚୀନ ଏବଂ ଶାନ୍ତିପୂର୍ଣ୍ଣ ଦୁର୍ଗକୁ ପସନ୍ଦ କରିଥିଲେ। ଏହାକୁ ପାଗଳଖାନାର ରୂପରେଖ ଦିଆଯାଇଥିଲା। ଦୁର୍ଗର ମଜଭୁତ ପଥର କାନ୍ଥ, ନିଆରା ନିର୍ମାଣ ଶୈଳୀ କୌଣସି ବଡ଼ ସେଟ୍ ବିନା ଏହାକୁ ଭୟଙ୍କର ଏବଂ ବାସ୍ତବିକ ପାଗଳଖାନାର ରୂପ ଦେବାରେ ସହାୟକ ହୋଇଥିଲା। ଏଥିପାଇଁ ବେଶି କିଛି କରିବାକୁ ପଡ଼ି ନ ଥିଲା। ସତୀଶ କୌଶିକଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମ ୨୦୦୩ ମସିହାରେ ମୁକ୍ତିଲାଭ କରିଥିଲା। ସଲମାନ ଖାନ୍‌ଙ୍କ କ୍ୟାରିୟରରେ 'ତେରେ ନାମ' ଫିଲ୍ମଟି ମାଇଲ୍ ଖୁଣ୍ଟ ସାବ୍ୟସ୍ତ ହୋଇଥିଲା। ସଲମାନଙ୍କ ଚରିତ୍ର ଏବେ ମଧ୍ୟ ଦର୍ଶକଙ୍କ ମଧ୍ୟରେ ଚର୍ଚ୍ଚାରେ ରହିଛି। ତେବେ ଐତିହାସିକରୁ ରୋମାଣ୍ଟିକ ଫିଲ୍ମ ଯାଏ ଗୋଲକୁଣ୍ଡା ଦୁର୍ଗରେ ସୁଟିଂ କରାଯାଏ।

# ୧୨ ବର୍ଷ ପରେ ଏକାଠି ଶାହରୁଖ-ଫରାହ

ପୁଣି ଥରେ ଶାହରୁଖ ଖାନ୍ ଏବଂ ଫରାହ ଖାନଙ୍କ ଯୋଡ଼ି ବଡ଼ ପରଦାକୁ ଫେରିବାକୁ ଯାଉଛନ୍ତି। ଫରାହ 'ମେଁ ହୁଁ ନା-୨' ସିନେମାର କାହାଣୀ ଉପରେ ଦୀର୍ଘଦିନରୁ କାମ କରି ଆସୁଥିଲେ। ଏହି ସିନେମାରେ ଶାହରୁଖ ଡବଲ ଚରିତ୍ରରେ ନଜର ଆସିବେ। ଏହା ହିଁ କାହାଣୀକୁ ଅଧିକ ରୋମାଞ୍ଚକ କରିବ ବୋଲି କୁହାଯାଉଛି। ତେବେ ଶାହରୁଖ ଏବଂ ଫରାହ ୧୨ ବର୍ଷ ପରେ ଏକାଠି ଏହି ସିନେମାରେ କାମ କରିବେ। ସେହିପରି ସିନେମାରେ ଶାହରୁଖ ତାଙ୍କ ଚରିତ୍ରକୁ ଜାଣିବା ପରେ ଖୁବ୍ ଉତ୍ସାହିତ ଅଛନ୍ତି। କାରଣ ଏଥିରେ ତାଙ୍କୁ ଦୁଇଟି ବିପରୀତ ଚରିତ୍ରରେ ଅଭିନୟ କରିବାର ସୁଯୋଗ ମିଳିବ। ସିକ୍ୱେଲରେ ବି ଦେଶଭକ୍ତି ଓ କମେଡିର ଧାରା ଜାରି ରହିବ। ତେଣୁ କରି ଏଥିରେ ବି ଭରପୂର ଦେଶଭକ୍ତି ଦେଖିବାକୁ ମିଳିବ। ଅନ୍ୟପଟେ ଶାହରୁଖଙ୍କ ବ୍ୟତୀତ ସିନେମାରେ ଅନ୍ୟ ପୁରୁଣା କଳାକାରଙ୍କ ଲେଉଟାଣି ହୋଇପାରେ ବୋଲି କୁହାଯାଉଛି।



## ସାକ୍ଷାତକାର

ଭଲ ଅଭିନେତ୍ରୀଟିଏ ହେବାକୁ ଅନେକ ଜଣ ସ୍ୱପ୍ନ ଦେଖନ୍ତି। ଆଉ ସେହି ସ୍ୱପ୍ନ ପୂରା କରିବାକୁ ପଡ଼େ ନାନା ସଂଘର୍ଷ ଭିତରେ। ତେବେ ସଂଘର୍ଷକୁ ଖାତିର ନ କରି ଯିଏ ଆଗେଇ ଚାଲନ୍ତି ସେ ହିଁ ସଫଳତାର ସ୍ୱାଦ ଚାଖନ୍ତି। ଏହି କଥାର ସାରମର୍ମକୁ ସେ ବୁଝିଥିଲେ ବୋଲି ଆଜି ସେ ପାଲଟି ଯାଇଛନ୍ତି ଜଣେ ଅଭିନେତ୍ରୀ। କଳାକାରଟିଏ ହେବାକୁ ସେ ଦେଇଛନ୍ତି ଅନେକ ପରୀକ୍ଷା। ଆଉ ଏବେ ସେ 'ସାଥି ସାତ ଜନ୍ମର'ରେ ସାଲିନି ଭୂମିକାରେ ଅଭିନୟ କରୁଛନ୍ତି। ଏହି ନବାଗତା ନାୟିକା ଜଣକ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଜଳେଶ୍ୱରର ସୁଶ୍ରୀ ଅପର୍ଣ୍ଣା ପାଠୀ। ଅଧ୍ୟାପିକା ହେବା ତାଙ୍କ ଜୀବନର ମୂଳ ଲକ୍ଷ୍ୟ। ନିଶା କିନ୍ତୁ ତାଙ୍କର ଅଭିନୟ କରିବା। ଅଡିସନ୍, ପ୍ରୋମୋସୁଟ୍ ମାଧ୍ୟମରେ ଚୟନ ହୋଇ ସେ ମେଗା ଧାରାବାହିକରେ ପାଦ ଥାପିଛନ୍ତି। ଏଥିପାଇଁ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ।

# "ମୋର ଇଚ୍ଛା ନିଜକୁ ମୁଖ୍ୟ ଚରିତ୍ରରେ ଦେଖିବା"

**ସୁଶ୍ରୀ ଅପର୍ଣ୍ଣା ପାଠୀ, ଅଭିନେତା**



**ଅଭିନେତ୍ରୀ ହେବାକୁ କାହିଁକି ଭାବିଲେ?**

● ମୁଁ ଜଣେ ସ୍ନାତୋକତ୍ତର (ଓଡ଼ିଆ) ଛାତ୍ରୀ। ଇଚ୍ଛା ଅଛି ମୋ ନାମ ପୂର୍ବରୁ ଡକ୍ଟର ଲାଗିବ। ଅଧ୍ୟାପିକା ହେବା ମୋର ମୂଳ ଲକ୍ଷ୍ୟ। ହେଲେ ପିଲାଟି ଦିନରୁ ଅଭିନୟ ପ୍ରତି ମୋର ଅହେତୁକ ଦୁର୍ବଳତା ରହିଛି। ତେଣୁ ମୁଁ ସ୍କୁଲ, କଲେଜର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇ ଅଭିନୟ କରୁଥିଲି। ପ୍ରଥମେ ମ୍ୟୁଜିକ୍ ଭିଡିଓ କରିବା ଆଶାରେ ଏକ ଅଡିସନ୍ ଦେଇଥିଲି। କୌଣସି କାରଣବଶତଃ ସେଥିରେ ଚୟନ ହେଲିନି। କିଛି କ୍ଷଣ ପାଇଁ ମନ ଦୁଃଖ ହୋଇଥିଲା। ତଥାପି ମୁଁ ମୋର ସଂଘର୍ଷ ଜାରି ରଖିଥିଲି। 'ସିନେ ଷ୍ଟାର୍ କି ଖୋଜ୍' ରିଆଲିଟି ଶୋ'ରେ ମୋତେ ପ୍ରତିଭା ପ୍ରଦର୍ଶନର ସୁଯୋଗ ମିଳିଥିଲା। ପରେ ପରେ ଏକ ପ୍ରୋମୋସୁଟ୍ ଦ୍ୱାରା 'ସାଥି ସାତ ଜନ୍ମର' ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଲା।

**ଏଥିପାଇଁ କେତେ ସଂଘର୍ଷ କରିଛନ୍ତି?**

● ବହୁତ ସଂଘର୍ଷ କରିବାକୁ ପଡ଼ିଛି। ଏକ ମ୍ୟୁଜିକ୍ ଭିଡିଓରେ କାମ ନ ମିଳିବା ପରେ ମୁଁ ଅନେକ ପ୍ରଡକ୍ସନ ହାଉସ୍‌କୁ ଯାଇଛି। ଫଟୋସୁଟ୍ କରିଛି। ଦୀର୍ଘ ଦିନ ଧରି ଗୋଟେ କାମ ମିଳିବାକୁ ଅପେକ୍ଷା କରିବାକୁ ପଡ଼ିଛି। ବାସ୍ତବରେ ସେ ସମୟ ମୋ' ପାଇଁ ବହୁତ କଷ୍ଟକର ଥିଲା।

**ସୁଟିଂ ସେଟ୍‌ର ପ୍ରଥମ ଦିନର ଅନୁଭୂତି?**

● ଏ ଲାଇନ୍‌ରେ ମୁଁ ନୂଆ ନୂଆ ଆସିଥାଏ। ମନରେ ଭୟ ଥିଲା। କେମିତି କ୍ୟାମେରାକୁ ସାମ୍ନା କରିବି, ସେ ଚିନ୍ତା ଥାଏ। ତା' ସାଙ୍ଗକୁ ଅଭିନୟ ବାବଦରେ ମୋତେ କିଛି ଜଣା ନ ଥାଏ। ହେଲେ ଧାରାବାହିକର ପୂରା ଟିମ୍ ମୋର ସହ-କଳାକାର ଓ ଗୁରୁଜନମାନେ ମୋତେ ଭୟ ଛାଡ଼ି କାମ କରିବାକୁ ପ୍ରେରଣା ଦେଇଥଲେ। କାମକୁ ନେଇ ସିରିୟସ୍ ହୋଇ ସଟ୍ ଦେଇଥିଲି।

**'ସାଲିନି' ଚରିତ୍ର ବିଷୟରେ କିଛି କୁହନ୍ତୁ?**

● 'ସାଥି ସାତ ଜନ୍ମର' ଏକ ଲୋକପ୍ରିୟ ଧାରାବାହିକ। ସାଲିନି ଚରିତ୍ରକୁ ଫିଟ୍ ଭାବି ନିର୍ମାତା ମୋତେ ଏହି ଚରିତ୍ର ଦେଇଛନ୍ତି। ଏଥିରେ ମୁଁ ଦେବଙ୍କ ଭାଇ ବୋହୂ ଚରିତ୍ରରେ ଅଭିନୟ କରୁଛି। ସାଲିନି ଜଣେ କ୍ରୋଧୀ ମହିଳା। ତା' ଭିତରେ ନକାରାତ୍ମକ ପ୍ରବୃତ୍ତି ଭରି ରହିଛି। ସବୁବେଳେ ତା'ର ସ୍ୱାମୀଙ୍କ କଥା ମଝିରେ ପଶି କଥାକୁ ଏପଟ ସେପଟ କରୁଛି।

**ସୁଟିଂ ନ ଥିଲେ କ'ଣ କରନ୍ତି?**

● ପଢ଼ାପଢ଼ି କରେ। ପରିବାର ସହିତ ସମୟ ବିତାଏ।

**ଫିଟ୍‌ନେସର ରାଜ୍?**

● ଜିମ୍ ଯାଏ। ସନ୍ତୁଳିତ ଖାଦ୍ୟପେୟକୁ ଗୁରୁତ୍ୱ ଦିଏ।

**ଅଭିନୟ ମାର୍ଜିତ କରିବାକୁ କ'ଣ କରିବା ଦରକାର?**

● ଯେଉଁ କାମ ଆପଣଙ୍କୁ ଖୁସି ଦେଉଛି ତାହା ପ୍ରତି ସେତିକି ସମର୍ପିତ ରହିବା ଜରୁରି। ଠିକ୍ ସେମିତି ଅଭିନୟକୁ ମାର୍ଜିତ କରିବାକୁ ଭିନ୍ନ ଭିନ୍ନ ଚରିତ୍ରକୁ ଅନୁକରଣ କରିବା ଦରକାର। ଦର୍ପଣ ସାମ୍ନାରେ ପ୍ରତିଦିନ କିଛି ନା କିଛି ସଂଳାପ କହି ନିଜକୁ ପ୍ରସ୍ତୁତ କରିବା ଜରୁରି। ଯେଉଁମାନେ ଏହି ଲାଇନ୍‌ରେ ଆସିବାକୁ ଚାହୁଁଛନ୍ତି, ସେମାନେ ନିଜକୁ ସେତିକି ପ୍ରସ୍ତୁତ କରି ଆସନ୍ତୁ। ଏବେ ଏହି ଲାଇନ୍‌କୁ ପ୍ରବେଶ କରିବାକୁ ଅନେକ ପ୍ଲାଟ୍‌ଫର୍ମ ରହିଛି। ତେଣୁ ନିଜର ପ୍ରତିଭାକୁ ପ୍ରଦର୍ଶନ କରି ଜଣେ ଅଭିନେତା, ଅଭିନେତ୍ରୀ ହୋଇପାରିବେ।

**ଆଗାମୀ ଯୋଜନା?**

● ମୁଖ୍ୟ ଚରିତ୍ରରେ ନିଜକୁ ଦେଖିବାକୁ ଇଚ୍ଛା ରଖିଛି। କେବଳ ସେତିକି ନୁହେଁ, ପ୍ରତ୍ୟେକ କଳାକାର ବଡ଼ ପରଦାରେ ନିଜକୁ ଦେଖିବାକୁ ଚାହାଁନ୍ତି। ମୁଁ ମଧ୍ୟ ସେଥିପାଇଁ ନିଜକୁ ପ୍ରସ୍ତୁତ କରୁଛି। ଦର୍ପଣ ଆଗରେ ଅଭ୍ୟାସ ଜାରି ରଖିଛି। ତେବେ ଦର୍ଶକଙ୍କ ଭଲପାଇବା ମୋତେ ଆଗକୁ ନେବ ବୋଲି ମୋର ଆଶା।

## ସୂର୍ଯ୍ୟକୁମାରଙ୍କ ଅର୍ଦ୍ଧଶତକ ଆଗରେ ଶାଡ୍‌ଲୀଙ୍କ ଘାତକ ବୋଲିଂ ବ୍ୟର୍ଥ

# ସଂଘର୍ଷପୂର୍ଣ୍ଣ ବିଜୟରୁ ଭାରତର ଅଭିଯାନ

ମୁମ୍ବଇ,୭।୨(ଏଜେନ୍ସି)



ଅଧିନାୟକ ସୂର୍ଯ୍ୟକୁମାର ଯାଦବ (୪୯ ବଲ୍‌ରେ ଅପରାଜିତ ୮୪ରନ୍)ଙ୍କ ଦାୟିତ୍ୱବାନ ଅର୍ଦ୍ଧଶତକ ଓ ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ବଳରେ ଏଠାରେ ଶନିବାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ର ତୃତୀୟ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ ସଂଘର୍ଷପୂର୍ଣ୍ଣ ବିଜୟରୁ ଟାଇଟଲ ରକ୍ଷା ଅଭିଯାନ ଆରମ୍ଭ କରିଛି। ଏହା ଫଳରେ ଗ୍ରୁପ୍-ଏ'ରେ ଭାରତ ପଏଣ୍ଟ ତାଲିକାର ପ୍ରଥମ ସ୍ଥାନରେ ରହିଛି। ଆଜି ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ରେ ଭାରତ ୨୯ ରନ୍‌ରେ ଯୁକ୍ତରାଷ୍ଟ୍ର ଆମେରିକାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୯ ୱିକେଟରେ ୧୬୧ ରନ୍ କରିଥିଲା। ଜବାବରେ ଆମେରିକା ଲଢୁଆ ଖେଳ ସତ୍ତ୍ୱେ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୩୨ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହି ମ୍ୟାଚ୍‌ରେ ୪୯ ବଲ୍‌ରୁ ୧୦ ଚୌକା ଓ ୪ ଛକା ସହ ଭାରତକୁ ବିପଦରୁ ଉଦ୍ଧାର କରିବା ସହ ମ୍ୟାଚ୍ ଜିତାଇଥିବାରୁ ସୂର୍ଯ୍ୟକୁମାରଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଭାରତ ତାହାର ଦ୍ୱିତୀୟ ଲିଗ୍ ମ୍ୟାଚ୍ ନାମିବ୍ୟା ସହ ଦିଲ୍ଲୀରେ ଫେବୃଆରୀ ୧୨ରେ ଖେଳିବ।

ପୂର୍ବରୁ ଆମେରିକା ଟସ୍ ଜିତିବା ଭାରତକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲେ। ଭାରତ ଇଶାନ ଓ ଅଭିଷେକଙ୍କୁ ଇନିଂସ ଓପନ କରିବାକୁ ସୁଯୋଗ ଦେଇଥିଲେ। ଦ୍ୱିତୀୟ ଓଭରର ପ୍ରଥମ ବଲ୍‌ରେ ଅଭିଷେକ ଶର୍ମା ଆଉଟ ହୋଇଥିଲେ। ପାକିସ୍ତାନୀ ବୋଲର ଅଲି ଖାନ୍‌ଙ୍କ ବୋଲିଂରେ କ୍ୟାଚ୍ ଧରିଥିଲେ ସଞ୍ଜୟ କ୍ରିଷ୍ଣମୂର୍ତ୍ତି। ନଂ-୩ରେ ଖେଳିବାକୁ ଆସି ତିଳକ ବର୍ମା କିଛିଟା ହାତଖୋଲା ସଟ୍ ଖେଳି ୧୬ ବଲ୍‌ରୁ ୨୫ ରନ୍ ଉଠାଇଥିଲେ। ତାଙ୍କ ପରେ ଶିବମ ଦୁବେ ୦, ରିଙ୍କୁ ସିଂ ୧୪ ବଲ୍‌ରେ ୬, ହାର୍ଦ୍ଦିକ ପାଣ୍ଡ୍ୟା ୫ ରନ୍ କରି ଆଉଟ ହୋଇଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଧୈର୍ଯ୍ୟପୂର୍ଣ୍ଣ ଭାବେ ଖେଳି ଭାରତର ସ୍କୋରକୁ ୧୦୦ ରନ୍ ପାର କରାଇବାରେ ସମର୍ଥ ହୋଇଥିଲେ। ସେ ୮୪ ରନ୍‌ରେ ଅପରାଜିତ ରହିଥିଲେ। ଆମେରିକା ପକ୍ଷରୁ ୩୭ ବର୍ଷୀୟ ମିଡିୟମ୍ ପେସ୍ ବୋଲର ଶାଡ୍‌ଲୀ ଭାନ୍ ସ୍କାଲ୍‌କ୍ୱିକ୍ ଘାତକ ବୋଲିଂ କରି ସର୍ବାଧିକ ୪ଟି ୱିକେଟ ପାଇଥିଲେ।

ୱାଙ୍ଖଡେ ପିଚ୍‌ରେ ବଲ ତଳୁଆ ରହୁଥିଲାବେଳେ ୧୬୨ ରନ୍‌ର ଟାର୍ଗେଟକୁ ପିଛା କରି ଆମେରିକା ୧୩ ରନ୍‌ରେ ୩ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ମିଳିନ୍ଦ କୁମାର ୩୪ ଓ ସଞ୍ଜୟ କୃଷ୍ଣମୂର୍ତ୍ତି ୩୭ ରନ୍ କରି ଦଳୀୟ ସ୍କୋରକୁ ୭୧ ରନ୍‌ରେ ପହଞ୍ଚାଇଥିଲେ। ମିଳିନ୍ଦଙ୍କ ଆଉଟ ପରେ ଶୁଭମ ରଞ୍ଜନେ ୩୭ ରନ୍ କରି ଆମେରିକାକୁ ଆଶା ଦେଇଥିଲେ। ତେବେ ଦଳ ୮ ୱିକେଟରେ ୧୩୨ ରନ୍‌ରେ ଅଟକି ଥିଲା। ଭାରତ ପକ୍ଷରୁ ମହମ୍ମଦ୍ ସିରାଜ ୩ଟି, ଅର୍ଶଦୀପ ସିଂହ ଓ ଅକ୍ଷର ପଟେଲ ୨ଟି ଲେଖାଏଁ ୱିକେଟ ପାଇଥିଲେ। ବିଶ୍ୱକପ୍‌ରେ ଅର୍ଶଦୀପଙ୍କ ୱିକେଟ ସଂଖ୍ୟା ୨୯ରେ ପହଞ୍ଚିଛି।

### ଅସୁସ୍ଥ ବୁମ୍‌ରା ଖେଳିଲେନି

ଏହି ମ୍ୟାଚ୍‌ରେ ଭାରତ ଅସୁସ୍ଥ ଯଶପ୍ରୀତ୍ ବୁମ୍‌ରାଙ୍କୁ ବାଦ୍ ଦେଇ ଖେଳିଥିଲା। ବୁମ୍‌ରାଙ୍କ ସହ ୱାଶିଂଟନ ସୁନ୍ଦର, ସଞ୍ଜୁ ସାମସନ ଓ କୁଲଦୀପ ଯାଦବଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳି ନ ଥିଲା। ସଞ୍ଜୁଙ୍କ ସ୍ଥାନରେ ଭାରତ ଇଶାନଙ୍କୁ ଇନିଂସ ଓପନ କରିବାକୁ ସୁଯୋଗ ଦେଇଥିଲା। ଅନ୍ୟ ପକ୍ଷରେ ଗୁଜରାଟୀ ଖେଳାଳି ମୋନାକ ପଟେଲଙ୍କ ନେତୃତ୍ୱରେ ଆମେରିକା ଏହି ମ୍ୟାଚ୍ ଖେଳିଥିଲା। ଚୂଡ଼ାନ୍ତ ଏକାଦଶରେ ୭ଜଣ ଭାରତୀୟ, ୨ ଜଣ ପାକିସ୍ତାନୀ, ଜଣେ ଲେଖାଏଁ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକୀୟ ବଂଶୋଦ୍ଭବ ଖେଳାଳି ଖେଳୁଛନ୍ତି। ମୁମ୍ବଇରେ ଖେଳୁଥିବା ସୌରଭ ନେତ୍ରାଭାଲକର ଓ ହରମିତ୍ ସିଂହ ଆମେରିକା ଦଳରେ ସାମିଲ ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଭାରତ ଇନିଂସ**: ୧୬୧/ ୯, ୨୦ ଓଭର (ସୂର୍ଯ୍ୟକୁମାର-୮୪*, ତିଳକ-୨୫, ଇଶାନ-୨୦, ଅଭିଷେକ-୦, ଶିବମ-୦, ରିଙ୍କୁ ସିଂ-୬, ପାଣ୍ଡ୍ୟା-୫, ଶାଡ୍‌ଲୀ-୪/୨୫)।

**ୟୁଏସ୍‌ଏ ଇନିଂସ**: ୧୩୨/୮, ୨୦ ଓଭର (ସଞ୍ଜୟ-୩୭, ଶୁଭମ- ୩୭, ମିଳିନ୍ଦ କୁମାର- ୩୪, ସିରାଜ-୩/୨୯, ଅର୍ଶଦୀପ୍- ୨/୧୮, ଅକ୍ଷର- ୨/୨୪)।

# ପାକିସ୍ତାନକୁ ପରାଜୟରୁ ରକ୍ଷା କଲେ ଫହୀମ୍



**କଲମ୍ବୋ,୭।୨(ଏଜେନ୍ସି):** ଚଳିତ ଟି-୨୦ ବିଶ୍ୱକପ୍‌ର ଉଦ୍‌ଘାଟନୀ ମୁକାବିଲାରେ ପାକିସ୍ତାନ ୩ ୱିକେଟରେ ନେଦରଲାଣ୍ଡସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ନେଦରଲାଣ୍ଡସ ପ୍ରତିପକ୍ଷ ପାକିସ୍ତାନ ଆଗରେ ୧୪୮ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ଏକଦା ୨ ୱିକେଟରେ ୯୮ ରନ୍ କରିଥିଲାବେଳେ ମିଡଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୭ ୱିକେଟରେ ୧୧୪ ରନ୍‌ରେ ପହଞ୍ଚିଥିଲା। ଏହି ସମୟରେ ଫହୀମ ଅଶ୍ରଫ୍ ଓ ସାହିନ ଆଫ୍ରିଦୀ ବ୍ୟାଟିଂ କରୁଥିଲେ। ଶେଷ ୨ ଓଭରରେ ପାକିସ୍ତାନକୁ ମ୍ୟାଚ୍ ଜିତିବାକୁ ୨୯ ରନ୍ ଆବଶ୍ୟକ ହେଉଥିଲା। ଏହି ସମୟରେ ପ୍ରଭାବୀ ବୋଲିଂ କରିଥିବା ଲୋଗାନ ଭାନ୍ ୱିକ୍ ୧୯ତମ ବୋଲିଂ କରିବାକୁ ଆସିଥିଲେ। ଦ୍ରୁତ ବ୍ୟାଟିଂ ଲାଗି ଖ୍ୟାତିଅର୍ଜନ କରିଥିବା ଫହୀମ ଏହି ଓଭରରେ ବିସ୍ଫୋରକ ବ୍ୟାଟିଂ କରି ୩ଟି ଛକା ଓ ଗୋଟିଏ ଚୌକା ସହ ୨୪ ରନ୍ ଉଠାଇ ପାକିସ୍ତାନକୁ ଏକ ନିଶ୍ଚିତ ପରାଜୟରୁ ରକ୍ଷା କରିଥିଲେ। ଫହୀମ ଏହି ଓଭରର ପ୍ରଥମ ବଲ୍‌କୁ ଛକା ମାରିବା ପରେ ଦ୍ୱିତୀୟ ବଲ୍‌କୁ ଆଉଏକ ଶକ୍ତିଶାଳୀ ସଟ୍ ମାରିବାକୁ ଯାଇ ଲଙ୍ଗଅନ୍ ଅଞ୍ଚଳରେ ସୁଯୋଗ ଦେଇଥିଲେ। ଏଠାରେ ଫିଲ୍ଡିଂ କରୁଥିବା ମ୍ୟାକ୍ସ ଓ ଦାଉଦ୍ କିନ୍ତୁ ଏହି ସୁଯୋଗକୁ ହାତଛଡ଼ା କରିଥଲେ। କ୍ୟାଚ୍ ଧରିଥିଲେ ସେ ନେଦରଲାଣ୍ଡସକୁ ମ୍ୟାଚ୍ ଜିତାଇଥାନ୍ତେ, କିନ୍ତୁ କ୍ୟାଚ୍ ଡ୍ରପ୍ କରିବା ପରେ ପାକିସ୍ତାନ ଆଉ ୩ଟି ବଲ ବାକିଥାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଫହୀମ ମାତ୍ର ୧୧ଟି ବଲ୍‌ରୁ ୨ ଚୌକା ଓ ୩ଟି ବିଶାଳ ଛକା ସହ ୨୯ ରନ୍‌ରେ ଅପରାଜିତ ରହିଥିଲେ। ଓପନର ସାହିବଜାଦା ଫରହାନ ସର୍ବାଧିକ ୪୭, ବାବର ଆଜମ ୧୫ ରନ୍ କରିଥିଲେ। ପୂର୍ବରୁ ନେଦରଲାଣ୍ଡସ ୧୯.୫ ଓଭରରେ ମାତ୍ର ୧୪୭ ରନ୍ କରିଥିଲା। ବାସ୍ ଡି ଲିଡ୍ ସର୍ବାଧିକ ୩୦ ରନ୍ କରିଥିଲାବେଳେ ପାକିସ୍ତାନର ସଲମାନ ମିର୍ଜା ୩ଟି, ମହମ୍ମଦ୍ ନୱାଜ, ଆବ୍ରାର ଅହମ୍ମଦ୍ ଓ ସାଏମ ଆୟୁବ ୨ଟି ଲେଖାଏଁ ୱିକେଟ ପାଇଥିଲେ।

# ହେଟ୍‌ମାୟର୍‌ଙ୍କ ଅର୍ଦ୍ଧଶତକ, ଶେଫର୍ଡଙ୍କ ହ୍ୟାଟ୍ରିକ୍



**କୋଲକାତା,୭।୨(ଏଜେନ୍ସି):** ବିସ୍ଫୋରକ ବ୍ୟାଟର ସିମରନ ହେଟମାୟରଙ୍କ ଅର୍ଦ୍ଧଶତକ ଓ ରୋମାରିଓ ଶେଫର୍ଡଙ୍କ ହ୍ୟାଟ୍ରିକ୍ ସହ ୫ ୱିକେଟ ଅକ୍ତିଆର କରିବା ଫଳରେ ଏଠାରେ ଅନୁଷ୍ଠିତ ଗ୍ରୁପ୍-ସି' ବିଶ୍ୱକପ୍‌ର ଏକ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୩୫ ରନ୍‌ରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ହେଟମାୟର ମାତ୍ର ୨୨ଟି ବଲ୍‌ରେ ୫୦ ରନ୍ ପୂରଣ କରି ଇଣ୍ଡିଜ୍‌ର ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ଭାବେ ବିବେଚିତ ହୋଇଛନ୍ତି। ସେ ମୋଟରେ ୩୬ ବଲ୍‌ରୁ ୬୪ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୮୨ ରନ୍ କରିଥିଲା। ଅନ୍ୟମାନଙ୍କ ମଧ୍ୟରୁ ବ୍ରାଣ୍ଡନ କିଙ୍ଗ୍ ୩୫, ସେର୍ଫାନ ରଦରଫୋର୍ଡ ୨୬, ରୋଭମାନ ପାୱେଲ ୨୪ରନ୍‌ର ଯୋଗଦାନ କରିଥିଲେ। ଜବାବରେ ଶେଫର୍ଡ ୨୦ ରନ୍‌ରେ ୫ ଓ ଜେସନ ହୋଲ୍ଡର ୩୦ ରନ୍‌ରେ ୩ ୱିକେଟ ନେବା ଫଳରେ ୧୮୩ ରନର ଟାର୍ଗେଟକୁ ପିଛା କରି ସ୍କଟଲାଣ୍ଡ ୧୮.୫ ଓଭରରେ ୧୪୭ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଅଧିନାୟକ ରିଚି ବେରିଂଟନ ୪୨ ଓ ଟମ୍ ବ୍ରୁସ୍ ୩୫ ରନ୍ କରିଥିଲେ।



### ଆଜିର ବିଶ୍ୱକପ୍ ମ୍ୟାଚ୍

| | |
|---|---|
| ନ୍ୟୁଜିଲାଣ୍ଡ-ଆଫଗାନିସ୍ତାନ | ଆରମ୍ଭ : ପୂର୍ବାହ୍ନ ୧୧ଟା, ଚେନ୍ନଇ |
| ଇଂଲଣ୍ଡ-ନେପାଳ | ଆରମ୍ଭ : ଅପରାହ୍ନ ୩ଟା, ମୁମ୍ବଇ |
| ଶ୍ରୀଲଙ୍କା-ଆୟର୍ଲାଣ୍ଡ | ଆରମ୍ଭ : ରାତି ୭ଟା, କଲମ୍ବୋ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

● ବିଶ୍ୱକପ୍‌ରେ ଭାରତକୁ ବୟକଟ

## ଆଇସିସି-ପିସିବି'ର ଆଲୋଚନା ଆରମ୍ଭ

ଦୁବାଇ,୭।୨(ଏଜେନ୍ସି): ଚଳିତ ବିଶ୍ୱକପ୍‌ରେ ଭାରତ ସହ ମୁକାବିଲାକୁ ପାକିସ୍ତାନ ବୟକଟ କରିବା ପରେ ଏହାର ସମାଧାନ ଲାଗି ଆଇସିସି (ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ) ଓ ପିସିବି (ପାକିସ୍ତାନ କ୍ରିକେଟ ବୋର୍ଡ) ମଧ୍ୟରେ ଗତକାଲିଠାରୁ ଆଲୋଚନା ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ଇ-ମେଲ ଯୋଗେ ଆଲୋଚନା ହୋଇଛି। ଭାରତ ସହ ଖେଳିବାକୁ ପାକିସ୍ତାନ କ୍ରିକେଟ ଦଳ ପଡ଼ିଆକୁ ଓହ୍ଲାଇବ ନାହିଁ ବୋଲି ସରକାରଙ୍କ 'ଏକ୍ସ'ରେ ଘୋଷଣା କରିବା ପରେ ଏହାକୁ ନେଇ ହଟଚମଟ ସୃଷ୍ଟି ହୋଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍‌ଙ୍କୁ ମନାଇବା ସକାଶେ ପିସିବିକୁ ଆଇସିସି ଅନୁରୋଧ କରିଛି। ଆଇସିସି ଏହି ମେଲ୍‌ରେ ପାକିସ୍ତାନ ଏହି ମୁକାବିଲାରୁ ଓହରିଗଲେ ଟୁର୍ଣ୍ଣାମେଣ୍ଟର, କ୍ରିକେଟର ଓ ପାକିସ୍ତାନ କ୍ରିକେଟ କି ପ୍ରକାର କ୍ଷତି ହେବ ତାହା ମଧ୍ୟ ପିସିବିକୁ ଅବଗତ କରାଯାଇଛି। ଆଇସିସି ପକ୍ଷରୁ ଏହି ଆଲୋଚନାରେ ଭାଗନେଉଥିବା ପ୍ରତିନିଧିମାନଙ୍କୁ ଧୈର୍ଯ୍ୟର ସହ ସ୍ଥିତିକୁ ଉପସ୍ଥାପନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଫୋର୍ସ ମେଜର ମାଧ୍ୟମରେ ପିସିବି ଭାରତ ସହ ଖେଳିବାକୁ ଯିବ ନାହିଁ ବୋଲି ଦାବି ଉପସ୍ଥାପନ କରିଛି। କିନ୍ତୁ ସର୍ବସାଧାରଣରେ ଏହା ଭାରତ ସହ ମ୍ୟାଚ୍ ବୟକଟ ସମ୍ପର୍କରେ କିଛି ସୂଚନା ଦେଇନାହିଁ। ଏଣୁ ଭାରତ ସହ ଖେଳିବାକୁ ପାକିସ୍ତାନ ନରମ ମନୋଭାବ ପୋଷଣ କରିବ ବୋଲି ଆଶା କରାଯାଉଛି।



ପାକିସ୍ତାନ-ନେଦରଲାଣ୍ଡସ ମ୍ୟାଚ୍ ପୂର୍ବରୁ କଲମ୍ବୋ ଷ୍ଟାଡିୟମକୁ ଆଇସିସି ଟି-୨୦ ବିଶ୍ୱକପ୍ ଟ୍ରଫି ସହ ଆକାଶମାର୍ଗରୁ ଓହ୍ଲାଉଛନ୍ତି ଜଣେ ବ୍ୟକ୍ତି।

## ୨୦୦୭ରୁ ୨୦୨୬: ଟେଲରଙ୍କ ବିରଳ ବିଶ୍ୱକପ୍ ଯାତ୍ରା

ନୂଆଦିଲ୍ଲୀ, ୭।୨ (ଏଜେନ୍ସି): ଆଇସିସି ଟି-୨୦ ବିଶ୍ୱକପ୍‌ର ଆରମ୍ଭ ହୋଇଯାଇଛି। ପ୍ରଥମଥର ଲାଗି ୨୦ଟି ଦଳକୁ ନେଇ ଏଥର ବିଶ୍ୱକପ୍ ଖେଳାଯାଉଛି। ୨୦୦୭ରୁ ଆରମ୍ଭ ହୋଇଥିବା ଟି-୨୦ ବିଶ୍ୱକପ୍‌ର ଏହା ହେଉଛି ୧୦ମ ସଂସ୍କରଣ। ଏହି ବିଶ୍ୱକପ୍ ଖେଳି ଜିମ୍ବାୱେର ୱିକେଟ୍‌କିପର ବ୍ୟାଟର୍ ବ୍ରେଣ୍ଡନ ଟେଲର ଏକ ବିରଳ କ୍ଲବରେ ସାମିଲ ହେବେ। ବିଶ୍ୱର ଏକମାତ୍ର କ୍ରିକେଟର୍ ଭାବେ ୪୦ ବର୍ଷୀୟ ଟେଲର ଟି-୨୦ ବିଶ୍ୱକପ୍‌ର ଉଦ୍‌ଘାଟନୀ ଓ ୧୦ମ ସଂସ୍କରଣ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଜିମ୍ବାୱେ ଏହାର ପ୍ରଥମ ମ୍ୟାଚରେ ସୋମବାର ଓମାନକୁ ଭେଟିବ। ଟେଲରଙ୍କ ଏହା ୫ମ ଟି-୨୦ ବିଶ୍ୱକପ୍ ହେବ। ଏଥିପୂର୍ବରୁ ସେ ୨୦୦୭, ୨୦୧୦, ୨୦୧୨ ଓ ୨୦୧୪ ବିଶ୍ୱକପ୍ ଖେଳିଥିଲେ। ଉଲ୍ଲେଖଯୋଗ୍ୟ, ଟେଲର ୨୦୧୫ ବିଶ୍ୱକପ୍‌ରେ ଭାରତ ବିପକ୍ଷ ମ୍ୟାଚ୍ ଖେଳି ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଥିଲେ। ଏହାପରେ ସେ ୨୦୧୭ରେ ଅବସର ନିଷ୍ପତ୍ତିରୁ ଓହରି ପୁଣିଥରେ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

### ରଣଜୀ ଟ୍ରଫି କ୍ୱାର୍ଟର ଲଢ଼େଇ

# ମୁମ୍ବଇ-କର୍ଣ୍ଣାଟକ ମ୍ୟାଚ୍‌ରେ ବୋଲରଙ୍କ ରାଜୁତି

ମୁମ୍ବଇ, ୭।୨ (ଏଜେନ୍ସି): ଘରୋଇ ମୁମ୍ବଇ ଓ କର୍ଣ୍ଣାଟକ ମଧ୍ୟରେ ସ୍ଥାନୀୟ ଶରଦ ପାୱାର କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି ୪ର୍ଥ କ୍ୱାର୍ଟର ଫାଇନାଲରେ ବୋଲରଙ୍କ ରାଜୁତି ଦେଖିବାକୁ ମିଳିଛି। ମ୍ୟାଚର ଦୁଇ ଦିନରେ ୨୨ଟି ୱିକେଟ୍ ପତନ ଘଟିସାରିଛି। ମୁମ୍ବଇର ୧୨୦ ରନ ଜବାବରେ ତାରକା ଖଚିତ କର୍ଣ୍ଣାଟକ ପ୍ରଥମ ପାଳିରେ ୧୭୩ ରନରେ ସୀମିତ ରହିଛି। ଦଳ ପକ୍ଷରୁ ମୟଙ୍କ ଅଗରୱାଲ ୯୨ ରନ କରିଥିଲେ। ଲୋକେଶ ରାହୁଲ (୨୮ ରନ) ଓ ଅଧିନାୟକ ଦେବଦତ୍ତ ପଡ଼ିକଲ୍ (୧୭)ଙ୍କୁ ଛାଡ଼ିଦେଲେ ଅନ୍ୟକେହି ଦୁଇଅଙ୍କ ସ୍କୋର କରିପାରି ନ ଥିଲେ। ମୁମ୍ବଇର ମୋହିତ ଅବସ୍ଥି ଓ ତୁଷାର ଦେଶପାଣ୍ଡେ ୪ଟି ଲେଖାଏ ୱିକେଟ୍ ବାଣ୍ଟି ନେଇଥିଲେ। ଜବାବରେ ୫୩ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ମୁମ୍ବଇ ଶନିବାର ୨ୟ ଦିବସ ଶେଷ ସୁଦ୍ଧା ୨ ୱିକେଟରେ ୧୮୯ ରନ ସଂଗ୍ରହ କରିଛି। ଆକାଶ ଆନନ୍ଦ ୫୩ ଓ ମୁସିର ଖାନ ୪୯ ରନ କରି ଅପରାଜିତ ରହିଛନ୍ତି। ଯଶସ୍ୱୀ ଜୟସ୍ୱାଲ ୩୬ ରନ କରି ଆଉଟ୍ ହୋଇଥିଲେ।

ସେହିଭଳି କୋଲକାତାରେ ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଅନୁଷ୍ଠିତ ଅନ୍ୟ ଏକ କ୍ୱାର୍ଟରରେ ଘରୋଇ ବେଙ୍ଗଲ ଦଳ ଅଗ୍ରଣୀ ପାଇଁ ସଂଘର୍ଷ ଜାରି ରଖିଛି। ଆନ୍ଧ୍ରର ୨୯୫ ରନ ଜବାବରେ ବେଙ୍ଗଲ ୫ ୱିକେଟରେ ୧୯୯ ରନ କରିଛି। ସୁଦୀପ ଘରାମୀ ୧୧୨ ରନ କରି ଅପରାଜିତ ରହିଛନ୍ତି। ପ୍ରଥମ କ୍ୱାର୍ଟରରେ ଝାଡ଼ଖଣ୍ଡ ବିପକ୍ଷରେ ଉତ୍ତରାଖଣ୍ଡ ପ୍ରଥମ ପାଳିରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଝାଡ଼ଖଣ୍ଡ ପ୍ରଥମ ପାଳିରେ ୨୩୫ ରନରେ ସୀମିତ ରହିଥିଲା। ଜବାବରେ ଉତ୍ତରାଖଣ୍ଡ ୫ ୱିକେଟ୍‌ରେ ୨୮୨ ରନ ସଂଗ୍ରହ କରିଛି। ଇନ୍ଦୋରରେ ଘରୋଇ ମଧ୍ୟପ୍ରଦେଶ ଓ ଜମ୍ମୁ-କାଶ୍ମୀର ମଧ୍ୟରେ ଖେଳାଯାଉଥିବା ଅନ୍ୟ ଏକ କ୍ୱାର୍ଟର ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଜମ୍ମୁର ୧୯୪ ରନ ଜବାବରେ ଘରୋଇ ମଧ୍ୟପ୍ରଦେଶ ୧୫୨ ରନରେ ସୀମିତ ରହିଛି। ଆକ୍ୱିବ ନବୀଙ୍କୁ ୭ଟି ୱିକେଟ୍ ମିଳିଥିଲା। ୪୨ ରନରେ ଆଗୁଆ ଥିବା ଜମ୍ମୁ ୨ୟ ପାଳିରେ ୫ ୱିକେଟ୍‌ରେ ୮୪ ରନ କରି ସଙ୍କଟରେ ପଡ଼ିଛି। ଜମ୍ମୁ ଏବେ ମୋଟ୍ ଉପରେ ୧୨୬ ରନରେ ଆଗୁଆ ରହିଛି।



ଆକ୍ୱିବ ନବୀ

# ସିକେ ନାଇଡୁ ଟ୍ରଫି: ଓଡ଼ିଶାର ଲଢୁଆ ବ୍ୟାଟିଂ



**ଭୁବନେଶ୍ୱର, ୭।୨ (ସମିସ):** ବରଗଡ଼ର ବିକାଶ ଗ୍ରାଉଣ୍ଡରେ ବେଙ୍ଗଲ ବିପକ୍ଷରେ ଚାଲିଥିବା ୨୫ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ଦମ୍‌ଦାର ବ୍ୟାଟିଂ କରିଛି। ବେଙ୍ଗଲର ପ୍ରଥମ ପାଳି ସ୍କୋର ୩୪୩ ରନ ଜବାବରେ ଓଡ଼ିଶା ଶନିବାର ଦ୍ୱିତୀୟ ଦିବସ ସୁଦ୍ଧା ୪ ୱିକେଟ୍‌ରେ ୨୧୯ ରନ କରିଛି। ସୁଜଲ ସିଂ ସର୍ବାଧିକ ୬୫ ଓ ଶ୍ରେୟାଂଶ ଭରଦ୍ୱାଜ ୪୯ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଓମ୍ ଟି ମୁଣ୍ଡେ ୯, ଦୀନେଶ ମାଝି ୩୦ ରନ କରିଥିଲେ। ଷ୍ଟମ୍ପବେଳକୁ ସମ୍ବିତ ବେଜ ୩୪ ଓ ଆଶୀର୍ବାଦ ସ୍ୱାଇଁ ୧୯ ରନ କରି ଖେଳୁଛନ୍ତି। ପାଳି ଅଗ୍ରଣୀ ଲାଗି ଓଡ଼ିଶା ବଳକା ୬ ୱିକେଟ୍‌ରେ ଆହୁରି ୧୨୫ ରନ ଆବଶ୍ୟକ କରୁଛି। ପୂର୍ବଦିନର ଅସମାପ୍ତ ସ୍କୋର ୩୦୧/୬ ରନରୁ ଶନିବାର ବ୍ୟାଟିଂ ଆରମ୍ଭ କରିଥିବା ଭ୍ରମଣକାରୀ ବେଙ୍ଗଲ ଆଉ ୪୨ ରନ ଯୋଡ଼ି ୩୪୩ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଓପନର ଆୟୁଷ ସିଂ ସର୍ବାଧିକ ୧୦୭ ରନ କରିଥିଲେ। ଘରୋଇ ଓଡ଼ିଶାର ପକ୍ଷରୁ ସଫଳ ବୋଲର ଭାବେ ବାମହାତୀ ସ୍ପିନର ବାଦଲ ବିଶ୍ୱାଳଙ୍କୁ ୬ଟି ୱିକେଟ୍ ମିଳିଥିଲା।

## ତମାଣ୍ଡୋ ପ୍ରିମିୟର ଲିଗ୍ ଆଜିଠାରୁ

**ଭୁବନେଶ୍ୱର,୭।୨(ସମିସ):** ତମାଣ୍ଡୋ ପ୍ରିମିୟର ଲିଗ୍‌ର ୮ମ ସଂସ୍କରଣ ଆସନ୍ତାକାଲିଠାରୁ ଫେବୃଆରୀ ୨୨ ତାରିଖଯାଏ ସ୍ଥାନୀୟ ତମାଣ୍ଡୋ କ୍ରିକେଟ ପଡ଼ିଆରେ ଖେଳାଯିବ। ୮ଟି ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୫ଟି ମ୍ୟାଚ୍ ଖେଳାଯିବ। ତମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ଏକ ଲକ୍ଷ ୫୦ ହଜାର ଓ ରନର୍ସ ଅପ୍ ଦଳକୁ ଏକ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ସଭାପତି ଆଶିଷ ପଟ୍ଟନାୟକ ଜଣାଇଛନ୍ତି। ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଆସନ୍ତାକାଲି ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ ମୁଖ୍ୟବକ୍ତା ଓ ବିଧାୟକ ଅନନ୍ତନାରାୟଣ ଜେନା ସମ୍ମାନିତ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

**ଖେଳସୂଚୀ** : ୮।୨- ଆଦିତ୍ୟ ଏକାଦଶ ବନାମ ଏମ୍‌ଏମ୍‌ସିସି, ସମ୍ବଲପୁର, ୯।୨- ଟିସିସି, ଭୁବନେଶ୍ୱର ବନାମ ଆର୍‌ସି ବ୍ରହ୍ମପୁର, ୧୦।୨- ବିଜେତା ୱାରିଅର୍ସ ବନାମ ୟୁବି ରକ୍‌ଷ୍ଟାର୍ସ, ୧୧।୨-ଏମ୍‌ସିସି, କାକଟପୁର ବନାମ ମାଇଟି ୟଙ୍ଗ୍‌ଷ୍ଟର୍ସ, ୧୨।୨- ବିଜେତା ୱାରିୟର୍ସ ବନାମ ଆର୍‌ସି ବ୍ରହ୍ମପୁର, ୧୩।୨- ଏମ୍‌ସିସି, କାକଟପୁର ବନାମ ଆଦିତ୍ୟ ଏକାଦଶ, ୧୪।୨- ବିଜେତା ୱାରିଅର୍ସ ବନାମ ଟିସିସି, ଭୁବନେଶ୍ୱର, ୧୫।୨- ଏମ୍‌ସିସି, କାକଟପୁର ବନାମ ଏମ୍‌ଏମ୍‌ସିସି, ସମ୍ବଲପୁର, ୧୬।୨- ଆର୍‌ସି ବ୍ରହ୍ମପୁର ବନାମ ୟୁବି ରକ୍‌ଷ୍ଟାର୍ସ, ୧୭।୨- ଏମ୍‌ଏମ୍‌ସିସି, ସମ୍ବଲପୁର ବନାମ ମାଇଟି ୟଙ୍ଗ୍‌ଷ୍ଟାର୍ସ, ୧୮।୨- ଟିସିସି, ଭୁବନେଶ୍ୱର ବନାମ ୟୁବି ରକ୍‌ଷ୍ଟାର୍ସ, ୧୯।୨-ଆଦିତ୍ୟ ଏକାଦଶ ବନାମ ମାଇଟି ୟଙ୍ଗ୍‌ଷ୍ଟାର୍ସ, ୨୦।୨- ପ୍ରଥମ ସେମିଫାଇନାଲ, ୨୧।୨- ଦ୍ୱିତୀୟ ସେମିଫାଇନାଲ, ୨୨।୨- ଫାଇନାଲ।

**ଆଇସିସିର ନିୟମ**

# ସିନିଅର ଦଳରୁ ଏବେ ଖେଳିପାରିବେନି ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ, ୭।୨ (ଏଜେନ୍ସି)



୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍ ଫାଇନାଲରେ ବିସ୍ଫୋରକ ଶତକୀୟ ପାଳି ଖେଳି ବୈଭବ ସୂର୍ଯ୍ୟବଂଶୀ ଭାରତକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଜିମ୍ବାୱେର ହରାରେ ସ୍ପୋର୍ଟ୍ସ କ୍ଲବରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ଏହି ଫାଇନାଲ ମ୍ୟାଚରେ ସୂର୍ଯ୍ୟବଂଶୀ ମାତ୍ର ୮୦ଟି ବଲ୍ ଖେଳି ୧୭୫ ରନର ଶତକୀୟ ପାଳି ଖେଳିଥିଲେ। ଏହି ରେକର୍ଡ ପାଳିରେ ସୂର୍ଯ୍ୟବଂଶୀ ୧୫ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ବିହାରର ଏହି ୧୪ ବର୍ଷୀୟ ବାମହାତୀ ବ୍ୟାଟର୍ ଏଥିପୂର୍ବରୁ ଆଇପିଏଲ୍ ଓ ଭାରତୀୟ ଘରୋଇ କ୍ରିକେଟ୍‌ରେ ମଧ୍ୟ ନିଜ ଛାପ ଛାଡ଼ିସାରିଛନ୍ତି। ଏବେ ବୈଭବଙ୍କୁ ଭାରତୀୟ ସିନିଅର ଦଳରେ ସୁଯୋଗ ଦେବା ନେଇ ପ୍ରଶଂସକମାନେ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ବିସିସିଆଇ ନିକଟରେ ଦାବି କରିଛନ୍ତି। କିନ୍ତୁ ଅନେକେ ଜାଣି ନ ଥିବେ ଯେ ବିସିସିଆଇ ଚାହିଁଲେ ମଧ୍ୟ ସୂର୍ଯ୍ୟବଂଶୀଙ୍କୁ ବର୍ତ୍ତମାନ ସିନିଅର ଦଳରେ ଖେଳାଇପାରିବ ନାହିଁ। ଏହା ପଛରେ ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସିର ଏକ ନିୟମ ବାଧକ ସାଜିଛି। ସୂର୍ଯ୍ୟବଂଶୀଙ୍କୁ ବର୍ତ୍ତମାନ ସିନିଅର କ୍ୟାପ୍ ହାସଲ କରିବାରେ ପ୍ରମୁଖ ବାଧକ ହେଉଛି ଆଇସିସିର ସର୍ବନିମ୍ନ ବୟସ ନିୟମ। ଯୁବ ଖେଳାଳିଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ସୁରକ୍ଷା ଦେବା ପାଇଁ ଆଇସିସି ୨୦୨୦ ମସିହାରେ ଏହି ନିୟମ ପ୍ରଚଳନ କରିଥିଲା। ଏହି ନିୟମ ଅନୁଯାୟୀ ଜଣେ ଖେଳାଳିଙ୍କୁ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବାକୁ ହେଲେ ଅତିକମ୍‌ରେ ୧୫ ବର୍ଷ ବୟସ ହୋଇଥିବା ଆବଶ୍ୟକ। ୨୭ ମାର୍ଚ୍ଚ ୨୦୧୧ରେ ଜନ୍ମଗ୍ରହଣ କରିଥିବା ସୂର୍ଯ୍ୟବଂଶୀଙ୍କୁ ବର୍ତ୍ତମାନ ୧୪ ବର୍ଷ ଚାଲିଛି। ତେଣୁ ଭଲ ପ୍ରଦର୍ଶନ ସତ୍ତ୍ୱେ ସିନିଅର ଦଳରୁ ଖେଳିବା ଲାଗି ତାଙ୍କୁ ଆଉ କିଛିଦିନ ଅପେକ୍ଷା କରିବାକୁ ପଡ଼ିବ। ସେହିଭଳି ସୂର୍ଯ୍ୟବଂଶୀ ଥରେ ଭାରତୀୟ ଦଳ ପକ୍ଷରୁ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଖେଳିସାରିଥିବାରୁ ଭବିଷ୍ୟତରେ ସେ ଆଉ ଏହି ମେଗା ଇଭେଣ୍ଟରେ ଖେଳିପାରିବେ ନାହିଁ। ବିସିସିଆଇ ଏହାର ଖେଳାଳିଙ୍କ ଲାଗି ଏହି ନିୟମ କରିଛି। ଅଧିକରୁ ଅଧିକ ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ଲକ୍ଷ୍ୟରେ ବିସିସିଆଇ ଏହି ନିୟମ ଆଣିଛି।

## ଆୟୁଷ ସେନାକୁ ବିସିସିଆଇର ୭.୫ କୋଟି ପୁରସ୍କାର

ରେକର୍ଡ ଷଷ୍ଠଥର ଲାଗି ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିବା ଯୁବ ଭାରତୀୟ କ୍ରିକେଟ୍ ଦଳକୁ ବିସିସିଆଇ ପୁରସ୍କାର ଅଜାଡ଼ି ଦେଇଛି। ଯୁବ ଭାରତୀୟ ଦଳକୁ ୭.୫ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିବା ଲାଗି ଶନିବାର ବିସିସିଆଇ ଘୋଷଣା କରିଛି। ଆୟୁଷ ମହାତ୍ରେଙ୍କ ନେତୃତ୍ୱାଧୀନ ବିଶ୍ୱ ବିଜୟୀ ଦଳର ସମସ୍ତ ଖେଳାଳିଙ୍କ ସମେତ କୋଚିଂ ଷ୍ଟାଫ୍, ଜୁନିଅର କ୍ରିକେଟ୍ କମିଟିର ସଦସ୍ୟଙ୍କ ମଧ୍ୟରେ ଏହି ଆର୍ଥିକ ପୁରସ୍କାର ରାଶି ବଣ୍ଟନ କରାଯିବ ବୋଲି ବିସିସିଆଇ ସମ୍ପାଦକ ଦେବଜିତ୍ ସାଇକିଆ ଏକ ଅଫିସିଆଲ୍ ବିବୃତିରେ କହିଛନ୍ତି। ହୃଷିକେଶ କାନିତକରଙ୍କ ପ୍ରଶିକ୍ଷଣରେ ଏହି ବିଶ୍ୱକପ୍ ଖେଳିଥିବା ଭାରତ ସମସ୍ତ ମ୍ୟାଚ୍ ଜିତି ଅପରାଜେୟ ରହିଥିଲା। ବୈଭବ ସୂର୍ଯ୍ୟବଂଶୀଙ୍କ ବିଧ୍ୱଂଶୀ ଶତକୀୟ ପାଳି ବଳରେ ଭାରତ ଫାଇନାଲରେ ୧୦୦ ରନରେ ଇଂଲଣ୍ଡ ଯୁବ ଦଳକୁ ପରାସ୍ତ କରି ୬ଷ୍ଠଥର ଲାଗି ବିଶ୍ୱକପ୍ ଟ୍ରଫି ଜିତିଥିଲା। ୧୪ ବର୍ଷୀୟ ବୈଭବ ଏହି ମ୍ୟାଚରେ ୮୦ ବଲରୁ ୧୭୫ ରନ ସଂଗ୍ରହ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS